ISSN : 2583-5270

# ସାହିତ୍ୟ ଚର୍ଚ୍ଚା

ଜୁଲାଇ ୨୦୨୩



ଓଡ଼ିଆ ସାହିତ୍ୟର ନବ ଦିଗନ୍ତ

ଫଟୋ :

Vol-2 • Issue-5 • July 2023 • Monthly • Rs.40 • 68 Pages • Bhubaneswar

# ସାହିତ୍ୟ ଚର୍ଚ୍ଚା

SAHITYA CHARCHA

ଓଡ଼ିଆ ସାହିତ୍ୟର ନବ ଦିଗନ୍ତ

ISSN : 2583-5270, RNI Regd. No. : ODIODI/2022/81590

ଭାଗ-୨ • ସଂଖ୍ୟା-୫ • ଜୁଲାଇ ୨୦୨୩ • ମାସିକ • ଟ.୪୦ • ୬୮ ପୃଷ୍ଠା • ଭୁବନେଶ୍ୱର

ମୁରବି
**ମହାପ୍ରଭୁ ଶ୍ରୀ ଜଗନ୍ନାଥ**

ସଂପାଦକ
**ନିହାର ରଂଜନ ଶତପଥୀ**

ଉପଦେଷ୍ଟା
**ଡ. ପୂର୍ଣ୍ଣଚନ୍ଦ୍ର ମିଶ୍ର**
**ଦୁର୍ଗା ଚରଣ ଷଡ଼ଙ୍ଗୀ**
**ବଳଦେବ ମହାରଥା**
**ପ୍ରଶାନ୍ତ ଭୂୟାଁ**

ସହ-ସଂପାଦକ
**ଦେବାଶିଷ ମୁଦୁଲି**

ପରିଚାଳନା ନିର୍ବାହୀ
**ଗୋଲଖ ଚନ୍ଦ୍ର ଦାସ**

ଅକ୍ଷର ସଜ୍ଜା
**ଶଚିନ୍ଦ୍ର କୁମାର ରାଉତରାୟ**

ୱେବ୍‌ସାଇଟ୍ ପରିଚାଳକ
**ପ୍ରଭଞ୍ଜନ ବଳିୟାରସିଂ**

ପ୍ରଚ୍ଛଦପଟ ଫଟୋ
**ଧୀରେନ୍ଦ୍ର କର**

ଯୋଗାଯୋଗ
**ସାହିତ୍ୟ ଚର୍ଚ୍ଚା**, ୧୯, ଆର୍ଯ୍ୟ ଭିଲେଜ୍,
ଡୁମୁଡୁମା, ଫେଜ୍-୪,
ଭୁବନେଶ୍ୱର-୭୫୧୦୧୯
ଫୋନ୍ : (୦୬୭୪) ୩୫୫୨୯୪୭
ମୋବାଇଲ : ୯୩୬୮୭୭୨୫୦୬

**E-mail: info@sahityacharcha.com**
**Website: www.sahityacharcha.com**

**ମୂଲ୍ୟ : ଟ. ୪୦/-**


## ।। ସୂଚୀ ।।

| | |
|---|---|
| ପାଠକଙ୍କ ମତାମତ | ୦୨ |
| ଆମ ଚଉପଦୀ (ସଂପାଦକୀୟ) | ୦୩ |
| ଆଧୁନିକ ଓଡ଼ିଆଙ୍କ ମିଶ୍ରିତ ମାତୃଭାଷା (ପ୍ରବନ୍ଧ): ବୈଷ୍ଣବ ଚରଣ ମହାନ୍ତି | ୦୫ |
| ଦ୍ୱିତୀୟ ପକ୍ଷ (ଗଳ୍ପ) : ଅନୀଲ କୁମାର ପାଢ଼ୀ | ୧୧ |
| ପ୍ରୀତି ବରଷାଧାର (କବିତା) : ଗୋପାଳ କୃଷ୍ଣ ଆଚାର୍ଯ୍ୟ | ୧୪ |
| ଶ୍ରୀଗୀତଗୋବିନ୍ଦରେ ପଦ୍ମାବତୀ ପ୍ରସଙ୍ଗ (ପ୍ରବନ୍ଧ): ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ | ୧୫ |
| ବ୍ଲେଡ୍ (ଗଳ୍ପ) : ହରେକୃଷ୍ଣ ସାହୁ | ୧୮ |
| କଲିକତି ଓଡ଼ିଆଙ୍କ ସହ କିଛି ବର୍ଷ (ଅନୁଭୂତି): ନଗେନ୍ଦ୍ରନାଥ ମହାନ୍ତି | ୨୧ |
| ଓଡ଼ିଆ ଭାଷାର ପ୍ରାଚୀନତା ଓ ସଙ୍କଟ (ପ୍ରବନ୍ଧ): ଅମ୍ବରୀଶ ଶତପଥୀ | ୨୪ |
| କଥାକାର ଦେବ୍ରାଜ ଲେଙ୍କାଙ୍କ ସହ ଏକ ଆଳାପ (ସାକ୍ଷାତକାର) | ୨୭ |
| ଭଡ଼ାଟିଆ ଜବାନ୍ (ବ୍ୟଙ୍ଗ) : ଅଜୟ କୁମାର ମିଶ୍ର | ୩୦ |
| ଈଶାନ କୋଣର ଦୀପ (ଗଳ୍ପ) : ସଚ୍ଚିଦାନନ୍ଦ କର | ୩୪ |
| ଜୀବନ ସ୍ମୃତିରୁ ଖିଅଟିଏ (ସଂସ୍ମରଣ) : ମାନସ ରଞ୍ଜନ ମହାପାତ୍ର | ୩୯ |
| ବିଷମ ସମସ୍ୟା (ଅନୁବାଦ ଗଳ୍ପ) : ଆଶିଷ କୁମାର ରାୟ | ୪୨ |
| ସାହିତ୍ୟରେ ଦକ୍ଷିଣ ବିଚ୍ଛିନ୍ନାଞ୍ଚଳ ରାଜବଂଶର ଭୂମିକା (ପ୍ରବନ୍ଧ) : ଦେବାଶିଷ ମହାପାତ୍ର | ୪୬ |
| ଅପରାହ୍ନ ବର୍ଷା (କବିତା) : କୁଳମଣି ଓଝା | ୫୨ |
| ଓଡ଼ିଆ ସାହିତ୍ୟରେ ପରମାଣୁ ପରୀକ୍ଷା (ରମ୍ୟରଚନା): ଅଭୟ ଦାଶ | ୫୩ |
| ଦୁଇଟି ମିନିଗପ (ଗଳ୍ପ) : ସୁଜାତା ପତି | ୫୫ |
| କନ୍ଧ ଆଦିବାସୀଙ୍କର ଲୋକଗୀତ ସମ୍ଭାର (ପ୍ରବନ୍ଧ) : ରଶ୍ମିତା ତ୍ରିପାଠୀ | ୫୬ |
| ଠାକୁର ଘର (ଗଳ୍ପ) : ଆନଂଦ ଚଂଦ୍ର ପହି | ୬୧ |
| ନାମ ନୁହେଁ, କାମ ବଡ଼ (ଶିଶୁ ଗଳ୍ପ) : ସଂଗ୍ରାମ କେଶରୀ ପୃଷ୍ଟି | ୬୪ |
| ନିଖୋଜ ବାପାଙ୍କ ଶେଷ ଶୀତ(ପୁସ୍ତକ ସମୀକ୍ଷା) : ନିହାର ଶତପଥୀ | ୬୬ |
| ସାହିତ୍ୟ ସମାଚାର | ୬୭ |
| ଭ୍ରାନ୍ତ୍ୟାପହ୍ନୁତି (ଶେଷ ପୃଷ୍ଠା) : ପ୍ରଶାନ୍ତ ଭୂୟାଁ | ୬୮ |

# ପାଠକଙ୍କ ମତାମତ

ଆପଣଙ୍କ ଦ୍ୱାରା କରାଯାଉଥିବା ସାକ୍ଷାତକାର ବହୁତ ଉଚ୍ଚକୋଟୀର। ଜୁନ ସଂଖ୍ୟାରେ ଡ. ପ୍ରଫୁଲ କୁମାର ତ୍ରିପାଠୀଙ୍କ ସହ ସାକ୍ଷାତକାର ସମୟରେ ଯେଉଁ ଚର୍ଚ୍ଚା ଓ ଆଲୋଚନା ହୋଇଛି ତାହା ବହୁତ ଉପଯୋଗୀ ହୋଇଛି। ସାରଙ୍କର ଏହି ସାକ୍ଷାତକାର ନୂତନ ପିଢିକୁ ମାର୍ଗ ଦର୍ଶନ କରିବ। 'ସାହିତ୍ୟ ଚର୍ଚ୍ଚା'ରେ ପ୍ରକାଶ ପାଉଥିବା ସମସ୍ତ ସାକ୍ଷାତକାରକୁ ସଂକଳିତ କରି ଏକ ସଂକଳନ କଲେ ତାହା ଆଗାମୀ ପିଢିମାନଙ୍କ ପାଇଁ ବହୁତ ପ୍ରେରଣାଦାୟୀ ହେବା ସହିତ ତଥ୍ୟର ଏକ ଗନ୍ତାଘର ହୋଇ ରହିବ। ଭବିଷ୍ୟତର ଲେଖକ ଓ କବିମାନଙ୍କ ପାଇଁ ଏହା ଆଇନା ସଦୃଶ କାମ କରିବ। ସମ୍ମୁଖ ବ୍ୟକ୍ତିଙ୍କ ସହିତ ମନଖୋଲା ଆଲୋଚନା ଆମ ପାଇଁ ମହତ୍ତ୍ୱପୂର୍ଣ୍ଣ ଅଟେ। ସାକ୍ଷାତକାର ଦେଉଥିବା ମହାଶୟମାନଙ୍କର କିଛି ଆଲୋଚିତ ଅଧ୍ୟାୟକୁ ସାକ୍ଷତକାର ମାଧ୍ୟମରେ ସାହିତ୍ୟ ଚର୍ଚ୍ଚା ଲୋକଲୋଚନକୁ ଆଣି ପାରୁଥିବାରୁ ସମ୍ପାଦକଙ୍କୁ ବହୁତ ବହୁତ ଧନ୍ୟବାଦ।

**ସ୍ମାରକ ସତ୍ୟ ପ୍ରକାଶ**
smaraksatyaprakashdas@gmail.com




ମତାମତ ପଠାଇବା ପାଇଁ ଇ-ମେଲ୍ ଠିକଣା:
**info@sahityacharcha.com**

ସମ୍ପାଦକ, 'ସାହିତ୍ୟଚର୍ଚ୍ଚା'ଙ୍କୁ କି ଭାଷାରେ ଏବଂ କି ଭାବରେ ବା ଧନ୍ୟବାଦ ଦେଇ ହେବ 'ଆସନ୍ତାକାଲି'ର ଗତକାଲି ବିଷୟରେ ଏଇ ଆବେଗ-ଆପ୍ଳୁତ ସ୍ମୃତି ଆଲେଖ୍ୟ ପ୍ରକାଶ କରିବାର ବ୍ୟବସ୍ଥା କରିଥିବା ପାଇଁ! ମୋର ଧାରଣା ନଥିଲା ଯେ ସମ୍ମାନନୀୟ କାଳୀଚରଣ ଦାସ ଏଯାକେ ବି ଜୀବିତ ଅଛନ୍ତି ବୋଲି। ଖୁସି ଲାଗିଲା ଯେ 'ଆସନ୍ତାକାଲି'ର ଏ ଅନ୍ତିମ 'ଗତକାଲି' ଜଣକ ତାଙ୍କର ସ୍ମୃତିଲେଖ ଦ୍ୱାରା ଆସନ୍ତାକାଲି ପାଇଁ ଆହୁରି କିଛି ମର୍ମଦାହୀ ଝଲକ ରଖିଯିବାକୁ ସକ୍ଷମ ହେଇଛନ୍ତି । ଆମ ପିଢ଼ିର ମୋ ଭଳି ଅନେକ 'ଆସନ୍ତାକାଲି' ପଢ଼ି ହିଁ ସାହିତ୍ୟ ପାଠଶାଳାରେ ନାମ ଲେଖେଇ ଥିବେ। ବଜାରର ବାଧ୍ୟବାଧକତା ଆଉ ସୃଜନଶୀଳ ଉଦ୍ୟମ ଭିତରେ ଏ ସଂଘାତ ଏବଂ ସଂଘର୍ଷ ଚିରନ୍ତନ, ସବୁ ଯୁଗରେ। ବଜାର ଦାଉରେ ଅନେକ ସାଂସ୍କୃତିକ ଉଦ୍ୟମ ଅକାଳ ସମାଧି ନେଇଯାଇଛି। କିନ୍ତୁ ସେଇ ଅବଧି ଭିତରେ ସେମାନେ ଭବିଷ୍ୟତ ପାଇଁ ଗୋଟେ ଦୃଢ଼ ଭିତ୍ତି ତିଆରି କରିଦେଇଯାଇଥାଆନ୍ତି ଠିକ ଯେମିତି ଗତକାଲିର 'ଆସନ୍ତାକାଲି' ଆଗାମୀକାଲିର 'ଆସନ୍ତାକାଲି' ମାନଙ୍କ ପାଇଁ ବାଟ କରିଦେଇ ଯାଇଛି।

**ଯଦୁନାଥ ପଣ୍ଡା**
pandajadunath@gmail.com

'ସାହିତ୍ୟ ଚର୍ଚ୍ଚା' ଜୁନ ୨୦୨୩ ସଂଖ୍ୟାଟି ହସ୍ତଗତ ହେଲା ପରେ ପଢ଼ିବା ଆରମ୍ଭ କଲି। ତ୍ରିନାଥ ପଟ୍ଟନାୟକଙ୍କ 'ସିଦ୍ଧାନ୍ତ ଦର୍ପଣରେ ଶ୍ରୀ ଜଗନ୍ନାଥ' ପ୍ରବନ୍ଧରେ ମହାମହୋପାଧ୍ୟାୟ ସାମନ୍ତ ଚନ୍ଦ୍ରଶେଖରଙ୍କ 'ସିଦ୍ଧାନ୍ତ ଦର୍ପଣ'ରେ ଶ୍ରୀଜଗନ୍ନାଥଙ୍କ ସମ୍ପର୍କରେ ବର୍ଣ୍ଣିତ ଅନେକ କଥା ଜାଣିଲି। ପ୍ରଫୁଲ୍ଲ କୁମାର ସାହୁଙ୍କ 'ଜଗନ୍ନାଥ କୈନ୍ଦ୍ରିକ କାବ୍ୟ ତତ୍ତ୍ୱ ଚେତନାର ନବକଳେବର' ଶୀର୍ଷକ ପ୍ରବନ୍ଧଟି ମଧ୍ୟ ମର୍ମସ୍ପର୍ଶୀ।

**ଜ୍ୟୋତିର୍ମୟୀ ସାହୁ**
sahoosita321@gmail.com

'ସାହିତ୍ୟ ଚର୍ଚ୍ଚା' ଜୁନ ସଂଖ୍ୟାର ସମ୍ପାଦକୀୟ ଆମ ଭାଷା ଓ ସଂସ୍କୃତିକୁ ବଞ୍ଚାଇବାକୁ ଏକ ଉଦ୍ୟମ ବୋଲି କହିପାରିବା। ପ୍ରଫୁଲ୍ଲ କୁମାର ସାହୁଙ୍କ 'ଜଗନ୍ନାଥ କୈନ୍ଦ୍ରିକ କାବ୍ୟ ଚେତନାର ନବକଳେବର', ତ୍ରିନାଥ ପଟ୍ଟନାୟକଙ୍କ 'ସିଦ୍ଧାନ୍ତଦର୍ପଣରେ ଜଗନ୍ନାଥ ତତ୍ତ୍ୱ', ପୂର୍ଣ୍ଣଚନ୍ଦ୍ର ମିଶ୍ରଙ୍କ 'ଶ୍ରୀଜଗନ୍ନାଥଙ୍କ ସମ୍ପର୍କିତ ବଙ୍ଗଳା ଗ୍ରନ୍ଥ ସମ୍ଭାର' ଆଦି ପ୍ରବନ୍ଧରୁ ଜଗନ୍ନାଥଙ୍କ ସମ୍ପର୍କରେ ବହୁତ ଅଜଣା ତଥ୍ୟ ଓ ତତ୍ତ୍ୱ ଜାଣିଲି।

**ସୌମ୍ୟ ରଞ୍ଜନ ସେଠୀ**
soumyabbs19@gmail.com

**ସଂପାଦକୀୟ**

# ଆମ ଚଉପଦୀ

ବିଭିନ୍ନ ପତ୍ରପତ୍ରିକା, କବିତା ସଂକଳନ ଓ ସମ୍ବାଦପତ୍ରମାନଙ୍କର ସାହିତ୍ୟ-ପୃଷ୍ଠା ପ୍ରତି ଦୃଷ୍ଟିଚାରଣ କଲେ ଆମେ ଜାଣିପାରିବା ଯେ ସେଗୁଡ଼ିକରେ ପ୍ରକାଶିତ ହେଉଥିବା କବିତା ସମ୍ଭାର ଭିତରୁ ବେଶ୍ କିଛି ଭାଗ ସନେଟ୍, ଗଜଲ୍, ଲିମେରିକ୍, ହାଇକୁ ବା ସେଭଳି କିଛି ବିଦେଶୀ ବା ପ୍ରତିବେଶୀ ଶୈଳୀର ଧାରା ଉପରେ ଆଧାରିତ। ଏଥିରେ ଦୋଷାବହ କିଛି ନାହିଁ। କାରଣ ଭାବ, ଭାଷା ଓ କାବ୍ୟରୂପର ଆଦାନ-ପ୍ରଦାନ ତ ସାହିତ୍ୟର ଏକ ସ୍ୱାଭାବିକ ପ୍ରକ୍ରିୟା। ତେବେ ଆମର ଉଦ୍‌ବେଗର ହେତୁ ହେଲା ଯେ ଆମ ଏବର ଓଡ଼ିଆ କବିମାନେ 'ପ୍ରଦାନ' ଅପେକ୍ଷା 'ଆଦାନ'ଟି ଉପରେ ଅଧିକ ଭରସା ରଖନ୍ତି।




ଯେଉଁ ସନେଟ୍‌ର ଧାରାଟିକୁ ଆମେ ଇଂରାଜୀରୁ ଆହରଣ କରିଛେ ବୋଲି ଭାବିନେଉ, ତାହା ତ ପ୍ରକୃତରେ ଇଂରାଜୀ ସାହିତ୍ୟର ଜନ୍ମିତ ସନ୍ତାନ ହିଁ ନୁହେଁ, ବରଂ ୧୬ଶ ଶତାବ୍ଦୀରେ ସେମାନଙ୍କ ଦ୍ୱାରା ଇତାଲୀୟ ଭାଷାରୁ ଧାର କରାଯାଇଥିବା ଏକ ପଦ୍ୟରୂପ। ଏହି ଆହରଣ ଦ୍ୱାରା ଇଂରାଜୀ ସାହିତ୍ୟର କିଛି କ୍ଷତି ହୋଇନାହିଁ, ବରଂ ପ୍ରକାରାନ୍ତରେ ଏହା ସେହି ସାହିତ୍ୟକୁ ସମୃଦ୍ଧ କରିଛି। ଗଜଲ୍ କ୍ଷେତ୍ରରେ ମଧ୍ୟ ସେହି ଏକା କଥା କୁହାଯାଇପାରେ; ଆରବୀୟ ଭାଷାରୁ ଆମଦାନି ହୋଇ ମଧ୍ୟ ଏହା ସମକାଳୀନ ହିନ୍ଦୀ କବିତାକୁ ସମୃଦ୍ଧ କରିଛି।

କିନ୍ତୁ ଆମର କହିବାର କଥା, ଦେଢ଼ ହଜାର ବର୍ଷର ପୁରାତନ ତଥା ଶାସ୍ତ୍ରୀୟ ମର୍ଯ୍ୟାଦା ସଂପନ୍ନ ଆମ ମହାନ୍ ଓଡ଼ିଆ ଭାଷାର ସାହିତ୍ୟରେ କ'ଣ ରପ୍ତାନି-ଯୋଗ୍ୟ କିଛି ନାହିଁ? ବିଦେଶୀ କବିତାର ଶୈଳୀଗୁଡ଼ିକୁ ଅନୁସରଣ କରିବା ସହିତ ନିଜର ପାରମ୍ପରିକ ଶୈଳୀର କାବ୍ୟ-କବିତାର ଧାରାକୁ ମଧ୍ୟ ନୂଆ ଢଙ୍ଗରେ ପ୍ରୟୋଗରେ ଆଣି ସେଗୁଡ଼ିକର ନବୀକରଣ କରିବାପାଇଁ ଆମେ କେତେ ବା ତତ୍ପର! ଚଉପଦୀ, ଚଉତିଶା ଓ ଚମ୍ପୂ ଭଳି ଆମର ପୁରାତନ ପଦ୍ୟରୂପଗୁଡ଼ିକ କ'ଣ ଆଜି ନିଜର ପ୍ରାସଙ୍ଗିକତା ହରାଇ ବସିଛନ୍ତି! ଅବଶ୍ୟ ସାମ୍ପ୍ରତିକ କାଳରେ ଯେ ଆମ ଭାଷାରେ ଚଉପଦୀ ଇତ୍ୟାଦି ରଚିତ ହେଉନାହିଁ, ସେକଥା ଆମେ କହୁନାହୁଁ। କିନ୍ତୁ ଯାହା ବି ସୃଷ୍ଟ ହେଉଛି ସେଥିର ଭାବ, ଭାଷା ଓ ଅଳଙ୍କାର-ବିନ୍ୟାସ ମଧ୍ୟଯୁଗ ବା ରୀତିଯୁଗର ଅବାରିତ ଅନୁକରଣ କରେ, ଯାହା ଆଧୁନିକ ପାଠକମାନଙ୍କୁ ସେଥିରୁ ଦୂରେଇ ରଖିବାର ଏକ ପ୍ରଧାନ ହେତୁ।


ଏବେ ଏ ବିଷୟରେ ଚିନ୍ତା କରିବାର ବେଳ ଆସିଛି। ଆମେ ନିଜ କାବ୍ୟକବିତାର ଏହି ପୁରାତନ ରୂପଗୁଡ଼ିକର ଆଧୁନିକୀକରଣ କରିପାରିଲେ ଏହା ନୂଆ ପୀଢ଼ିର କବି ଓ ପାଠକମାନଙ୍କ ମଧ୍ୟରେ ବହୁଳ ଭାବରେ ଆଦୃତ ହୋଇପାରନ୍ତା, ଏବଂ ଏହା ଗଜଲ୍ ଓ ସନେଟ୍ ଭଳି ବିଦେଶୀ ପଦ୍ୟରୂପମାନଙ୍କର କେବଳ ସମକକ୍ଷ ନୁହେଁ, ବରଂ ତହୁଁ ବଳି ଅଧିକ ଉପଯୋଗୀ ବା ଗ୍ରହଣୀୟ ହୋଇପାରନ୍ତା। ଆମେ କାହିଁକି ସେହି ସୁଦିନର ସ୍ୱପ୍ନ ଦେଖିବା ନାହିଁ, ଯେବେ ଓଡ଼ିଆ ଚଉପଦୀର ପଦାଙ୍କ ଅନୁସରଣ କରି ଦିନେ ଇଂରାଜୀ ବା ଉର୍ଦ୍ଦୁରେ ମଧ୍ୟ କବିତାମାନ ଲେଖାଯିବ?

ଏହି ମାନସରେ ଏହି ପତ୍ରିକାରେ ଓଡ଼ିଆ କାବ୍ୟକବିତାର କିଛି ପୁରାତନ ରୂପକୁ ସାମ୍ପ୍ରତିକ ସମୟର ଭାବନା ଓ ଭାଷା ସହିତ ଖାପ ଖୁଆଇ ସମକାଳୀନ କବିମାନେ ତାହାକୁ ଏକ ନବୀନ ରୂପରେ ପରିବେଷଣ କରିବା ପାଇଁ ଆମେ ଉତ୍ସାହିତ କରିଆସିଛୁ। ଏ ପ୍ରେକ୍ଷାପଟରେ ପ୍ରଥମେ ଆମର ପରୀକ୍ଷାନିରୀକ୍ଷା ଆରମ୍ଭ ହୋଇଛି କେବଳ 'ଚଉପଦୀ'କୁ ନେଇ। ସହୃଦୟ ପାଠକମାନେ ଆମର ବିଭିନ୍ନ ସଂଖ୍ୟାରେ ପ୍ରକାଶିତ ହେଉଥିବା ଚଉପଦୀଗୁଡ଼ିକରେ ତାହା ଲକ୍ଷ୍ୟ କରିପାରିବେ।

*ନିହାର ଶତପଥୀ*

## ସାହିତ୍ୟ ବିଚାର

କମଳାକାନ୍ତ ରଥ




*ଚିତ୍ରଟିର ପ୍ରସଙ୍ଗ ପାଇଁ ଚଳିତ ସଂଖ୍ୟାର 'ସମ୍ପାଦକୀୟ' ଦ୍ରଷ୍ଟବ୍ୟ।*

---

## 'ସାହିତ୍ୟ ଚର୍ଚ୍ଚା'ର ଗ୍ରାହକ ଯୋଜନା

ଆଗ୍ରହୀ ପାଠକମାନେ ବାର୍ଷିକ ଗ୍ରାହକ ଦେୟ ସ୍ୱରୂପ ୧୨ଟି ସଂଖ୍ୟାର ମୂଲ୍ୟ ଟ.୪୮୦/- ମାତ୍ର ପଠାଇ ଏକ ବର୍ଷ ପର୍ଯ୍ୟନ୍ତ ଡାକ ବା କୁରିଅର୍ ଯୋଗେ ଏହି ପତ୍ରିକା ପାଇପାରିବେ। ଏଥିପାଇଁ କୌଣସି ଅତିରିକ୍ତ ଡାକଖର୍ଚ୍ଚ ନିଆଯାଏ ନାହିଁ। ନିମ୍ନରେ ଦିଆଯାଇଥିବା ଆକାଉଣ୍ଟ ନମ୍ବର କିମ୍ବା 'କ୍ୟୁ.ଆର୍. କୋଡ୍'କୁ ଟ.୪୮୦/- ପଠାଇବା ପରେ ଆମର ହ୍ୱାଟ୍ସଆପ୍ ନଂ. 9368772506 କିମ୍ବା ଇ-ମେଲ୍ ଠିକଣା info@sahityacharcha.com ରେ ନିଜର ନାମ, ଡାକଠିକଣା ଓ ମୋବାଇଲ ନମ୍ବର ଜଣାନ୍ତୁ।

*IFS Code* : CNRB0018007
*Account No.* : 120000048648
*Account Name* : Sahitya Charcha

ଏହି ଗ୍ରାହକ ଯୋଜନାର ସୂଚନା ଆମ ୱେବ୍‌ସାଇଟ୍‌ର ନିମ୍ନୋକ୍ତ ଲିଙ୍କ୍‌ରେ ମଧ୍ୟ ଉପଲବ୍ଧ ଅଛି।
**www.sahityacharcha.com/subscription**

ପାର୍ଶ୍ୱରେ ଦିଆଯାଇଥିବା କ୍ୟୁ.ଆର୍. କୋଡ୍ ଚିତ୍ରକୁ ସ୍କାନ କରି G Pay, PhonePe କିମ୍ବା Paytm ଆଦି ଦ୍ୱାରା ମଧ୍ୟ ଏହି ଦେୟ ପଠାଯାଇପାରେ। ଚେକ୍ କିମ୍ବା ବ୍ୟାଙ୍କ ଡ୍ରାଫ୍ଟ ଯୋଗେ ବାର୍ଷିକ ଗ୍ରାହକଦେୟ ପଠାଇବାକୁ ଥିଲେ ତାହାକୁ Sahitya Charcha ନାମରେ ଲେଖି ଆମର ନିମ୍ନଲିଖିତ ଠିକଣାକୁ ପଠାନ୍ତୁ।

**ସାହିତ୍ୟ ଚର୍ଚ୍ଚା**, ୧୯, ଆର୍ଯ୍ୟ ଭିଲେଜ୍, ଡୁମୁଡୁମା, ଫେଜ୍-୪,ଭୁବନେଶ୍ୱର-୭୫୧୦୧୯
ଫୋନ୍ : (୦୬୭୪) ୩୫୫୨୯୪୭ , ମୋବାଇଲ : ୯୩୬୮୭୭୨୫୦୬


**ପ୍ରବନ୍ଧ**



# ଆଧୁନିକ ଓଡ଼ିଆଙ୍କ ମିଶ୍ରିତ ମାତୃଭାଷା

ବୈଷ୍ଣବ ଚରଣ ମହାନ୍ତି

“ଆମେ ତ ଭାଗ୍ୟବାନ୍ ବୁଢ଼ାରେ...”; ଆମେ ଯିଏ ବିଂଶ ଆଉ ଏକବିଂଶ ଦୁଇଟା ଶତାବ୍ଦୀ ଭିତରେ ସତୁରିରୁ ଅଧିକ ଶରତ ଭୋଗ କରି ଏବେ ମଧ୍ୟ ଦେହଧରି ଆତଯାତ ହେଉଛୁ, ଆମେ ସବୁ ହେଉଛୁ ଗୋଟାଏ ବିରଳରୁ ବିରଳତମ ବର୍ଗର ବୁଢ଼ାବୁଢ଼ୀ। କେବଳ ଦୁଇଟା ଶତାବ୍ଦୀ ନୁହେଁ, ଦୁଇଟା ସହସ୍ରାବ୍ଦୀର କିଛି କାଳଖଣ୍ଡ ଭୋଗ କରିବାର ସଲଗ ସୌଭାଗ୍ୟ ଲାଭ କରିଥିବା ଆମେସବୁ ବଡ଼ ବରକତିଆ ବୁଢ଼ାବୁଢ଼ୀ। ଏବେ, ଏଇ ଏକବିଂଶ ଶତାବ୍ଦୀର ତୃତୀୟ ଦଶନ୍ଧିରେ ଜନ୍ମ ନେଉଥିବା କେହି ଶିଶୁ ଯଦି ଅଶିତିପର ଆୟୁଷ ନିଏ ବା ଶତାୟୁ ହୁଏ, ସେ ହୁଏତ ଦ୍ୱାବିଂଶ ଶତାବ୍ଦୀକୁ ଭେଟିପାରେ; କିନ୍ତୁ ଚତୁର୍ଥ ସହସ୍ରାବ୍ଦୀକୁ ଭେଟିବାର ସୌଭାଗ୍ୟ ପାଇଁ ସେ କେବେ ବି ସହସ୍ରାୟୁ ହେଇପାରିବନି।




ଏଣୁ ଗୋଟାଏ ବଦଳୁଥିବା ବିଶ୍ୱର ବୁନିଆଦ ଆମେ, ଗୋଟାଏ ପ୍ରକାଣ୍ଡ ପରିବର୍ତ୍ତନଶୀଳ ପୃଥିବୀର ପ୍ରମାଣପୁରୁଷ ଆମେ, ବିଗତର ପ୍ରତିଛାୟା ଆମେ, ସମାଗତର ପ୍ରତ୍ୟୁପଭୋଗୀ ଆମେ, ଆଗତର ପ୍ରରୋହଣ ପ୍ରତୀକ୍ଷାରେ ଆମେ, ଆମ ପାଞ୍ଚପିଢି ପରିବର୍ତ୍ତନପର୍ବର ପ୍ରତିଭୂ ଆମେ, ପ୍ରତ୍ୟକ୍ଷଦର୍ଶୀ ଆମେ। ଏଇ ‘ଆମେ’ ଭିତରେ ‘ମୁଁ’ ତ ଅଛି ନିଶ୍ଚୟ। ମୋ ଜେଜେ ଝକମକି ପଥରକୁ ଲୁହାରେ ପିଟି ନିଆଁ ଝୁଲ ସୋଲରେ କାଢ଼ି ତାକୁ ନିଆଁ ବରିଆରେ ସାଇତି ରଖୁଥିଲେ, ମୋ ବାପା ନିଆଁପେଡ଼ିରୁ ନିଆଁ ବାହାର କରୁଥିଲେ, ମୁଁ ସେଇ ନିଆଁପେଡ଼ିକୁ ଦିଆସିଲି କହିଲି ଓ ସେଥିରୁ ନିଆଁ ବାହାର କଲି। ମୋ ପୁଅ ଏବେ ଲାଇଟର୍ ବ୍ୟବହାର କରୁଛି। ମୋ ଜେଜେମା’ ନିଆଁ ଲୁଣ୍ଡାରେ ପଡ଼ିଶାଘରୁ ନିଆଁ ଆଣୁଥିଲା, ଦୋପଖା ଚୁଲିରେ ଘଷି ଓ ନାଗୁଆଣି ମୁହାଁଇ, ଫୁଙ୍କୁନଳାରେ ଫୁଙ୍କି, ଗୋଜଣାରେ ଖେଞ୍ଚି ଚୁଲି ଲଗାଇ ମାଟି ପଲମରେ ଚକୁଳି ଚିଟୋଉ କରୁଥିଲା। ଢିଙ୍କିରେ ଧାନ କୁଟୁଥିଲା, ଶିଳରେ ବାଟୁଥିଲା, ଚକିରେ ଚୂରୁଥିଲା, ରଗଡୁଥିଲା।

ମାତ୍ର ଦୁଇଟା ପିଢ଼ିର ବ୍ୟବଧାନ, ଏବେ ମୋ ପୁଅବୋହୂଙ୍କୁ ପଚାରିଲେ ଝକମକି, ସୋଲ, ବରିଆ, ନିଆଁପେଡ଼ି, ଲୁଣ୍ଡା, ଦୋପଖାଚୁଲି, ନାଗୁଆଣି, ଘଷି, ଗୋଜଣା, ଫୁଙ୍କୁନଳୀ, ପଲମ, ରଗଡ଼ିବା, ବାଟିବା ଆଦି କ’ଣ ସେମାନଙ୍କ ଅବବୋଧକୁ ଆସୁନି, ସେମାନେ ବୁଝିପାରୁ ନାହାନ୍ତି ଏଗୁଡ଼ା ସବୁ କ’ଣ।– ଇଏ ସବୁ ଓଡ଼ିଆ ଶବ୍ଦ, ଓଡ଼ିଆ ଭାଷା।

**ମା’ ତୁଣ୍ଡର ଭାଷା**

କିନ୍ତୁ ମୋ ପୁଅବୋହୂ ଏ ଶବ୍ଦ ନ ବୁଝି ପାରିବାର କାରଣ ହେଲା ମୋ ଶ୍ରୀମତୀଙ୍କ ବେଳକୁ ଏସବୁ ବଦଳି ଯାଇଥିଲା, ମୋ ଶ୍ରୀମତୀଙ୍କ, ଅର୍ଥାତ୍ ମୋ ପିଲାଏ ତାଙ୍କ ମା’ ତୁଣ୍ଡରୁ ଏ ଶବ୍ଦର ଉଚ୍ଚାରଣ ଶୁଣିନାହାନ୍ତି। ଏଣୁ ଏ ଶବ୍ଦସବୁ ଓଡ଼ିଆ ହେଇପାରେ, ମୋର ମାତୃଭାଷା ହେଇପାରେ; କିନ୍ତୁ ମୋ ପିଲାମାନେ ତାଙ୍କ ମା’ଠାରୁ ଏସବୁ ଶବ୍ଦ ଶୁଣି ନ ଥିବାରୁ ଏ ସବୁ ତାଙ୍କ ଅବୁଝା ଶବ୍ଦ ତାଲିକାଭୁକ୍ତ ଅପରିଚିତ ଶବ୍ଦସମୁଚ୍ଚୟ। ମୋ ବୋଉ ଯାହାକୁ ହଳଦିଆ କାମଳ କହୁଥିଲା, ବହୁମୂତ୍ର କହୁଥିଲା, ଓଷଦ କହୁଥିଲା, ଚଣାଚୂର କହୁଥିଲା, ଚଉକି କହୁଥିଲା; ମୋ ପିଲାମାନେ ତାକୁ ଜଣ୍ଡିସ୍, ଡାଇବେଟିସ୍, ମେଡିସିନ୍, ମିକ୍ଶ୍ଚର୍, ଚେୟାର୍ କହୁଛନ୍ତି। ମୋ ବୋଉର ଭାଷା ମୋ ପିଲା ବୁଝିପାରିବେନି କି ମୋ ବୋଉ ଯଦି ବଞ୍ଚିଥାଆନ୍ତା, ମୋ ପିଲାଙ୍କ ଭାଷା ସେ ବି ବୁଝି ପାରି ନ ଥାନ୍ତା। ଆଗାମୀର ଭାଷା, ଆଧୁନିକତାର ଭାଷା ବୋଲି ହୁଏତ ମୋ ବୋଉ କିଛି ଖଣ୍ଡିତ ଶବ୍ଦ, ଖଣ୍ଡିଆ ବାକ୍ୟ ମୋ

ପିଲାମାନଙ୍କଠୁ ଶୁଣି କହିଶିଖିଥାନ୍ତା; କିନ୍ତୁ ମୋ ପିଲାଏ ଅତୀତର ଅଳନ୍ଧୁଲଗା ଶଢ଼ା, ଶୁକୁଟା ଶବ୍ଦ କହି ଶିଖିବା ତ ଦୂରର କଥା ଏଗୁଡ଼ାକୁ ତୁଣ୍ଡରେ ବି ଧରି ନ ଥାନ୍ତେ; ତଥାପି ଇଏ ହିଁ ଆମ ସମସ୍ତଙ୍କର ମାତୃଭାଷା। ହଳଦିଆ କାମଳ, ବହୁମୂତ୍ର, ଓଷଦ, ଚଣାଚୂର, ଚଉକି ଯେମିତି ମୋ ମା'ର ଭାଷା, ମୋ ମାତୃଭାଷା; ଜଣ୍ଡିସ୍, ଡାଇବେଟିସ୍, ମେଡିସିନ୍, ମିକ୍ଷ୍ଚର୍, ସେମିତି ମୋ ପିଲାଙ୍କ ମା'ର ଭାଷା, ସେମାନଙ୍କ ମାତୃଭାଷା ଏବଂ ସର୍ବୋପରି ଇଏ ଓଡ଼ିଆ ଏବଂ ମୋ ବାପାଙ୍କର, ମୋର ଓ ମୋ ପିଲାମାନଙ୍କର ମାତୃଭାଷା, ଆମ ତିନିପିଢ଼ିର ଭାଷା, ଆମ ସମସ୍ତଙ୍କର ମାତୃଭାଷା ଓଡ଼ିଆ।

## ଟେଲିଫୋନ୍‌ର ମଜା

ଆମ ପିଲାଏ ପଢ଼ିଥିଲେ- "ଟେଲିଫୋନ୍‌ର ମଜା, ଶହେ କୋଶରୁ ଆଇ ସାଥିରେ କଥା କହନ୍ତି ଅଜା।" ଶହେ କୋଶ ତ ବହୁତ ଦୂର ହେଲାଣି, ଏଇ ପଚାଶ ବର୍ଷ ତଳେ ଅଜା ଯଦି ଭୁବନେଶ୍ୱରରେ ରହି ପନ୍ଦର କୋଶ ଦୂର କଟକରେ ଥିବା ଆଇ ପାଖକୁ ଫୋନ୍ କରୁଥିଲେ, ତେବେ ତାଙ୍କୁ ଏକ୍ସପ୍ରେସ୍ ଟ୍ରଙ୍କ୍ କଲ୍ ବୁକ୍ କରି ଘଣ୍ଟାଘଣ୍ଟା ଧରି ଅପେକ୍ଷା କରିବାକୁ ପଡୁଥିଲା।

**ଆମ ଛୁଆବେଳେ ବୋଉମାନେ 'ମମି' ହେଇ ନ ଥିଲେ। ଏବେ ମମିମୟ ମାତୃତ୍ୱ ଭିତରେ ବୋଉ ବା ମା'ଟିଏ ଖୋଜିବା କଷ୍ଟକର।**

ଅଜା ଏପଟେ ପଙ୍କଭିତରୁ ତୋଡ଼ିମାଛ ମାଡ଼ିବସି ଧରିଲା ଭଳି ରିସିଭରଟାକୁ ଜୋର୍‌ରେ ଜାବୁଡ଼ି ଧରି ଗଦ୍‌ଗଦ୍ ହେଇ କହୁଥିଲେ- "ହେଇଟି, କଣ୍ଢେଇଆବୋଉ! ଆମ ଘରୁ ଯୋଉ ପୁରୁଣା ଗଡ଼ାକୋଳି ଆଉ କୁଆଁରୀ ଆମ୍ବୁଲ ଆଣିଥେଲୁ, ପଠେଇବୁଟି। ନାତିଟୋକାଟା ଭାରି ଭଲ ପାଉଚି ତୋ ହାତତିଆରି ଆମ୍ବୁଲ ଆଉ ଗଡ଼ାକୋଳିକି।" ସେ ପଟୁ ଆଇ କହୁଥିଲା- "ହଇହେ, ତେମେ ଗଲାବେଳେ ଭୁଲ୍‌ରେ ଜଡ଼ାତେଲ ଶିଶିଟା ନେଇଗଲ କି, ମୋ ମୁଣ୍ଡରେ ନଗେଇବାକୁ ତେଲଟିକେ ନାଇଁ। ନୁଖୁରା ମୁଣ୍ଡ ରକଟା ହେଲାଣି। ସାନ ଟୋକା ଗଲେ ତା' ହାତେରେ ଜଡ଼ାତେଲ ଶିଶିଟା ଟିକେ ହେତୁକରି ବଟେଇବ।"

ଏବେ ମୋ ନାତୁଣୀର ଆଇ ଯେତେବେଳେ ତା' ଅଜା ପାଖକୁ ଭିଡ଼ିଓ କଲ୍ କରି କହୁଛନ୍ତି- "ହାଏ୍ ରାକେଶ୍, ହାଓ ଆର୍ ୟୁ? ତମେ ବିପି ଆଉ ଡାଇବେଟିସ୍ ମେଡିସିନ୍ ରେଗୁଲାରଲି ଖାଉଛ ତ? ତମ ହେଲ୍‌ଥର ପ୍ରପର କେୟାର ନଉଥିବ। କେବେ ଆସୁଛ? ହଁ, ପ୍ଲେନ୍‌ରେ ଆସିବ, ଟ୍ରେନ୍‌ରେ ଆସିବନି।" ସେ ପଟୁ ମୋ ନାତୁଣୀର ଅଜା କହୁଛନ୍ତି- "ହାଲୋ ହନୀ! ତମେ ସାମ୍ପୋ କରୁନ କି? ପାର୍‌ଲର୍ କେବେ ଯାଇଥିଲ? ମର୍ଣ୍ଣିଂ ୱାକ୍ କରୁଛ ତ? ନେକ୍ସଟ ୱିକ୍ ମୁଁ ଆସୁଛି। ଓକେ...ବାୟ୍... ସି ୟୁ...!"


ବିଂଶ ଶତାବ୍ଦୀର ବା ପଚାଶ ବର୍ଷ ତଳର ଅଜାଆଇ ଏବଂ ଆଜିର ଏକବିଂଶ ଶତାବ୍ଦୀର ଅଜାଅଇଙ୍କ ଶବ୍ଦ, ସମ୍ବୋଧନ, ସମ୍ଭାଷଣ, ଶୈଳୀ, ସମ୍ପର୍କ, ଭାଷା, ଭାବ, ଭଙ୍ଗୀ, ଚାଲି, ଚଳଣି, ଚାହାଣି, ଚିତ୍ର, ଚରିତ୍ର ଆଦି ସବୁକ୍ଷେତ୍ରରେ ଆସିଛି ପର୍ଯ୍ୟାପ୍ତ ପରିବର୍ତ୍ତନ। ସେ ପରିବର୍ତ୍ତନ ପୁଣି ପ୍ରବଳରୁ ପ୍ରବଳତର ହେଇଉଠିଛି ପର ପିଢ଼ି ଅର୍ଥାତ୍ ବର୍ତ୍ତମାନର ବାପମା'ଙ୍କ କ୍ଷେତ୍ରରେ। ବାପାମା' ତ ନୁହନ୍ତି, ବରଂ 'ଡାଡିମମି' କହିଲେ ଅଧିକ ଉପଯୁକ୍ତ ହେବ। ଆମ ଅମଳରେ ବୋଉ ବା ମା'ମାନଙ୍କ ଗହଳି ଭିତରୁ ଚୂନମାରି ଗଣତି କଲେ ବି 'ମମିଟିଏ' ମିଳି ନ ଥାନ୍ତେ। ଆମ ଛୁଆବେଳେ ବୋଉମାନେ 'ମମି' ହେଇ ନ ଥିଲେ। ଏବେ ମମିମୟ ମାତୃତ୍ୱ ଭିତରେ ବୋଉ ବା ମା'ଟିଏ ଖୋଜିବା ଯାହା ମାଣ୍ଡିଆ ବସ୍ତା ଭିତରେ ହଜି ଯାଇଥିବା ଗୋଟାଏ ସୋରିଷ ଦାନାକୁ ଖୋଜିବା ସେଇଆ।

କୋଉ ମମିଟିଏ ତୁଣ୍ଡରୁ 'କୁକୁଡ଼ା ମାଂସ', 'ଛେଳି ମାଂସ', 'ଡାକ୍ତରଖାନା', 'ଆଳୁଅ', 'ରକ୍ତ', 'କଲମ' ଆଦି ଶବ୍ଦର ଉଚ୍ଚାରଣ ଆପଣ ଏବେ କେବେ ଶୁଣିଲେଣି କି? ମମିଙ୍କ ତୁଣ୍ଡରେ ଚିକେନ୍, ମଟନ୍, ହସ୍ପିଟାଲ୍, କ୍ଲିନିକ୍, ଲାଇଟ୍, ବ୍ଲଡ୍, ପେନ୍ ଆଦି ଓଡ଼ିଆ ଶବ୍ଦର ପଶ୍ଚିମା ପ୍ରତିଶବ୍ଦ କେବେଠୁ ପ୍ରତିଷ୍ଠିତ ପ୍ରଚଳିତ ଓ ପ୍ରକଥିତ ହେଲାଣି ତା'ର ତିଥି ବାର ନକ୍ଷତ୍ରର ଟିପଣା କେହି ରଖିନି। ସେତେବେଳର ବୋଉ ବା ମା'ମାନଙ୍କର 'ଧନ', 'ବାଇଆ', 'ସୁନା ପୁଅ', 'ଗଳାମାଳି', 'ରଙ୍କରତନ'ମାନେ ସେମାନଙ୍କ ମାତୃଭାଷା ଭାବେ ଡାକ୍ତରଖାନା, କଲମ, ଖାସିମାଂସ ଆଦି କହିବା ଯେମିତି ସ୍ୱାଭାବିକ, ବର୍ତ୍ତମାନର ମମିମାନଙ୍କ 'ବେଟା' 'ବେଟୀ'ମାନେ ପେନ୍, ମଟନ୍ କହିବା ସେମିତି ସ୍ୱାଭାବିକ; ଖାସିମାଂସ

ଧନମାନଙ୍କର ମାତୃଭାଷା ହେଇଥିବା ବେଳେ, ମଟନ୍ ବେଟାମାନଙ୍କର ବି ମାତୃଭାଷା।

**ଆ' ଜହ୍ନମାମୁ ଶରଦ ଶଶୀ**

କୌଣସି ମମିଜାତିୟା ମହିଳାଙ୍କୁ ନିଜ ବେଟା ବା ବେଟୀକୁ କାଖରେ କାଖେଇକରି ଘରେ ବା ରାସ୍ତାଘାଟରେ ଯାଉଥିବାର ବିରଳ ଦୃଶ୍ୟ ଆପଣ ଏବେ କେବେ ଦେଖିଲେଣି କି? "ଜହ୍ନମାମୁରେ ଆ...ଆ... ମୋ କାହ୍ନୁ ସାଙ୍ଗରେ ଖେଳିବୁ ଆ'...ରେ ଜହ୍ନମାମୁ" କହି ବା ନିଜ ବେଟାକୁ କାଖରେ ବସେଇ "ଆ'... ଜହ୍ନମାମୁ ଶରଦଶଶୀ, ମୋ କାହ୍ନୁ ହାତରେ ପଡ଼ରେ ଖସି" ଗାଇ ଜ୍ୟୋତ୍ସ୍ନାୟିତ ସଞ୍ଜପହରକୁ ସଂଗୀତମୁଖର କରୁଥିବାର କୌଣସି ମମିଙ୍କୁ ଆପଣ ଏବେ କେବେ ଦେଖିଛନ୍ତି କି କୋଉଠି? ବୋଉ ଥିଲା ଆମର ବରାଭୟଦାୟିନୀ, ଅଭୟ ପ୍ରଦାୟିନୀ; ସାମାନ୍ୟ କିଛି ଆପଦ ବିପଦର ସମ୍ମୁଖୀନ ହେଲେ, ଝୁଣ୍ଟିପଡ଼ିଲେ, ଜ୍ୱାଳା ଯନ୍ତ୍ରଣା ହେଲେ, ଏମିତି କି ମାଷ୍ଟ୍ରଙ୍କଠାରୁ ମାଡ଼ଖାଇ "ଇଲୋ ବୋଉଲୋ ମରିଗଲି ମରିଗଲି" କହି ଆମେ ଚିଲଉଥିଲୁ। ଆପଣ ଏବେ କେବେ ଦେଖିଛନ୍ତି କି ହଠାତ୍ ପଡ଼ିଯାଇ, ଆହତ ଆକ୍ରାନ୍ତ ହେଇ ବା ଭୟଭୀତ ହେଇ ଆଜିକାର କୌଣସି 'ବେଟା' "ଇଲୋ ମମିଲୋ" କହିବାର? 'ଭାଷା' କହିଲେ ସବୁବେଳେ ଉଚ୍ଚାରିତ ଶବ୍ଦ ବା ବାକ୍ୟକୁ ବୁଝାଏ ନାହିଁ; ଭାଷା ଆମର ଆବେଗକୁ, ଆଚାରକୁ, ବିଚାରକୁ, ସଂଚାରକୁ, ସଂଳାପକୁ, ଆଳାପକୁ ପ୍ରଭାବିତ କରେ; ଭାଷା ଆମ ଭାବ, ଅଭାବ, ପ୍ରଭାବର; ଭାଷା ଆମ ସାହିତ୍ୟ, ସଂସ୍କୃତି, ଶିକ୍ଷା, ଆଚରଣ, ଉଚ୍ଚାରଣ, ଚଳଣି, ଚରିତ୍ରର ଅନୁପୂରକ ଏବଂ ପରିପୂରକ ମଧ୍ୟ। ଭାଷା ପୁଣି ଆମ ସମ୍ପର୍କ ସମ୍ୱନ୍ଧର, ସୌଜନ୍ୟ ସୌହାର୍ଦ୍ଦ୍ୟର ସଂସ୍ଥାପକ, ସଂରକ୍ଷକ ଏବଂ ସଂଚାରକ ମଧ୍ୟ। ଭାଷାକୁ ଯେତେବେଳେ ମା'ସହିତ ଯୋଡ଼ି 'ମାତୃଭାଷା' ବୋଲି କୁହାଯାଏ, ସେତେବେଳେ ଭାଷା ବ୍ୟକ୍ତିର ଜନ୍ମ ସହିତ ଜଡ଼ିତ ହେଇଯାଏ।



ମାତୃଭାଷାର ଅର୍ଥ କରିବାକୁ ଯାଇ 'ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷ'ରେ କୁହାଯାଇଛି- "ମାତୃ କ୍ରୋଡ଼ରେ ଥିବା ସମୟରେ ମାଆଙ୍କ ମୁହଁରୁ ମନୁଷ୍ୟ ଯେଉଁ ଭାଷା ଶୁଣେ।" ସତରେ ବୋଉ କୋଳ ପିଲା ପାଇଁ ପ୍ରଥମ ଏବଂ ପ୍ରଧାନ ବିଶ୍ୱବିଦ୍ୟାଳୟ, ବୋଉକୋଳରୁ ଆସେ ସେ ଏ ବିଶାଳ ସଂସାରକୁ। କୋଉ ବିଶ୍ୱବିଦ୍ୟାଳୟରେ ଯୋଉ ପାଠ ପଢ଼ାଯାଏନି, ସେ ସବୁ ପାଠ ପଢ଼ାଯାଏ ବୋଉ ବିଶ୍ୱବିଦ୍ୟାଳୟରେ। ସବୁ ବିଶ୍ୱବିଦ୍ୟାଳୟରେ ପରୀକ୍ଷାରେ କେମିତି ସଫଳ ହେବ ଶିକ୍ଷା ଦିଆଯାଏ, ବୋଉ ବିଶ୍ୱବିଦ୍ୟାଳୟରେ କିନ୍ତୁ ଜୀବନ ଜିଇବାର ପାଠ ପଢ଼ାଯାଏ; ଜୀବନର କଳା ଓ ବିଜ୍ଞାନ ଶିକ୍ଷା ଦିଆଯାଏ; ସଫଳତା ହାସଲର ବିଦ୍ୟା ସହିତ ବିଫଳତାକୁ ସମ୍ମୁଖୀନ ହେବାର ସୂତ୍ର ଶିକ୍ଷା ଦିଆଯାଏ। ବୋଉ ବିଶ୍ୱବିଦ୍ୟାଳୟରେ ପିଲା ଖାଇବା ଶିଖେ, ପିଇବା ଶିଖେ, ଶୋଇବା ଶିଖେ, କହିବା ଶିଖେ, ବସିବା ଶିଖେ, ହସିବା ଶିଖେ, ଚାଲିବା ଶିଖେ, ବୁଲିବା ଶିଖେ, ଦେଖିବା ଶିଖେ, ଶୁଣିବା ଶିଖେ, ବୁଝିବା ଶିଖେ ଏବଂ ସର୍ବୋପରି ଶିଖିବା ବି ଶିଖେ। ବୋଉ କୋଳରୁ ସେ ଭାଇ, ଭଉଣୀ, ବାପା, ଜେଜେ, ଦାଦା, ଖୁଡ଼ୀ, ପ୍ରିୟ ପରିଜନ, ପାଖପଡ଼ିଶାଙ୍କୁ ଦେଖେ, ପାଖ ପରିବେଶ ପରିମଣ୍ଡଳକୁ ଅବଲୋକନ କରେ, ଅନୁଧ୍ୟାନ କରେ; ଦେଖେ ସୂର୍ଯ୍ୟ, ଚନ୍ଦ୍ର, ଗ୍ରହ, ତାରା, ଆକାଶ, ଅବନି; ଦେଖେ ଗଛବୃଛ, ପଶୁପକ୍ଷୀ; ଦେଖେ ନଈ, ନାଳ, ନିଆଁ, ପାଣି; ଦେଖେ ଦୁଃଖ, ଦେଖେ ସୁଖ; ଦେଖେ ହସ, ଦେଖେ କାନ୍ଦ; ତା' ଦୃଷ୍ଟିର ଦିଗନ୍ତକ୍ରମେ ପ୍ରସାରିତ ହୁଏ, ତା'ର ବୌଦ୍ଧିକ ବିକାଶ ଘଟେ, ବୁଦ୍ଧି ବଢ଼େ, ଜ୍ଞାନ ବଢ଼େ, ବିଚାର ବିବେଚନା ବଢ଼େ। ଏଣୁ ଏ ବିଶ୍ୱରେ ଏମିତି କେହି ବିଜ୍ଞ, ବିଶାରଦ, ବିଶିଷ୍ଟ ନାହିଁ, ଯାହାର ପାଠ ବୋଉ ବିଶ୍ୱବିଦ୍ୟାଳୟରୁ ଆରମ୍ଭ ନ ହେଇଛି ଏବଂ ସବୁଠୁ ବଡ଼ କଥା ହେଉଛି ବୋଉ ବିଶ୍ୱବିଦ୍ୟାଳୟରୁ ସେ ଯେଉଁ ଭାଷା ଶିଖେ, ସେ ହେଉଛି ତା' ଜୀବନର ପ୍ରଥମ ଓ ପ୍ରଧାନ ଭାଷା; ମାତୃଭାଷା। ମା' ଯୋଉ ଭାଷା କହିପାରେ, ଲେଖିପାରେ ଓ ବୁଝିପାରେ, ତାହା ହିଁ ସନ୍ତାନର ମାତୃଭାଷା।

"ପିଲାର ଭାଷା ଶିକ୍ଷାର ଆରମ୍ଭ ମା'କୋଳରୁ ହୁଏ ବୋଲି ଆମର ଯାହା ଧାରଣା ବା ଅଭିଧାନ ଯାହା କହୁଛି; ସେ କଥାକୁ ଭୁଲ୍ ପ୍ରମାଣ କରିଛି ଆମ ପୁରାଣ। ଅର୍ଜ୍ଜୁନଙ୍କ ପୁଅ ଅଭିମନ୍ୟୁ

ମାତୃଗର୍ଭରେ ଥିଲାବେଳେ ତା' ବାପାମା'ଙ୍କ ଆଳାପ ଆଲୋଚନାରୁ ଚକ୍ରବ୍ୟୂହ ଭେଦର ଉପାୟ ସେ ଶିଖିଥିଲା। ଅର୍ଜୁନଙ୍କ ଅନୁପସ୍ଥିତିରେ ଚକ୍ରବ୍ୟୂହ ଭେଦର ସମସ୍ୟା ଯେତେବେଳେ ଉପୁଜିଛି, ଅଭିମନ୍ୟୁ ବ୍ୟୂହଭେଦ କରିବାକୁ ଆଗେଇ ଆସିବାରୁ ଯୁଧିଷ୍ଠିର ପଚାରିଛନ୍ତି-

"କୁମାର ବଚନେ ଯେ ଧର୍ମରାୟେ ହସି, ଚଉଦ ବରଷ ଅଗ୍ୟାନ ତୁ ବାଳଶିଷି।୨୩।"

ଆମ୍ଭେ ସେନାପତି କେହ୍ନେ କରିବୁଟି ତୋତେ, ଭୂଅଭେଦ କଥା ତୁ ଜାଣିଲୁ କେମନ୍ତେ।୨୪।

ଯୁଧିଷ୍ଠିରଙ୍କ ପ୍ରଶ୍ନର ଉତ୍ତର ଦେବାକୁ ଯାଇ ଅଭିମନ୍ୟୁ କହିଛି-

"...ସମସ୍ତ କହିଲେ ଯେ ମାତାଙ୍କ ସମକକ୍ଷେ, ଚକ୍ରଭୂଅର ବାରତା କହିଲେ ସର୍ବପକ୍ଷେ।୩୮।"

ପିତା କହନ୍ତେଣ ଶୁଣନ୍ତି ମୋର ମାୟେ, ମୁହିଂ ଗର୍ଭେ ଥାଇଣ ଶୁଣିଲି ଧର୍ମରାୟେ।୩୯।

ତୃତୀୟ ପହର ଯେ ହୋଇଲାକ ରାତି, ମାୟେ ନିଦ୍ରା ଗଲେ ନିଶି ହୋଇଲା ପାହାନ୍ତି।୪୦।

ମାତାଂକର ନିଦ୍ରାୟେ ମୁଂ ହୋଇଲି ଅସାଷ୍ଟମ, ବାହୁଡ଼ା ବେଳ ଭୂଅକୁ କଲି ମତିଭ୍ରମ।୪୧।"

-"ସାରଳା ମହାଭାରତ"-ଦ୍ରୋଣପର୍ବ

## ମାତୃଗର୍ଭର ଭାଷା

ପୁରାଣ କଥାର ସତ୍ୟତା ଉପରେ ଅନେକ ବିଭିନ୍ନ ସମୟରେ ପ୍ରଶ୍ନବାଚୀମାନ ଠିଆ କରିଥାନ୍ତି; କିନ୍ତୁ ଏବେ ବିଜ୍ଞାନ କହିଲାଣି ପିଲାର ଶିକ୍ଷା, ବିଶେଷ କରି ଭାଷା ଶିକ୍ଷା ମାତୃଗର୍ଭରୁ ହିଁ ଆରମ୍ଭ ହେଇଥାଏ। ପାଟ୍ରିସିଆ କଲ୍ ('ଇନ୍‌ଷ୍ଟିଚ୍ୟୁଟ୍ ଫର ଲର୍ଣ୍ଣିଂ ଆଣ୍ଡ ବ୍ରେନ୍ ସାଇନ୍‌ସେସ୍'ର ନିର୍ଦ୍ଦେଶକ) କହନ୍ତି- *"ଦି ମଦର ହାଜ୍ ଫାଷ୍ଟ ଡିବ୍ସ ଅନ୍ ଇନ୍‌ଫ୍ଲୁଏନ୍‌ସିଂ ଦି ଚାଇଲ୍‌ଡ୍‌ସ ବ୍ରେନ୍। ଦି ଭାଉଏଲ୍ ସାଉଣ୍ଡ୍‌ସ ଇନ୍ ହର୍ ସ୍ପିଚ୍ ଆର୍ ଦି ଲାଉଡେଷ୍ଟ ୟୁନିଟ୍‌ସ୍ ଆଣ୍ଡ ଦି ଫିଟ୍‌ସ୍ ଲକ୍‌ସ ଅନ୍‌ଟୁ ଦେମ୍"।*

ଗର୍ଭସ୍ଥ ଭ୍ରୂଣର ନାହିନାଡ଼ ମା'ଠାରେ ଲାଗିଥିବାରୁ ମା' ଯାହା ଖାଏ, ଯାହା କହେ, ଯାହା ଶୁଣେ, ଯାହା ପଢ଼େ, ଯାହା ଦେଖେ, ଯାହା ଭାବେ; ସେସବୁରେ ଭାଗୀଦାର ହୁଏ ଭ୍ରୂଣ। ବିଶେଷ କରି ପିଲାର ଭାଷା ମା'ପେଟରୁ କଅଁଳେ, କଢ଼ାମେଲେ ଆଉ ସେ ଓଲିଆରୁ ପଡ଼ି ଗଜାହୁଏ; ଭୂମିଷ୍ଠ ହେବା ପରେ ପରେ ବି ମାତୃଭାଷା ଓ ଅନ୍ୟ ଭାଷାର ଭିନ୍ନତା ବାରିପାରେ ସେ। ବର୍ତ୍ତମାନର ଗୋଳିଆ, ଗୋଳମାଳିଆ ସାମାଜିକ ତଥା ସାଂସ୍କୃତିକ ପରିସ୍ଥିତି ଓ ପରିବେଶରେ ମାତୃଭାଷାର ପରିଚିତି ପାଣିଫାଟି ପାଣିଚିଆ ହେଇଯାଉଛି। 'ମାତୃଭାଷା' କହିଲେ କେବଳ ନିରୁତା ମା' କହୁଥିବା ଭାଷା ନୁହେଁ; ବାପା, ଦାଦା, ଜେଜେ, ଜେଜେମା', ପରିବାର ପରିଜନ ଆଦିଙ୍କ ଭାଷା ବା ଘରର ଭାଷା ହିଁ ମାତୃଭାଷା। ଯୋଗୀ ଥାଳର ଚାଉଳ ପରି ବର୍ତ୍ତମାନର ଘରଭାଷା ହେଇଗଲାଣି ବାରଜାତିଆ ଭାଷା; ବାପା କଟିକୀ ତ ବୋଉ ସମ୍ବଲପୁରୀ, ବଡ଼ବୋହୂ ତାମିଲୀ ତ ମଝିଆଁ ବୋହୂ ବଙ୍ଗାଲୁଣୀ ଓ ସାନ ବୋହୂ ତେଲେଙ୍ଗାଣୀ। ଅସଲି ଘରଭାଷା ଆଉ ପରଭାଷାର ଏକ ମିଶ୍ରିତ ମଧୁଘୋଷ ଶୁଣିବାକୁ ମିଳୁଛି ବର୍ତ୍ତମାନ ଓଡ଼ିଆଘରର ପାରିବାରିକ ପରିବେଶ ବା ଉତ୍ସବ ଅନୁଷ୍ଠାନରେ। ଶାଶୂ ଯଦି କହୁଛନ୍ତି- "ନାଇଁ ମୁଁ ଆଜି ଖାଇବିନି; ବଡ଼ପୁଅର ଝିଅଟା କହୁଛି- "ଇଲ୍ଲେ ନାନ୍ ସାପଡ଼ ମାଟେନ୍"; ମଝିଆଁ ପୁଅର ପୁଅଟା କହୁଛି- "ନା ଆଜ୍ ଆମି ଖାବୋନା"; ଆଉ ସାନପୁଅର ପୁଅଟା କହୁଛି- "ଲେଦୁ, ନେନୁ ତିନାନୁ"।

**ଅସଲି ଘରଭାଷା ଆଉ ପରଭାଷାର ଏକ ମିଶ୍ରିତ ମଧୁଘୋଷ ଶୁଣିବାକୁ ମିଳୁଛି ବର୍ତ୍ତମାନ ଓଡ଼ିଆଘରର ପାରିବାରିକ ପରିବେଶ ବା ଉତ୍ସବ ଅନୁଷ୍ଠାନରେ।**

ଆଜିକାଲିର ବୃତ୍ତି ଆଉ ପ୍ରୀତିର ସ୍ଥାୟିତ୍ୱ ବୋଲି କିଛି ନାହିଁ, ସୀମାସରହଦ ବୋଲି କିଛି ନାହିଁ, ବନ୍ଧବାଡ଼ ବୋଲି ବି କିଛି ନାହିଁ; ଓଡ଼ିଆ ପୁଅଗୁଡ଼ାଙ୍କ ହାଣ୍ଡିରେ କେମିତି ବାର ନଈ ତେର ପାହାଡ଼ ସେପାରି କେରଳ, କର୍ଣ୍ଣାଟକର ଝିଅ ଚାଉଳ ପକେଇଥିଲେ ବା ଓଡ଼ିଆ ବରପତର ସାଙ୍ଗରେ କେମିତି ଆନ୍ଧ୍ର, ହିମାଚଳ ପ୍ରଦେଶର ଓସ୍ତପତର ଯୋଡ଼ା ହେଉଛି ଆଜିକାଲିର ନାହାକ ପଣ୍ଡିତଙ୍କ ଖଡ଼ିପାଠ କହିପାରୁନି। କୋଉ ଗାଆଁ କଣର ନଖି ସୋଇଁକୁ ପଚାରିଲା ବେଳକୁ ସେ କହୁଚି- "ମୋ ପୁଅ ଅଛି ବାଙ୍ଗାଲୁରରେ, ବୋହୂଟି ତାମିଲିଆଣୀ, ରାଡୁମାଡୁ କରି କ'ଣ କହୁଚି ଆମେ କିଛି ବୁଝିପାରୁନୁ, ନାତିଟା ବି ସେମିତି

ରାଡୁମାଡୁଆ।" ମାଗୁଣି ବେହେରାକୁ ପଚାରିଲା ବେଳକୁ ସେ କହୁଚି- "ମୋ ପୁଅ ଅଛି ହାଇଦରାବାଦରେ, ସିଏ ବାହା ହେଇଚି ଗୋଟାଏ ପଞ୍ଜାବୀ ଝିଅକୁ। ମୁଁ ଶୁଣିଥେଲି ସବୁ ପଞ୍ଜାବୀଙ୍କର ଦାଢ଼ି ଥାଏ, ମୋ ବୋହୂର କିନ୍ତୁ ଦାଢ଼ି ନାହିଁ ବା! ଭଲ ଗୁଣ୍ଡୁଣିହାତୀ ଭଳିଆ ମୋ ବୋହୂଟା। ହେଲେ କ'ଣ ହବ ତା' କଥା ତ ଆମେ ବୁଝି ପାରୁନୁ। ଗାଆଁକୁ ଆଇଥେଲେ ଯେ ନାତିନାତୁଣୀ ଦି'ଟାଙ୍କ କଥା ବି ଆମେ ବୁଢ଼ାବୁଢ଼ୀ ଦିଇଟା ସମଝି ପାରିଲୁନି।"

ଓଡ଼ିଆ ଘରର ଝିଅଟି ଯଦି ଅନ୍ୟ ରାଜ୍ୟକୁ ବୋହୂ ହେଇ ଗଲା, ସେଠିକାର ଘରଭାଷା ବା ପରିବାର ଭାଷା ତା' ପିଲା କହିଲେ ଆମର କିଛି ଯାଏ ଆସେ ନାହିଁ। କିନ୍ତୁ ଓଡ଼ିଆ ଘରକୁ ଅନ୍ୟ ରାଜ୍ୟରୁ ବୋହୂ ଆଣିଲେ ବି ସେ ତା' ଚାକିରି ସ୍ଥାନରେ ରହିବ; ଏଣୁ ପୁଅର ପ୍ରଭାବରେ ଯଦି ସେ ଓଡ଼ିଆ କହିବ ତେବେ ତା' ପିଲା ଅନ୍ତତଃ କିଛି ମାତ୍ରାରେ ଓଡ଼ିଆ କହିପାରିବେ ବା ବୁଝିପାରିବେ। ତା' ବ୍ୟତୀତ ବୋହୂ ଯେହେତୁ ବାହାରେ ରହୁଛି ତା' ବାପମା'ଙ୍କର ଯଦି ସେ ଗୋଟିଏ ବୋଲି ସନ୍ତାନ ହେଇଥାଏ ବା ତା' ବାପମା' ଝିଅ ସହ ସବୁଦିନେ ଫୋନ୍‌ରେ ହେଉ ମଧ୍ୟ କଥାବାର୍ତ୍ତା ହେଉଥାଆନ୍ତି; ପିଲା ଉପରେ ବି ତା'ର ପ୍ରଭାବ ପଡ଼ିବ; ସେ ଜେଜେ ଜେଜେମା'ଙ୍କଠାରୁ ଅଜାଆଇଙ୍କ ଭାଷାକୁ ଅଧିକ ଗ୍ରହଣ କରିବ।



## ଗ୍ରହଣଶୀଳ ନା ଆହରଣଶୀଳ ?

ଭାଷା ଦୃଷ୍ଟିରୁ ଆମ ଓଡ଼ିଆମାନେ ଗ୍ରହଣଶୀଳ ହେବା ସ୍ୱାଗତଯୋଗ୍ୟ କିନ୍ତୁ ଆହରଣଶୀଳ ହେବା ମାରାତ୍ମକ। କେହି ଦେଲେ ତାହା ଗ୍ରହଣ କରାଯାଏ ବା ଆବଶ୍ୟକ ପଡ଼ିଲେ ଆମେ ଅନ୍ୟଠୁ ଗ୍ରହଣ କରିପାରିବା। କିନ୍ତୁ ଆହରଣ କରିବା ଅର୍ଥ ରାତାରାତି ବଡ଼ ବୋଲାଇବାକୁ ଟାଣିଓଟାରି ଘୁଅନୁଣ୍ଡାକୁ ବି ଆଣି ଘରେ ପୂରେଇବା। ଏହା ଦ୍ୱାରା ଭାଷାର ମିଶ୍ରଣ ହେଉନାହିଁ, ଭାଷାର ଅପମିଶ୍ରଣ ହେଉଛି। ଯୋଉ ଝିଅମାନେ ଆଜି ପ୍ରାଇଭେଟ୍ ଓଡ଼ିଆ ଟି.ଭି. ଚ୍ୟାନେଲରେ କହିଲାବେଳେ ଆମ ଅବ୍ୟୟସବୁକୁ ବ୍ୟୟ କରି କଥାକଥାକେ 'ଆଣ୍ଡ, ଫିର୍ ଭି, ବଟ୍, ବିକଜ୍, ସୋ, ଦେନ୍' କହୁଛନ୍ତି, ଭବିଷ୍ୟତରେ ସେମାନଙ୍କ ସନ୍ତାନମାନେ ବି ନିଶ୍ଚୟ ଏଇ 'ଅବ୍ୟୟଉଚ୍ଛାଳ ରୋଗ'ରେ ଆକ୍ରାନ୍ତ ହେବେ ଏବଂ ଏହା ଏକ ବଂଶଗତ ରୋଗର ରୂପ ନେବ। ଏମାନଙ୍କ ଦ୍ୱାରା 'ଅପମିଶ୍ରିତ ମାତୃଭାଷା' ଭାଷା ପ୍ରଦୂଷଣର କାରଣ ପାଲଟିବ। ଏମାନେ ପର ଭାଷାଘରୁ ଘୋଷାରି ଆଣୁଥିବା ଘୁଅନୁଣ୍ଡା ଆମ ଭାଷାଘରେ ପୂରେଇଲେ ଦୁର୍ଗନ୍ଧରେ ଆମ କାନ ଫାଟିବ ହିଁ ଫାଟିବ।

ଯୋଉ ଓଡ଼ିଆମାନେ ବୃତ୍ତିବାଧ୍ୟ ବିଦେଶ ଜୀବନ ବିତଉଛନ୍ତି, ସେମାନଙ୍କ ପିଲାମାନେ 'ଯେ ଦେଶ ଯାଇ ସେ ଫଳ ଖାଇ' ନ୍ୟାୟରେ ସେଠାକାର ସ୍କୁଲ୍‌ରେ ପଢ଼ିଲେ; ସେମାନଙ୍କ ଚାକିରି ଯଦି ଭାରତ ଭିତରେ ହେଇଥିବ ତେବେ ଇଂରାଜୀ ଓ ହିନ୍ଦୀ ପଢ଼ିଲେ, ଲେଖିଲେ। ଘରେ ଯଦି ବାପାମା' ଓଡ଼ିଆରେ କଥା ନ ହେଉଥାନ୍ତି ତେବେ ପିଲାଏ ଓଡ଼ିଆରେ କଥା ହେବା ପ୍ରଶ୍ନ ହିଁ ଉଠୁନାହିଁ। ବାପାମା' ଚାକିରିକି ଗଲେ ଘରେ ଯଦି ଆୟା ଦାୟିତ୍ୱରେ ପିଲାକୁ ଛାଡ଼ିଦେଇ ଯାଉଥିବେ ତେବେ ପିଲାର ଭାଷାମହାନଦୀକି ବଳଯୋଗାଇବାକୁ ଆୟା ବି ଭାଷାର ଏକ ଉପନଦୀ ଭଳି କାମ କରିବା ସ୍ୱାଭାବିକ। ଫ୍ରିଜ୍‌ରେ ଆମେ କେତେ ପ୍ରକାର ମିଠା, ଫଳ ଆଉ ପାନୀୟ ମହଜୁଦ୍ କରି ରଖିଥାଉ, ଅତିଥି ଆସିଲେ ତାଙ୍କ ପସନ୍ଦମୁତାବକ ଖାଦ୍ୟ/ପାନୀୟ ପରଷିଦେଉ; ଠିକ୍ ସେମିତି ପିଲା ତା' ଭାଷା ଭଣ୍ଡାରରେ ଏକାଧିକ ଭାଷାର ଶବ୍ଦ ସମ୍ପତ୍ତି ସାଇତି ଚାଲିଥାଏ ଏବଂ ତା'ର ମନର ଭାବ ପ୍ରକାଶ କରିବାକୁ ଲୋକ ଦେଖି ତା' ବିଚାରରେ ସେ ଶବ୍ଦ ପ୍ରୟୋଗ କରେ।

## ମୌଳବାଦୀଙ୍କ ଭୂମିକା

ଦେଖାଯାଉଛି କିଛି ନୂଆ ଶବ୍ଦ ଆମ ଭାଷା ଭିତରକୁ ପଶି ଆସିଲେ କେତେକ ମୌଳବାଦୀ ଓଡ଼ିଆ ସେ ସବୁକୁ ହାସୁହାସୁ କରି ହୁରାଡୁଛନ୍ତି, ପାଞ୍ଚଣ ଉଞ୍ଚେଇ ତଡୁଛନ୍ତି। କେଞ୍ଚି କୁଟେଇ କରି, ଚାପି ଚୁପୁଡ଼ି କରି ଓଡ଼ିଆ ଛାଞ୍ଚରେ ପକେଇ ସେ ସବୁଥିରୁ ଗୋଟାଏ ଗୋଟାଏ ବିକୃତ ବିକଟାଳ ଶବ୍ଦ ପ୍ରସବଉଛନ୍ତି; ଏଇ ଯେମିତି କମ୍ପ୍ୟୁଟରକୁ 'ସାଂକ୍ଷଣିକ', ଟାଇପ୍ କରିବାକୁ 'ଟଙ୍କଣ କରିବା', ନେଟ୍‌କୁ 'ନଭଜାଲ', ମୋବାଇଲ୍ ଫୋନ୍‌କୁ 'ଚଳଦୂରବାଣୀ' ଇତ୍ୟାଦି। ଆମ ମୌଳବାଦୀ ଖାଣ୍ଟିଓଡ଼ିଆ ବାବୁମାନେ ଯେତେ ବାଡ଼ଦେଇ, ବାଡ଼ି ପକେଇ ଜଗି ବସିଲେ

ବି ଅନ୍ୟ ଭାଷାର ଶବ୍ଦସବୁ ବାଡ଼ଡେଇଁ ପଶିବେ, ବାଡଭାଙ୍ଗି ଅନୁପ୍ରବେଶ କରିବେ ହିଁ କରିବେ। ଯାହା ସଂକ୍ଷିପ୍ତ, ସହଜ ଉଚ୍ଚାରଣୀୟ ତାହା ହିଁ ଲୋକସମୁଦାୟରେ ସହଜ ଗ୍ରହଣୀୟ ହେବ। ବିଜ୍ଞାନାଗାରରେ ବ୍ୟବହୃତ 'ଲିଭର୍ ଅଫ୍ ସଲ୍ଫର୍'କୁ ଯଦି ଆମେ ଖାଣ୍ଟି ଓଡ଼ିଆ କରି କହିବା "ଦହାତୁ ପ୍ରାଙ୍ଗାରୀୟ ଓ ଶୁଲ୍ବାରିର ଏକତ୍ର ତାପଜନିତ ରକ୍ତ ପିଙ୍ଗଳ ଉତ୍ପନ୍ନ ଦ୍ରବ୍ୟ" ତେବେ ଏହା ସହଜରେ ମନେ ରହିବ ତ?

ବର୍ତ୍ତମାନ ସରକାର ପ୍ରଯୁକ୍ତି ବିଜ୍ଞାନ, ଯନ୍ତ୍ର ବିଜ୍ଞାନ ଓ ଭେଷଜ ବିଜ୍ଞାନ ଆଦିକୁ ମାତୃଭାଷାରେ ଶିକ୍ଷା ଦେବାକୁ ଯୋଜନା କରୁଛନ୍ତି; ଯଦି ଏମିତି ମୌଳବାଦୀ ଓଡ଼ିଆ ପଣ୍ଡିତଙ୍କ ହାତରେ ଏହାର ପରିଭାଷା ପୁସ୍ତକ ପ୍ରସ୍ତୁତିର ଦାୟିତ୍ୱ ଦିଆଯାଏ ଏଇ ପଣ୍ଡିତମାନେ ଭାଷାଶାଳଗ୍ରାମକୁ ନଚେଇ ନଚେଇ ପ୍ରାଣନେବା ଥୟ। ଆମ ଭାଷାର ଭାଇଚାରାରେ ବସି ଯୋଉ ଶବ୍ଦସବୁ ମୁଣ୍ଡନୁଆଇଁ ଆମ ଓଡ଼ିଆତ୍ୱକୁ ଆଦରିନେବେ ସେପରି ଶବ୍ଦକୁ ଆମେ ଆମ ଭାଇଚାରାରେ ଗ୍ରହଣ କରିନେବା ହିଁ ବିଜ୍ଞତାର ପରିଚୟ। ଆମେ ଆଗରୁ ହାସ୍ପାତାଳ, ଲଣ୍ଠନ, ଗିଲାସ, ପେଏଣ୍ଟେ ଆଦି ଶବ୍ଦକୁ ଗ୍ରହଣ ଏମିତି ଗ୍ରହଣ କରିସାରିଛେ।

**ଆମ ପିଲାମାନଙ୍କର ମିଶ୍ରିତ ମାତୃଭାଷାରୁ ମିଳୁଥିବା ସଂକେତ ଓ ସୂଚନାରୁ ଏକଥା ସ୍ପଷ୍ଟ ଯେ ଆମ ମାତୃଭାଷା ଆମ ଭଳି ବୁଢ଼ାଗୁଡ଼ାଙ୍କ ଆକଟ ଆୟତ୍ତରେ ଆଉ ନାହିଁ।**

ବର୍ତ୍ତମାନ ଆମ ପିଲାମାନଙ୍କର ମିଶ୍ରିତ ମାତୃଭାଷାରୁ ମିଳୁଥିବା ସଂକେତ ଓ ସୂଚନାରୁ ଏକଥା ସ୍ପଷ୍ଟ ଯେ ଆମ ମାତୃଭାଷା ଆମ ଭଳି ବୁଢ଼ାଗୁଡ଼ାଙ୍କ ଆକଟ ଆୟତ୍ତରେ ଆଉ ନାହିଁ। ଆମ ଭଳି ବୁଢ଼ା ଗରାଖ ପରିବା କିଣିବାକୁ ଗଲେ ବାଇଗଣଗୁଡ଼ାକର ରୀତିମତ ଅଲଟ୍ରାସାଉଣ୍ଡ, ଏଣ୍ଡୋସ୍କୋପି କରି ପସରାଟାଯାକର ବାଇଗଣକୁ ଚିପିଚିପି କଇଁଥା କଲାପରେ ଅଧକିଲେ ବାଇଗଣ କିଣିବେ କି ନାହିଁ ସନ୍ଦେହ। ବେଶି ବାଛି ହେଉଥିବା ଆମ ଭଳି ନିକୁଟା ବୁଢ଼ାଗୁଡ଼ାଙ୍କ ଦେହି ଶାଗ ସିଝିବନି ଜାଣି ଆମ ଭାଷାଦେବୀ ଏନ୍ତୁଡ଼ିର ଶାଳରୁ ଆଦରି ନେଲେଣି ଆମ ଆଗାମୀ ପିଢ଼ିକୁ, ଯେଉଁମାନେ କି ମିଶ୍ରିତ ମାତୃଭାଷାକୁ ନେଇ ନୂଆ ଦୁନିଆ ଗଢ଼ିବେ।

□□

ଲେଖକଙ୍କ ଇ-ମେଲ ଠିକଣା:
baishnabamohanty@gmail.com



ଗଳ୍ପ

# ଦ୍ୱିତୀୟ ପକ୍ଷ



ଅନୀଲ କୁମାର ପାଢ଼ୀ

ମୋର ସେତେଯାଏ ବିଶ୍ୱାସ ନ ଥିଲା ଯେ ମୁଁ ମୋର ପରିପୂରକ। ବଡ ଅଜବ କଥା କହୁଥିଲେ ବାବାଜୀ ଯେ ଏକ ଶରୀର ଏକ ଆତ୍ମା ନୁହେଁ। ଏକ ଶରୀର ଏକ ଶରୀର ବି ନୁହେଁ। ଶରୀର ଭିତରେ ପାଂଚଟି ଶରୀର ଓ ପାଂଚଟି ଆତ୍ମା ଥାଏ।

ବାବାଜୀଂକୁ ସମସ୍ତେ ଆଢ଼ପାଗଳା ବୋଲି କୁହନ୍ତି ଓ ସେଥିପାଇଁ ତାଂକର ଚେଲା କେହି ବି ନ ଥାନ୍ତି। ସେ ଗାଁରୁ ଗାଁକୁ ବୁଲନ୍ତି, କିଛି ମାଗନ୍ତି ନାହିଁ। ଯିଏ ଯାହା ଦେଲା। କେହି କିଛି ନ ଦେଲେ ସେ ଗାଁ ପାଖ ଟାପୁକୁ ଲାଗି ତାଂକ କୁଡ଼ିଆକୁ ଫେରିଯାଆନ୍ତି। ତାଂକ ଆଚରଣରେ ସିନା ସେ ସୁସ୍ଥ, ହେଲେ ଉଚ୍ଚାରଣରେ ଭିନ୍ନ। ସେ କହୁଥିବା କଥା କୌଣସି ପୋଥି ପୁରାଣରେ ଥିବ କି ନା ସନ୍ଦେହ। କେଉଁଠୁ ସବୁ ଅଜବକଥା ଜୁଟେ ତାଂକ ମୁଣ୍ଡକୁ। ଲୋକେବି ତାଂକୁ ଥଟ୍ଟା କରନ୍ତି।



ଏଇ ଅଜବକଥା ଯୋଗୁଁ ହିଁ ମୁଁ ତାଂକର ଚେଲା ବନିବାକୁ ରାଜି ହୋଇଥିଲି। ମୋ ମୁଣ୍ଡରେ ବି ଅଜବ କଥାସବୁ ପଶୁଥିଲା। ଯଦି ଅନୁଭବରୁ, ମାନସ ଚକ୍ଷୁରେ ଦେଖିଲାପରେ ପୋଥିପୁରାଣ ସବୁ ଲେଖାଯାଇଛି, ତେବେ ମୁଁ ଯାହା ଏବେ ଦେଖୁଛି ତାହା ସତ କାହିଁକି ନ ହେବ! ମୁଁ ଦେଖୁଛି ଯେ ମୋ ପୃଥିବୀ ଏପଟେ ଓ ସେପଟେ ତାରା ନକ୍ଷତ୍ର ଡେଇଁ ଶୂନ୍ୟଶୂନ୍ୟ ମହାଶୂନ୍ୟ ପାରହେଲେ ଆଉ ଗୋଟେ ଅବିକଳ ଏଇ ପୃଥିବୀ ଅଛି। ଏ ଅନନ୍ତ ଆକାଶ, ଖଗୋଳୀୟ ପିଣ୍ଡସବୁ ମାତ୍ର ଦୁଇଟି ପୃଥିବୀ ଭିତରେ ଆବଦ୍ଧ।

ମୋର ଶିକ୍ଷାଦୀକ୍ଷା ବିଶେଷ ନାହିଁ। ମୁଁ ପୁରାଣ ଶାସ୍ତ୍ର ବି ପଢ଼ିନି। ଈଶ୍ୱର କିଏ ବୋଲି କେବଳ ଛବିରୁ ଦେଖିଛି ସିନା ଅନୁଭବ ହୋଇନାହିଁ। ମୋତେ କିନ୍ତୁ ଈଶ୍ୱରଂକ ବଦଳରେ କୁହାଯାଉଥିବା ତାଂକର ସଂରଚନା ବେଶି ଦିଶେ ଓ ତାହା ପୁଣି ଅଜବ ପ୍ରକାରର!

ବାପାମା' ଘରେ ପଢ଼ା ପାଇଁ ବାଧ୍ୟକଲେ। ମୁଁ ସ୍କୁଲ ତ ଗଲିନାହିଁ ଅପରନ୍ତୁ ଅଜବ କଥାମାନ କହିବା ଆରମ୍ଭ କଲି। ମୋର ଅଜବ ପ୍ରଶ୍ନର ଉତ୍ତର ଯେବେ ଦିଆଯାଇ ନ ପାରିଲା ସମସ୍ତେ ମୋତେ ପାଗଳା ବୋଲି ଧରିନେଲେ ଏବଂ ଦୈବକୁ ସେତେବେଳେ ବାବାଜୀଂକ ସହ ମୋର ସାକ୍ଷାତ ହୋଇଗଲା।

ମୋତେ ସେତେବେଳକୁ ତିରିଶବର୍ଷ ହେଲାଣି। ପାଗଳା ହୋଇଥିବାରୁ କନିଆ ମିଳିଲେନି। ବାବାଜୀଙ୍କ ପଛରେ ଚାଲୁଚାଲୁ ତାଂକର ଚେଲା ହେବା ହିଁ ନିୟତି ଥିଲା। କେବେକେବେ ଆମେ ଗାଁଠାରୁ ଅନେକଦୂର ଚାଲିଯାଉଥିଲୁ। ଚାଲିବା କଷ୍ଟରେ ରାତିରାତି ଉଜାଗର ରହିବାକୁ ପଡୁଥିଲା। ଆମେ କେବଳ ଚାଲୁଥିଲୁ, ନା ସେଠି ଲୋକବାକ ଆମକୁ ଜାଣିଥିଲେ, ନା, ବାବାଜୀ କେଉଁଠି ପ୍ରବଚନ ଦେଉଥିଲେ। ମୁଁ ପାଗଳାକୁ ସେ ଆଢ଼ପାଗଳା। ଏସବୁ କାରଣରହିତ କାର୍ଯ୍ୟ ସଂପର୍କରେ ଆମ ଭିତରେ ନା ଦ୍ୱନ୍ଦ୍ୱ ଥିଲା ନା ଥିଲା ତର୍କ। ବେଳେବେଳେ ବାବାଜୀ କୌଣସି ଛାଇ ଜାଗାରେ ବିଶ୍ରାମ ନେବାବେଳେ କହୁଥିଲେ, ତୁମେ ଜାଣକି ଯେ ମଣିଷ କି ଜୀବଜନ୍ତୁ, ସମସ୍ତେ ସବୁବେଳେ ଚାଲିଥାଆନ୍ତି। ଶୋଇଥିବା ଅବସ୍ଥାରେ, ବସିଥିବା ଅବସ୍ଥାରେ ଓ ଏମିତିକି ମରିଗଲା ପରେ ବି ଚାଲିବା ବନ୍ଦ ହୁଏନାହିଁ। ଏ ବିଶ୍ରାମ, ନିଦ ଓ ମୃତ୍ୟୁ କେବଳ ନ ଚାଲିବାର ଅଭିନୟ!

ମୋର ଯୁକ୍ତି ନ ଥାଏ, ଯେହେତୁ ମୁଁ ପାଗଳା! ସୁସ୍ଥ ମଣିଷମାନଙ୍କ ପାଖରେ ବିଜ୍ଞାନ ଥାଏ, ତର୍କ ଥାଏ। ମୁଁ ଅଜ୍ଞାନ! ଅଧମ!

ବାବାଜୀ କହନ୍ତି, ଆତ୍ମାର ସଂଖ୍ୟା ପାଂଚ। ଶରୀରର ସଂଖ୍ୟା ପାଞ୍ଚ! ଏକ ଭିତରେ ଅନେକ। ବାୟୁ, ଜଳ, ନିଆଁ, ଆକାଶ ଆଉ ମାଟି, ପ୍ରତ୍ୟେକର ଗୋଟେଗୋଟେ ଶରୀର ଥାଏ ଏଇ

ଶରୀରରେ ଆଉ ଅଲଗାଅଲଗା ଆତ୍ମା ଥାଏ। ସଭିଏଁ ମିଶି ଏକ ଶରୀର ଆଉ ଏକ ଆତ୍ମା ହୁଅନ୍ତି।

ମୁଁ ପାଗଳା ପଚାରେ, ବାବାଜୀ! ମୋ ଭିତରେ ପାଂଚଟା 'ମୁଁ' ଅଛନ୍ତି! ମୁଁ ଏକ ନୁହେଁ!

ସେ କୁହନ୍ତି, ନା ରେ ପାଗଳା। କେହି ଏକ ନୁହେଁ। ସବୁ ଅନେକ!

ସେଇଠୁ! ମୁଁ ପଚାରେ!

ସେଇଠୁ ମୁଁ ଜାଣୁଛି ଯେ କୌଣସି ନା କୌଣସି ଶରୀର, ଯୋଉ ତତ୍ତ୍ୱରୁ ବି ହଉ, ସବୁବେଳେ ଚାଲିଥାଏ! ଏଇ ଦେଖ ତୋର ନିଃଶ୍ୱାସ ନେବା ଛାଡିବା! ବାବାଜୀ ବୁଝାନ୍ତି।

ଆମେ ପୁଣି ଚାଲିବା ଆରମ୍ଭକରୁ।

ମୁଁ କିଛି ଘଣ୍ଟାପରେ ଥକିପଡେ। ମନହୁଏ ବସିଯିବାକୁ ଦଣ୍ଡିଏ। ବାବାଜୀ ପଛକୁ ଚାହିଁ କୁହନ୍ତି, ଏବେ ମାଟି ଆଉ ବାୟୁର ଶରୀରରେ ନୁହେଁ, ଆକାଶ ଶରୀରରେ ଚାଲ୍। ଥକା ଲାଗିବନି। ଦେଖ୍, ଆକାଶ କେଡ଼େ ବଡ଼!

**ବାବାଜୀ ପଛକୁ ଚାହିଁ କୁହନ୍ତି, ଏବେ ମାଟି ଆଉ ବାୟୁର ଶରୀରରେ ନୁହେଁ, ଆକାଶ ଶରୀରରେ ଚାଲ୍। ଥକା ଲାଗିବନି।**

କଣ୍ କରିବି ବାବାଜୀ! ମୁଁ ମୂର୍ଖ ପଚାରେ।

କେବଳ ଭାବ ଯେ ତୋର ହାତଗୋଡ଼, ଶରୀର - ସବୁ ଆକାଶ! ବାବାଜୀ ଚାଲୁଚାଲୁ କୁହନ୍ତି।

ମୋର ଶରୀର ଆକାଶ ହୁଏ କି ନା ମୁଁ ଜାଣେନା, ହେଲେ, କିଛି ସମୟ ପରେ ମୋତେ ଆଉ କ୍ଲାନ୍ତି ଲାଗେନା।

ମୁଁ ଯେ ପାଗଳା, କାହୁଁ ବୁଝିବି ଏ ରହସ୍ୟ!

ଆମେ କେବଳ ଚାଲୁ ଓ ଗଭୀର ରାତିରେ ଏଇ ତଥାକଥିତ ଔପଚାରିକ ଚାଲିବାର ଅନ୍ତହୁଏ। କେବେ ଘରକୁ ଫେରିହୁଏ ତ କେବେ କୋଉ ଗଛତଳେ, ପିଣ୍ଡାରେ ଆଶ୍ରା ନେବାକୁ ପଡ଼େ। ଖାଇବାକୁ ମିଳିଲା ତ ଠିକ୍ ନ ହେଲେ ଜଳାହାର କରି ରହିବାକୁ ପଡେ। ଋତୁମାନେ ଆସନ୍ତି ଯାଆନ୍ତି। ଆମର ଦେହ ଫୁଙ୍ଗୁଳା। ପରିଧାନ କେବଳ କଉପୀନ। ଫୁଙ୍ଗୁଳା ଦେହ ଖରା, ବର୍ଷା ଓ ଶୀତ ସହେ। କେଶ ଜଟା ବନିଯାଏ। ଶ୍ମଶ୍ରୁ ଅଯନ୍ ବର୍ଦ୍ଧିତ ହୋଇଯାଏ। ବାବାଜୀଂକର ନା କିଛି ହରେଇବାକୁ ଥାଏ ନା କିଛି ପାଇବାକୁ। ନା କିଛି ଶୁଣିବାକୁ ଥାଏ ନା କହିବାକୁ। ଆଉ ସହଜେ ମୁଁ ତ ପାଗଳା। କେବଳ ଅନୁକରଣ କରିପାରେ। ଭୁଲଠିକ୍‌ର ସଂଜ୍ଞା ମୋତେ ବା କଅଣ ଜଣା!

ବାବାଜୀ ସେଥର କଥାଟି ମୋତେ ବୁଝେଇଲେ। କହିଲେ, "ଆଜ ଦେଖିବା ତୋ ଭିତରେ ଦୁଇଟା 'ତୁ' ପରସ୍ପର ବିରୋଧୀ ଅଛ କି ନାହିଁ! ଦେଖିବୁ!"

ଯାଦୁବିଦ୍ୟା ଦେଖିବାକୁ କାହାର ଇଚ୍ଛା ନ ଥାଏ!

ବାବାଜୀ କହିଲେ, ରାସ୍ତାରେ ମୋତେ କିଛି ବି ପଚାରିବୁ ନାହିଁ। ଚୁପଚାପ୍ ଚାଲିବୁ।

ଆମେ ସକାଳ ସାତଟାରୁ ଚାଲିବା ଆରମ୍ଭ କଲୁ। ଯାତ୍ରା ଆମର ଗାଁ ବୃନ୍ଦାବନ ଯାଏ। ଏ ଗାଁର ନାଁ ମୁଁ ଶୁଣି ନ ଥିଲି କି ଏ ଅଂଚଳକୁ ଆସି ନ ଥିଲି।

ଯାତ୍ରା ଆରମ୍ଭର ପ୍ରାୟ ଚାରିଘଣ୍ଟା ବିତିଗଲା।

ପାଦ ଥକିଯାଆନ୍ତେ ମୁଁ ଭିନ୍ନଭିନ୍ନ ଶରୀରରେ ପ୍ରବେଶ କରୁଥିଲି।

ତେବେ, ରାସ୍ତାରେ ବାବାଜୀ ଓ ମୁଁ ଦୁହେଁ ଥିଲେ ବି ବାବାଜୀ ଜଣେ ତୃତୀୟ ଲୋକ ସହ କଥା ହେଉଥିଲେ। ଆଶ୍ଚର୍ଯ୍ୟର କଥା ଯେଉଁକଥା ମୁଁ ବାବାଜୀଙ୍କୁ ପଚାରିବାକୁ ଚାହୁଁଥିଲି ସେହି ତୃତୀୟ ଲୋକ ବି ସେହି ପ୍ରଶ୍ନ କରୁଥିଲା ବୋଧେ!

ଆଉ କେତେଦୂର ବୃନ୍ଦାବନ!

ବାବାଜୀ କହୁଥିଲେ, ଆଉ ମୋଟେ ଦି'ମାଇଲ୍!

ପୁଣି ଆମେ ଚାଲୁଥିଲୁ।

ମୁଁ ଆକାଶ ତତ୍ତ୍ୱରେ ବିବର୍ତ୍ତିତ ହୋଇଯାଇ ଥକୁ ନ ଥିଲା ବେଳେ ମୋ ଭିତରେ ଅନ୍ୟ ଏକ ତତ୍ତ୍ୱ ମୋତେ ପଛକୁ ଟାଣୁଥିଲା ଯେମିତି! କହୁଥିଲା ଦୁଇମାଇଲ୍ କହିକହି ବାବାଜୀ ଦଶମାଇଲ୍ ଚଲେଇଲେଣି! ପାଗଳା!

ମୁଁ ପାଗଳା ଥିଲି, ସେ ନ ଥିଲା।

ମୁଁ ନିର୍ବୋଧ ଥିଲି ଓ ସେ ବୁଦ୍ଧିମାନ!


ସେ କଣ ମୋର ପରିପୂରକ, ଦ୍ୱିତୀୟ ପକ୍ଷ!!

ଆମେ ଚାଲୁଥିଲୁ ଓ ବୃନ୍ଦାବନ ଆସୁ ନ ଥିଲା। ବାବାଜୀ ବାଟଚଲା ଲୋକମାନଂକୁ ପଚାରୁଥିଲେ, ବୃନ୍ଦାବନ ଆଉ କେତେ ଦୂର!

ଏଇମ! ଏଇ ଆଗରେ, ଦି'କୋଶ ଦୂର ହେବ!

ଆମେ କୋଶକୋଶ ଅତିକ୍ରମ କଲାପରେ ଦ୍ୱିତୀୟପକ୍ଷ ପୁଣି ବିଭ୍ରାନ୍ତି ଆଣୁଥିଲା! ମୁଁ ରହିଲି, ତମେ ଯାଅ!

ବାବାଜୀ କହୁଥିଲେ, ଏଇତ ଆଗରେ! ସେ ବାଟଚଲା ଲୋକଂକୁ ପଚାରୁଥିଲେ, ବୃନ୍ଦାବନ କେତେଦୂର! ଉତ୍ତର ମିଳୁଥିଲା, ଏଇ ତ ପାଖରେ। ଡାକେ ବାଟ।



ମୁଁ ବାବାଜୀଙ୍କ ବାମପଟେ ହଠାତ୍ ଦ୍ୱିତୀୟପକ୍ଷକୁ ଦେଖିପାରିଲି ଯେମିତି। ଗୋଟେ ଛାଇ ତ! ଖାଲି ମନସ୍ତାପ, ଯନ୍ତ୍ରଣା ଆଉ ନା, ନା ରେ ଭର୍ତ୍ତି।

ମୁଁ ହଁ, ହଁ!

ପେଟରେ ଖୁଦକଣିକାଟିଏ ପଡି ନ ଥାଏ। ବେଳ ରତରତ। ଏବଂ, ମୋର ଚୁପ୍ ରହିବାର ସବୁ ଚେଷ୍ଟା ସତ୍ତ୍ୱେ ପ୍ରଶ୍ନଟିଏ ବାହାରି ଆସିଲା, ବାବାଜୀ! ବୃନ୍ଦାବନ କେତେଦୂର!

ବାବାଜୀ ରାସ୍ତା ଉପରେ ବସିପଡି କହିଲେ, ତୁ ଚୁପ୍ ରହିପାରିଲୁନି! ଏଇଠୁ ଚାଲିବା ବନ୍ଦ।

ମୁଁ ଦୋଷୀଦୋଷୀ ଅନୁଭବ କଲି।

ଦେଖିଲୁ ତ ତୋର ପରିପୂରକ ଦ୍ୱିତୀୟ ପକ୍ଷର ତୋ ଉପରେ ପ୍ରଭାବ! ବଡ଼ବଡ଼ ସିଦ୍ଧ ମୁନିରଷିମାନଙ୍କୁ ଏଇ ଦ୍ୱିତୀୟପକ୍ଷ ହିଁ ପଛକୁ ଟାଣିଆଣେ! ଆରେ ପାଗଳା! ସତରେ କ'ଣ ବୃନ୍ଦାବନ ଅଛି!

ମୁଁ ପାଗଳା। ହତବାକ୍ ହେବି।

ବାବୁରେ! ବାବାଜୀ ମୋ ପିଠି ଥାପୁଡ଼େଇ କହିଲେ, ସଂସାରରେ ସାଧନାର ଅର୍ଥ ହେଲା ଏହି ଦ୍ୱିତୀୟ ପକ୍ଷର ପରିପୂରକତ୍ୱକୁ ରୂପାନ୍ତରିତ କରେଇବା।

ବାବାଜୀ ହସିଲେ। ମୁଁ ହସିଲି। ମୋତେ ଲାଗୁଥିଲା ଏଇଠି ତ ବୃନ୍ଦାବନ। ସଂଧ୍ୟାର ଆଗମନରେ ଦ୍ୱିତୀୟପକ୍ଷ ଆଉ ଦୃଶ୍ୟମାନ ହେଉ ନ ଥିଲା!!

□□

ଲେଖକଙ୍କ ଇ-ମେଲ ଠିକଣା:
anilparhi@gmail.com

'ସାହିତ୍ୟ ଚର୍ଚ୍ଚା'ର ଏକ ଅନବଦ୍ୟ ପ୍ରକାଶନ

## ଅନ୍ତରଙ୍ଗ ଆଳାପ


ବାରଜଣ ବିଶିଷ୍ଟ ସାରସ୍ୱତ ସ୍ରଷ୍ଟାଙ୍କ ସହିତ ସାକ୍ଷାତକାର

- ଅଚ୍ୟୁତାନନ୍ଦ ପତି
- ସାତକଡ଼ି ହୋତା
- ଶାନ୍ତନୁ କୁମାର ଆଚାର୍ଯ୍ୟ
- ଶ୍ରୀନିବାସ ଉଦଗାତା
- ବିଭୂତି ପଟ୍ଟନାୟକ
- ହରିହର ମିଶ୍ର
- ବୈଷ୍ଣବ ଚରଣ ସାମଲ
- ପ୍ରତିଭା ଶତପଥୀ
- ହର ପରିଚ୍ଛା ପଟ୍ଟନାୟକ
- ଦାଶ ବେନହୁର
- ହୃଷୀକେଶ ମଲ୍ଲିକ
- ସରୋଜିନୀ ସାହୁ

ମୂଲ୍ୟ: ଟ.୧୨୦/-

ପ୍ରାପ୍ତିସ୍ଥାନ :

amazon Flipkart meesho




'Google Play Books' ରେ ମଧ୍ୟ ଏହା ଏକ ଇ-ବୁକ୍ ଆକାରରେ ଉପଲବ୍ଧ।




କବିତା


ଚଉପଦୀ :

# ପ୍ରୀତି ବରଷାଧାର


ଡ. ଗୋପାଳ କୃଷ୍ଣ ଆଚାର୍ଯ୍ୟ



ଯେ ପ୍ରୀତି ବରଷାଧାର
ସେ ସାନ୍ଦ୍ରଧାରରେ ଅତି ଆନନ୍ଦରେ
ଭିଜୁଥିଲେ ବାରବାର। ।୦।



ହୃଦ କେଦାରରେ ଯେ ପୀରତି ମଂଜି ବୁଣି ଦେଉଥିଲେ ଦୁହେଁ
କୋମଳ ପଲ୍ଲବ ପତରେ ଫୁଲରେ ଆମ ଆଡ଼େ ସିଏ ଚାହେଁ।
ଦୁଇଟି ପ୍ରାଣୀଙ୍କୁ ସମୟର ଝଡ଼ କରିଦେଲା ସିନା ଦୂର
ଏକଲା ଜୀବନେ ବୁଝି ପାରେନାହିଁ ସମୟର କାରବାର ।୧।
ଯେ ପ୍ରୀତି ବରଷା ଧାର।



ଜୀବନ ନାଟକେ ପ୍ରୀତି ଅନ୍ତଃସ୍ୱର ନାଇଁ ଯା'ର ଯବନିକା
ପୀରତି ପିଚ୍ଛିଳ ପଥରେ ଚାଲିବା ଯନ୍ତ୍ରଣା ଅନାମିକା
ଅସରା କାହାଣୀ ଲାଜୁକୀ ଚାହାଣି କରେ ବାରେ କଲ ବଲ
ପ୍ରୀତି ସଂଭାଷଣ, ମାନ ଅଭିମାନ ପରାଜୟେ ଜୟ ସାର ।୨।
ଯେ ପ୍ରୀତି ବରଷା ଧାର।



ସମୟ ଗଡଇ ବଅସ ବଢଇ ଯଉବନ ଯାଏ ଝଡି
ସମରଥ ପଣ ଅପସରି ଯାଏ ସାହା ପ୍ରେମ-ଆଶାବାଡି
କିଏ ଏଠି ସୁଖୀ, କିଏ ଏଠି ଦୁଃଖୀ ସମୟର ସବୁ ଖେଳ
ସମୟ ଏମିତି ଯାଦୁକରଟିଏ ଜାଣେ ସବୁ କଉଶଳ ।୩।
ଯେ ପ୍ରୀତି ବରଷା ଧାର।



ଆଶା ନିରାଶାର ଲୁଚୁକାଳି ଖେଳ କ୍ଷଣୁକ୍ଷଣ ଥାଏ ଚାଲି
ଭାବି ବି ପାରେନା ଚିନ୍ତି ବି ପାରେନା କିସ ସଂବୋଧିବି ବୋଲି
ଜିଇବା ଦି'ଦିନ ହେଲେ ବି ଦୁର୍ଦ୍ଦିନ ପୀରତି ଶାନ୍ତି ଅପାର
ଭଣଇ ଗୋପାଳ ଧନ୍ୟ ତା' କପାଳ ଗଳେ ଯାର ପ୍ରୀତି ହାର। ୪।
ଯେ ପ୍ରୀତି ବରଷା ଧାର।

□□

ଲେଖକଙ୍କ ଇ-ମେଲ ଠିକଣା:
gacharyalulu@gmail.com

ପ୍ରବନ୍ଧ

# ଶ୍ରୀଗୀତଗୋବିନ୍ଦର ପଦ୍ମାବତୀ - ଏକ ଆଲୋଚନା



ଡ. ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ

ଶ୍ରୀ ଜୟଦେବଙ୍କ ବିରଚିତ ଶ୍ରୀ ଗୀତଗୋବିନ୍ଦର ନାୟିକା ପଦ୍ମାବତୀଙ୍କ ସମ୍ପର୍କରେ ବିଭିନ୍ନ ଆଲୋଚକଙ୍କ ମଧ୍ୟରେ ବିବିଧ ମତ ପ୍ରକାଶ ପାଏ। ଏହାର ସମ୍ୟକ ବିବେଚନା ଏହି ପ୍ରବନ୍ଧର ଉଦ୍ଦେଶ୍ୟ।

ଶ୍ରୀଗୀତଗୋବିନ୍ଦର ପ୍ରଥମ ସର୍ଗ ଦ୍ୱିତୀୟ ଶ୍ଳୋକରେ ବର୍ଣ୍ଣନା ଅଛି:-

*ବାଗ୍‌ଦେବତାଚରିତଚିତ୍ରିତଚିତ୍ତସଦ୍ମା*
*ପଦ୍ମାବତୀଚରଣଚାରଣଚକ୍ରବର୍ତ୍ତୀ।*
*ଶ୍ରୀବାସୁଦେବରତିକେଳିକଥାସମେତ-*
*ମେତଂ କରୋତି ଜୟଦେବକବିଃ ପ୍ରବନ୍ଧମ୍॥*




ବାଗ୍‌ଦେବତା (ସରସ୍ୱତୀ)ଙ୍କ କଥା ତାଙ୍କ ହୃଦୟରେ ସର୍ବଦା ପରିସ୍ଫୁଟିତ ହେଉଛି ଓ ତାଙ୍କ ଯୁଗଳ ପାଦପଦ୍ମର ମହିମା ପ୍ରଚାର ଓ ପ୍ରସାରର ସେ (ଜୟଦେବ) ହିଁ ପ୍ରମୁଖ ବ୍ୟକ୍ତି। ଶ୍ରୀବାସୁଦେବଙ୍କ ରତିକେଳି କଥା ସେ (ଶ୍ରୀଜୟଦେବ) ତାଙ୍କର ଏହି ଶ୍ଳୋକରେ ବର୍ଣ୍ଣନା କରିଛନ୍ତି। ଅଷ୍ଟମ ଶତାବ୍ଦୀରେ ରଚିତ ପଦ୍ମ ପୁରାଣ, ପାତାଳ ଖଣ୍ଡରେ "ଚାରଣ" ଶବ୍ଦ ସମ୍ପର୍କରେ କୁହାଯାଇଛି- ଯେ ନିଜକୁ ଭଗବାନ୍‌ଙ୍କ ନିକଟରେ ସମର୍ପିତ କରିଥାଏ। ଶବ୍ଦ କଳ୍ପଦ୍ରୁମ (ପୃଷ୍ଠା-୮୮୮)ରେ ଗନ୍ଧର୍ବ, ବିଦ୍ୟାଧର ଓ ଦେବତାମାନଙ୍କୁ ଚାରଣ ଅର୍ଥରେ ଗ୍ରହଣ କରାଯାଇଛି। - ଶ୍ରୀମଦ୍‌ଭାଗବତ (୪/୧୬/୧୨)ରେ ବର୍ଣ୍ଣିତ ଅଛି ଯେ ବାୟୁ ଆତ୍ମାର ସମ୍ପର୍କ ଭଳି ଜୀବଜଗତର ସମସ୍ତ କର୍ମ ଚାରଣମାନଙ୍କ ଦ୍ୱାରା ନିରୀକ୍ଷଣ କରାଯାଇଥାଏ। ଚାରଣ ଶବ୍ଦକୁ ଭୃତ୍ୟ, ପ୍ରଚାରକ, ସ୍ତୁତିକାରକ ଓ ଭାଟ ଭାବରେ ମଧ୍ୟ ଗ୍ରହଣ କରାଯାଏ। ଯଦି ଏପରି, ତେବେ ଶ୍ରୀଜୟଦେବ ପଦ୍ମାବତୀ (ଲକ୍ଷ୍ମୀ)ଙ୍କର ଚରଣ ଚାରଣଚକ୍ରବର୍ତ୍ତୀ, ଅର୍ଥାତ୍ ଚରଣ ସେବକମାନଙ୍କର ମୁଖ୍ୟ ବା ତାଙ୍କ ଚରଣ ମାହାତ୍ମ୍ୟ ପ୍ରଚାରକ ଗୋଷ୍ଠୀର ପ୍ରମୁଖ ଭକ୍ତ ରୂପେ ଗ୍ରହଣୀୟ।

ପ୍ରଥମ ସର୍ଗ ଷଷ୍ଠ ଶ୍ଳୋକରେ ବର୍ଣ୍ଣନା ଅଛି-

*ପଦ୍ମାପୟୋଧରତଟୀପରିରମ୍ଭଲଗ୍ନ-*
*କାଶ୍ମୀରମୁଦ୍ରିତମୁରୋ ମଧୁସୂଦନସ୍ୟ।*

ଏଥିରେ ପଦ୍ମାଙ୍କର ସ୍ତନରେ ଚିତ୍ରିତ ସୁବାସିତ କୁଙ୍କୁମର ଲେପ, ମଧୁସୂଦନ ତାଙ୍କୁ (ପଦ୍ମା ବା ଲକ୍ଷ୍ମୀ) ଆଲିଙ୍ଗନ କଲାବେଳେ ଶ୍ରୀଅଙ୍ଗରେ ଲାଗିଯାଉଥିବାର ବର୍ଣ୍ଣନା କରାଯାଇଛି।

### ଲକ୍ଷ୍ମୀରୂପରେ ପଦ୍ମାବତୀ

ଏଠାରେ ପଦ୍ମାବତୀଙ୍କୁ ଲକ୍ଷ୍ମୀ ଅର୍ଥରେ ଗ୍ରହଣ କରାଯାଇଛି। କେନ୍ଦୁବିଲ୍ୱ ଗ୍ରାମର ପୂର୍ବଦିଗକୁ ପ୍ରାୟ ୭ କିଲୋମିଟର ଦୂର ପ୍ରାଚୀନଦୀ କୂଳ ଚୌରାଶୀ ଗ୍ରାମରେ ଥିବା ଲକ୍ଷ୍ମୀନାରାୟଣଙ୍କର ବିଗ୍ରହ ବିଦ୍ୟମାନ। ଏହି ମୂର୍ତ୍ତି ସହିତ ପ୍ରସ୍ତରର ଉଚ୍ଚତା ୭' ୭" ଓ ସେଥିରେ ଥିବା ମୂର୍ତ୍ତିଟି ୫ ଫୁଟ ଉଚ୍ଚ, ୨ ଫୁଟ ଚଉଡ଼ା ଓ ମୋଟେଇ ୧ ଫୁଟ। ସେହିଭଳି ଅନ୍ୟ ଏକ ବିଗ୍ରହ ମାଧବ ଗ୍ରାମ ନିକଟସ୍ଥ ପ୍ରାଚୀନଦୀ କୂଳରେ ଅବସ୍ଥିତ କଳା ପାଞ୍ଚଣଠାରେ ରହିଛି। ଏହା ଆନୁମାନିକ ଦଶମ-ଏକାଦଶ ଶତାବ୍ଦୀରେ ନିର୍ମିତ ବିଗ୍ରହ ହୋଇଥାଇପାରେ। ଏହି ବିଗ୍ରହଦ୍ୱୟ ଶ୍ରୀଗୀତଗୋବିନ୍ଦର ବର୍ଣ୍ଣନା ସହ ସମ୍ପୂର୍ଣ୍ଣ ମିଶିଯାଉଛି। ପୂର୍ବୋକ୍ତ ମୂର୍ତ୍ତି ବ୍ୟତୀତ କଟକ ସଦରଥାନା ଅନ୍ତର୍ଗତ ପ୍ରତାପନଗରୀ ନିକଟସ୍ଥ ଭାଣପୁର (ଗଙ୍ଗସମ୍ରାଟ୍ ଭାନୁଦେବଙ୍କ ନାମରେ ପ୍ରତିଷ୍ଠିତ) ଓ ଭୁବନେଶ୍ୱର ଲିଙ୍ଗରାଜ ମନ୍ଦିରର ଉତ୍ତରପାର୍ଶ୍ୱ କାନ୍ଥରେ ମଧ୍ୟ ରହିଛି ସେହିଭଳି ବିଗ୍ରହ। ଓଡ଼ିଶାରେ ଅନ୍ୟତ୍ର ସେପରି ବିଗ୍ରହ ରହିଥିବାର ବର୍ତ୍ତମାନ ପର୍ଯ୍ୟନ୍ତ ଦୃଷ୍ଟିକୁ ଆସିନାହିଁ।

ଦଶମ ସର୍ଗ, ଊନବିଂଶ ପ୍ରବନ୍ଧର ଅଷ୍ଟମ ପଦରେ ଅଛି-

*ଜୟତି ପଦ୍ମାବତୀରମଣଜୟଦେବକବି-*
*ଭାରତୀଭଣିତମିତି ଗୀତମ୍।*

ଏହି ପଦରେ "ରମଣ" ଶବ୍ଦର ପ୍ରୟୋଗ ହେତୁ ପଦ୍ମାବତୀଙ୍କୁ ଶ୍ରୀଜୟଦେବଙ୍କ ସ୍ତ୍ରୀ ଭାବରେ ଶ୍ରୀଗୀତଗୋବିନ୍ଦର କେତେକ ବ୍ୟାଖ୍ୟାକାର ଗ୍ରହଣ କରିନେଇଛନ୍ତି। "ରମଣ" ଶବ୍ଦ ସଂସ୍କୃତ *"ରମୁ କ୍ରୀଡାୟାଂ"*ରୁ ଆସିଥିବାରୁ ଏପରି ଅର୍ଥ ହୋଇଛି। ମାତ୍ର ଅନ୍ୟ ଅର୍ଥରେ ଶ୍ରୀଜୟଦେବ ପଦ୍ମାବତୀଙ୍କର ପରମ ଭକ୍ତ ଓ ତାଙ୍କରି ମାହାତ୍ମ୍ୟ କଥା ସର୍ବଦା ମନ ମଧ୍ୟରେ ଚିନ୍ତା କରୁଥିବାରୁ ଏପରି ଶବ୍ଦକୁ "ଆତ୍ମ ରମଣ" ଅର୍ଥରେ ଗ୍ରହଣ କରାଯିବାର ମଧ୍ୟ ଯୁକ୍ତି ରହିଛି। କାରଣ ଉପର ବର୍ଣ୍ଣିତ ପଦ୍ମାବତୀ ଶବ୍ଦଦ୍ୱୟ ଲକ୍ଷ୍ମୀ ଅର୍ଥରେ ଗ୍ରହଣ କରାଯାଇଥିବା ବେଳେ ଏହି "ପଦ୍ମାବତୀ ରମଣ" ଶବ୍ଦ ତାହାର ବ୍ୟତିକ୍ରମ ହୋଇ ନ ପାରେ। ତେବେ ଷୋଡ଼ଶ ଶତାବ୍ଦୀର ବ୍ୟାଖ୍ୟାକାର ରାଣାକୁମ୍ଭ ନିଜ ରସିକପ୍ରିୟା ଟୀକାରେ ଏହି ପଦକୁ ଆଦୌ ଗ୍ରହଣ କରିନାହାନ୍ତି। ସେହି ଷୋଡ଼ଶ ଶତାବ୍ଦୀର କବି ବନମାଳୀ ଭଟ୍ଟ ଶ୍ରୀଗୀତଗୋବିନ୍ଦର ସଞ୍ଜୀବନୀ ଟୀକାରେ ଏହି ପଦ ସ୍ଥାନରେ *"ଜୟତି ଜୟଦେବ କବି ଭାରତୀ ଭଣିତମିତି"* ଉଲ୍ଲେଖ କରିଛନ୍ତି (ସଂଜୀବନୀ ଟୀକା, ପ୍ରକାଶକ : ଆନ୍ଧ୍ର ସାହିତ୍ୟ ଏକାଡେମୀ)। ତେବେ ଏଥିରୁ ଜଣାଯାଏ ଯେ ଏହି "ପଦ୍ମାବତୀ ରମଣ" ଶବ୍ଦଟି ସର୍ବତ୍ର ଆଦୌ ଗୃହୀତ ହୋଇନାହିଁ। ପଦ୍ମାବତୀ ଶ୍ରୀଜୟଦେବଙ୍କର ପତ୍ନୀ ଥିବାର କିଂବଦନ୍ତୀ ପ୍ରଚଳିତ ଅଛି। ମାତ୍ର ଏହାର କୌଣସି ଐତିହାସିକ ଭିତ୍ତିଭୂମି ନାହିଁ। ଯଦି ବ୍ୟାଖ୍ୟାକାର ପଦ୍ମାବତୀଙ୍କୁ ପତ୍ନୀ ଭାବେ ଗ୍ରହଣ କରିଥାନ୍ତି ତେବେ ତାହା ତାଙ୍କର ସ୍ୱମତ।

ପୁଣି ଏକାଦଶ ସର୍ଗ, ଏକବିଂଶ ପ୍ରବନ୍ଧର ଅଷ୍ଟମ ପଦରେ ବର୍ଣ୍ଣନା ଅଛି–

*"ବିହିତପଦ୍ମାବତୀସୁଖସମାଜେ।*
*କୁରୁ ମୁରାରେ ! ମଙ୍ଗଳଶତାନି*
*ଭଣତି ଜୟଦେବକବିରାଜରାଜେ"।*

ପଦ୍ମାବତୀଙ୍କଦ୍ୱାରା ପ୍ରତିଷ୍ଠିତ ସୁଖ ସମାଜ ଅର୍ଥାତ୍ ପଦ୍ମାବତୀଙ୍କୁ ଆଶ୍ରୟ ବା ଆରାଧନା କରି ଯେଉଁ ସମାଜ ସୁଖର ଅଧିକାରୀ ହୋଇପାରିଛି, ହେ ମୁରାରି ! ସେମାନଙ୍କର ମଙ୍ଗଳ କରନ୍ତୁ। ଏହି ପଦକୁ ନେଇ କେତେକ ବ୍ୟାଖ୍ୟାକାର ପଦ୍ମାବତୀଙ୍କୁ ଜୟଦେବଙ୍କ ପତ୍ନୀ ଭାବେ ଗ୍ରହଣ କରିଛନ୍ତି। ସମାଜ କହିଲେ ଲୋକ ସମଷ୍ଟି ବା ସମ୍ପ୍ରଦାୟକୁ ବୁଝାଯାଏ। ତେଣୁ କେନ୍ଦୁବିଲ୍ୱବାସୀ ବା ସେଠାର ଜନସମାଜ ପଦ୍ମାବତୀଙ୍କୁ ଆରାଧନା କରି ସୁଖରେ ଥିବାରୁ କବିପଣ୍ଡିତ ଶ୍ରୀଜୟଦେବ ତାଙ୍କ ଆରାଧ୍ୟ ଶ୍ରୀକୃଷ୍ଣ(ମୁରାରି)ଙ୍କୁ ସେମାନଙ୍କର (କେନ୍ଦୁବିଲ୍ୱବାସୀ) ଶତ ମଙ୍ଗଳ ବିଧାନ କରିବାକୁ ପ୍ରାର୍ଥନା କରିଛନ୍ତି।

**ଐତିହାସିକ ଯୁକ୍ତି**

ତେଣୁ ପଦ୍ମାବତୀଙ୍କୁ ଏଠାରେ ଲକ୍ଷ୍ମୀ ଅର୍ଥରେ ଗ୍ରହଣ କରିବାରେ ବଳିଷ୍ଠ ଐତିହାସିକ ଯୁକ୍ତି ରହିଛି। ରସିକପ୍ରିୟା ଟୀକାରେ ପଦ୍ମାବତୀ ଶବ୍ଦକୁ ଲକ୍ଷ୍ମୀ ଅର୍ଥରେ ନିଆଯାଇଛି। "ବିହିତ ପଦ୍ମାବତୀ ସୁଖ ସମାଜେ" ପଦର ଟୀକାରେ ଟୀକାକାର ରାଣାକୁମ୍ଭ (ଖ୍ରୀ.ଅ. ୧୪୬୦) ଅର୍ଥ କରିଛନ୍ତି– *"ବିହିତଂ କୃତଂ ପଦ୍ମାବତ୍ୟା ଲକ୍ଷ୍ମ୍ୟାଃ ସୁଖଂ ସମାଜଂ ସ୍ଥାନଂ ପ୍ରସାଦୋ ଯେନ। ତିନ୍ଦୁବିଲ୍ୱେ ଜୟଦେବକାରିତୋ ମହାଲକ୍ଷ୍ମ୍ୟାଃ ପ୍ରାସାଦୋଦ୍ଧସ୍ତୀତି ପ୍ରସିଦ୍ଧଃ। ଲକ୍ଷ୍ମୀଭକ୍ତ୍ୟା ହରିସ୍ତୁଷ୍ୟତୀତି"*। ଅର୍ଥାତ୍ କବିଙ୍କ ଜନ୍ମସ୍ଥାନରେ ପଦ୍ମାବତୀ(ଲକ୍ଷ୍ମୀ)ଙ୍କ ମନ୍ଦିର ଅଛି ଓ କବି ନିଜେ ଲକ୍ଷ୍ମୀଙ୍କଠାରେ ଭକ୍ତି କରି ହରିତୋଷଣ କରିଛନ୍ତି। ମାତ୍ର ରସମଞ୍ଜରୀ ଟୀକାର ପ୍ରଣେତା ଶଙ୍କର ମିଶ୍ର (ଖ୍ରୀ.ଅ. ୧୫୬୦)ଙ୍କ ଟୀକାରେ ଉଲ୍ଲେଖ ଅଛି– *"ବିହିତଃ ପଦ୍ମାବତ୍ୟାଃ ସୁଖ-ସମାଜଃ ସୁଖସମୂହୋ ଯେନ ତାଦୃଶେ। ଏତେନ ସ୍ୱସ୍ତ୍ରୀତତ୍ପରତ୍ୱକଥନେନ ପରସ୍ତ୍ରୀବୈମୁଖ୍ୟଂ ଧ୍ୱନିତମ୍।"* ଅର୍ଥାତ୍ ନିଜ ସ୍ତ୍ରୀର ଆନୁକୂଲ୍ୟରେ ସୁଖ ସମାଜ ବର୍ଦ୍ଧିତ ହୁଏ। ମାତ୍ର ପରସ୍ତ୍ରୀ ସହିତ ନୁହେଁ। ପଣ୍ଡିତ ନାରାୟଣ ଭଟ୍ଟ ତାଙ୍କ ରଚିତ ପଦଦ୍ୟୋତନିକା ଟୀକାରେ ଲେଖିଛନ୍ତି– *"ବିହିତଃ କୃତଃ ପଦ୍ମାବତ୍ୟାଃ ସ୍ୱସ୍ତ୍ରୀୟଃ ସୁଖସ୍ୟ ସମାଜଃ ସମୂହୋ ଯେନ। ମୁଖସମାଜ ଇତି ପାଠେ ମୁଖସ୍ୟ ସମାଜଃ ସାନ୍ନିଧ୍ୟଂ ଯେନ ତସ୍ମିନ୍। ଏତେନ ସ୍ୱନାୟିକାୟାମେବ ପ୍ରେମାତିଶୟୋ ଦର୍ଶିତଃ। ନ ତ୍ୱନ୍ୟସ୍ୟାମ୍"*। ଏହି ଟୀକାରେ "ସୁଖ ସମାଜ" ସ୍ଥାନରେ "ମୁଖ ସମାଜ" ପାଠାନ୍ତର ହୋଇଛି। ସଞ୍ଜିବନୀ ଟୀକାକାର ବନମାଳୀ ଭଟ୍ଟ (ଖ୍ରୀ.ଅ. ୧୫୭୫) ଏହି ପଦକୁ ବ୍ୟାଖ୍ୟା କରି ଲେଖିଛନ୍ତି– *"ଅନେନ ସ୍ୱନାୟକାୟାଂ ପ୍ରେମାତିଶୟଃ ନ ତ୍ୱନ୍ୟସ୍ୟାମିତି ଭାବଃ"*। ବାଳବୋଧିନୀ ଟୀକାକାର ତାଙ୍କ

**ପଦ୍ମାବତୀ ଶ୍ରୀଜୟଦେବଙ୍କର ପତ୍ନୀ ଥିବାର କିଂବଦନ୍ତୀ ପ୍ରଚଳିତ ଅଛି। ମାତ୍ର ଏହାର କୌଣସି ଐତିହାସିକ ଭିତ୍ତିଭୂମି ନାହିଁ।**

ରଚିତ ଟୀକାରେ ପଦ୍ମାବତୀ ଶବ୍ଦର ଅର୍ଥ ଶ୍ରୀରାଧା ବୋଲି ବର୍ଣ୍ଣନା କରି ଲେଖିଛନ୍ତି- *"ବିହିତଃ ପଦ୍ମାବତ୍ୟାଃ ଶ୍ରୀରାଧାୟାଃ ସୁଖସମୂହୋ ଯେନ ତସ୍ମିନ୍। ନିଜେଷ୍ଟଦେବୋପାସନାୟାମିତ୍ୟର୍ଥଃ"*। ସର୍ବାଙ୍ଗସୁନ୍ଦରୀ ଟୀକାକାର କବିରାଜ ନାରାୟଣ ଦାସ (ଖ୍ରୀ.ଅ. ୧୩୫୦) ଏହି ପଦର ପଦ୍ମାବତୀ ଶବ୍ଦକୁ ଜୟଦେବଙ୍କ ସ୍ତ୍ରୀ ଭାବରେ ଗ୍ରହଣ କରି ଲେଖିଛନ୍ତି- *"ବିହିତଃ ପଦ୍ମାବତ୍ୟା ନିଜପ୍ରେୟସ୍ୟାଃ ସୁଖସମାଜଃ ସୁଖଚୟୋ ଯେନେତି ବିଗ୍ରହଃ। ଏତେନ ଶୃଙ୍ଗାରିତ୍ୱମାତ୍ମନଃ ପ୍ରତିପାଦିତମ୍"*। ଶ୍ରୁତି ରଞ୍ଜନୀ ଟୀକାକାର ପଣ୍ଡିତ ଲକ୍ଷ୍ମଣ ସୂରି (ଖ୍ରୀ.ଅ.୧୫୬୫-୮୦) ପଦ୍ମାବତୀଙ୍କୁ ଜୟଦେବଙ୍କ ସ୍ତ୍ରୀ ଭାବରେ ଗ୍ରହଣ କରି ଲେଖିଛନ୍ତି- *"ବିହିତଃ ନୃତ୍ୟାନୁକୂଳତାଘଟନାକୃତଃ ପଦ୍ମାବତ୍ୟାଃ ନିଜଦୟିତାୟାଃ ସୁଖସମାଜଃ ନାନାବିଧ ସୁଖସନ୍ଦୋହୋ ଯେନ"*। ଅର୍ଥାତ୍ ଏହି ଗୀତ ତାଙ୍କ ନିଜ ସ୍ତ୍ରୀ ନର୍ତ୍ତକୀ ପଦ୍ମାବତୀଙ୍କର ସୁଖସମୃଦ୍ଧିରେ ସହାୟକ ଇତ୍ୟାଦି।



**ସର୍ବାଙ୍ଗସୁନ୍ଦରୀ ଟୀକା**


ଷୋଡ଼ଶ ଶତାବ୍ଦୀର ଟୀକାକାର ଧନଞ୍ଜୟ ଦ୍ୱିଜ ନିଜର ନୂତନ ସର୍ବାଙ୍ଗସୁନ୍ଦରୀ ଟୀକାରେ ପଦ୍ମାବତୀଙ୍କୁ ଲକ୍ଷ୍ମୀ ଅର୍ଥରେ ଗ୍ରହଣ କରିଛନ୍ତି। ଏହି ଟୀକା ୧୩ଶ ଶତାବ୍ଦୀରେ କବିରାଜ ନାରାୟଣ ଦାଶଙ୍କ ସର୍ବାଙ୍ଗସୁନ୍ଦରୀ ଟୀକା ଉପରେ ଲେଖାଯାଇଛି। ଏଥିରେ ପଦ୍ମାବତୀଙ୍କୁ ଲକ୍ଷ୍ମୀ ଓ ଶ୍ରୀଜୟଦେବଙ୍କ ପତ୍ନୀ ଭାବରେ ଗ୍ରହଣ କରାଯାଇଛି। ଅଷ୍ଟାଦଶ ଶତାବ୍ଦୀରେ ରଚିତ କୃଷ୍ଣ ଦାଶଙ୍କ ସର୍ବାଙ୍ଗସୁନ୍ଦରୀ ଟୀକାରେ ପଦ୍ମାବତୀଙ୍କୁ ଲକ୍ଷ୍ମୀ ଅର୍ଥରେ ଗ୍ରହଣ କରାଯାଇଛି। ଅଷ୍ଟାଦଶ ଶତାବ୍ଦୀର ଟୀକାକାର ଲକ୍ଷ୍ମଣ ଭଟ୍ଟ ତାଙ୍କ ରଚିତ ରସିକରଙ୍ଗଦା ଟୀକାରେ ପଦ୍ମାବତୀଙ୍କୁ ଲକ୍ଷ୍ମୀ ଓ ସରସ୍ୱତୀ ଭାବେ ଗ୍ରହଣ କରିଛନ୍ତି। ସେହି ୧୮ଶ ଶତାବ୍ଦୀର ଜଣେ ଅଜଣା ଟୀକାକାର ନିଜ ପ୍ରବନ୍ଧ ଟୀକାରେ ପଦ୍ମାବତୀଙ୍କୁ ଉଭୟ ଲକ୍ଷ୍ମୀ ଓ ଶ୍ରୀଜୟଦେବଙ୍କ ସ୍ତ୍ରୀ ଭାବରେ ଗ୍ରହଣ କରିଛନ୍ତି। ସେହିଭଳି ଅନ୍ୟ ଜଣେ ଅଜଣା ଟୀକାକାର ତାଙ୍କ ପ୍ରବନ୍ଧ ଟୀକାରେ ପଦ୍ମାବତୀଙ୍କୁ ଲକ୍ଷ୍ମୀ ଅର୍ଥରେ ମଧ୍ୟ ଗ୍ରହଣ କରିଛନ୍ତି। (କ୍ୟାଟଲଗ୍ ଅଫ୍ ଗୀତଗୋବିନ୍ଦ ମାନୁସ୍କ୍ରିପ୍ଟ, ପ୍ରକାଶକ : ଓଡ଼ିଶା ରାଜ୍ୟ ମ୍ୟୁଜିୟମ୍, ୨୦୦୮)

ସଂସ୍କୃତ ରାଧ୍ ଧାତୁରୁ ଉତ୍ପତ୍ତି ହୋଇଛି ରାଧା ଶବ୍ଦ। ଶ୍ରୀକୃଷ୍ଣଙ୍କଦ୍ୱାରା ପୂଜିତା ବା ସେବିତା ହୋଇଥିବାରୁ ଶ୍ରୀଗୀତଗୋବିନ୍ଦର ରାଧା ପ୍ରସିଦ୍ଧା ହୋଇଛନ୍ତି। ପୂଜକ ସର୍ବଦା ଆରାଧ୍ୟ ଦେବୀଙ୍କଠାରେ ନିଜ ମନ, ପ୍ରାଣ ଓ ଦେହ ସମର୍ପଣ କରିଦେଇଥାନ୍ତି। ତେଣୁ ଜଗତପତି ଶ୍ରୀକୃଷ୍ଣ ହିଁ ଶ୍ରୀରାଧାଙ୍କର ଦାସାନୁଦାସ ବୋଲି ଶ୍ରୀଗୀତଗୋବିନ୍ଦର ବର୍ଣ୍ଣନାରେ ସୂଚାଇ ଦିଆଯାଇଛି।

ଭାରତବର୍ଷରେ ଶ୍ରୀଗୀତଗୋବିନ୍ଦର ପ୍ରାୟ ୯୮ଟି ଟୀକା ଏପର୍ଯ୍ୟନ୍ତ ଉପଲବ୍ଧ ହେଲାଣି। ବିଭିନ୍ନ ଟୀକାରେ ଏହି ପଦକୁ ଟୀକାକାରମାନେ ନିଜ ନିଜ ମତମାନ ଦେଇ ବିସ୍ତାରିତ କରିଛନ୍ତି। ତେବେ ଶ୍ରୀଗୀତଗୋବିନ୍ଦରେ ପଦ୍ମାବତୀଙ୍କୁ ଲକ୍ଷ୍ମୀ ଭାବେ ଗୃହୀତ କରାଯାଇଥିବାବେଳେ ଯେଉଁ କେତେକ ଟୀକାକାର ସ୍ତ୍ରୀ ଭାବେ ଗ୍ରହଣ କରିଛନ୍ତି, ତାହାର ସେପରି କୌଣସି ଦୃଢ଼ ଯୁକ୍ତି ନାହିଁ। କେବଳ କିଂବଦନ୍ତୀର ଆଧାରରେ ଏପରି ଆଲୋଚନା କରାଯାଇପାରେ। ପଞ୍ଚଦଶ ଶତାବ୍ଦୀରେ ଆବିର୍ଭୂତ ମେବାରର ଟୀକାକାର ରାଣାକୁମ୍ଭ (ଖ୍ରୀ.ଅ.୧୪୬୦) ପଦ୍ମାବତୀଙ୍କୁ ଲକ୍ଷ୍ମୀ ଅର୍ଥରେ ନେଇଥିବାରୁ ତାହା ଐତିହାସିକ ଭିତ୍ତିଭୂମି ଉପରେ ପ୍ରତିଷ୍ଠିତ। କେନ୍ଦୁବିଲ୍ୱ ଗ୍ରାମରେ ପଦ୍ମାବତୀଙ୍କର ଦୁଇଟି ବିଗ୍ରହ ଶାସନ ଦେବୀ ଭାବରେ ପୂଜା ପାଇଆସୁଛନ୍ତି। ତେଣୁ ରାଣାକୁମ୍ଭ ତାଙ୍କ ରଚିତ ଟୀକା ରସିକାପ୍ରିୟାରେ ଯାହା ଉଲ୍ଲେଖ କରିଛନ୍ତି, ତାହାର ଐତିହାସିକ ପ୍ରମାଣ ରହିଛି। ତାଙ୍କ ପରବର୍ତ୍ତୀ କାଳରେ ଯେଉଁ ଟୀକାକାରମାନେ ପଦ୍ମାବତୀଙ୍କୁ ଲକ୍ଷ୍ମୀ ଅର୍ଥରେ ଫେଣାଇଛନ୍ତି, ତାହାର ଯଥାର୍ଥତାକୁ ଆଦୌ ଏଡ଼ାଇଦେଇ ହେବ ନାହିଁ।

□□

ଲେଖକଙ୍କ ଇ-ମେଲ ଠିକଣା:
prafulla1941@gmail.com



ଗଳ୍ପ

# ବ୍ଲେଡ୍

ହରେକୃଷ୍ଣ ସାହୁ

ଇଏ ହେଲା ସେହି ସମୟର ଘଟଣା ଯେତେବେଳେ ଭଣ୍ଡାରି କ୍ଷୁରକୁ ପଥର ଉପରେ ପାଣି ପକାଇ ଘଷି ଘଷି ଧାର କରୁଥିଲା। ତା'ପରେ ଖଣ୍ଡେ ଚମଡ଼ାରେ ଘଷି ଚକଚକ କଲାପରେ ବାଳ ଆଉ ଦାଢ଼ି କାଟୁଥିଲା। ଭଣ୍ଡାରି ବାର ଦେଖି ଗାଁ ବୁଲୁଥିଲା। ଲୋକଙ୍କ ଦୁଆରେ ପହଞ୍ଚି କଟାକଟି କରୁଥିଲା।



ପୁଅର ବାପାମାନେ ଶୁକ୍ରବାର ଦିନ ବାଳ କି ଦାଢ଼ି କାଟୁ ନ ଥିଲେ, ପୁଅର ଅଶୁଭଜନିତ କ୍ଷତିହେବ ବୋଲି। ଗୁରୁବାର, ପୂର୍ଣ୍ଣମୀ, ସଂକ୍ରାନ୍ତି, ଅମାବାସ୍ୟା ଭଳି ପବିତ୍ର ଦିନରେ ବି ଲୋକ ଦାଢ଼ି କାଟୁ ନ ଥିଲେ। ଘରୁ ଲକ୍ଷ୍ମୀ ଛାଡ଼ିଯିବ ଅଥବା ଆଉ କିଛି ଅଘଟଣ ଘଟିବାର ଆଶଙ୍କା ଥିଲା ବୋଲି। ଲୋକେ ଭଣ୍ଡାରି ଘରକୁ ଯାଇ ବାଳ କାଟିବାକୁ ବି ଅଶୁଭ ଭାବୁଥିଲେ। ଏକା ଦିନରେ ବାପ ପୁଅ ବାଳ କାଟୁ ନ ଥିଲେ। ମଲା ଲୋକର ଦଶାହ କ୍ରିୟାରେ ବାପପୁଅ ଏକାଠି ବାଳଦାଢ଼ି କାଟିବା ବ୍ୟତୀତ ଅନ୍ୟ ଦିନରେ କାଟିଲେ ଅଶୁଭ ହୁଏ ବୋଲି ବିଶ୍ୱାସ ଅଛି।

ଭଣ୍ଡାରି ବାଳ କାଟିଲା ପରେ ଟଙ୍କାପଇସା ନେଉ ନ ଥିଲା। ପର୍ବପର୍ବାଣିରେ ତାଙ୍କ ଘର ମାଇପିମାନେ ଆସି ପିଠାପଣା ନେଇ ଯାଉଥିଲେ। ଏତକ ଦେଖୁଥିଲୁ। ବଡ଼ ହେଲାପରେ ଜାଣିଲୁ ସେମାନେ ବର୍ଷରେ ଥରେ ଫସଲ ଅମଳ ସମୟ ବେଳକୁ ଧୋତିଯୋଡ଼, ଧାନ, ବିରି, ମୁଗ ଇତ୍ୟାଦି ସହିତ ଟଙ୍କେ ଦି' ଟଙ୍କା ନିଅନ୍ତି।

ଆମ ଗାଁରୁ ପୂର୍ବକୁ ଦେଢ଼ ମାଇଲ ଦୂରରେ ହରିପୁର ହାଟ। ପଶ୍ଚିମକୁ ଦେଢ଼ ମାଇଲ ଦୂରରେ କୁଆଖିଆ। କୁଆଖିଆ କେବଳ ଛକ ଥିଲା। ବଜାର ହୋଇ ନ ଥିଲା। ଏ ଦି'ଟା ଜାଗାରେ ସେତେବେଳେ ଗୋଟିଏ ବି ବାଳକଟା ଦୋକାନ ନ ଥିଲା। ତେଣୁ ବାଳକଟା ଯେ ଗୋଟେ ବେପାର, ସେ କଥା ଆମେ ଜାଣିବୁ କେମିତି।

ଥରେ ଦନା ଭଣ୍ଡାରି କହୁଥିଲା, କଲିକତାରେ ବାଳ କାଟିବା ପାଇଁ ଦୋକାନ ଅଛି। ତାକୁ ସେଲୁନ କୁହନ୍ତି। ସେଠି ପଇସା ଦେଇ ଲୋକ ବାଳ କାଟନ୍ତି।

ସିଏ ତା' ପୁଅପାଇଁ କୁଆଖିଆ ଛକରେ ସେଲୁନଟିଏ କରିବ ବୋଲି ମଧ କହୁଥିଲା।

ଏଭଳି ସମୟରେ ଆମେ ବ୍ଲେଡ୍ କ'ଣ ଜାଣି ନ ଥିଲୁ। କ୍ୱଚିତ ଦେଖୁଥିଲୁ। କିନ୍ତୁ କି କାମରେ ଲାଗେ ଜାଣି ନ ଥିଲୁ। ସେଇ ବ୍ଲେଡ୍‌କୁ ନେଇ ସେତେବେଳେ ଘଟଣାଟା ଘଟିଥିଲା।

ସେ ଘଟଣାର ଅଳ୍ପ କେଇଦିନ ପରେ ମୁଁ ଦେଖିଲି ଚକରାଦା' ବ୍ଲେଡ୍ ବ୍ୟବହାର କରି ନିଜେ ନିଜେ ଦାଢ଼ି କାଟି ପକାଉଥିଲା। ସେତେବେଳେ ଜାଣିଲି ଖୁବ ବଡ଼ ବଡ଼ ଲୋକ ଯେଉଁମାନେ ବମ୍ବେ, ଦିଲ୍ଲୀ କି କଲିକତାରେ ରୁହନ୍ତି, ସେମାନେ ବ୍ଲେଡ୍ ବ୍ୟବହାର କରନ୍ତି।

ରେଜର୍ ନାମକ ଗୋଟେ ଯନ୍ତ୍ର ଭିତରେ ବ୍ଲେଡ୍ ପୂରାଇ, ଗୋଟେ ଗିନାରେ ପାଣି ରଖି , ଖୁଣ୍ଟକୁ ଗୋଟେ ଛୋଟ ଆଇନା ଆଉଜାଇ ଚକରାଦା' ତାଙ୍କ ପିଣ୍ଡାରେ ବସି ଯାଉଥିଲା। ଗାଲରେ ସାବୁନ ମାରି ଫେଣ କରୁଥିଲା। ତା'ପରେ ସେ ଯନ୍ତ୍ରଟାକୁ ହଳ ବୁଲାଇଲା ଭଳି ଗାଲ ଉପରେ ମଡ଼େଇ ନେଉଥିଲା। ସେ ପୁଳାକର ଫେଣ ତ ସଫା ହୋଇ ଯାଉଥିଲା ତା' ସହିତ ଯାଦୁବିଦ୍ୟା ଭଳି ଦାଢ଼ିର ବାଳ ଗୁଡ଼ା ବି ଉଭେଇ ଯାଉଥିଲା। ଚକରାଦା' ଅଳ୍ପ ଟିକିଏ ଯନ୍ତ୍ର ଚଲାଇଲା ପରେ ଅଧିକ ସମୟ କଥାବାର୍ତ୍ତା କରୁଥିଲା। କେମିତି ସେ ରେଜର୍

ମେସିନ ଯୋଗୁ ମାସରେ ଅନେକ ଟଙ୍କା ବଞ୍ଚେଇ ପାରୁଛି। ଝୋଟକଳରେ ଆଉ ମାସକୁ ଦରମା ବଢ଼ିବ ବୋଲି ଶୁଣା ଯାଉଛି। ହାବୁଡ଼ା ପୋଲରେ ଲାଗିଥିବା ଲୁହା ଆଉ କୌଣସି କାରଖାନାରେ ତିଆରି ହେଉନାହିଁ। ଏଇ ସବୁ କଥା ଗପୁଥିଲା।

ଆମେ ଏ କଥା ଶୁଣି ମୁଗ୍ଧ ହେଉଥିଲୁ। କିନ୍ତୁ ସେଠି ଉପସ୍ଥିତ ରହୁଥିଲୁ ଦାଢ଼ି କଟାର ଯାଦୁବିଦ୍ୟା ଦେଖିବା ପାଇଁ। କେହିଜଣେ ଯଦି ଖବର ଦେଉଥିଲା ଯେ ଆଜି ଚକରାଦା' ଦାଢ଼ି କାଟୁଛନ୍ତି ତେବେ ଆମେ ସେଠି ହାଜର ହୋଇ ଯାଉଥିଲୁ।

ରେଜରରେ ଦାଢ଼ିକଟା ଗୋଟେ ସମ୍ଭ୍ରାନ୍ତ କାମ ଥିଲା। ଗୋଟେ ବିଳାସ ଥିଲା। ଯେମିତି ଆଜି ବି ଅନେକ ଲୋକ ଗୋଟେ ଦାନ୍ତଘଷା ବ୍ରଶରେ ଟୋପାଏ ଟୁଥପେଷ୍ଟ ଲଗାଇ ଗାଁ ଦାଣ୍ଡରେ ବୁଲି ବୁଲି ଘଣ୍ଟେ ଦି'ଘଣ୍ଟା ଧରି ଦାନ୍ତଘଷା ପ୍ରଦର୍ଶନ କରନ୍ତି । ବ୍ରଶ୍ ଲାଞ୍ଜରେ ସେଫ୍ଟିପିନ୍ ଲାଗି ଝୁଲୁଥାଏ ଜିଭ ଛୋଲାହେବା ପାଡିଆଟି। ଏଇଟା ବି ଗୋଟେ ବିଳାସ। ସେମାନେ ଜଣାଇବାକୁ ଚାହାଁନ୍ତି ଯେ ଆମେ ଦାନ୍ତକାଠିରେ ଆଦୌ ଦାନ୍ତ ଘଷୁନାହୁଁ। ଆଧୁନିକ ହୋଇ ଯାଇଛୁ।

**କେହିଜଣେ ଯଦି ଖବର ଦେଉଥିଲା ଯେ ଆଜି ଚକରା ଦା' ଦାଢ଼ି କାଟୁଛନ୍ତି ତେବେ ଆମେ ସେଠି ହାଜର ହୋଇ ଯାଉଥିଲୁ।**

ସେଦିନ କଥାଟା ଏଇ ବ୍ଲେଡକୁ ନେଇ ଆରମ୍ଭ ହୋଇଥିଲା। ସେଥିପାଇଁ ରବି ଆଉ ବୁଲି ଭିତରେ ଝଗଡ଼ା ଲାଗିଗଲା। ବୁଲି ମୋ ସାନଭଉଣୀ। ରବି ପଚାରିଲା- ବ୍ଲେଡ୍ କେଉଁ କାମରେ ଲାଗେ ?

ବୁଲି କହିଲା- ନଖ କଟାଯାଏ । ଆଉ କଞ୍ଚା ଆମ୍ବ କଟାଯାଏ।

ରବି କହିଲା- ନା' ନା' ତୁ କିଛି ଜାଣିନୁ। ବ୍ଲେଡ଼ରେ ଦାଢ଼ି କଟାଯାଏ।

ବୁଲି କିନ୍ତୁ ସେ କଥା ମାନିବାକୁ ରାଜି ନ ଥିଲା। ସେ କେବେ ବ୍ଲେଡ୍‌ରେ ଦାଢ଼ି କଟା ହେବାର ଦେଖି ନ ଥିଲା। କେମିତି ବା ବିଶ୍ୱାସ କରିବ। ସେତେବେଳେ ଚକରାଦା'ର ଦାଢ଼ିକଟା ଦୃଶ୍ୟ ବି ଆମେ ଦେଖି ନ ଥିଲୁ। ତେଣୁ କିଏ ବା କାହିଁକି ରବିର କଥାକୁ ବିଶ୍ୱାସ କରିବ ଯେ। ରବି ଆଉ ବୁଲିର ଝଗଡ଼ା ଗୁରୁତର ଅବସ୍ଥାକୁ ଚାଲିଗଲା। ଜଣେ କହିଲା - ତୋ ବାପ ମରୁ, ତୋ ମାଆ ମରୁ।

ଆଉ ଜଣକ କହିଲା- ତୁ ମର, ତୋ ନାନୀ ମରୁ।

ରବି କହିଲା - ତୋ ଆଖି ଦିଟା ବ୍ଲେଡରେ ଖୋଳି ଆଣିବି ଯେ ଏକାଥରେ ଅନ୍ଧୁଣୀ ହୋଇଯିବୁ ।

ଏତିକି ବେଳେ ଶ୍ରେଣୀକୁ ସାର୍ ଚାଲି ଆସିବାରୁ କଳିଟା ବନ୍ଦ ହୋଇଗଲା। କିନ୍ତୁ ବୁଲି ତା'ଠାରୁ ଉପର କଥାଟା ରବିକୁ କହିପାରି ନ ଥିବାରୁ ଅନ୍ଧୁଣୀ ହେବା କଥାଟା ତା' ମନେ ରହିଗଲା। ସିଏ ଆଉ ରବିକୁ ଅନ୍ଧ କରି ପାରିଲାନାହିଁ।

ସ୍କୁଲ ଛୁଟିହେଲା। ବୁଲି ଘରକୁ ଫେରୁଥିଲା। ହେଲେ ଅନ୍ଧୁଣୀ ହେବା କଥାଟା ତା' ମନଭିତରେ ଘାଣ୍ଟି ଚକଟି ହେଉଥିଲା। ତେଣୁ ଭାବିଲା, ମୁଁ ଯଦି ଅନ୍ଧୁଣୀ ହୋଇଯାଏ ତେବେ ବାଟରେ ଚାଲିବି କେମିତି। ପରୀକ୍ଷା କରିବାପାଇଁ ଆଖିବୁଜି ଚାଲିଲା। କେଇ ପାହୁଣ୍ଡ ଚାଲିଲା ପରେ ପୂରା ରାସ୍ତା କଡ଼କୁ ଚାଲି ଯାଇଥିଲା। ନର୍ଦ୍ଦମା ଭିତରେ ଗୋଡ଼ ପଶିଗଲା। ଖସିଯାଇ ହାମୁଡ଼େଇ ପଡ଼ିଲା। ପଙ୍କ ଆଉ ନର୍ଦ୍ଦମା ପାଣିରେ ଜୁଡୁବୁଡୁ ହୋଇ ଘରେ ପହଞ୍ଚିଲା। କାନ୍ଦି କାନ୍ଦି ଘରେ ଆମୂଳଚୂଳ ଘଟଣା କହିଗଲା। ବାପା, ମାଆ ତା' କଥା ଶୁଣି ହୋ ହୋ ହୋଇ ହସି ପକାଇଲେ।

ମୋର ମନେ ପଡ଼ିଗଲା ଆଉ ଗୋଟେ କଥା। ପୃଥିବୀରେ ଜଣେ ଖୁବ ଗରିବ ଲୋକ ଥିଲା। ସେ ଭଗବାନ ଶିବଙ୍କୁ ଖୁବ ଭକ୍ତି କରୁଥିଲା ଓ ନିଜର ଦାରିଦ୍ର୍ୟ ଦୂରୀକରଣ ପାଇଁ ପୂଜା କରୁଥିଲା। ଶିବ କିନ୍ତୁ ତା'ପାଇଁ କିଛି କରୁ ନ ଥିଲେ। ଏ କଥାକୁ ଲକ୍ଷ୍ୟକରି ଥରେ ପାର୍ବତୀ, ଶିବଙ୍କୁ କହିଲେ, ପ୍ରଭୁ, ଲୋକଟି ଆପଣଙ୍କର ପରମ ଭକ୍ତ। କେତେ ବ୍ୟାକୁଳ ହୋଇ ସେ ଆପଣଙ୍କୁ ଡାକୁଛି। ଅଥଚ ଆପଣ ତା' କଥା ଶୁଣୁ ନାହାନ୍ତି।


ଶିବ କହିଲେ-ମୁଁ ଶୁଣୁଛି। କିନ୍ତୁ ତା'ର ଭାଗ୍ୟ ମନ୍ଦ ଥିବାରୁ ମୁଁ ତାକୁ କିଛି ଦେଇପାରୁନାହିଁ।

ପାର୍ବତୀ ଅଭିମାନ କରି କହିଲେ-ଆପଣ ତ ତାକୁ କିଛି ଦେଉ ନାହାନ୍ତି। ଅଯଥାରେ ତା'ର ଭାଗ୍ୟ କଥା କାହିଁକି କହୁଛନ୍ତି।

ଶିବ କହିଲେ-ହଉ ଦେଖ। ପରୀକ୍ଷା କରି ଦେଖାଇ ଦେଉଛି। ତା'ର ଭାଗ୍ୟ ଭଲ କି ମନ୍ଦ ତୁମେ ଜାଣି ପାରିବ।

ସେଇଠୁ ଶିବ କ'ଣ କଲେ ନା ମେଞ୍ଚେ ଟଙ୍କା ସୁନା ପୂରାଇ ଗୋଟେ ପୁତୁଳି ତିଆରି କଲେ ଆଉ ସେହି ଭକ୍ତ ଲୋକଟିର ଯିବା ବାଟରେ ପକାଇ ଦେଲେ। ଠିକ ସେତିକି ବେଳେ ଲୋକଟି ଗୋଟେ ବିଚିତ୍ର କଥା ଭାବିଲା। ଠିକ ଆମ ବୁଲିଭଳି, 'ମୁଁ ଅନ୍ଧ ହୋଇଗଲେ କିପରି ବାଟ ଚାଲିବି।' ପରୀକ୍ଷା କରିବାପାଇଁ ଲୋକଟି ଆଖି ଦିଟା ବୁଜିଦେଇ ବାଟରେ ଚାଲିଲା ଓ ସେ ଟଙ୍କାସୁନା ପୁଡ଼ିଆଟିକୁ ଅତିକ୍ରମ କରିଗଲା।

ଏଇ କଥା ଯେମିତି ମୋର ମନେ ପଡ଼ିଛି ମୁଁ ଘରୁ ବାହାରକୁ ଦୌଡ଼ିଲି। ବୁଲିର ଭାଗ୍ୟ ପରୀକ୍ଷା କରିବାପାଇଁ ନିଶ୍ଚୟ ଭଗବାନ ଶିବ ଗୋଟେ ପୁଡ଼ିଆ ପକାଇଥିବେ। ସେଇଟିକୁ ଏବେ ନିଶ୍ଚୟ ମୁଁ ପାଇବି। ବାହାର ରାସ୍ତାରେ ବୁଲାବୁଲି କରି ଦେଖିଲି କିଛିନାହିଁ। ବୁଲିର ନର୍ଦ୍ଦମାରେ ପଡ଼ିବା। ତା'ପରେ ଘରେ ପହଞ୍ଚିବା ଓ ସମୁଦାୟ ଘଟଣା ବର୍ଣ୍ଣନା କରିବା ଭିତରେ ପନ୍ଦର ମିନିଟ ବିତିଯାଇଥିଲା। ପନ୍ଦର ମିନିଟ ଭିତରେ ଏ ରାସ୍ତାରେ ନିଶ୍ଚୟ ଦଶକୋଡ଼ିଏ ଲୋକ ଯିବା ଆସିବା କରିଥିବେ। ସେଇମାନଙ୍କ ଭିତରୁ କିଏ ଗୋଟେ ସୁନା ପୁତୁଳିଟା ପାଇ ନେଇ ଯାଇଥିବ। ସେଇ ଲୋକଟା ନିଶ୍ଚୟ ଭାଗ୍ୟବାନ ଆଉ ଆମ ବୁଲି ଭାଗ୍ୟହୀନା।



ଏଭଳି ଘଟିବାର ଚାଳିଶ ବର୍ଷ ପର ପର୍ଯ୍ୟନ୍ତ ବି ମୁଁ ଆଜିଯାଏ କଥାଟି ମନେ ରଖିଛି। ଭାଗ୍ୟ ସମ୍ବନ୍ଧୀୟ କଥାଟିକୁ।

ଭାଗ୍ୟ ତ ଜନ୍ମ ସମୟରୁ ମୃତ୍ୟୁ ପର୍ଯ୍ୟନ୍ତ ସାଙ୍ଗରେ ଥାଏ। କେତେବେଳେ ସୌଭାଗ୍ୟ ନ ହେଲେ କେତେବେଳେ ଦୁର୍ଭାଗ୍ୟ ହୋଇ। ତାକୁ କ'ଣ ଭୁଲିହେବ।

ମୋର ୟୁରୋପୀୟ ବନ୍ଧୁ ଫ୍ରାନ୍ସିସ୍ ଡେରେକ୍ ଭାରତୀୟ ସଂସ୍କୃତି ଉପରେ ଗବେଷଣା କରୁଥିଲା। ସେଥିପାଇଁ ସେ ଏଠାକୁ ବହୁତ ଥର ଆସେ ଓ ମୋତେ ସାଙ୍ଗରେ ଧରି ବହୁତ ସ୍ଥାନକୁ ଯାଏ। ମୋଠାରୁ ଅନେକ କଥା ଶୁଣେ। ଏକଥା ଶୁଣି କହିଲା- ତୁମେ ଭାରତୀୟମାନେ ଖୁବ ସୁଖୀ। ତୁମର ଏଠି ଭାଗ୍ୟ ଅଛି। ହେଲେ ଆମ ଦେଶରେ ଭାଗ୍ୟ ନ ଥାଏ।

ମୁଁ ଆଶ୍ଚର୍ଯ୍ୟ ହୋଇ ତାକୁ ଚାହିଁଲି। ସତରେ କ'ଣ ଭାଗ୍ୟ କେବଳ ଆମ ଦେଶରେ ଅଛି। ଆଉ କେଉଁଠି ନାହିଁ। ଆହା, କେତେବଡ଼ ମହତ୍ ଜିନିଷର ଅଭାବରେ ସେ ଦେଶଗୁଡ଼ିକ ବଞ୍ଚୁଛନ୍ତି।

ଡେରେକ୍ କହିଲା-ଏଇ ଯେଉଁ ଭାଗ୍ୟ ମାନେ ଫେଟ୍ ମୋର ତ ଆଦୌ ନାହିଁ। ମୋର ମା' ଯଦି ଆଜି ବଞ୍ଚିଥାନ୍ତେ ତେବେ ମୁଁ ସେଇଟାକୁ ଗୋଟେ ଭଲ ଫେଟ୍ ବୋଲି ଭାବିଥାନ୍ତି। ନଚେତ ଆଉକିଛି ମୋତେ ଫେଟ୍ ଭଳି ଲାଗେନାହିଁ । ସିଟିଜେନ ପ୍ୟାଲେସ୍ ମାର୍କେଟ୍ କମ୍ପଲେକ୍ସଟା ମୋର ନୁହେଁ । ସେଇଟା ମୋର ହୋଇ ନ ଥିବାରୁ ମୁଁ କେବେ ନିଜକୁ ଫେଟ୍ ଲେସ୍ ବୋଲି ଭାବିନାହିଁ। ତେଣୁ ସେଇଟା ଯଦି ମୋର ହୋଇଥାନ୍ତା ତେବେ ତାହାକୁ ଗୁଡ୍ ଫେଟ୍ ବୋଲି କେମିତି ଭାବିଥାନ୍ତି। କାହିଁକି ବା ଭାବିଥାନ୍ତି ?

ଏଗୁଡ଼ା ଠିକ କଥା କି । ବୋଧହୁଏ ଠିକ୍। ରୟାଲ୍ କ୍ରାଉନ୍ ହୋଟେଲଟା ମୋର ନୁହେଁ ବୋଲି ମୁଁ ତ କେବେ ନିଜକୁ ଭାଗ୍ୟହୀନ ବୋଲି ଭାବିନାହିଁ।

ଡେରେକ୍ କହିଲା - ଭାଗ୍ୟ ବା ଫେଟ୍ ସମ୍ପୂର୍ଣ୍ଣ ଭାରତୀୟମାନଙ୍କ କାରବାରର କଥା। ତୁମେମାନେ ନିଶ୍ଚିତ ଭାବରେ ଅଧିକ ଶିକ୍ଷିତ। ତେଣୁ ତୁମେ ଫେଟ୍‌କୁ ବ୍ୟବହାରରେ ଲଗାଇ ପାରୁଛ।

- ଫେଟ୍‌କୁ ବ୍ୟବହାରରେ ଲଗାଉଛୁ ? ଯାର ମାନେ ?

- ଭେରି ସିମ୍ପଲ୍ । ଫେଟ୍ ତୁମ କଳ୍ପନାରୁ ସୃଷ୍ଟ। ତୁମେ ତାକୁ ଆପେକ୍ଷାକରି ନିଶ୍ଚୟ ଆନନ୍ଦ ପାଉଛ। ଭାବୁଛ ନିଶ୍ଚୟ କିଛିଗୋଟେ ଭଲ କଥା ଘଟିବ କିମ୍ବା କିଛିଗୋଟେ ଭଲ ଜିନିଷ ମିଳିବ। ତୁମ ଭଉଣୀ ନର୍ଦ୍ଦମାରେ ପଡ଼ିଲା ପରେ ତୁମେ ସୁନା ପୁତୁଳି କଥା ଚିନ୍ତାକଲ। ତା'ପରେ ତାକୁ ଖୋଜିବାପାଇଁ ଗଲ। ଏଣେତେଣେ ନଜର ପକାଇଲ। ଏହା ଭିତରେ ନିଶ୍ଚୟ ପାଞ୍ଚରୁ ଦଶମିନିଟ ଚାଲିଯାଇଥିବ। ଏଇ ଦଶମିନିଟ ଧରି ତୁମେ ଯେଉଁ ସୁନାପୁତୁଳି ପାଇବାର ଆଶା ଓ ଆନନ୍ଦଦାୟକ ଭାବନା ସହିତ ବିତାଇଲ, ତାହା ଗୋଟେ ମହାନ ପ୍ରାପ୍ତି ନୁହେଁ କି ।

ପଚାରିଲି - ତାହେଲେ ବ୍ଲେଡ୍ ଆଉ ଭାଗ୍ୟ ଭିତରେ କିଛି ସାମଞ୍ଜସ୍ୟ ଅଛି କି ?


-- ହଁ ।

□□

ଲେଖକଙ୍କ ଇ-ମେଲ ଠିକଣା:
harekrushna.mugupal@gmail.com

ଅନୁଭୂତି

# ସେକାଳର କଲିକତି ଓଡ଼ିଆଙ୍କ ସହ କିଛି ବର୍ଷ



ନଗେନ୍ଦ୍ରନାଥ ମହାନ୍ତି

ବୟସାଧିକ୍ୟ ଯୋଗୁ ଏହି ଲେଖକ ଅନେକ ବର୍ଷ ହେଲା ବିଶେଷ କିଛି ଲେଖାଲେଖି କରିପାରିନାହିଁ। ଏ ମଧ୍ୟରେ 'ସାହିତ୍ୟ ଚର୍ଚ୍ଚା'ର ସମ୍ପାଦକ ମହୋଦୟଙ୍କଠାରୁ ଏକ ଅନୁରୋଧ ଆସିଲା, କଲିକତାର ପ୍ରବାସୀ ଓଡ଼ିଆଙ୍କ ସହିତ ମୋର ଅତୀତ ଜୀବନର ଅନୁଭୂତି ସମ୍ପର୍କରେ କିଛି ଲେଖିବା ପାଇଁ। ଏଣୁ ଦୁଇପଦ ଲେଖିବାକୁ କଲମ ଧରିଛି।

ଏ ଲେଖକ କଲିକତାରେ ପହଞ୍ଚିଥିଲା ଅଗଷ୍ଟ ୧୯୫୫ରେ, ଏବଂ 'ନ୍ୟାଶନାଲ ଲାଇବ୍ରେରୀ'ରେ କାର୍ଯ୍ୟକ୍ଷେତ୍ରରେ ଯୋଗଦେଲା। ମୋତେ ପାଇ ବେଶି ଖୁସି ହୋଇଥିଲେ କଲିକତାରେ ବସବାସ କରୁଥିବା ଓଡ଼ିଆଭାଷୀ। ଏହାର ବହୁ ପୂର୍ବରୁ ଓଡ଼ିଆମାନେ କଲିକତା ଆସିଛନ୍ତି।



ଅଷ୍ଟାଦଶ ଓ ଊନବିଂଶ ଶତାବ୍ଦୀରେ ଓଡ଼ିଆଙ୍କ ପରିଚୟ ହେଲା ପାଲିଙ୍କି-ବାହକ ଭାବରେ। ୧୭୭୬ରେ ଏକ ପରିସଂଖ୍ୟାନରୁ ଜଣାଯାଏ ପ୍ରତିବର୍ଷ ସେମାନେ ତାଙ୍କ ରୋଜଗାର ଦ୍ୱାରା ତିନି ଲକ୍ଷ ଟଙ୍କା ଓଡ଼ିଶାକୁ ପଠାଉଥିଲେ। ସେ ସମୟରେ ତିନିଲକ୍ଷ ଟଙ୍କାର ମୂଲ୍ୟ କେତେ ଥିଲା ସହଜରେ ଅନୁମାନ କରାଯାଇପାରେ। ଅନ୍ୟ ଅର୍ଥରେ, ଓଡ଼ିଆଙ୍କ ସଂଜ୍ଞା ହେଲା, ଯେ ବାହାରେ ରହି ଘରକୁ ପଇସା ପଠାଇପାରିବ ସେ ହେବ ଓଡ଼ିଆ।

ମୁଁ କଲିକତାରେ ପହଞ୍ଚିବା କିଛି ନୂଆ କଥା ନ ଥିଲା। ସାକ୍ଷାତ ହେଲା କଲିକତାର ପ୍ରବାସୀମାନଙ୍କ ମଧ୍ୟରେ ଅଗ୍ରଣୀ ଆକୁଳି ମିଶ୍ରଙ୍କ ସହିତ। ସେ ସବୁବେଳେ ନିଜକୁ ପରିଚୟ ଦେଲାବେଳେ କହିଥାଆନ୍ତି, "ମୁଁ ଆକୁଳି ମିଶ୍ର, ବି.ଏ.।" ସେ ବହୁବଜାରରେ 'ଆଂଗ୍ଲୋ ଓଡ଼ିଆ ପ୍ରେସ୍'ର ପ୍ରତିଷ୍ଠାତା। ମାସିକ ପତ୍ରିକା 'ଯୁଗ ଭାରତୀ' (୧୯୫୨-୧୯୫୭)ର ସଂପାଦକ ଥିଲେ। ତାଙ୍କ ଘରଟି ନେତା ଓ ସାହିତ୍ୟକାରମାନଙ୍କର ମିଳନସ୍ଥଳ ଥିଲା।

ହରେକୃଷ୍ଣ ମହତାବଙ୍କୁ ସେଠାରେ ଭେଟିଛି। ଡକ୍ଟର ହରେକୃଷ୍ଣ ମହତାବଙ୍କ ମହାନୁଭବତା ସମ୍ବନ୍ଧରେ ମୁଁ ଏକ ବିଷୟ ଉଲ୍ଲେଖ କରିବାକୁ ଉଚିତ ମନେ କରିଛି। ଏଇଟା ହେଉଛି, ସେ ଯାହାକୁ ଥରେ ଦେଖନ୍ତି ଜୀବନ ସାରା ମନେ ରଖିଥାନ୍ତି। ୧୯୫୬ ରେ ସେ ଥାଆନ୍ତି ଅବିଭକ୍ତ ବମ୍ବେ ପ୍ରଦେଶର ଗଭର୍ଣ୍ଣର। ସେଦିନ ଥାଏ ଦୋଳ ପୂର୍ଣ୍ଣିମା। ଆମେ ଖବରକାଗଜରୁ ପଢ଼ିଲୁ ଯେ ସେ କଲିକତା ରାଜଭବନକୁ ଆସୁଛନ୍ତି ଅତିଥି ହୋଇ। ତାଙ୍କୁ ଦେଖିବାକୁ ଇଚ୍ଛା ହେଲା। ମୁଁ ଓ ଆମ ଗାଁର ଗୌରକିଶୋର ଦାସ ନଅଟା ପୂର୍ବରୁ ଗଭର୍ଣ୍ଣର ହାଉସର ଗେଟ୍ ପାଖରେ ଠିଆ ହୋଇଥିଲୁ। ସେ ଆସିଲେ, ଗେଟ୍ ପାଖରେ ଆମକୁ ଦେଖି ହାତଠାରି କହିଲେ, ଅପେକ୍ଷା କର। ଠିକ୍ ପାଞ୍ଚ ମିନିଟ ପରେ ଜଣେ ସନ୍ତ୍ରୀ ଆସି ଆମକୁ ଭିତରକୁ ଡାକିନେଲା। ଦେଖୁ ଦେଖୁ ପଚାରିଲେ, ନଗେନ୍ଦ୍ର ତମେ ବର୍ତ୍ତମାନ କ'ଣ କରୁଛ ? ଉତ୍ତର ଦେଲି, ଏଠି ନାସନାଲ ଲାଇବ୍ରେରୀରେ କାମ ପାଇଛି। ଖୁସି ହେଲେ। କହିଲେ, ଭଲ ହେଲା, ମନଦେଇ କାମ କର, ଉନ୍ନତି ହେବ। ସେ ମତେ ଆଗରୁ ଜାଣିଥିଲେ, ୧୯୪୯ ରୁ କଟକରେ ଇତିହାସ କଂଗ୍ରେସର ଅଧିବେଶନ ସମୟରୁ।

### ଦାନବୀର ବିଜୁବାବୁ

ସେଠାରେ ସାକ୍ଷାତ୍ ହୋଇଛି ଦାନବୀର ବିଜୁ ପଟ୍ଟନାୟକଙ୍କ ସହିତ। ସେ ଗାଡ଼ିରୁ ଓହ୍ଲାଇଲା ବେଳେ ଗୋଟିଏ ଲୋକ ଆସି ଛତା ଧରେ, ତାହାକୁ ସଙ୍ଗେ ସଙ୍ଗେ ଦଶଟଙ୍କା ବଢ଼ାଇ ଦିଅନ୍ତି। ଦକ୍ଷିଣ କଲିକତାର ରୋଷେଇଆମାନଙ୍କର ବିଦ୍ୟାଳୟଟି ଗୋଟିଏ ଭଡ଼ାଘର ଉପର ମହଲା ଛାତରେ ଥାଏ। ସେଇଟି

ଭାଙ୍ଗି ପଡିବା ଅବସ୍ଥାରେ ଥିବାରୁ ତାଙ୍କୁ ଏ ବିଷୟରେ ଆଲୋଚନା ପାଇଁ ଏକ ସଭାକୁ ନିମନ୍ତ୍ରଣ କରାଯାଇଥିଲା। ସେ କହିଲେ "ମୁଁ ଇତିହାସରେ ବିଶ୍ୱାସ କରେ ନାହିଁ।" ନଗଦ ଦଶ ହଜାର ଟଙ୍କା ଦେଲେ ଛାତ ମରାମତି କରିବା ପାଇଁ। ପୁତ୍ର ନବୀନ ପଟ୍ଟନାୟକ ଓ କନ୍ୟା ଗୀତା ପଟ୍ଟନାୟକଙ୍କୁ ସେଠାରେ ଦେଖିଥିଲି। ଉଭୟ ହସଖୁସି ମିଜାଜର ଥିଲେ।

କଲିକତାରେ ମୋ ଘରେ ଅତିଥି ହୋଇଥିଲେ ଶାନ୍ତିନିକେତନର କୁଞ୍ଜବିହାରୀ ଦାଶ ଓ ପଦ୍ମଶ୍ରୀ ଲକ୍ଷ୍ମୀନାରାୟଣ ସାହୁ ପ୍ରମୁଖ। ମୋର ଅନ୍ତରଙ୍ଗ ହୋଇଥିଲେ କେନ୍ଦ୍ରାପଡ଼ା ଜିଲ୍ଲାର ପଟ୍ଟାମୁଣ୍ଡାଇ ଥାନା ଖଡ଼ିଅଣ୍ଡା ଗାଁର କଣ୍ଟୁରି ଚରଣ ଦାସ (୧୯୩୦-୨୦୧୬)। ସେ କଲିକତା ନୁରମହମ୍ମଦ ଲେନ୍‌ରେ ରହୁଥିଲେ। ଆସନ୍ତାକାଲି, ସମାବେଶ, ତରଙ୍ଗ ଓ କବିତା ପ୍ରଭୃତିର ସମ୍ପାଦନା ସହ ସମ୍ପୃକ୍ତ ଥିଲେ। ରହସ୍ୟ ଉପନ୍ୟାସ ତାଙ୍କର ବୈଶିଷ୍ଟ୍ୟ, ପ୍ରାୟ ୧୦୦ ଖଣ୍ଡ ପାଖାପାଖି ଲେଖିଛନ୍ତି।

**ବିଜୁ ବାବୁଙ୍କ ପୁତ୍ର ନବୀନ ପଟ୍ଟନାୟକ ଓ କନ୍ୟା ଗୀତା ପଟ୍ଟନାୟକଙ୍କୁ ସେଠାରେ ଦେଖିଥିଲି। ଉଭୟ ହସଖୁସି ମିଜାଜର ଥିଲେ।**

ତାଙ୍କ ସହିତ ଥିଲେ ଦିଗମ୍ବର ଦାସ (୧୯୨୪-୧୯୯୮) ଔପନ୍ୟାସିକ ଓ ନାଟ୍ୟଶିଳ୍ପୀ। ଘର ପଟ୍ଟାମୁଣ୍ଡାଇର ଖଡ଼ଅଣ୍ଡା ଗ୍ରାମ। କଲିକତାରେ ଗୋଟିଏ କମ୍ପାନୀରେ ଚାକିରି କରିଥିଲେ। ବିଶ୍ୱସ୍ତତା ରକ୍ଷା କରି ସେ ସର୍ବୋଚ୍ଚ ନିର୍ଦ୍ଦେଶକଙ୍କ ପ୍ରିୟଭାଜନ ହୋଇଥିଲେ। ସେ ଅଫିସ ଘରେ ରହୁଥିଲେ। ଛୁଟିଦିନମାନଙ୍କରେ ତାଙ୍କ ଘର ଓଡ଼ିଆମାନଙ୍କର ମିଳନସ୍ଥଳ ହେଉଥିଲା। ଯଦିଓ ସେ କଲିକତାର ବ୍ରଜବନ୍ଧୁ ନୈଶବିଦ୍ୟାଳୟରେ ପଢୁଥିଲେ; କିନ୍ତୁ ଡ. କୁଞ୍ଜ ବିହାରୀ ଦାଶଙ୍କ ପାଖରେ ରହି ଓଡ଼ିଆ ପଢ଼ି ଲେଖି ଶିଖିଥିଲେ। ହିନ୍ଦୀ ପଢ଼ିଲେ, ଲୋକପ୍ରିୟ ହିନ୍ଦୀ ଉପନ୍ୟାସ ଅବଲମ୍ବନରେ ଓଡ଼ିଆ ଉପନ୍ୟାସ ଲେଖିଲେ। ସେ ୧୯୫୦/୬୦ ଦଶକରେ କଲିକତାରେ ବଙ୍ଗାଳୀ ବାରାଙ୍ଗନାଙ୍କୁ ଓଡ଼ିଆ ଶିଖାଇ ଓଡ଼ିଆ ନାଟକ ସବୁ ମଞ୍ଚସ୍ଥ କରାଇଥିଲେ। ବିଶିଷ୍ଟ ଲେଖକ ଓ କଳାକାରମାନଙ୍କ ସହିତ ତାଙ୍କର ସମ୍ପର୍କ ବଢ଼ିଲା। ଦିନେ ଏକ ସାହିତ୍ୟ ସଭାରେ ଡ. କୁଞ୍ଜବିହାରୀ ଦାଶ ପଦଟିଏ କହିଦେଲେ "ଘରେ ନ ରହନ୍ତି ଗଉଡ଼େ ବଡ଼....।" ତତ୍‌କ୍ଷଣାତ୍ ଦୈତାରୀ ପ୍ରସାଦ ତାଙ୍କୁ ମାରିବାକୁ ଆସିଲେ। ଆମକୁ ଗଉଡ କ'ଣ କହୁଛ ! ଆମେ ହେଉଛୁ 'ଗୋପାଳ'। ତାଙ୍କୁ ମୁଁ ମଞ୍ଚରୁ ପଛପଟେ ଆଣି ଆମ ଘରେ ଲୁଚାଇ ରଖିଥିଲି। ଏମିତି ଥିଲା ସେ ସମୟରେ କଲିକତା ଅବସ୍ଥା।

କଲିକତାରେ ଓଡ଼ିଆ ଶ୍ରମିକମାନେ ଟିଣ ଟିଣ ପିଇବାପାଣି ବୋହି ଘରମାନଙ୍କୁ ଯୋଗାଇଥାଆନ୍ତି, ମାତ୍ର ଘରମାଲିକ ସେମାନଙ୍କୁ ପଇସା ଦିଅନ୍ତି ନାହିଁ। ଆମେ ମେୟର ବିଜୟ ମଜୁମ୍‌ଦାରଙ୍କୁ କହିବାରୁ ସେ ସେହି ପ୍ରଥା ବନ୍ଦ କରାଇଲେ ଏବଂ ତାଙ୍କୁ ଉଚିତ ପଇସା ମିଳିଥିଲା।

ସେ ସମୟରେ ଦକ୍ଷିଣ କଲିକତାରେ ବିଶିଷ୍ଟ ଓଡ଼ିଆ କର୍ମକର୍ତ୍ତାମାନଙ୍କ ମଧ୍ୟରେ ଥିଲେ ମୋ ସହକର୍ମୀ, ଜାତୀୟ ଗ୍ରନ୍ଥସୂଚୀର ସମ୍ପାଦକ ଅବକାଶ ଜେନା। ସେ ଓଡ଼ିଆରେ ଏମ୍.ଏ. ପାସ୍ କରିଥିଲେ, ଅବସର ସମୟରେ ଖିଦିରପୁର ଓଡ଼ିଆ ହାଇସ୍କୁଲରେ ପିଲାଙ୍କୁ ପଢ଼ାଉଥିଲେ। ଆଉ ଥିଲେ ସମାଜସେବୀ ପଦ୍ମଚରଣ ନାୟକ, ଷଢ଼େଇକଳା ରାଜା ଭୂପେନ୍ଦ୍ର ନାରାୟଣ ସିଂହଦେବ, ସମାଜସେବୀ ପ୍ରତିପତ୍ତିଶାଳୀ ଶ୍ୟାମସୁନ୍ଦର ଖୁଣ୍ଟିଆ, କୃଷ୍ଣଚନ୍ଦ୍ର ସାହୁ ଆଦି। ପରାମର୍ଶ ଦେଉଥିଲେ ଦର୍ଶନ ଅଧ୍ୟାପକ ଜିତେନ୍ଦ୍ର ନାଥ ମହାନ୍ତି ପ୍ରମୁଖ ଅନେକ ବ୍ୟକ୍ତି।

### ଓଡ଼ିଆଙ୍କ ବିଦ୍ରୋହ

ଏକ ବିଶିଷ୍ଟ କାରଣ ଯୋଗୁ ଓଡ଼ିଆମାନଙ୍କ ମଧ୍ୟରେ ବିଦ୍ରୋହ ଜାତ ହୋଇଥିଲା ତାହା ହେଉଛି କଲିକତାର 'ଓଡ଼ିଶା ଭବନ'। ୧୯୪୩ ହିନ୍ଦୁ-ମୁସଲମାନ ହଣାକଟା ବେଳେ ଏକ ବସ୍ତିର ଅନେକ ଓଡ଼ିଆ ପ୍ରାଣ ହରାଇଥିଲେ। ବ୍ରିଟିଶ ସରକାର ସେମାନଙ୍କୁ କ୍ଷତିପୂରଣ ଭାବେ ଅନେକ ଟଙ୍କା (ଟ.୫୦,୦୦୦) ଦେଇଥିଲେ। ଡ. ହରେକୃଷ୍ଣ ମହତାବ ତାକୁ ନେଇ ପ୍ରଜାତନ୍ତ୍ର ପ୍ରେସରେ ଲଗାଇଦେଲେ। ଆଉ ଓଡ଼ିଶା ଭବନ ହୋଇପାରିଲା ନାହିଁ, ଶ୍ରମିକମାନଙ୍କ ବିଦ୍ରୋହର କାରଣ ଥିଲା ତାହା। ଓଡ଼ିଶା ସରକାର ଗୋଟିଏ ଘର ମରାମତି କରି ତାକୁ 'ଓଡ଼ିଶା ଭବନ' ନାଁ ଦେଲେ। ମାତ୍ର ତାହା କେବଳ ସରକାରୀ କର୍ମଚାରୀଙ୍କ ପାଇଁ। ସେଥିପାଇଁ ଶ୍ରମିକ ଉତ୍ତେଜନାରେ ଏ ସଭା ସମିତି ସବୁ ଡକାଯାଉଥିଲା। ଦକ୍ଷିଣ

କଲିକତା 'ଉତ୍କଳ ସମିତି' ପ୍ରତିଷ୍ଠିତ ହେଲା ୧୯୫୫ରେ। ଆମକୁ ଉତ୍ସାହିତ ଓ କଲ୍ୟାଣ କରନ୍ତି କାଳୀମନ୍ଦିରରେ ଥିବା ଓଡ଼ିଆ ବ୍ରାହ୍ମଣମାନେ।

କଲିକତାରେ ଅଧିକାଂଶ ରୋଷେୟା ଥିଲେ ଓଡ଼ିଆ ବ୍ରାହ୍ମଣ। ରୋଷେଇ ପରେ ସେମାନେ ତାସ୍, ପଶା ଇତ୍ୟାଦି ଖେଳି ସମୟ କଟାଉଥିଲେ। ସେମାନଙ୍କ ଜୀବନର ମାନ ବଢ଼ାଇବା ପାଇଁ ଗୋପବନ୍ଧୁ ଦାସ, ବ୍ରଜବନ୍ଧୁ ଦାସ ପ୍ରମୁଖ ଅନେକ ଚେଷ୍ଟା କରିଛନ୍ତି। ନୈଶ ବିଦ୍ୟାଳୟମାନ ସ୍ଥାପନା କରି ସେମାନଙ୍କୁ ଶିକ୍ଷାଦାନର ବ୍ୟବସ୍ଥା କରିଛନ୍ତି ସେମାନେ। ତେଣୁ ଓଡ଼ିଆ ନେତାମାନଙ୍କର ଉପସ୍ଥିତି ଜରୁରି ହୋଇପଡିଥିଲା। କଲିକତାର ଜନଜୀବନରେ ଓଡ଼ିଆମାନଙ୍କୁ ବାଦ ଦିଆଯାଇପାରିବ ନାହିଁ।

**ସେମାନଙ୍କ ଜୀବନର ମାନ ବଢ଼ାଇବା ପାଇଁ ଗୋପବନ୍ଧୁ ଦାସ, ବ୍ରଜବନ୍ଧୁ ଦାସ ପ୍ରମୁଖ ଅନେକ ଚେଷ୍ଟା କରିଛନ୍ତି।**

କଲିକତାର ମାଟିଆବୁରୁଜ ବସ୍ତିରେ ଅନେକ ଓଡ଼ିଆ ଶ୍ରମିକ ରହୁଥିଲେ। ସେମାନଙ୍କ ମଧ୍ୟରୁ ଯେତେବେଳେ କେହି ନିଜ ଗାଁକୁ ଆସନ୍ତି ଆଖପାଖ ଗାଁରେ ରହୁଥିବା ଲୋକମାନେ ଖବର ପାଇ ତାଙ୍କ ଘରେ ପୂର୍ବ ସଂଧ୍ୟାରେ ପହଞ୍ଚନ୍ତି, ନିଜ ଘରକୁ କିଛି ଟଙ୍କା ଓ ଜିନିଷ ପଠାଇବା ପାଇଁ। ଟଙ୍କା ସବୁ ଗୋଟିଏ ଗାଞ୍ଜିଆ ମୁଣିରେ ଭର୍ତ୍ତି ହୁଏ। ଗାଞ୍ଜିଆଟି ଭର୍ତ୍ତି ହୋଇ ଅଣ୍ଟାରେ ବନ୍ଧା ହୁଏ। ପ୍ରତ୍ୟେକଙ୍କ ସାର୍ଟ୍‌ର ଭିତର ପଟେ ଗୋଟିଏ ଚୋରା ପକେଟ ଥାଏ। ତହିଁରେ ନୋଟମାନ ରଖାହୁଏ। ସାର୍ଟ୍ ଉପରେ ଗୋଟିଏ ଗେଞ୍ଜି ପିନ୍ଧନ୍ତି। ଗେଞ୍ଜି ଉପରେ କୋଟ୍ ପିନ୍ଧନ୍ତି। ମେଲ୍‌ଗାଡ଼ି ଭିତରେ ବହୁତ ପକେଟମାର ହୁଏ। ସେଥିପାଇଁ ଏ ଶକ୍ତ ବ୍ୟବସ୍ଥା। ଗୋଟିଏ ବଡ଼ ବାଲ୍‌ଟି ଆସେ। ସେଥିରେ ଜିନିଷପତ୍ର ସବୁ ଭରାଯାଏ। ତା' ଉପରେ ଗୋଟିଏ ଲୁହା କଡ଼େଇ ଉଗୁଡ଼େଇ ଦିଆଯାଏ ମୁହଁକୁ ଖାପ ଖାଇଲା ଭଳି। ଶେଷରେ ଗୋଟିଏ ଝୋଟ କେର୍ପାଲ୍ ଆଣି ତଳଓପର ସବୁ ଗୁଡିଆ ହୋଇ ଡାଙ୍ଗଣରେ ସିଲାଇ କରାଯାଏ ଓ ଦୃଢ଼ ଭାବରେ ବନ୍ଧାଯାଏ। ଓଡ଼ିଶାରେ ବାଲଟି କଡାଇ କାରଖାନା ନ ଥିଲା, କଲିକତାରୁ ସେସବୁ ଆସେ। ଶସ୍ତାରେ କିଣି ସେଠାରୁ ଏହାକୁ ଘରକୁ ଆଣନ୍ତି। ପୁଡ଼ିଆକୁ ମୁଣ୍ଡାଇ ହାଉଡ଼ା ଷ୍ଟେସନକୁ ଆସନ୍ତି। ସାଙ୍ଗରେ ଥାଆନ୍ତି ମଜଭୁତିଆ ୪/୫ ଜଣ ଟୋକା।

ଷ୍ଟେସନରେ କୁଲିଙ୍କ ଦୌରାତ୍ମ୍ୟ ବେଶି। ବିନା କୁଲି ସାହାଯ୍ୟରେ କେହି ତାହା ଭିତରେ ପଶିପାରନ୍ତି ନାହିଁ। ପଇସା ବଞ୍ଚାଇବାକୁ ସେଇ ଟୋକାମାନେ ମଣିଷ ଓ ପୁଟୁଳି ଉଭୟଙ୍କୁ ଭିତରେ ଓ ବାହାରକୁ ଝରକାବାଟେ ଠେଲି ଦିଅନ୍ତି। ଗାଡିଭଡା ପଡିବ ବୋଲି ସେମାନେ ମେଲ୍ ବା ଏକ୍ସପ୍ରେସ ଗାଡିରେ ଆସନ୍ତି ନାହିଁ। ଆସନ୍ତି ପାସେଞ୍ଜର ଗାଡିରେ। ଡବା ଭିତରେ ବେଞ୍ଚରେ ବସିବାକୁ ଜାଗା ନ ଥାଏ ତଳେ ପୁଡ଼ିଆକୁ ଥୋଇ ତା' ଉପରେ ବସନ୍ତି। ସେସବୁକୁ କୁହାଯାଏ 'କଡ଼ାବନ୍ଧା'।

ଏହିଭଳି ଅନେକ ରୋଚକ ଅନୁଭୂତିରେ ଭରପୂର ଥିଲା କଲିକତାରେ ମୋ'ର ସାତ ବର୍ଷର ରହଣି। ଆଜି ବି କ୍ଷୀଣ ସ୍ମୃତିରେ ଭାସି ଉଠେ ଏ ସବୁ।

□□

ଲେଖକଙ୍କ ଇ-ମେଲ ଠିକଣା:
sam@callplanets.com

**ସାହିତ୍ୟ ଚର୍ଚ୍ଚା ବର୍ତ୍ତମାନ ମୋବାଇଲ ଆପ୍ ରେ**




Search **Sahitya Charcha** on Play Store

ଆପଣଙ୍କ ମୋବାଇଲ ଫୋନ୍‌ର 'ପ୍ଲେଷ୍ଟୋର'ରୁ 'ସାହିତ୍ୟ ଚର୍ଚ୍ଚା'ର ଆପ୍ ଡାଉନ୍‌ଲୋଡ୍ କରନ୍ତୁ, ଏଥିରେ ପ୍ରକାଶିତ ରଚନାମାନ ସୁବିଧାରେ ପଢ଼ିବା ପାଇଁ।




ପ୍ରବନ୍ଧ

# ଓଡ଼ିଆ ଭାଷାର ପ୍ରାଚୀନତା ଏବଂ ବର୍ତ୍ତମାନର ସଙ୍କଟ

ଡ. ଅମ୍ବରୀଶ ଶତପଥୀ

ଆଦିମାନବ ଯେତେବେଳେ ସଭ୍ୟତାର କାଉଁରି ସ୍ପର୍ଶ ପାଇଲା ସେତେବେଳେ ତା'ର ବୌଦ୍ଧିକ ବିକାଶ ଘଟିଲା। ଉଲଗ୍ନ ଆଦିମାନବ ଗଛର ବଲ୍କଳ ପରିଧାନ କଲା, କ୍ରମେ କଞ୍ଚା ମାଂସ ନ ଖାଇ ମାଂସକୁ ପୋଡ଼ି ଖାଇଲା, କ୍ରମେ ଗିରିଗୁହାରେ ବାସ କଲା ଓ ଧୀରେ ଧୀରେ କୃଷିକାର୍ଯ୍ୟ କରିବା ସହ ଦଳବଦ୍ଧ ଭାବରେ ରହିବାକୁ ଲାଗିଲା। ମନର ଭାବ ବିନିମୟ ପାଇଁ ବିଭିନ୍ନ ଶବ୍ଦ, ଅଙ୍ଗଭଙ୍ଗୀ ପ୍ରକାଶ କଲା। ଏହିଥିରୁ ହିଁ ବିଭିନ୍ନ ଭାଷାର ସୃଷ୍ଟି ହେଲା। ପଶୁପକ୍ଷୀମାନେ ମଧ୍ୟ ବିଭିନ୍ନ ଶବ୍ଦ କରି ନିଜର ମନୋଭାବ ପ୍ରକାଶ କରିଥାନ୍ତି। ତେଣୁ ସେମାନଙ୍କର ମଧ୍ୟ ଭାଷା ରହିଛି। ରାମାୟଣରେ ମାତା କୈକେୟୀ ଏବଂ ତାଙ୍କର ପିତା ପଶୁପକ୍ଷୀମାନଙ୍କ ଭାଷା ବୁଝିପାରୁଥିଲେ ବୋଲି ବର୍ଣ୍ଣନା ରହିଛି। ତେଣୁ ଭାଷାର ସୃଷ୍ଟି ମଣିଷ ସଭ୍ୟତାର ଆରମ୍ଭରୁ ହୋଇଛି ବୋଲି କହିଲେ ଆଦୌ ଅତ୍ୟୁକ୍ତି ହେବ ନାହିଁ। କ୍ରମେ ମନର ଭାବ ପ୍ରକାଶ ନିମନ୍ତେ ବିଭିନ୍ନ ସଙ୍କେତ ବା ଚିହ୍ନ ବ୍ୟବହାର ହେଲା ଓ ତହିଁରୁ ଲିପିର ସୃଷ୍ଟି ହେଲା।



ଭାଷା ଏକ ଜୀବନ୍ତ ଜଳବାୟୁ ପରି। ପ୍ରତ୍ୟେକ ଜାତି ନିଜର ମାତୃଭାଷା ଓ ମାତୃଭୂମିକୁ ନେଇ ଗର୍ବ କରେ। ଯେଉଁ ଜାତିର ଭାଷା ଯେତେ ଉନ୍ନତ ଓ ବ୍ୟାପକ ସେ ଜାତି ପୃଥିବୀରେ ସେତେ ଉନ୍ନତ ଜାତି ଭାବରେ ସମ୍ମାନିତ। ଭାଷାର ଅର୍ଥ ଭାବବୋଧକ ସ୍ୱର ବା ଶବ୍ଦ। ଏହା ଦ୍ୱାରା ଜଣେ ନିଜର ଭାବ ଅନ୍ୟକୁ ବୁଝାଇପାରେ।

ଆଜି ଓଡ଼ିଆ ଭାଷା ଶାସ୍ତ୍ରୀୟ ଭାଷା ଭାବରେ ସ୍ୱୀକୃତ। ଏହା ଆମର ଗର୍ବ ଓ ଗୌରବର ବିଷୟ।

## ଫକୀରମୋହନଙ୍କ ଭାବନା

ଆଜି ଓଡ଼ିଆ ଜାତିର ପ୍ରାତଃସ୍ମରଣୀୟ ବ୍ୟାସକବି ଫକୀର ମୋହନଙ୍କର କାଳଜୟୀ କବିତା କେଇ ଧାଡ଼ି ମନେପଡେ-

'ମାତୃଭୂମି ମାତୃଭାଷା ଉଭୟ ଜନନୀ
ସେବି ତାଙ୍କୁ ଭକ୍ତିଭରେ ଦିବସ ରଜନୀ।
ହେଉ ପଛକେ ସେ ନିକୃଷ୍ଟ
ମୋ ମାତୃଭାଷା ମୋତେ ଶ୍ରେଷ୍ଠ
ଆଉ ଯେତେ ଭାଷା ଶିଖୁଛ ଶିଖ
ନିଜ ମାତୃଭାଷା ମହତ ରଖ।'
- ବ୍ୟାସକବି

୧୯୧୪ ମସିହାରେ ଫକୀରମୋହନ କହିଥିଲେ 'ବର୍ତ୍ତମାନ ଉତ୍କଳ ଭାଷା ଦୁଇ ସହସ୍ର ବର୍ଷ ପୂର୍ବେ ଯେ ବିଦ୍ୟମାନ ଥିଲା, ଏକଥା ନିଃସନ୍ଦେହ ରୂପେ ବୋଲାଯାଇପାରେ।' ପୁନଶ୍ଚ ବ୍ୟାସକବି ୧୯୧୫ ମସିହାରେ 'ଉତ୍କଳ ଭାଷାର ଭୂତ ଓ ଭବିଷ୍ୟତ' ଆଲୋଚନାରେ ଉଲ୍ଲେଖ କରିଛନ୍ତି, 'ଆମ୍ଭେମାନେ ସହସ୍ର ବର୍ଷ ପୂର୍ବେ ଲିଖିତ, ସୁମାର୍ଜିତ, ପୂର୍ଣ୍ଣାଙ୍ଗ ବିଶିଷ୍ଟ ଉତ୍କଳ କବିତାମାନ ପାଠ କରିଅଛୁ।' ବିଭିନ୍ନ ଭାଷାତତ୍ତ୍ୱ ଗବେଷକଗଣ ଯଥା, ଜନ୍ ବିମ୍ସ, ସାର୍ ଜର୍ଜ ଗ୍ରିୟରସନ୍, ପ୍ରଫେସର ତାରାପୁରେୱାଲା, ପଣ୍ଡିତ ନୀଳକଣ୍ଠ ଦାସ, ସତ୍ୟନାରାୟଣ ରାଜଗୁରୁ, ଡ. ମାୟାଧର ମାନସିଂହ, ଡ. ବେଣୀମାଧବ ପାଢ଼ୀ ଇତ୍ୟାଦିଙ୍କ ଆଲୋଚନାରେ ମଧ୍ୟ ଏ ସୂଚନା ଥିଲା। ଲଳିତ ବିସ୍ତର ଗ୍ରନ୍ଥରେ ଲେଖାଅଛି ଯେ ଆଚାର୍ଯ୍ୟ ବିଶ୍ୱାମିତ୍ର ବୁଦ୍ଧଦେବଙ୍କୁ ୬୪ ପ୍ରକାର ଲିପି ଶିକ୍ଷା ଦେଇଥିଲେ। ୬୪ ପ୍ରକାର ମଧ୍ୟରେ 'ଉଗ୍ରଲିପି'ର ନାମ ଉଲ୍ଲେଖ ଅଛି। ସମ୍ଭବତଃ ଉଡ୍ରଲିପି, ଉଗ୍ରଲିପି ଭାବରେ ଲିଖିତ।

ଜୈନମାନଙ୍କ 'ସମବାୟ ସୂତ୍ର' ଓ 'ପ୍ରଜ୍ଞାପନ ସୂତ୍ର' ଗ୍ରନ୍ଥରେ 'ଦାସ ଓଡ଼ିୟା' ଏବଂ 'ଦାସପୁରିୟା' ଲିପିର ନାମ ଉଲ୍ଲେଖ ଅଛି। 'ନନ୍ଦୀସୂତ୍ର' ନାମକ ଅନ୍ୟ ଏକ ଜୈନଗ୍ରନ୍ଥରେ ଛତିଶପ୍ରକାର ଲିପିର ନାମ ଉଲ୍ଲେଖ ଅଛି। ସେଥିରେ 'ଓଡ୍ରଲିପି' ନାମ ଉଲ୍ଲେଖ ଅଛି। ସ୍ୱର୍ଗତ ଗବେଷକ ଜଗବନ୍ଧୁ ସିଂହ ପ୍ରାଚୀନ ଉତ୍କଳରେ ଓଡ଼ିଆ ଭାଷାର ପ୍ରାଚୀନତା ପ୍ରମାଣ କରିବାକୁ ଯାଇ କହନ୍ତି- 'ପ୍ରାକୃତ ଲଙ୍କେଶ୍ୱର ବ୍ୟାକରଣରେ ଶାସ୍ତ୍ରୀୟ ଅଷ୍ଟାଦଶ ଭାଷାର ଉଲ୍ଲେଖ ଅଛି। ଏହି ଅଷ୍ଟାଦଶ ଭାଷା ମଧ୍ୟରେ ଓଡ଼ିୟା ଓ ଓଡ୍ରିୟା ଭାଷାର ନାମ ଉଲ୍ଲେଖ ଅଛି।' ଠିକ୍ ସେହିପରି ଖ୍ରୀଷ୍ଟପୂର୍ବ ପ୍ରଥମ ଓ ଦ୍ୱିତୀୟ ଶତାବ୍ଦୀରେ ଆଚାର୍ଯ୍ୟ ଭରତ 'ନାଟ୍ୟଶାସ୍ତ୍ର'ରେ 'ଓଡ୍ରବିଭାଷା'ର ଉଲ୍ଲେଖ କରିଛନ୍ତି।

**କଳିଙ୍ଗଯୁଦ୍ଧ ସମୟର ଭାଷା**

ଏହି ଓଡ୍ରବିଭାଷା ହଜାର ହଜାର ବର୍ଷର ବିବର୍ତ୍ତନରେ ଆଧୁନିକ ଓଡ଼ିଆ ଭାଷାରେ ପରିଣତ ହୋଇଛି। ପ୍ରାଚୀନ ଓଡ଼ିଆ ଭାଷା ଓ ଶବ୍ଦସମ୍ଭାର ବିଷୟରେ ଆଲୋଚନା କଲାବେଳେ ଜଣାଯାଏ ଖ୍ରୀ.ପୂ. ୨୬୧ରେ କଳିଙ୍ଗ ଯୁଦ୍ଧ ସମୟ କଳିଙ୍ଗବାସୀ ଯେଉଁ ଭାଷାରେ କଥା ହେଉଥିଲେ ତାହା ହିଁ ପ୍ରତ୍ନଓଡ଼ିଆ ବା ପ୍ରାଚୀନ ଓଡ଼ିଆ । ଓଡ଼ିଶାର ଭୁବନେଶ୍ୱର ନିକଟବର୍ତ୍ତୀ ଧଉଳି ଓ ଜଉଗଡ଼ଠାରେ ସମ୍ରାଟ ଅଶୋକଙ୍କ ଶିଳାଲେଖରେ ରାଜନ (ରାଜା), ବହ୍ମନ (ବ୍ରାହ୍ମଣ), ସହସ (ସହସ୍ର), ବୁଧା (ବୁଢ଼ା), ପୁତ (ପୁତ୍ର) ଇତ୍ୟାଦି ପ୍ରାଚୀନ ଓଡ଼ିଆ ଶବ୍ଦ ଦୃଷ୍ଟିଗୋଚର ହୁଏ।

**ପ୍ରାକୃତ ଲଙ୍କେଶ୍ୱର ବ୍ୟାକରଣରେ ଶାସ୍ତ୍ରୀୟ ଅଷ୍ଟାଦଶ ଭାଷାର ଉଲ୍ଲେଖ ଅଛି। ଏହି ଅଷ୍ଟାଦଶ ଭାଷା ମଧ୍ୟରେ ଓଡ଼ିୟା ଓ ଓଡ୍ରିୟା ଭାଷାର ନାମ ଉଲ୍ଲେଖ ଅଛି।**

ଏଠାରେ ଉଲ୍ଲେଖଯୋଗ୍ୟ କଳିଙ୍ଗଯୁଦ୍ଧ ବିଷୟରେ 'ସବଜଗଡ଼ ଶିଳାଲେଖ' (ପାକିସ୍ତାନ ଅନ୍ତର୍ଗତ ସବଜଗଡ଼)ରେ ଉଲ୍ଲେଖ ହୋଇଛି। ସମ୍ରାଟ ଖାରବେଳଙ୍କ ହାତୀଗୁମ୍ଫା ଶିଳାଲେଖ (ଖଣ୍ଡଗିରି-ଉଦୟଗିରି, ଭୁବନେଶ୍ୱର)ରେ ପଚ୍ଛିମ (ପଶ୍ଚିମ), ପଣାଳିଂ (ପ୍ରଣାଳୀ), ତିବସ (ଦିବସ), କୁସଳ (କୁଶଳ) ଇତ୍ୟାଦି ରହିଥିବାରୁ ଏହାର ପ୍ରାଚୀନତାକୁ ପ୍ରମାଣିତ କରେ।

ପୁନଶ୍ଚ ପ୍ରାଚୀନ ଚର୍ଯ୍ୟାପଦରେ ସିଦ୍ଧସାଧକ ସରହପାଙ୍କ ରଚନାରେ ଆମେ ଅନେକ ଓଡ଼ିଆ ଶବ୍ଦ ପାଇଥାଉ।

ଉଦାହରଣ ସ୍ୱରୂପ-ନୈକାଚର୍ଯ୍ୟ
ରାଗ- ଭୈରବୀ
କାଅ ଣାବଡ଼ି ଖାଣ୍ଟିମତା କେଡୁଆଳ
ସଦ୍‌ଗୁରୁ ବଅଣେ ଧର ପତବାଳ ।୧।
ଚିଅ ଥିରକରି ଧରହୁରେ ନାଇ
ଅନ୍ଧ ଉପାୟେ ପାର ଣ ଜାଇ।୨।
ନୌବାହୀ ନୌକା ଟାଣୁଅ ଗୁଣେ
ମେଲି ମେଳ ସହଜେ ଜାଉଣଆଣେଁ ।୩।
ବାଟତ ଭଅ ଖାଣ୍ଟବି ବଳଆ
ଭବ ଉଲୋଳେଁ ସବ ବି ବୋଳିଆ ।୪।

ଅର୍ଥ- ଶରୀରଟି ନାବ। ଖାଣ୍ଟିମନ ତହିଁରେ ଆହୁଲା। ସଦ୍‌ଗୁରୁଙ୍କ ବଚନ ଅନୁସାରେ ମଙ୍ଗକୁ ଠିକ୍‌ରୂପେ ଧର। ଚିତ୍ତକୁ ସ୍ଥିର କରି ଏହି ନାବକୁ ଧରି ବାହିନିଅ। ଅନ୍ୟ ଉପାୟରେ ଏହି ସଂସାର ସାଗରକୁ ପାରି ହୋଇପାରିବ ନାହିଁ। ମାଝି ନାବର ଗୁଣବୃକ୍ଷରେ ଦଉଡ଼ି ଲଗାଇ ଟାଣି ଟାଣି ନେବା ପରି ତୁମେ ସହଜ ସହିତ ମିଳିତ ହୁଅ ଅର୍ଥାତ୍ ସହଜମାର୍ଗକୁ ଧର। ଅନ୍ୟଆଡ଼କୁ ଯାଅ ନାହିଁ। ବାଟରେ ଭୟ ନାହିଁ। ବାଟରେ ଭୟ ରହିଛି, କାରଣ ବଳୁଆ ଖଣ୍ଟ ରହିଛନ୍ତି। ସଂସାର ସାଗରରେ ତରଙ୍ଗାୟିତ ବିଷୟବାସନା ବିହୋଳ କରିଦେଇପାରେ। ତେଣୁ ସରହ କହନ୍ତି, କୂଳଧରି ଖରସ୍ରୋତରେ ନାଆକୁ ଉଜେଇଦିଅ ଏବଂ ସିଧା ଯାଇ ଶୂନ୍ୟକାୟାରେ ପ୍ରବେଶ କର।

**ଓଡ଼ିଆ ଶବ୍ଦାବଳୀ**

କାଅ-କାୟା, ଣାବଡି-ନବଟି, ଖାଣ୍ଟିମତା-ପଞ୍ଚବିଧ ବିଜ୍ଞାନ ସମନ୍ୱିତ ମନ, କେଡୁଆଳ-କେରୁଆଳ, ବଅଣେ-ବଚନେ, ପତବାଳ-ପଟୁଆଳ, ଚିଅ-ଚିତ୍ତ, ସଂବୃତ୍ତି-ବୋଧି ଚିତ୍ତ, ନାଇ-ନାବ, ଅନ-ଅନ୍ୟ, ଣ ଯାଇ-ନାଇ, ଗୁଣେ-ଗୁଣଦ୍ୱାରା, ସହଜେ-ସହଜ ସହିତ, ଣଆଣେ-ନଆନେ, ବାଟ-ଅବଧୂତୀମାର୍ଗ, ଭଅ-ଭୟ, ଖାଣ୍ଟ-ଖଣ୍ଟ, ସୂର୍ଯ୍ୟ ଚନ୍ଦ୍ର ବା ଇଡ଼ା-ପିଙ୍ଗଳା ନାଡ଼ିଦ୍ୱୟ, ବଳଆ-ବଳୁଆ, ଉଲୋଳେଁ- ଉଲ୍ଲୋଳ ଯୋଗୁଁ, ବୋଳିଆ-ଭୋଳିଆ, କୂଳ-ପ୍ରକୃତି ପରିଶୁଦ୍ଧାବଧୂତିକା,

ଖରେସୋଣ୍ଟେଁ- ଖରସ୍ରୋତରେ ମହାସୁଖରାଗ-ସ୍ରୋତାବର୍ତ୍ତ, ଉଜା- ଉଜେଇଦିଅ, ଉଜାଣି ଯାଅ, ଗଅଣେ-ଗଗନେ, ବୈମଲ୍ୟ ଚକ୍ରଦ୍ୱୀପ- ସମାଅ-ପ୍ରବେଶ କର।

ଏଥିରେ ଅନେକ ପ୍ରାଚୀନ ଓଡ଼ିଆ ଶବ୍ଦ ଦୃଷ୍ଟିଗୋଚର ହୋଇଥାଏ। ସେହିପରି ଶ୍ରୀଜଗନ୍ନାଥ ମନ୍ଦିରରେ ଲେଖା ହୋଇଆସୁଥିବା ପ୍ରାଚୀନ ମାଦଳାପାଞ୍ଜିରେ ଯୁଝ, ଅଣସର, ମୁହାଣି, ବାଖର, ପିଣ୍ଡି, ନୋହଇ, ମାଖୁନା (ଦନ୍ତହୀନ) ମଡ଼ଫୁଲ, ଏଥକୁ, ଓହୋରି, କଣିଆ, ଖଟଣି, ରାତ୍ରରେ, ମଇଲମ, ବୋଇଲା, ଟୋକା, ଗୋପନ୍ଥ (ଗୋଚର) ଇତ୍ୟାଦି ଦେଶଜ ଓ ପ୍ରାଚୀନ ଓଡ଼ିଆ ଶବ୍ଦ ଦୃଷ୍ଟିଗୋଚର ହୋଇଥାଏ। ଏସବୁ ବ୍ୟତୀତ କଳସା ଚଉତିଶା, ସୋମନାଥ ବ୍ରତକଥା, ରୁଦ୍ରସୁଧାନିଧି, ନାଥ ସାହିତ୍ୟ, ଶିଶୁବେଦ, ସପ୍ତାଙ୍ଗଯୋଗ, ଅଷ୍ଟାଙ୍ଗଯୋଗ, ଗୋରେଖ ସଂହିତା ଇତ୍ୟାଦିଠାରୁ ଆରମ୍ଭ କରି ସାରଳା ଦାସଙ୍କ ପର୍ଯ୍ୟନ୍ତ ପ୍ରାଚୀନ ଓଡ଼ିଆ ଭାଷାକୁ ଅନୁଧ୍ୟାନ କଲେ ଆମ୍ଭେମାନେ ଓଡ଼ିଆ ଭାଷାର ପ୍ରାଚୀନତା ବିଷୟରେ କଳନା କରିପାରିବା।




### ସଙ୍କଟାପନ୍ନ ସମୟ

ଆଜି ଓଡ଼ିଆ ଭାଷା ଏକ ସଙ୍କଟମୟ ସମୟ ଦେଇ ଗତି କରୁଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ପୁସ୍ତକ, ପତ୍ରପତ୍ରିକା, ଖବରକାଗଜ ପ୍ରକାଶନ ଇତ୍ୟାଦି କ୍ଷେତ୍ରରେ ଅଭିବୃଦ୍ଧି ଘଟିଛି ସତ, ମାତ୍ର ପାଠକ ସଂଖ୍ୟା ସେହି ଅନୁପାତରେ ବୃଦ୍ଧି ପାଉନି। ତା'ର କାରଣ ଖୋଜିବାକୁ ହେଲେ ବିଭିନ୍ନ ଦିଗ ପ୍ରତି ଦୃଷ୍ଟିପାତ କରିବାକୁ ପଡିବ। ଆଜି କାଲି ଛତୁ ଫୁଟିଲା ଭଳି ଇଂରାଜୀ ମାଧ୍ୟମ ବିଦ୍ୟାଳୟମାନ ଖୋଲା ହେଉଛି। ତେଣୁ ଅଧିକାଂଶ ପିଲା ଶୈଶବକାଳରୁ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ପାଠପଢ଼ିବା ସହ ଇଂରାଜୀରେ ଅଧିକ ଦକ୍ଷ ହେବାକୁ ଚେଷ୍ଟା କରୁଛନ୍ତି। ଏଥିପାଇଁ କେବଳ ପିତାମାତା ନୁହନ୍ତି ଆମର ସମାଜର ମଧ୍ୟ ଭୂମିକା ରହିଛି। ଅଧିକାଂଶ ବ୍ୟକ୍ତିବିଶେଷଙ୍କର ଧାରଣା ଯେ ଓଡ଼ିଆରେ ପଢ଼ିଲେ ଭବିଷ୍ୟତରେ ଚାକିରି ଇତ୍ୟାଦି ପାଇବା କଷ୍ଟ। ପୁନଶ୍ଚ ସରକାରୀ କାର୍ଯ୍ୟାଳୟର କାର୍ଯ୍ୟ କୋର୍ଟକଚେରି କାର୍ଯ୍ୟ ବିଭିନ୍ନ ଘରୋଇ ଶିକ୍ଷାନୁଷ୍ଠାନର କାର୍ଯ୍ୟରେ ଇଂରାଜୀ ବ୍ୟବହୃତ ହେଉଛି। ତେଣୁ ଇଂରାଜୀ ପ୍ରତି ଗୁରୁତ୍ୱ ବଢ଼ିବା ସ୍ୱାଭାବିକ। କେବଳ ଓଡ଼ିଆ ଶିକ୍ଷକ ଓ ଓଡ଼ିଆ ଅଧ୍ୟାପକ ଚାକିରି ପାଇଁ ଓଡ଼ିଆ ଭାଷାରେ ସାକ୍ଷାତ୍‌କାର ହୋଇଥାଏ। ଅନ୍ୟାନ୍ୟ ବିଭିନ୍ନ ପଦପଦବୀ ପାଇଁ ସାକ୍ଷାତ୍‌କାର ଇଂରାଜୀ ଭାଷାରେ ହୋଇଥାଏ। ତେଣୁ ଚାକିରି ପାଇଁ ସାକ୍ଷାତ୍‌କାର ଦେବାକୁ ପ୍ରସ୍ତୁତ ହେଉଥିବା ଛାତ୍ରଛାତ୍ରୀ ମୌଖିକ ଇଂରାଜୀ ରେ ଦକ୍ଷତା ପାଇଁ ପ୍ରଶିକ୍ଷିତ ହୋଇଥାନ୍ତି। ତା'ଛଡା ଆମ୍ଭମାନଙ୍କର ମନରେ ମଧ୍ୟ ହୀନମନ୍ୟତା ରହିଛି। ଆମେ ନିଜ ଭାଷାରେ (ଓଡ଼ିଆରେ) କଥା କହିବାକୁ ସଙ୍କୋଚ ଅନୁଭବ କରୁଛେ।

ଅନେକ ବୁଦ୍ଧିଜୀବୀ ମତବ୍ୟକ୍ତ କରନ୍ତି ଯେ ଗ୍ରାମାଞ୍ଚଳରେ ଓଡ଼ିଆ ଭାଷାର ସ୍ଥିତି ସୁଦୃଢ଼ ରହିଛି, ମାତ୍ର କେବଳ ଗ୍ରାମାଞ୍ଚଳକୁ ନେଇ ଆମେ ଆଲୋଚନା କରୁନେ ବରଂ ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳ, ଏପରିକି ଓଡ଼ିଶାରୁ ଦୁର୍ଭାଗ୍ୟବଶତଃ ବିଚ୍ଛିନ୍ନ ହୋଇଯାଇଥିବା ବିଚ୍ଛିନ୍ନାଞ୍ଚଳରେ ଭାଷା ସୁରକ୍ଷା କଥା ମଧ୍ୟ ଚିନ୍ତା କରୁଛେ।

ଏ ବିଷୟରେ ପ୍ରତ୍ୟେକ ଓଡ଼ିଆ ଚିନ୍ତା କରିବା ଦରକାର। ଚାଣକ୍ୟଙ୍କ ମତରେ, 'ଉପାୟଂ ଚିନ୍ତୟେତ୍ ପ୍ରାଜ୍ଞ ଅପାୟଂ ଚ ଚିନ୍ତୟେତ୍' ଅର୍ଥାତ୍ ବିଜ୍ଞ ବା ବୁଦ୍ଧିମାନ୍ ବ୍ୟକ୍ତି ଭଲ କଥା ଚିନ୍ତା କରିବା ସହିତ ମନ୍ଦକଥା ମଧ୍ୟ ଚିନ୍ତା କରିବା ଉଚିତ୍। ତେଣୁ ଆମେ ଓଡ଼ିଆ ଭାଷାର ଭବିଷ୍ୟତ ଚିନ୍ତା କଲା ବେଳେ ଭଲ ସହ ମନ୍ଦଦିଗଟିକୁ ମଧ୍ୟ ଚିନ୍ତା କରିବା ଉଚିତ୍। ଦିନ ଥିଲା 'ଓଡ଼ିଆ ଏକ୍‌ଟା ସ୍ୱତନ୍ତ୍ର ଭାଷା ନୟ' ବୋଲି କାନ୍ତିଚନ୍ଦ୍ର ଭଟ୍ଟାଚାର୍ଯ୍ୟ, ରାଜେନ୍ଦ୍ର ଲାଲ୍ ମିତ୍ର ଇତ୍ୟାଦି ପ୍ରଚାର କରି ଓଡ଼ିଆ ଭାଷାକୁ ଏକ ସଙ୍କଟମୟ ପରିସ୍ଥିତିକୁ ଠେଲି ଦେଇଥିଲେ। ସେତେବେଳେ ଓଡ଼ିଆ ଜାତିର ପ୍ରାତଃ ସ୍ମରଣୀୟ ବ୍ୟାସକବି ଫକୀରମୋହନ, କର୍ମବୀର ଗୌରୀଶଙ୍କର, କବିବର ରାଧାନାଥ ଇତ୍ୟାଦିଙ୍କ ପ୍ରବଳ ବିରୋଧ ତଥା ଜନ୍ ବିମ୍‌ସ (ତତ୍କାଳୀନ ବାଲେଶ୍ୱର କଲେକ୍ଟର)ଙ୍କ ସମର୍ଥନ ଯୋଗୁ ଓଡ଼ିଆ ଭାଷା ଏକ ନିଶ୍ଚିତ ବିପଦରୁ ରକ୍ଷା ପାଇଥିଲା। ହେଲେ ଆଜି ପୁଣି ଏକ ସଙ୍କଟ ଆସିଛି। ଓଡ଼ିଆ ଭାଷାକୁ ସୁରକ୍ଷା ଦେବା ପାଇଁ ପ୍ରତ୍ୟେକ ଓଡ଼ିଆ ଆଗେଇ ଆସିବା ଉଚିତ୍। ନଚେତ୍ 'ନେଡ଼ିଗୁଡ଼ କହୁଣିକୁ ବହିଗଲା' ପରେ ଆଉ କିଛି କରିବାର ନ ଥିବ।


□□

ଲେଖକଙ୍କ ଇ-ମେଲ ଠିକଣା:
ambarisha_satpathy@rediffmail.com

ସାକ୍ଷାତକାର

# ବର୍ଷୀୟାନ କଥାକାର ଦେବ୍ରାଜ ଲେଙ୍କାଙ୍କ ସହ କିଛି ଆଳାପ

*ଦେବ୍ରାଜ ଲେଙ୍କା ଓଡ଼ିଆ କଥାସାହିତ୍ୟରେ ଏକ ସୁପରିଚିତ ନାମ ଏବଂ ଅନେକେ ତାଙ୍କୁ 'ଶବ୍ଦର ଯାଦୁଗର' ଭାବରେ ଅଭିହିତ କରନ୍ତି । ୧୯୩୯ ମସିହାରେ ଜନ୍ମିତ ଏହି ସାରସ୍ୱତ ପ୍ରତିଭାଧର କଟକ ସହରରେ ବାସ କରନ୍ତି । ଏ ଯାବତ୍ ତାଙ୍କର ୧୫ଗୋଟି ଉପନ୍ୟାସ ଓ ସାତଗୋଟି ଗଳ୍ପ ସଂଗ୍ରହ ପ୍ରକାଶିତ । ସେ ୧୯୯୪ ମସିହାରେ 'ଓଡ଼ିଶା ସାହିତ୍ୟ ଏକାଡେମୀ' ପୁରସ୍କାରରେ ସମ୍ମାନିତ ହୋଇଥିଲେ । ତାଙ୍କର ସାରସ୍ୱତ ଜୀବନ ସଂପର୍କରେ ତାଙ୍କ ସହିତ ବାର୍ତ୍ତାଳାପ କରିଥିଲେ 'ସାହିତ୍ୟ ଚର୍ଚ୍ଚା'ର ସଂପାଦକ ନିହାର ଶତପଥୀ ।*



**ସାହିତ୍ୟ ଚର୍ଚ୍ଚା:** ଶୁଣିଛୁ, ଆପଣଙ୍କ ସ୍କୁଲ୍ ସାର୍ଟିଫିକେଟରେ ଅଛି ସୁନ୍ଦର ନାଆଁଟିଏ - ଦେବରାଜ ଲେଙ୍କା । ଅଥଚ ଆପଣ ନିଜର ଲେଖକୀୟ ଜୀବନରେ 'ଦେବ୍ରାଜ ଲେଙ୍କା' ବୋଲି ପରିଚିତ ହେବାକୁ ଅଧିକ ପସନ୍ଦ କଲେ । ଏମିତି କାହିଁକି ?

**ଦେବ୍ରାଜ ଲେଙ୍କା:** ମୁଁ ନାଆଁକୁ ଗୋଟିଏ 'ଟୁଇଷ୍ଟ' ଦେବାକୁ ଚାହୁଁଥିଲି; ଯେମିତିକି ସେଇଟା ଉପରକୁ ଉଠିବ । ସ୍କୁଲ୍ ରେ ସାଙ୍ଗମାନେ ମୋତେ 'ଦେବ୍ରାଜ' ବୋଲି ଡାକୁଥିଲେ, କେହି ବି ଦେବରାଜ ବୋଲି କହନ୍ତି ନାହିଁ । ବଡ ହେବାପରେ ମୁଁ ସେଇ 'ଦେବ୍ରାଜ' ସହିତ ଲାଖିଗଲି । ଏଥିପାଇଁ ବେଳେବେଳେ କିଛି ସମସ୍ୟା ବି ହୋଇଛି ।

**ସାହିତ୍ୟ ଚର୍ଚ୍ଚା:** କି ସମସ୍ୟା ?

**ଦେବ୍ରାଜ ଲେଙ୍କା:** ଜଣେ ସମ୍ପାଦକ ମୋତେ କହିଲେ ଯେ, ଆପଣ ନିଜର ନାଆଁଟିକୁ ବଦଳାନ୍ତୁ, ନହେଲେ ଆପଣଙ୍କ ଗପ ଛପାଯିବ ନାହିଁ ।

**ସାହିତ୍ୟ ଚର୍ଚ୍ଚା:** କିଏ ଥିଲେ ସେ ?

**ଦେବ୍ରାଜ ଲେଙ୍କା:** 'ନବଜୀବନ' ପତ୍ରିକାର ସମ୍ପାଦକ, ଚିନ୍ତାମଣି ମିଶ୍ର ।

**ସାହିତ୍ୟ ଚର୍ଚ୍ଚା:** ଆପଣ ତ କବିତା କେବେ ଲେଖିନାହାନ୍ତି । ଏହା କ'ଣ ଏଇଥିପାଇଁ ଯେ ଆପଣଙ୍କ ଲାଗି କବିତାକୁ ପରିପ୍ରକାଶ କରିବାର ମାଧ୍ୟମ ହେଉଛି ଗଳ୍ପ ଓ ଉପନ୍ୟାସ ହିଁ ?

**ଦେବ୍ରାଜ ଲେଙ୍କା:** ହଁ, ତାରି ଭିତରକୁ ମୋ'ର କବିତା ଠେଲି ହୋଇକରି ପଶେ । ଲେଖିବା ବେଳେ 'ଓଭର-ଇମୋଶନାଲ୍' ହୋଇ କାନ୍ଦିପକାଏ ବେଳେବେଳେ । ସେତିକିବେଳେ କବିତା ମୋ ରଚନା ଭିତରକୁ ଆସି ହାଜର ହୋଇଯାଏ ।

**ସାହିତ୍ୟ ଚର୍ଚ୍ଚା:** ଲେଖିଲାବେଳେ ଆପଣ ସାହିତ୍ୟର ଧରାବନ୍ଧା ବାଡବତା ମାନନ୍ତି ନାହିଁ ବୋଲି ମଧ୍ୟ କୁହାଯାଏ । ଆପଣ ନିଜେ ହିଁ ନିଜର ଶୈଳୀ ଗଢିଦିଅନ୍ତି, ସ୍ୱଚ୍ଛନ୍ଦ ଭାବରେ । ଏହା କ'ଣ ଆପଣଙ୍କ ପ୍ରକୃତିଗତ ?

**ଦେବ୍ରାଜ ଲେଙ୍କା:** ଆପଣ ଯେ କହିଲେ, ଧରାବନ୍ଧା କଟକଣା - ଏହାକୁ କ'ଣ ଦେବତାମାନେ ଆସି ଗଢିଛନ୍ତି ? ଆମରି ଭଳି ଲୋକମାନେ ଏହା କରିଛନ୍ତି । ମୂଳକଥା ହେଲା,

ସେ ବାଣଭଟ୍ଟ, ରାଜଶେଖର - ଏମାନଙ୍କୁ କାହିଁକି ମୁଁ ଅନୁସରଣ କରିବି ? ସେମାନେ ଯାହା ଲେଖିଛନ୍ତି ସେହି ଅନୁସାରେ ଯେ ମୁଁ ଲେଖିବି ବୋଲି କିଛି ମାନେ ନାହିଁ। ମୁଁ ମୋ ନିଜସ୍ୱ ଧାରାରେ ଚାଲିବି।

**ସାହିତ୍ୟ ଚର୍ଚ୍ଚା:** ତା'ହେଲେ ତ ଆପଣଙ୍କୁ ଅନ୍ୟ କୌଣସି ଲେଖକଙ୍କ ସହିତ ତୁଳନା କରିହେବ ନାହିଁ।

**ଦେବ୍ରାଜ ଲେଙ୍କା:** ସେ ବ୍ରାଡଲେ କ'ଣ କହିଲେ, ସେ ଥମସନ୍ କ'ଣ କହିଲେ - ମୁଁ ସେସବୁ ଜାଣିନାହିଁ। ମୂଳକଥା ହେଲା ମୁଁ ଗୋଟିଏ 'କ୍ରିଏଟିଭ୍ ରାଇଟର'। ମୋତେ କାହା ଫର୍ମୁଲାରେ ପକାନ୍ତୁ ନାହିଁ। ସେ ବ୍ୟାକରଣଟା ଭୁଲ୍ ହୋଇଯାଇଛି, ବା ଅମୁକଟା ସେଥିରେ ମୋର ଯାଏ ଆସେ ନାହିଁ। ମୋ'ର ନାଆଁ ଟା ହିଁ ଭୁଲ ନା !

**ସାହିତ୍ୟ ଚର୍ଚ୍ଚା:** ଆଉ ଗୋଟିଏ କଥା ମଧ୍ୟ ଆପଣଙ୍କ ଅଧିକାଂଶ ରଚନାରେ ଲକ୍ଷ୍ୟ କରାଯାଏ; ତା'ହେଲା ଗାଆଁ ମାଟିର ମୋହ। ଉଦାହରଣ ସ୍ୱରୂପ ଆପଣଙ୍କର ଗଳ୍ପ 'ଗାଁ ଗାଁ ଆହା ଆହା'।

**ଦେବ୍ରାଜ ଲେଙ୍କା:** ଏ ଗପଟା ଅଧା ଗାଁ, ଅଧା ସହରୀ। ମୁଁ ସହରୀ କଥା ବି କହେ। ତେବେ ସମସ୍ତେ ମୋତେ କହନ୍ତି ଯେ 'ଆପଣ ଗାଁ ମାଟିର କଥା ବେଶି କହୁଛନ୍ତି।'

**ସାହିତ୍ୟ ଚର୍ଚ୍ଚା:** ଆପଣ ମୂଳତଃ କେଉଁ ଚରିତ୍ରମାନଙ୍କୁ ନେଇ ନିଜ ଗଳ୍ପର ସାମ୍ରାଜ୍ୟ ଗଢନ୍ତି ?

**ଦେବ୍ରାଜ ଲେଙ୍କା:** ଭୋଟର ଲିଷ୍ଟରେ ଆପଣ ମୋ ଚରିତ୍ରମାନଙ୍କ ନାଆଁ ସବୁ ପାଇବେ। ସେଥିରେ ଥିବା ସାଧାରଣ ମଣିଷମାନେ ହିଁ ମୋର ଚରିତ୍ର।

**ସାହିତ୍ୟ ଚର୍ଚ୍ଚା:** ଏମିତି ସାଧାରଣ ଲୋକର ଭାଷାରେ ଲେଖିବା ପାଇଁ ପ୍ରେରଣା କେଉଁଠୁ ପାଇଲେ ?

**ଦେବ୍ରାଜ ଲେଙ୍କା:** ମତେ ଥରେ ପ୍ରଫୁଲ୍ଲ ତ୍ରିପାଠୀ କହିଲେ, ତମେ କାହାପାଇଁ ଲେଖୁଚ ? ୮୦ ପ୍ରତିଶତ ଲୋକଙ୍କ ପାଇଁ, ନା ୨୦ ପ୍ରତିଶତଙ୍କ ପାଇଁ ? ସେ ମୋତେ ବିଧି ବତେଇଦେଲେ। 'ମହାନଦୀରେ ଚନ୍ଦ୍ରମାର ଜ୍ୟୋସ୍ନାବିହାର,' ଏଥିରେ ଓଡ଼ିଆ ଶବ୍ଦ କେତୋଟି ଅଛି ? କେବଳ 'ର'ଟି ଓଡ଼ିଆ। ଏସବୁ ହେଉଚି ତତ୍ସମ। ଦିସ୍ ଇଜ୍ ନଟ୍ ପ୍ୟୋର୍ ଓଡ଼ିଆ। ତେଣୁ ସାଧାରଣ ଲୋକଙ୍କ ଭାଷାରେ ଲେଖାଯାଉ। ନିଜକୁ ଗୋଟିଏ ମୂର୍ଖ ମନେକରି ସାହିତ୍ୟ ଲେଖିବା ଭାରି କଷ୍ଟ।

**ସାହିତ୍ୟ ଚର୍ଚ୍ଚା:** ନିଜକୁ ମୂର୍ଖ ମନେକରି, ଏବଂ ପାଠକଙ୍କୁ ମଧ୍ୟ !

**ଦେବ୍ରାଜ ଲେଙ୍କା:** ଆପଣ ଯେଉଁ ହାଇଟ୍ କୁ ଯାଇଛନ୍ତି ପାଠପଢି, ସେଥିରୁ ତଳକୁ ଖସିବା ଭାରି କଷ୍ଟ। ମୂର୍ଖ ଏବଂ ଗାଁ, ଏ ଦୁହେଁ ଏକା ଲେଭେଲ୍ ରେ ଅଛନ୍ତି। ମୁଁ ସେଇମାନଙ୍କ ପାଇଁ ଲେଖେ। ଆଚ୍ଛା କହିଲେ, ଗୋପୀ ମହାନ୍ତି ଆଦିବାସୀଙ୍କ ଉପରେ ଲେଖିଲେ, 'ଅମୃତର ସନ୍ତାନ'। ଏଇଟା କେଉଁ ଓଡ଼ିଆ ?

**ସାହିତ୍ୟ ଚର୍ଚ୍ଚା:** ତେବେ ଆପଣ ମଣିଷର କଥା କହନ୍ତି ମଣିଷର ଭାଷାରେ। ଆପଣଙ୍କ ବହିଗୁଡିକର ନାମକରଣ ମଧ୍ୟ ବେଳେବେଳେ ଅଜବ ଲାଗେ। ଗୋଟିଏ ବହିର ତ ନାମରେ ହିଁ ସମ୍ପୂର୍ଣ୍ଣ କବିତାଟିଏ, 'ଶୂନ୍ ଶୂନ୍ ଆର୍ଟିଷ୍ଟ/ ଠୋ' ପଟାସ୍ ଘୋଡ଼ା/ ଗୁମସୁମ୍ କ୍ୟାନଭାସ୍/ କାନ୍ଦ ପାଇଁ ଖାସ୍/ ଲୁହ ପାଇଁ ଖାସ୍।' ଏତେ ଲମ୍ବା ନାଆଁ, ଏବଂ ଏକ ଉଦ୍ଭଟ ଆଧୁନିକ କବିତା ଭଳି ମଧ୍ୟ ଲାଗୁଛି। ଏମିତି ନାଆଁ ଆଉ କୌଣସି ବହିର କେବେ କେଉଁଠି ଦିଆଯିବାର ଆପଣ ଶୁଣିଛନ୍ତି ?

**ସାଧାରଣ ଲୋକଙ୍କ ଭାଷାରେ ଲେଖାଯାଉ। ନିଜକୁ ଗୋଟିଏ ମୂର୍ଖ ମନେକରି ସାହିତ୍ୟ ଲେଖିବା ଭାରି କଷ୍ଟ।**

**ଦେବ୍ରାଜ ଲେଙ୍କା:** ନାଇଁ, ଶୁଣିନାହିଁ।

**ସାହିତ୍ୟ ଚର୍ଚ୍ଚା:** ଏମିତି ନାଁ ଟିଏ କେମିତି ଆପଣଙ୍କ ମଗଜକୁ ଢୁକିଲା ? ଏବଂ ଏହା ସାହିତ୍ୟିକ ମହଲରେ ସ୍ୱୀକୃତ ହେବ ବୋଲି ବି ଆପଣ କେମିତି ଧରିନେଲେ ?

**ଦେବ୍ରାଜ ଲେଙ୍କା:** ଦେଖନ୍ତୁ, ଆପଣଙ୍କ ପାଖରେ ଯୋଡିଏ ଜିନିଷ ଅଛି, ଫୁଲମାଳ କିମ୍ବା ଜୋତା। ମୋ ଲେଖାଟି ଯଦି ଭଲ ଲାଗିବନି, ତେବେ ସେମାନେ ଜୋତା ମାଳ ଦେବେ। କିଛି ଯାଏ ଆସେ ନାହିଁ।

**ସାହିତ୍ୟ ଚର୍ଚ୍ଚା:** ମନେହୁଏ ଆପଣ ଅମଡ଼ା ବାଟରେ ଚାଲିବାକୁ ବେଶି ପସନ୍ଦ କରନ୍ତି।

**ଦେବ୍ରାଜ ଲେଙ୍କା:** ଠିକ୍ କହିଲେ, ମୁଁ ଅମଡ଼ା ବାଟରେ ଚାଲେ। ରାସ୍ତାର ବାଁ ପଟରେ ଆପଣ ଯାଆନ୍ତି। ମୁଁ କିନ୍ତୁ


ସେପଟେ ଯାଏନି। ମୁଁ ଯଦି ଅଲଗା ହୋଇଗଲି, ସେଇଟା ମୋ'ର ସାହସିକତା।

**ସାହିତ୍ୟ ଚର୍ଚ୍ଚା:** 'ଅନ୍ଧ ମୁହାଁଣୀ' ଆପଣଙ୍କର ଗୋଟିଏ ଚର୍ଚ୍ଚିତ ଉପନ୍ୟାସ। ଏବେ ବି ଆପଣ ସର୍ବତ୍ର 'ଅନ୍ଧ ମୁହାଁଣୀ'ର ଲେଖକ ଭାବେ ପରିଚିତ ହୁଅନ୍ତି। ଉପନ୍ୟାସଟିର ସଫଳତାର କାରଣ କ'ଣ ଥିଲା ?

**ଦେବ୍ରାଜ ଲେଙ୍କା:** ପାଠକମାନେ କାନ୍ଦିବାକୁ ଭଲ ପାଆନ୍ତି। ପଢୁଥିବେ, ଟିକିଏ କାନ୍ଦୁଥିବେ, ଲୁହ ପୋଛୁଥିବେ, ଆହୁରି ପଢୁଥିବେ।

**ସାହିତ୍ୟ ଚର୍ଚ୍ଚା:** ତେବେ ଏହି ଉପନ୍ୟାସଟିର ଚରିତ୍ର 'ରାନୁ' କ'ଣ ଗୋଟିଏ କାନ୍ଦୁରୀ ଝିଅ ?

**ଦେବ୍ରାଜ ଲେଙ୍କା:** କାନ୍ଦିନି କେବେ ଜୀବନରେ। କାମ କରେ ଚୁପଚାପ୍।




**ସାହିତ୍ୟ ଚର୍ଚ୍ଚା:** କିନ୍ତୁ ସେ ପାଠକକୁ କନ୍ଦାଇ ଦିଏ। ହେଉ, ଏବେ ଆଉଥରେ ଟିକିଏ ଆପଣଙ୍କ ଲେଖାର ଭାଷା ଓ ଭାବବିନ୍ୟାସକୁ ଆସିବା। ଆପଣଙ୍କ ଉପନ୍ୟାସରେ ଏତେ ଆତ୍ମମୁଖୀ ତଲ୍ଲୀନତା ଅଛି ଯେ ମନେହୁଏ ଯେମିତି ପାଠକକୁ ଆଖି ଆଗରେ ରଖି ଲେଖନ୍ତି ନାହିଁ, ବରଂ ନିଜ ପାଇଁ ଲେଖନ୍ତି।

**ଦେବ୍ରାଜ ଲେଙ୍କା:** ମୁଁ ପ୍ରଥମେ ନିଜ ପାଇଁ ଲେଖେ। ତାପରେ ମୋ'ର ପସନ୍ଦ ହେଲେ ପ୍ରକାଶନ ପାଇଁ ବାହାରକୁ ଛାଡେ।

**ସାହିତ୍ୟ ଚର୍ଚ୍ଚା:** ଆପଣ ଜଣେ ନିଃସଙ୍କୋଚ ଓ ସାହସୀ ଲେଖକ ବୋଲି କେତେକ ସମାଲୋଚକ କହନ୍ତି, ଯାହାକୁ ଆମେ ଇଂରାଜୀରେ କହୁ 'ଆଇକୋନୋକ୍ଲାଷ୍ଟ'- ଅର୍ଥାତ୍ ଆପଣ ଯେମିତି ଭାଙ୍ଗିଦେବେ ସବୁକିଛି। ଧାରା ପ୍ରବାହ ବିରୋଧରେ ଆପଣଙ୍କ ମନରେ କୁହୁଳୁଥିବା ଏହା ଏକ ବିଦ୍ରୋହର ପରିପ୍ରକାଶ ନୁହଁ କି ?

**ଦେବ୍ରାଜ ଲେଙ୍କା:** ଏକଦମ୍ ଠିକ୍।

**ସାହିତ୍ୟ ଚର୍ଚ୍ଚା:** ଏ ବିଦ୍ରୋହ କାହା ବିରୁଦ୍ଧରେ ?

**ଦେବ୍ରାଜ ଲେଙ୍କା:** ପ୍ରଚଳିତ ଧାରା।

**ସାହିତ୍ୟ ଚର୍ଚ୍ଚା:** ଟିକିଏ ବୁଝାଇ ଦେବେ।

**ଦେବ୍ରାଜ ଲେଙ୍କା:** ମୁଁ କହିଲି ପା ! 'ଚଳ ଚଞ୍ଚଳ' ଲେଖିଲାବାଲା ହେଲ ତମେ। ମୁଁ 'ଚଳ ଚଞ୍ଚଳ' ଲେଖିବି ନାହିଁ। 'ଚଳ' ଯାହା, 'ଚଞ୍ଚଳ' ବି ସେଇଆ। ସେମିତି ଆଉ ଗୋଟିଏ ଶବ୍ଦ ହେଲା 'ଆଶ୍ଚର୍ଯ୍ୟ ଚକିତ'। ମୁଁ ଏସବୁ ଲେଖିଲା ବାଲା ନୁହେଁ।

**ସାହିତ୍ୟ ଚର୍ଚ୍ଚା:** ଆଉ ଗୋଟିଏ କଥା; ଆପଣ ଲେଖିଲା ବେଳେ ଶ୍ଳୀଳ, ଅଶ୍ଳୀଳ କିଛି ମାନନ୍ତି ନାହିଁ। ଲାଜ ସରମକୁ ଆଡେଇ ଆପଣଙ୍କ କଲମ ମାଡ଼ି ଚାଲିଥାଏ। ଏମିତି କାହିଁକି ?

**ଦେବ୍ରାଜ ଲେଙ୍କା:** ଆପଣ ଅଶ୍ଳୀଳ କାହାକୁ କହୁଛନ୍ତି ମୁଁ ଜାଣିନି। ବର୍ତ୍ତମାନ ରିକ୍ସାବାଲା କି ଶଗଡ଼ିଆ ଯେଉଁ ଭାଷା କହିବ, ସେଇ ଭାଷାରେ ମୁଁ ଲେଖେ। ଏ ଲେଖକଗୁଡା ପରା 'ବାଳ' କହିବାକୁ ଡରୁଛନ୍ତି ! କହୁଛନ୍ତି କ'ଣ ନା 'କେଶ'। କିରେ, 'କେଶ' କ'ଣ ?

**ସାହିତ୍ୟ ଚର୍ଚ୍ଚା:** ଆପଣଙ୍କୁ କେତେଜଣ, ଇଂରାଜୀ ସାହିତ୍ୟର ଭର୍ଜିନିଆ ଉଲ୍ଫ ଓ ଜେମ୍ସ ଜଏସ୍ ଙ୍କ ସହ ତୁଳନା କରନ୍ତି। ଏହା କ'ଣ ଯଥାର୍ଥ ?

**ଦେବ୍ରାଜ ଲେଙ୍କା:** ହୋଇପାରେ। ବୁଢ଼ା ବୟସରେ ଖୁସୱନ୍ତ ସିଂହ ଲେଖିଥିବା ବହିଟିଏ ମୁଁ ପଢୁଥିଲି। ସେ ଖୋଲାଖୋଲି ସବୁ ଲେଖିଦେଇଛନ୍ତି। ଶୋଭା ଡେ ବି ଅତି ଅଶ୍ଳୀଳ ଭାଷା ଲେଖନ୍ତି। ମୁଁ ତ ସେମିତି ଲେଖିନି ଆଜିଯାଏ। ତେବେ ମୋ'ର ଇଚ୍ଛା ହେଉଛି ଲେଖିବାକୁ। ମୁଁ ତ ସେମାନଙ୍କଠୁଁ ଆହୁରି ଅଶ୍ଳୀଳ ଲେଖିପାରିବି।

**ସାହିତ୍ୟ ଚର୍ଚ୍ଚା:** ଆଜି ଆମର ଆଳାପ ଆଲୋଚନାଟି ଅତି ମନୋଜ୍ଞ ଥିଲା। ସେଥିପାଇଁ ଆପଣଙ୍କୁ ଅଶେଷ ଧନ୍ୟବାଦ।

□□

ବ୍ୟଙ୍ଗ



# ଭଡାଟିଆ ଜବାନ୍

ଡ. ଅଜୟ କୁମାର ମିଶ୍ର

ରାଜଧାନିଆଁଙ୍କର ନାନା ରଙ୍ଗ, ନାନା ଢଙ୍ଗ, ନାନା ଫନ୍ଦି, ନାନା ଫିକର, ନାନା ଫେସନ, ନାନା ବ୍ୟସନ। ଭୋର ନ ହେଉଣୁ, ସୁରୁଜ ମହାପ୍ରୁ ମାଆକୋଳ ନ ଛାଡୁଣୁ କେତେଜଣ ଚଉଡା ରାସ୍ତାରେ ଖଲିଆ ବଳଦ ଓ ଟାଙ୍କଭଙ୍ଗା ବୃଷଭ ଆଉ ଓଲେଇ ଗାଇ, ଉଦଣ୍ଡୀ ଛଡ଼ା ପ୍ରକାରେ ଧପାଳିବା ଆରମ୍ଭ କରିଦିଅନ୍ତି। ସ୍ୱାସ୍ଥ୍ୟ ହିଁ ସମ୍ପଦ- ଏତକ ତ ଅନ୍ତତଃ ମନେ ରଖିଚନ୍ତି ଏମାନେ। ସକାଳ ବୁଲା ଦେହକୁ ହିତ, ଏଇ ନ୍ୟାୟରେ ଦଳ ଦଳ ହେଇ ହଡାଏ, ବୁଢ଼ୀଏ, ଛଡାଏ, ବଳଦେ ଖୁରା ଘୋଷାରି ଘୋଷାରି ଧପାଳନ୍ତି। ତେଣୁ ବିଭିନ୍ନ ପାର୍କ ଥାନରେ ଏମାନଙ୍କ ନାହିଁ ନ ଥିବା ଗହଳି। କ'ଣ ନା, ମର୍ଣ୍ଣିଙ୍ଗ ୱାକ୍। ଏଥିରେ ୱାକୁଆ ଓ ୱାକୁଆଣୀମାନେ ନାନା ଢାଞ୍ଚାର ବେହରଣ ଆଉ ବେଶ ପଟୁକା ହେଇ ବିଜେ ହୁଅନ୍ତି। କାହା ହାତରେ ବାଙ୍କୁଲି ବାଡି, କାହା ହାତରେ ଚୋରା ଫୁଲ ଅମଳ କରିବାର ନଗିର ମାଇକ୍ରୋରୂପ ଭାବେ ସଂକ୍ଷିପ୍ତ ଆଙ୍କୁଡି।




ୱାକୁଆ ୱାକୁଆଣୀମାନଙ୍କ ଚାଲି ଅଳପ, ଠାଣି ବେଶି, ବ୍ୟାୟାମ ଅଳପ, ଗଳପ ଅଧିକ। ବୃତ୍ତି ନିବୃତ୍ତମାନେ, କେଉଁ କେଉଁ ଚଉକିରେ ଚଉକିଦାର ଥିବା ବେଳେ, କେମିତି କ'ଣ ସବୁ ତାଡି ପକେଇଥିଲେ, କେମିତି ଶାସନକଳର ଢିଲା ନଅଟମାନ ନିଜ ତପ୍ରରିଆ କଲମ-ରେଞ୍ଚରେ ଟାଇଟ କରି ବେଥ୍ରେଡିଆଙ୍କୁ ଥ୍ରେଡସ୍ଥ କରାଇଥିଲେ; ସେଇ ଯଶବାନା ଉଡାଇ ତୃପ୍ତି ହସ ହସନ୍ତି, ଖଲି ପେଟର ହାଉଣ୍ଡାକୁ ପାଟିବାଟେ ଆନନ୍ଦରେ ହାକୁଟି ମାରନ୍ତି। ପୁଣି ତାହାକୁ ସଦର୍ପେ ନନ୍ଷ୍ଟପିଆ ବଖାଣ କରନ୍ତି। ଆଉ ଦଳେ ତାଙ୍କ ବଚନକୁ ମକରନ୍ଦ ପ୍ରକାରେ ଆତାଳୁ ପାନ କରନ୍ତି।

କେହି କେହି ୱାକୁଣୀ ମଧ୍ୟ ସେମାନଙ୍କ ବଶମ୍ବଦ ପତି ନାମକ ପ୍ରାଣୀମାନଙ୍କ ବୃତ୍ତିଜୀବନର ହାକିମି ପଣ ବଖାଣନ୍ତି। ସିଟ୍‌ରେ ଥିବା ବେଳେ, କେମେନ୍ତ କେତେ ଅଫିସର୍, ନେତା, ହାକିମଙ୍କୁ ବାଘଛେଳି ଭଳିଆ ଗୋଟିଏ ଘାଟରେ ପାଣି ତେଣ୍ଟେଇଚନ୍ତି; ସେ କଥା କହି କିଛିକ୍ଷଣ ହଟଚମଟ କରିଦିଅନ୍ତି। ଆଉକେହି ୱାକୁଣୀ ଅତି ବିଶ୍ୱାସରେ ନିଜ ଅତିଘଣି ସଙ୍ଗାତୁଣୀମାନଙ୍କୁ ଗୁରୁମନ୍ତ୍ର ଦିଅନ୍ତି। ସକାଳୁ ସକାଳୁ ଉଠି ଶାଶୁଶଶୁରଙ୍କୁ ଚା' ଜଳଖିଆ କରି ଖୋଇବାରେ କେତେ ତକଲିଫ୍। ୱାକ୍‌ରେ ପଳେଇ ଆଇଲେ, ଦିହେଁ ହାତେ ହାତେ ସବୁ ଚଳେଇନେବେ। ବଡ଼ ଅଭିନବ ତରିକା ଏ ୱାକୁଣୀଙ୍କର, ଅନ୍ୟ କେତେଜଣ ୱାକୁଣୀଙ୍କୁ ସାର ପକା ଶାଗ କିଆରି ଛନ ଛନ ହେବା ଭଳିଆ ପ୍ରଭାବିତ କରିଦିଏ। କେତେକ ମଧ୍ୟ ସେଇ ପନ୍ଥାର ଗୁରୁମନ୍ତ୍ରମାନ ଅନ୍ୟମାନଙ୍କ ମଗଜରେ ଭେଦେଇ ଦିଅନ୍ତି।

### ୱାକୁଆଙ୍କ ଯୋଗ

ୱାକୁଆ, ବିନାରୋଗରେ ବଡି ଫିଟ୍ ରଖିବାକୁ ଆସି, ସତରଞ୍ଜି ପାରି, ତା' ଉପରେ ଶୋଇ ରହି ଯୋଗ ନାମରେ ଗୋଡ଼ହାତ ଟେକାଟେକି କରି, ନିଜକୁ ବଡ଼ ଯୋଗଗୁରୁ ଦର୍ଶାନ୍ତି। ଖରା ପଡିଲେ ନଈ ବାଲିରେ କୁମ୍ଭୀର ଆସି ପିଠି ଦେଖାଇ ଖରା ପୁଆଁନ୍ତି, ଥୋମଣା ଉଠାଇ ଶିକାର ବି ଖୋଜନ୍ତି। ସେମିତିଆ ଦୃଶ୍ୟରୂପ ଏଠି କେତେକ ପାର୍କରେ। ଜୁଲୁ ଜୁଲୁ ଅନଉଥିବେ, ମତେ କିଏ ଦେଖିଲା କି ନାହିଁ? ଯଦି ଦେଖିଲା ତ, ସେ ମୋ ଲୋକ, ଯଦି ନ ଦେଖିଲା, ତେବେ ତା'କୁ ଦେଖେଇବାକୁ ହେବ, ନିଜ ଲୋକ; କରିବାକୁ ହେବ। କିଛି ନ ହେଲେ – 'ମୋ' ରାଣ ମତେ ଭଲ ପାଆ।'– ନ୍ୟାୟରେ ତାକୁ କୌଣସି ପ୍ରକାରେ ନିଜ ଲୋକରେ ପରିଣତ କରିବାକୁ ହେବ।

ଏମିତି ପ୍ରଭାବଶାଳୀ ଯୋଗୁଆଙ୍କ ଭିତରେ ମାର୍କାମରା ଗୋଜଗୁରୁ ହେଲେ ଫଣ୍ଟୁସ୍ ସାଆଁନ୍ତରାଏ। ଜୀବନସାରା ସରକାରୀ ବେଙ୍ଗେଳାରେ ଯୋଚା ହେଇ ଅନେକ କିଛି ଅମଳ କରିବା ପରେ, ପୁଣି ଅନ୍ୟମାନଙ୍କ ଫସଲ ଉପରେ ଆଶା, ମନର ଲାଳ ପାଟି ପାଖେ ପାଖେ ଉବୁଟୁବୁ, ଗାଳିଲେ ଧରାପଡିବା ଭୟ ସିନା। ଚଢ଼େଇ ଚାରିଆଡୁ କାଠି କୁଟା ସଂଗ୍ରହ କରି ବସାବାନ୍ଧେ, ଏ ଫଣ୍ଟୁସ୍ ସାଆଁତରାମାନେ ବାରଆଡୁ ଇଟା, ପତର, ଗୋଡି, ବାଲି, ରଡ୍, ସିମେଣ୍ଟ, ଉଠାଣ କରି ମହଲା ମହଲା ଭାଡିଘର କରି, ଭଡା ଲଗେଇ ଦେଇ, ସୁପର ପେନସନ୍ ଆଦାୟ କରିଚନ୍ତି। ମୂଳ ପେନସନ୍ ଗଛ ପଡନ୍ତା ଫଳ, ଘର ଭଡିଆ ପେନ୍ସନ୍ ଭାରି ଟେନ୍ସନିଆଁ କାରବାର। କେଉଁକେଉଁ ଥାନରୁ ନିର୍ମୂଳିଲଟିଆ ଭଡାଟିଆ ଆସି ଅତର୍କିତେ ହାବୋଡି ଯାଆନ୍ତି; ଆଇଲା ବେଳର ସେ ସରଳତା, ଭଦ୍ରତା, ଶିଷ୍ଟତା, ଘର ଛାଡିବା ବେଳକୁ ନ ଥାଏ। କଳିଝଗଡା ଅତି ନିକୁଛାରେ ପାଟିତୁଣ୍ଡ କରି ପଳାନ୍ତି। ଘରସାରା ଘା-ଘଉଡ, କେଉଁଠି ପାଣି ଟ୍ୟାପ୍ ନାଇଁ ତ କେଉଁଠି ବିଜୁଳି ହୋଲଡର୍ ନ ଥାଏ।

**ଆଉ କେଇଟା ଅତି ନିଲଜା ଘରଭଡ଼ା ନେବେ, ରହିବେ, ଘର ଭୋଗ କରିବେ, ମାସ ଆରମ୍ଭ ବେଳକୁ ଭଡ଼ା ଦେବାକୁ ଭୁଲିଯିବେ।**

### ଭଡ଼ାଟିଆଙ୍କ ଗୁଣ

ଅତି ନିଉଛୁଣିଆଁ ଭଡାଟିଆଙ୍କ ଗୁଣ ବାହୁନିଲେ ପୋଥିଏ ହେବ। ଖଜୁରି ଗଛର କେଉଁଠୁ ବାହୁନିଲେ ବି ମୂଳରୁ ଖାଲି ପାହାଚ ପାହାଚ। ଏମାନଙ୍କ ଭିତରୁ କେତେଟା ଅତି କମ୍ପ୍ଲେନିଆଁ। ରହିବା ପରଠାରୁ କାନ୍ଥସାରା ପିରକ କଣ୍ଟା ଛାଇ କରିଦେଇ, ଘର ସାରା ଇତସ୍ତତଃ ବୁଢ଼ିଆଣୀ ଜାଲୁଆ ଡୋର ବନ୍ଧାବନ୍ଧିରେ ମସ୍ତ ରହନ୍ତି। କିଛି ନ ହେଲେ ଗେଟ୍ ଚାବି ହାତେଇବାକୁ ତତ୍ପର ହୁଅନ୍ତି। ଯାଙ୍କ ଘରେ ଦି'ଜଣ ଥାନରେ ପାଞ୍ଚଜଣିଆ ଗେଷ୍ଟଙ୍କ ନିତ୍ୟ ଚଳପ୍ରଚଳ। ମାଲିକ ପାଟି ଫିଟେଇଲେ ଅବସ୍ଥା ବାରଣ୍ଡା ଦି'କଡା। ଘର ଭିତରେ ହୋ ହୋ, ଘୋ ଘୋ- ମାଛ ହାଟର ଭ୍ରମ। ଶୃଙ୍ଖଳା ଓ ଶିଷ୍ଟତା ଶିଖିବ ତ ଏମାନଙ୍କୁ ଗୁରୁ କରିବା ଦରକାର।


ଆଉ କେଇଟା ଅତି ନିଲଜା ଘରଭଡ଼ା ନେବେ, ରହିବେ, ଘର ଭୋଗ କରିବେ, ମାସ ଆରମ୍ଭ ବେଳକୁ ଭଡ଼ା ଦେବାକୁ ଭୁଲିଯିବେ। ସପ୍ତାହରେ ଭଡ଼ାଟଙ୍କା କଥା କହିଲେ, ତାଙ୍କ ମହିଳା ବାହାରି ଆସି ଜଣେଇଦେବେ ସେ ଘରେ ନାହାନ୍ତି, ଟୁର୍‌ରେ ଯାଇଚନ୍ତି, ଫେରିଲେ ମୁଁ ତାଙ୍କୁ କହିଦେବି ଆଜ୍ଞା। ସେଇ ଘରେ ଥାଇ ବି ଟୁର୍ କଥା ଉଠେଇ ମାଲିକଙ୍କୁ ହୁଡେଇ ଦେବେ। ନିଜ କାମ, ନିଜ ଖର୍ଚ୍ଚରେ ଊଣା ନ ଥିବ, ଭଡ଼ା ଦେବା ବେଳକୁ କୋଷ୍ଠକାଠିନ୍ୟ। ଶତ ପ୍ରତିଶତ ଶଠପଣ। କେହି କେହି କହନ୍ତି, ଆମେ କ'ଣ ଘର ଛାଡି ପଳଉଚୁ, ଏତେ ବ୍ୟସ୍ତ ? ସତେ ଯେମିତି ଦାନବୀର ହରିଶ୍ଚନ୍ଦ୍ର। ଏମିତି ବହଲେଇ ବହଲେଇ କେତେବେଳେ ରାତି ଅଧିଆ ଫେରାର, ଅନ୍ୟ କେହି ପୁଣି ନୂଆ ଘର ଦେଖି ସେଠି ନିଜ ନିରୀହ ପଣର ପୁନରାଭିନୟ କରନ୍ତି।

ସାଆଁତରାଏ ବଡ କଷ୍ଟରେ ଭଡ଼ା ଆଦାୟ କରନ୍ତି; ଅନେକ ପ୍ରକାର ଅପଦସ୍ଥ ହୁଅନ୍ତି, ବେଳେବେଳେ ନିଜକୁ ଧିକ୍କାର କରନ୍ତି, ଅନୁତାପ ଏସିଡ୍‌ରେ ପୁଣି ଶୁଦ୍ଧପୂତ ହୋଇ ବାହାରନ୍ତି। କ'ଣ କରିବେ, ଘର ତ କରିଚନ୍ତି। ନାନା ଆଡୁ ନାନା ଜିନିଷ ରୁଣ୍ଡେଇଲା ବେଳର ଆକୁଳତା ଆଜି କେମିତି ମିଳେଇ ଗଲାଣି। ସାଆଁତରାଏ ଏଇଥର ବଡ ଅକଳରେ ପଡ଼ିଚନ୍ତି। ଜୀବନରେ ଏମିତି ବେଇଜତ କେବେ ବି ହେଇ ନ ଥିଲେ। ଅଗତ୍ୟା ଘରଭଡା ନେବାକୁ ଆସିଥିବା ଝିଙ୍ଗାସ ମୁଦୁଲି ହାବୁଡ଼ରେ ପଡିଗଲେ। ବଡ଼ କାଣ୍ଟଛାଣ୍ଟିଆ ଟୋକା, ରଙ୍ଗ ଦିଆ ବୁରୁଶ ଭଳିଆ ଚୁଟି କଟେଇ ଉପରେ ଚୂଳତକ ରଖିଚି। କହିଲା ସେ ଜଣେ ଯବାନ୍, ଦେଶ ରକ୍ଷା କରେ। ତା'ର ଆଦବକାଇଦାରେ ଭଳିଗଲେ ସାଆଁତରାଏ। ଉପଯୁକ୍ତ ଭଡ଼ା ଠାରୁ ହଜାରେ ଟଙ୍କା ଅଧିକ ଦେବ ବୋଲି ଶୁଣାଇବାରୁ, ସାଆଁତରାଏ ଭାବିଲେ ଏମନ୍ତ ଭଡ଼ାଟିଆ ଭାଗ୍ୟେ ଥିଲେ ମିଳନ୍ତି।

ଅଗ୍ରିମ ରଖି ଭଡ଼ା ଘର ଚାବି ଖୋଲିଦେଲେ, ଅତି ଆଗ୍ରହରେ। ଝିଙ୍ଗାସ ମୁଦୁଲି ଗୃହ ପ୍ରବେଶ କରି କିଛି ଦିନ ପାଇଁ ଫେରାର୍ ହେଇଗଲେ। ତାଙ୍କ ଫେମିଲି ଆଣି ଆସିବେ ବୋଲି ଜଣେଇଦେଲେ। ଫେମିଲି ଆସି, ଘରେ କେତେବେଳେ ରହିଲେ, ସାଆଁତରାଏ ଆଉ ତଦାରଖ କରିନାହାନ୍ତି। ମାସ ଶେଷ ହେଲା, ସପ୍ତାହେ ଗଲା, ଯବାନ

ଝିଙ୍ଗାସ୍‌ଙ୍କର ଭଡ଼ା ପାଇବା ଦୂରେ ଥାଉ, ତାଙ୍କ ଦର୍ଶନ ମହରଗ ହେଇଗଲା।

ବାରବାର ଧାଉଡ଼ି କରି, ସାଆଁତରାଏ ଆଚମ୍ବିତ ହେଲେ। ଭଡ଼ାଘର ଦୁଆର ମୁହଁ ଜୋତା ଷ୍ଟାଣ୍ଡ୍‌ରେ ବାରହଳ ମହିଳା ଜୋତା ଚପଲ। କଲିଂ ବେଲ୍ ଘନ ଘନ ବଜାଇବା ପରେ, ତହିଁରୁ ଜଣେ ଅର୍ଦ୍ଧପୋଷାକିନୀ ତରୁଣୀ ଦିନ ଏଗାରଟା ବେଳ ସୁଦ୍ଧା ଆଖି ମଳି ମଳି ଉଭା ହେଲେ। ଅତି ସଂକ୍ଷିପ୍ତ ବସନରେ କୌତୁହଳୀ ହେଇ ପ୍ରଶ୍ନ କଲେ- "ଆପଣ କିଏ? କାହିଁକି ଅବେଳରେ ଡିଷ୍ଟର୍ବ କରୁଚନ୍ତି? ଉଦ୍ଦେଶ୍ୟ କ'ଣ?" ସାଆଁତରାଏ ଆଖି ଖୋସି ହେଇଗଲା ଏମନ୍ତ ଦୃଶ୍ୟରେ। ପଚାରିଲେ- "ଏଠି କେତେଜଣ ରହୁଚ, ତମ ବାବୁ କୁଆଡ଼େ ଗଲେ? ଉତ୍ତର ମିଳିଲା ବାବୁ?? ସେ କିଏ? ଆମେ ତ ଏଠି ପାଞ୍ଚ ଜଣ ୱାର୍କିଂ ଲେଡି ରହୁଚୁ। ମାଲିକଙ୍କୁ ପହିଲା ତାରିଖରେ ଭଡ଼ା ଟଙ୍କା ବି ଦେଇ ଦେଇଚୁ।" ଏମନ୍ତ ଉତ୍ତର ଶୁଣି, ସାଆଁନ୍ତରାଏ ଗେଟ୍ ଧରି ନ ଥିଲେ ତଳେ ଟଳି ପଡ଼ିଥାନ୍ତେ। ଅକାଳ ବଜ୍ରପତନ, ହାଉଳି ଖାଇଗଲେ ସେ। ନିଜର ଘର ଭଡ଼ା ପାଇନାହାନ୍ତି, ଅଥଚ ନିଜ ମାଲିକପଣ ପ୍ରତି ଏମାନଙ୍କ ପ୍ରଶ୍ନବାଚୀ। ଅଜାଗା ଘାଆ, ଘରେ କହିଲେ ମାତିବେ ଘରଣୀ, ଆରମ୍ଭ ହେଇଯିବ ମହାଭାରତ। କହିବେ ଗଜାବଅସୀଙ୍କୁ ଭଡା ଦେଇ ଏ ନାଟ ଲଗେଇବାକୁ ତମର ଆଉ ବଅସ ଅଛି? ଏଇ ପଦେ ମାତ୍ର ପଦ୍ମତୋଳାରେ ଅଗତ୍ୟା ବଶ ହେଇଯିବେ ସାଆଁତରାଏ।



**ଘଣ୍ଟୁଆ ଶରଣଂ ଗଚ୍ଛାମି**

ସାଆଁତରାଏ ସେଦିନ ୱାକ୍‌ଫିଲ୍‌ଡରୁ ଶେଯରୁ ଉଠି ଛିଡ଼ା ହେଇ ଅଣ୍ଟା ଭାଙ୍ଗି କେତେକ ଆସନ କରିବା ଉତ୍ତାରେ ଅତି ଅନ୍ତରଙ୍ଗ ଏକଗାମୁଛିଆ ବନ୍ଧୁ ପାଣୁ ସାହୁଙ୍କ ସହିତ ଗପ ଆରମ୍ଭରୁ ହିଁ ଗତକାଲିର ଅପମାନ କଥା ଜଣେଇଲେ। ପାଣୁ ଶୁଣୁଶୁଣୁ କାବା। ତାଙ୍କ ଭିଣୋଇ ଦିବାକର ବି ସମାନ ଅବସ୍ଥା ଭୋଗିଚନ୍ତି। ସେଉଠୁ କଥାଟା ଗ୍ରୁପ୍‌ରେ ପଇଲା, ଆସ୍ତେ ବ୍ୟାପିଲା ଏ ଗୁମର କଥା। ଶେଷକୁ ପାଣୁ ବହୁ ଚିନ୍ତାଚିନ୍ତି କରି କାହିଁକି କେମିତି ଜଣକ ନାଁ ଜଣେଇଲେ। ସେ ହେଲେ ଘଣ୍ଟୁଆ ଧୁରନ୍ଧର ଓ ପାରଖା ଘଣ୍ଟୁ। ପରଦିନ ସାଆଁତରାଙ୍କ ଘରେ ସଞ୍ଜରେ ବଇଠକ ହେଲା, ମୁଖ୍ୟ ଆକର୍ଷଣ ହେଲେ ଆପେ ଘଣ୍ଟେ। ସବୁ କଥା ଶୁଣିବା ପରେ, ଉପସ୍ଥିତଙ୍କଠାରୁ ଦି'ଖଣ୍ଡ ଲେଖାଏଁ ଗାନ୍ଧି ମୁଣ୍ଡିଆ ଆଦାୟ କଲେ। ଘରେ କେଉଁ କାର୍ଯ୍ୟକ୍ରମ କରାଯିବ; ତା'ର ସଂକ୍ଷିପ୍ତ ସୂଚନା ଟିକେ ଦେଇ ବିଦାୟ ନେଲେ।

ଘଣ୍ଟୁଆ ଘରଭଡ଼ା ଘାଉଡ଼ିଆଙ୍କଠାରୁ ଆଦାୟ କରାଯାଇଥିବା ଟଙ୍କାରୁ କିଛି ଖର୍ଚ୍ଚ କରି ଦି'ଚାରିଟା ବଡ଼ ଖବରକାଗଜରେ ଘରଭଡ଼ା ବିଜ୍ଞାପନ ଦେଇ ନିଜ ଫୋନ୍‌ରେ ଯୋଗାଯୋଗ କରିବାର ବ୍ୟବସ୍ଥା କରିଦେଲେ। ଦିନ ୧୨ଟା ସୁଦ୍ଧା ଆଠ ଦଶଟା କଲ୍ ଆସିଲା। ପ୍ରତି ଡାକୁଆଳଙ୍କୁ ଘଣ୍ଟେ ସେଇ ଫୋନ୍‌ରେ ପ୍ରଥମେ ସେମାନଙ୍କ ନାମ, ଠିକଣା, କି ଉଦ୍ଦେଶ୍ୟରେ ଭଡ଼ା ନେବେ ଇତ୍ୟାଦି ପ୍ରଶ୍ନ କଲେ। ଦିନ ତିନିଟା ସୁଦ୍ଧା ଆସିଲା ଗୋଟାଏ କଲ୍; ଏଥିରେ ପୂର୍ବ ଡାକୁଆଳମାନଙ୍କଠାରୁ ଥିଲା ଅତି ଆତୁରତା। ଘଣ୍ଟେ ପ୍ରଶ୍ନିଲେ- 'ନାମ କ'ଣ?' ସେପଟୁ ଉତ୍ତର – 'ଝିଙ୍ଗାସ ମୁଦୁଲି।' କ'ଣ କରନ୍ତି, ଉତ୍ତର- 'ମୁଁ ଜଣେ ଯବାନ୍, ନୀତି, ନିଷ୍ଠା, ଶୃଙ୍ଖଳାର ମଣିଷ। ମୋ ପିଲାମାନଙ୍କ ପାଠପଢ଼ା ପାଇଁ ଘରଟେ ନିହାତି ଦରକାର। ଅଧିକ ଘର ଥିଲେ, ମୋର ଦୁଇଜଣ ବନ୍ଧୁ ମଧ୍ୟ ଦୁଇଟିରେ ରହିପାରନ୍ତେ। ମୋ କଥା ଟିକେ ହୃଦୟଦେଇ ବିଚାରିବେ ଆଜ୍ଞା।'

ଏଇ ଫୋନ୍‌ରେ ଘଣ୍ଟୁଙ୍କ ମୁହଁରେ ଶହେଟି ସୁରୁଜ ଯେମିତି ଆଲୁଅ ଅଜାଡି ପକେଇଲେ। ଘଣ୍ଟୁ ନିଜ ଠିକଣା ଦେଇ ଦେଖା କରିବାକୁ କହିଲେ। ସେପଟରୁ ପେସାଦାର ଭଡ଼ାଟିଆ ଝିଙ୍ଗାସ ମୁଦୁଲି କୃତ୍ୟ କୃତ୍ୟ ହେଲେ। କେତେବେଳେ ଦେଖା କରିବେ ବୋଲି ବିକଳିଆ ଭାବେ ଅନୁରୋଧ କଲେ। କାଲି ସକାଳ ନଅଟାକୁ ମୁଦୁଲିକୁ ସମୟ ଦେଲେ ଘଣ୍ଟେ।

ସେଦିନ ସନ୍ଧ୍ୟାରେ ସାଆଁତରାଙ୍କ ଘରେ ଘନଘୋର ବୈଠକ ବସିଲା। ଭଡୁଆ ମୁଦୁଲିକୁ ଘଣ୍ଟେ ଏତେ ଚଞ୍ଚଳ ଆବିଷ୍କାର କରିପାରିଥିବାରୁ, ଉପସ୍ଥିତମାନେ ଅତି କୃତଜ୍ଞତାରେ ଶାଙ୍କୁଡି ଯାଉଥିଲେ। କାଲି ସକାଳ ନବ ଘଟିକା ସମୟରେ ଭଡୁଆକୁ କିପରି ପାନେ ଦିଆଯିବ, ତା'ଠାରୁ କେମିତି ସବୁ ବାକିଆ ଟଙ୍କା ସମୁଦାୟ ଅସୁଲ୍ କରାଯିବ, ସେଇ ସଂକ୍ରାନ୍ତୀୟ

ଗୋପନ ଯୋଜନାମାନ କରାଗଲା। ଘଣ୍ଟୁଙ୍କୁ ଥାନାରେ ପୂରାଇଲେ କିଛି ଫାଇଦା ମିଳିବନି, ବରଂ ପୋଲିସ୍‌କୁ କବ୍ଜା କରିବା ପରେ ସେ ତା'ର ଓସ୍ତାଦି ଦେଖାଇବ, ପୁଣି ଆଜି କାଲି କହି ଦିନ ଗଡେଇବ। ଘଣ୍ଟେ ଏଥର ଘାଉଡ଼ିଆ ଘରମାଲିକମାନଙ୍କ ପାଖରୁ ଆଉ କିଛି ପକେଟସ୍ଥ କରି ଫେରିଗଲେ। ସାଆଁତରାଏ ଭାବୁଥିଲେ- ଏଇଟା ଘୋର ରାହୁଆଟା, ତଥାପି ମୁଦୁଲି ଶନିଠାରୁ ନିସ୍ତାର ପାଇବା ପାଇଁ ଯାକୁ ଆଶ୍ରା କରିବା ଛଡ଼ା ଅନ୍ୟ କିଛି ବାଟ ନାହିଁ।

ସାଆଁତରାଙ୍କ ବୈଠକ ଘରେ ବସିଲେ ଘଣ୍ଟୁ ଓ ପେସାଦାର ଭଡାଟିଆ ଭଡୁଆ ମୁଦୁଲି। ପ୍ରଥମେ ମୁଦୁଲିର ପରିଚୟ ଯାଞ୍ଚ ହେଲା, ଫଟୋ ରହିଲା, ଫଟୋ ପଛପାଖରେ ମୁଦୁଲିଏ ସଇକଲେ। ମାତ୍ର ଭୋଟର ପରିଚୟ ପତ୍ର ଓ ଆଧାର ଘରେ ରହିବା ପରେ ଦେବେ ବୋଲି ପୁରୁଣା ଅଭ୍ୟାସ ଦୋହରାଇଲେ। ଘଣ୍ଟେ ଏଥର ଅଗ୍ରିମ ଟଙ୍କା କଥା ଉଠାଇବାରୁ ମୁତ୍‌ଫରକା ମୁଦୁଲି ସଙ୍ଗେ ସଙ୍ଗେ ଅଗ୍ରିମ ଟଙ୍କା ଘଣ୍ଟୁଙ୍କୁ ଧରାଇ ଦେଇ, ଘର ଖୋଲିବାକୁ ଚାବି ମାଗିଲେ। ଆଉ ଦୁଇଜଣ ବନ୍ଧୁଙ୍କ ଟଙ୍କା ଘରଭଡ଼ା ପାଇଁ ଟଙ୍କା ମଧ୍ୟ ଅଗ୍ରିମ ଦେଇଦେଲେ।

**ଗୁହା ଭିତରୁ ପିମ୍ପୁଡି ବାହାରିବା ଭଳିଆ, ବୈଠକ ଘରକୁ ପ୍ରବେଶ କଲେ ସାଆଁତରାଏ ।**

### ନାଟକୀୟ ଯୋଜନା

ପୂର୍ବ ନିର୍ଦ୍ଧାରିତ ଯୋଜନା ଅନୁଯାୟୀ ତତ୍‌କ୍ଷଣାତ୍ ନାଟକର ଏଇ ଦୃଶ୍ୟରେ ପ୍ରବେଶିଲେ ଡବଲ୍‌ଷ୍ଟାରିଆ ପୁଲିସ୍‌ବାବୁ। ଅତି ନିଖୁଣିଆ ଅଭିନେତା। ବିନାମେଘରେ ବଜ୍ରପାତ କରେଇ ଦେବାରେ ସେ ଗୁରୁଙ୍କ ଗୁରୁ। ଘଣ୍ଟୁଙ୍କୁ ନମସ୍କାର କରିବା ପରେ ତାଙ୍କ ସନ୍ଧାନୀ ଆଖି ମୁଦୁଲିଙ୍କ ଉପରେ ଫୋକସ୍ ହେଲା। ଘଣ୍ଟୁ ମୁଦୁଲିଙ୍କ ସହିତ ପରିଚୟ କରେଇଲେ- "ଏଇ ବାବୁ ହେଲେ ମୁଦୁଲି, ଜଣେ ଯବାନ୍, ସେ ଓ ତାଙ୍କର ଦୁଇ ବନ୍ଧୁ ଆମ ଘର ଭଡ଼ାକୁ ନେବେ। ତାଙ୍କ ପରିଚୟପତ୍ର ଘରେ ରହିବା ପରେ ଦେଇଦେବେ। ଯବାନ୍ ଲୋକ ତ, ତେଣୁ ମୁଁ ତାଙ୍କଠୁ ଆଡଭାନ୍ସ ରଖୁଚି।"

ଅତି ଗମ୍ଭୀରିଆ କଣ୍ଠରେ ଦି'ଷ୍ଟାରିଆ କହିଲେ, "ଠିକ୍ କରିଛନ୍ତି, ଆଡଭାନ୍ସ ରଖିଚନ୍ତି, ସେ ଏବେ ନିଜ ପରିଚୟ ପତ୍ର ପଇଠ କରନ୍ତୁ, ତେବେ ଯାଇ କଥାଟା ଠିକ ହେବ। ଆଜିକାଲି ଯୁଗକାଳ ଭଲ ନାହିଁ, ଅନେକ ଫ୍ରଡ ଫ୍ରଡ଼ାଣୀ ଆଡ୍ରେସ୍ ଦେଇ ଘର ନେଉଚନ୍ତି, ଭଡା ନ ଦେଇ ଆଜିକାଲି ଦେଖାଉଚନ୍ତି । ନା କ'ଣ କହୁଚନ୍ତି ଯବାନେ।" ଯବାନେ ତରକା କାଉ, ପୁଲିସ୍‌କୁ ଦେଖି ମୁହଁସାରା ଝାଳ, କହିଲେ, "ମୁଁ ଆଜି ଆଣି ଦେଇଯିବି, ମୋ ଟଙ୍କାଟା ଫେରସ୍ତ ଦିଅନ୍ତୁ, ମୁଁ ଏକାବେଳକେ କାଗଜପତ୍ର ସହ ଆଣି ଟଙ୍କା ଦେଇଦେବି।" ଟଙ୍କା ନେବାକୁ ହାତ ବଢ଼ାନ୍ତେ, ତା' ବାହାମୂଳରେ ଅଗତ୍ୟା ବାଜିଲା ଗୋଟାଏ ଶକ୍ତ ପାହାର। ଯା ପରେ ନନଷ୍ଟପିଆ, ଦି ଚାରି ପାହାର। ବୋଉଲୋ ମାଆଲୋ ହେଇ ମୁଦୁଲି ନିଜକୁ ସଂଭାଳୁ ସଂଭାଳୁ ଯବାନିଆଁ ଠାଣିରେ ଜଣେଇଲେ- ଇଏ କି କଥା, ମାରୁଚନ୍ତି କାହିଁକି ? ମୁଁ ଜଣେ ଯବାନ୍- ମତେ ଏମିତି ଟ୍ରିଟ୍‌ମେଣ୍ଟ କରୁଚନ୍ତି, ଜାଣିଲେ ସରକାର ଆପଣଙ୍କୁ ସସ୍‌ପେଣ୍ଡ କରିବେ, ଚାକିରି ବି ଯିବ।

ଗୁହା ଭିତରୁ ପିମ୍ପୁଡି ବାହାରିବା ଭଳିଆ, ବୈଠକ ଘରକୁ ପ୍ରବେଶ କଲେ ସାଆଁତରାଏ ଓ ତାଙ୍କ ଭଳି ଠକି ହେଇଥିବା ଅନ୍ୟ ସମଦର୍ଶୀଆମାନେ। ଅସମ୍ଭାଳ ଭାବରେ ବିରି ଠେଙ୍ଗେଇବା ଠାଣିରେ ମନଇଚ୍ଛା କୁଢ଼େଇ ଚାଲିଲେ। ଯବାନେ ହେଲେ ଆକ୍ତାମାକ୍ତା। ଏ କୁଆଡେ ଯବାନ୍, ଲୋକଙ୍କ ମାଡରେ ଘାଇଲା ହେଲେ। ସମସ୍ତଙ୍କୁ ହାତଯୋଡି କାକୁତି କଲେ। ଦି'ଷ୍ଟାରିଆ ପୁଣି ରୋଳ ବାଡିରେ କେଇଟା ଖୋବଣା ଦେଲେ, ନଣ୍ଡା ହେଲା ଯବାନ୍, ମୁଖରେ କଳା-ଚୂନର ବର୍ଣ୍ଣାଳି। ସେଇଠି ସମସ୍ତଙ୍କ ପଇସା ପଇଠ କରିବାର ଲେଖାପଢ଼ା ହେଲା। କାର୍‌ଟିଙ୍କୁ ଜବତ କରାହେଲା। ଘଣ୍ଟୁଙ୍କ ପ୍ରତି ସମସ୍ତେ କୃତଜ୍ଞ।

ଘଣ୍ଟୁ, ଦି ଷ୍ଟାରିଆଙ୍କୁ ତାଙ୍କ ପାଉଣା ଦେଇଦେଲେ। ଉପସ୍ଥିତମାନେ କହିଲେ- ଏଇଟା ଯବାନ୍ ଦେଖଉଥିଲା। ନକଲି ଭଡ଼ାଟିଆ କବଳରୁ ମଣିଷ ବଞ୍ଚିଗଲା ଯେ।

ଘଣ୍ଟୁ ମନେ ମନେ ଭାବୁଥିଲେ, ନକଲି ଭଡ଼ାଟିଆଙ୍କୁ ଜବତ କରନ୍ତି ନକଲି ଦି'ଷ୍ଟାରିଆ ।

(କ୍ରମଶଃ)

□□

ଲେଖକଙ୍କ ଇ-ମେଲ ଠିକଣା:
ajayamishraodia@gmail.com



ଗଳ୍ପ

# ଈଶାନ କୋଣର ଦୀପ

ଡ. ସଚ୍ଚିଦାନନ୍ଦ କର

ଈଶାନ କୋଣରେ ଦୀପଟି ଜଳୁଥିଲା।

ଜଳି ଜଳି କ'ଣ କହୁଛି ଏ ଦୀପ? ଏ ପ୍ରଶ୍ନ ବନୀତା ନିଜକୁ ପଚାରିଲା। ଚାହିଁ ରହିଥିଲା ଦୀପଟି ଆଡ଼େ ଏକଲୟରେ ଅଥଚ କରୁଣ ଚାହାଣିରେ।

- ଏଇଠି ଶେଷ ନୁହେଁ। ଜୀବନ ଆହୁରି ଅଛି। ପାଦ ଆଗକୁ ବଢ଼ାଅ। ଦେଖିବ ସୁନ୍ଦର ପୃଥିବୀଟେ ତୁମକୁ ସ୍ୱାଗତ କରିବା ପାଇଁ ଅପେକ୍ଷା କରି ରହିଛି।

ସତେ ଦୀପଟି ଏୟା ହିଁ କହୁଛି, ବନୀତାର ମନେହେଲା।

ଜଳିବା ହିଁ ଜୀବନ। ଏଠି ଯେତେ ଯିଏ ଜଳିବ, ସେତେ ସିଏ ନିଜକୁ ଆବିଷ୍କାର କରିବ। ଦୁଃଖ ଭିତରେ ଏଠି ସୁଖ ଅଛି, ସୁଖ ଭିତରେ ଅଛି ଦୁଃଖ। ଯିଏ ତା' ଜୀବନରେ ଜଳିନାହିଁ, ସିଏ ବା କାହୁଁ ଜାଣିବ ଜୀବନର ମୂଲ୍ୟବୋଧ! ଜୀବନର ଉଦ୍ଦେଶ୍ୟ ସିଏ ବା କାହୁଁ ବୁଝିବ!



ବନୀତାର ମନ ଭିତରକୁ ଏଇ ସବୁ କଥା ପଶି ଆସୁଥିଲା। ସତେ ଯେମିତି ଦୀପଟି ସାଥିରେ ଅଂଶୀଦାର ହୋଇ ସେ ଏଇ ସବୁ କଥା ଭାବୁଥିଲା।

ଈଶାନ କୋଣରେ ଦୀପଟି ଜଳୁଥିଲା।

ଅନେକ ଦିନରୁ ଜଳୁଥିଲା ଏ ଦୀପ। ଏଇ ଦଶ ଦିନ ଥିଲା ତା'ର ଜୀବନର ଶେଷ ଦଶ ଦିନ। ଆଜି ଲିଭିଯିବ ସେ ଦୀପ ଓ ତା' ପରେ ସବୁ ଅନ୍ଧାର। ସେ ଭାବୁଥିଲା ପୁଣି।

ମାଆର ଆଜି ଦଶ ଦିନ। ଗୋଟିଏ ଯୁଗର ପରିସମାପ୍ତିର ଦିନ। ମାଆ ସହିତ କେତେ ଯେ ବର୍ଷ ଯା ଭିତରେ ପାଣି ପରି ବହିଗଲା, ଆଦୌ ଲାଗିଲାନି କି ଜଣା ବି ପଡ଼ିଲାନି। ହେଲେ ଏଇ ଦଶ ଦିନ ତାକୁ ଖୁବ୍ ଲାଗୁଥିଲା, ଖୁବ୍ ଜଣାପଡୁଥିଲା। କେତେ ଭାବ, କେତେ ଆଶା, କେତେ ସ୍ମୃତି, କେତେ ବିସ୍ମୃତି, ଅତୀତ, ବର୍ତ୍ତମାନ - ମାଆର ଏସବୁ ଯେମିତି ନୀରବରେ, ଶାନ୍ତିରେ ଶୋଇ ପଡ଼ିଥିଲେ। ତା'ର ସୁଖ, ସମ୍ପଦ, ସବୁ ପ୍ରାପ୍ତି, ଅପ୍ରାପ୍ତି, ସବୁ ପୂର୍ଣ୍ଣତା, ସବୁ ଶୂନ୍ୟତା କୋମଳ ଚିତ୍କାର କରୁଥିଲେ।

ଯାହା ଜଳିଯାଏ ତାହା ଅବଶେଷରେ ମୁଠାଏ ପାଉଁଶ ହୁଏ। ଆଉ ଫେରେନାହିଁ ସେ। ସେଥିରେ ଆଉ ଫୁଲ ଫୁଟେ ନାହିଁ କି ଫଳ ଧରେ ନାହିଁ। ଦୁନିଆଯାକର ସବୁତକ ସତ ତା' ପାଇଁ ମିଛ ମିଛ ଦିଶେ। ସବୁ ଧୀରେ ଧୀରେ କାଳ ଗର୍ଭରେ ବିଲୀନ ହୋଇଯାଏ। ତାକୁ କିଏ ମନେରଖେ ତ କିଏ ରଖେନାହିଁ। ସତରେ କ'ଣ ଏମିତି ହୁଏ ଯେ ତା' ପାଇଁ ସବୁକିଛି ବଦଳିଯାଏ! ତା' ହେଲେ କ'ଣ ବୁଝିବାକୁ ହେବ ଯେ ଏଠି ଜୀବନ ଥିଲେ ସବୁ ଥାଏ, ନ ଥିଲେ କିଛି ନ ଥାଏ!

ସାଧ୍ୟମତେ ଆଲୋକ ପ୍ରଦାନ କରି ଜଳୁଥିବା ଦୀପଟି ଆଡ଼େ ଚାହିଁ ବନୀତା ଭାବୁଥିଲା ଏମିତି। ମାଆର ଅବର୍ତ୍ତମାନ ତାକୁ ଏମିତି ଭାବିବାକୁ ଯଥେଷ୍ଟ ସୁଯୋଗ ଆଣି ଦେଇଥିଲା।

ଈଶାନ କୋଣର ଦୀପଟିଏ ହେବା ପାଇଁ ସତରେ କ'ଣ ଇଚ୍ଛା କରିଥିଲା ସେ? ବନୀତା ଏ ପ୍ରଶ୍ନ ପଚାରିଲା ନିଜକୁ। କେବେ ଦିନେ ମାଆଠାରୁ ତା'ର ଏମିତି ଇଚ୍ଛା ସମ୍ପର୍କରେ ଶୁଣି ନ ଥିଲା ସେ। ଏଠି ମରିବାକୁ କିଏ ଭଲପାଏ ଯେ? ଏଠି ପରା ସଂଘର୍ଷରେ ସୁଖ ଥାଏ। ଯନ୍ତ୍ରଣାରେ ଶାନ୍ତି ଥାଏ। ସେସବୁ ଭିତରେ ନିଜକୁ ନିଜେ ଭଲପାଇ ସମୟକୁ ଅତିବାହିତ କରିବାକୁ ହୁଏ। ସେମିତି ସମୟ ତ ଅତିବାହିତ କରୁଥିଲା ସେ।

ଯା ଭିତରେ ମାଆର ଦଶ ଦିନ ବିତିବାକୁ ବସିଥିଲା। ହେଲେ ଆଜି ଏସବୁ ଭାବୁଥିଲା ବନୀତା। କାରଣ ସେ ଜାଣିଥିଲା ଆଜି ମାଆର ଜୀବନ ଦୀପ ଲିଭିଯିବ, ଯାହା କାହିଁ କେତେ ବର୍ଷ ହେଲା ଏ ଘରକୁ ଆଲୋକିତ କରି ଉଚିତ ମାର୍ଗରେ ପରିଚାଳିତ କରୁଥିଲା।

ଏଠି ଜୀବନଟା ଏମିତି। ମଣିଷ ଚାଲି ଶିଖି ନ ଥାଏ। ଚାଲି ଶିଖେ। ଚାଲୁ ଚାଲୁ ଝୁଣ୍ଟେ। ପଡ଼ି ଉଠି ଚାଲେ। ବହୁତ କିଛି ଜାଣେ, ଜଣାଏ। ନିଜକୁ ଖୋଜେ। ନିଜ ଲୋକଙ୍କୁ ଖୋଜେ। ନିଜ ପାଇଁ ସମୟ ଦିଏ। ନିଜ ଲୋକ ପାଇଁ ସମୟ ଦିଏ। ବାଟ, ହାଟର ହିସାବନିକାଶରେ ଆୟୁଷଯାକ ସାରିଦିଏ। କେତେବେଳେ ହାତରେ ଚାନ୍ଦ ଧରେ ତ କେତେବେଳେ ଚାନ୍ଦ ଧରୁ ଧରୁ କୁମୁଦ ହୋଇଯାଏ। କେତେ କେତେ କଥାକୁ ଗଣ୍ଠି ପକାଇ ରଖେ ତ କେତେ କେତେ କଥାକୁ ଆକାଶର ଭସା ମେଘ ପରି ଭାସିଯିବାକୁ ଦିଏ। ସୁନା, ସମ୍ପତ୍ତି, ସୌଧର ମାୟାରେ ବାୟା ହୁଏ। ମାଟି, ଆକାଶ, ନଦୀ, ନକ୍ଷତ୍ର, ଧୂଳିର ଆକର୍ଷଣରେ ବିଭୋର ହୁଏ। ଶେଷରେ ପୁଣି ଦିନେ ନିଦ ପରି ମୃତ୍ୟୁକୁ ଆପଣେଇନିଏ।

ଆଜି ବନୀତା ଖୁବ୍ ଆଶ୍ଚର୍ଯ୍ୟ ହେଉଥିଲା। ଏସବୁକୁ ନେଇ ମାଆ ସହିତ ସମ୍ପର୍କ କଲାବେଳେ ତା'ର ଆଖିପତା ଆପେ ଆପେ ମୁଦି ହୋଇ ଆସୁଥିଲା। ଦୀପଟିର ସାନ୍ନିଧରେ ନିଜକୁ ହଜାଇ ଦେବାକୁ ତା'ର ଆଜି ଭାରି ମନ ହେଉଥିଲା। ମାଆକୁ ସେ ବାରମ୍ବାର ମନେ ପକାଉଥିଲା।

**ସଂସାରରେ ଘର କରିଥିଲେ ଏମିତି କେତେ ଝଡ଼ଝଞ୍ଜା ଆସେ। ହେଲେ ସଂସାରୀ ଲୋକକୁ ପରା କାନ୍ଦିବା ମନା।**

ମାଆ ଥିବାବେଳେ ଦିନେ ତା' ପାଖରେ ହାଣ୍ଡିଶାଳରେ ବସିଥିଲା ବନୀତା। ମନେ ଅଛି ମାଆ କହୁଥିଲା – "ମୁଁ ଆଜି ଅଛି, ତୁମ ପାଇଁ ଯାହା ପାରୁଛି କରୁଛି। ଏହା ହିଁ ସତ୍ୟ। ଏହା ହିଁ ବାସ୍ତବ। ଏହା ମୋର କର୍ତ୍ତବ୍ୟ। ଏଠି କର୍ତ୍ତବ୍ୟ ପାଳନ ନିଜ ଶକ୍ତି ଅନୁସାରେ କରିଯିବା ଭଲ। ତାକୁ ହିଁ କହନ୍ତି ମନୁଷ୍ୟତା। ଏଠି ଗତକାଲିକୁ ଚାହିଁବାର ଆବଶ୍ୟକତା ନ ଥାଏ। ଆସନ୍ତାକାଲି କିଏ ଦେଖିଛି ? ବର୍ତ୍ତମାନକୁ ନିଜର କରି ବଞ୍ଚିବା ବୁଦ୍ଧିମାନର କାର୍ଯ୍ୟ।"

ଆଜି ମାଆର ଏସବୁ କଥାକୁ ମନେ ପକାଇବାବେଳେ ବନୀତା ଭାବୁଥିଲା ଜୀବନ ସମ୍ପର୍କରେ ଏତେ ଅଭିଜ୍ଞତା ମାଆ ପାଇଲା କୋଉଠୁ! କିଏ ପଢ଼ାଇଲା ତାକୁ ଏସବୁ ପାଠ! ବାପା ତ କହୁଥିଲେ – ତୋ ମାଆ ଅପାଠୋଇ। କିନ୍ତୁ ମାଆକୁ ଆଦୌ ଅପାଠୋଇ ଭାବିପାରୁ ନ ଥିଲା ସେ।

ଦୀପଟି ଜଳୁଥିଲା। ବନୀତା ମନେକଲା ଯେମିତି ମାଆ ନିରବଚ୍ଛିନ୍ନ ଭାବରେ ତା'ର ନିତିଦିନର କାର୍ଯ୍ୟ କରିଚାଲିଛି। ଦୀପଶିଖା ଆଗରେ ଭକ୍ତି ଓ ଭାବପ୍ରବଣତାରେ ସ୍ୱତଃ ନଇଁଗଲା ତା'ର ମୁଣ୍ଡ। – "ମାଆ ! ସତରେ ତୁ ଗୋଟେ ନିଆରା ମଣିଷ ଥିଲୁ।" ତା' ପାଟିରୁ ବାହାରିଗଲା।

ଏତେ ସମୟ ଧରି ଦୀପଟି ସହିତ ଥିଲା ବନୀତା। –'ମିଛ ସଂସାର। ଏଠି ଯିବାଆସିବା ଲାଗିରହିଛି। କିଏ ସେ ଏଠି ଚକାମାଡ଼ି ରହୁଛି ଯେ!' ନିଜକୁ ନିଜେ କହିଲା ସେ। ମନକୁ ବୁଝାଇ ବାରିପଟକୁ ଆସିଲା।

ବାରିପଟକୁ ଆସି ବନୀତା ଦେଖିଲା ବିଚିତ୍ର ବସି କାନ୍ଦୁଛି। ଖୁବ୍ ଭାଙ୍ଗିପଡ଼ିଥିବା ପରି ଜଣାପଡୁଥିଲା ସେ। ସାନ ଭାଇ ସେ ବନୀତାର। ମାଆର ସବୁକିଛି। ବାପା ଥିଲା ବେଳେ ତା'ର କିଛି ଚିନ୍ତା ନ ଥିଲା। ଏବେ ଘର ତାହାରି ରୋଜଗାରରେ ହିଁ ଚଳୁଛି। ତା'ର ସ୍ତ୍ରୀ ଅବନ୍ତୀ ଓ ପୁଅଟି ମାଆର ସୁଖୀ ସଂସାରର ଜଣେ ଜଣେ।

ବିଚିତ୍ରର ମନର ଅବସ୍ଥା ବୁଝିପାରିଲା ବନୀତା। ମାଆ ନ ଥିଲେ ସାହା ନ ଥାଏ। ସୁଖର ସଂସାରକୁ ପଣତ ଘୋଡ଼େଇ ରଖିବା କାମଟି ମାଆକୁ ଛାଡ଼ିଦେଲେ ଆଉ କିଏ କରିପାରେ ଯେ! ମାଆ ଆଜକୁ ଦଶ ଦିନ ହେଲା ଈଶାନ କୋଣର ଦୀପ ହୋଇ ଜଳୁଛି। ତେଣୁ ବିଚିତ୍ର କାନ୍ଦିବା ସ୍ୱାଭାବିକ। ସେ ବିଚିତ୍ର ପାଖକୁ ଆସିଲା। ଆସି କହିଲା – "କି'ରେ! କାନ୍ଦୁଛୁ ? ଆଜି ଶେଷ ତୁଠ କାମ। ଯିବାକୁ ପ୍ରସ୍ତୁତ ହେବୁ ଯାଉନୁ। ବ୍ରାହ୍ମଣ, ବାରିକ ଏଇନେ ଆସି ପହଞ୍ଚିଯିବେ। ଏତେବେଳେ କାନ୍ଦିଲେ କ'ଣ ହେବ! ସଂସାରରେ ଘର କରି ଥିଲେ ଏମିତି କେତେ ଝଡ଼ଝଞ୍ଜା ଆସେରେ। ହେଲେ ସଂସାରୀ ଲୋକକୁ ପରା କାନ୍ଦିବା ମନା। ମାଆ ଯେଉଁଠୁ ଆସିଥିଲା ସେଇଠିକି ଚାଲିଗଲା। ମୁଣ୍ଡ ବାଡ଼େଇ କାନ୍ଦିବା ପରା ଆମ ଭାଗ୍ୟ। ତୁ ଟିକେ ତୋ ମନକୁ ବୁଝାଇ ଦେ। ଯା' ଶେଷଥର ପାଇଁ ମାଆ ପାଖରେ ଟିକେ ବସିପଡ଼୍। ଦେଖିବୁ ତୋତେ ଶାନ୍ତି ଲାଗିବ। ମାଆ ତୋତେ ବୁଝାଇ ତୋ ଆଖିରୁ ଲୁହ ପୋଛିଦେବ।"

– "ମୁଁ ସିନା ରୋଜଗାର କରୁଥିଲି, ହେଲେ ଘର ଚଳାଉଥିଲା ସେ। ଏବେ କିଏ ଚଳେଇବ ଘର! ତୋ ଭାଉଜ

ତ ସେସବୁରେ ପଶେନି । ମୁଁ ବି ଅଭାବ ଜାଣେନି । ସେ ଥିଲା ବୋଲି ମୋତେ ଲାଗୁଥିଲା ଯେମିତି ଆଜି ବି ମୁଁ ବଞ୍ଚୁଛି ମୋ ଶୈଶବରେ । କେବେ ଚିନ୍ତାଗ୍ରସ୍ତ ହୋଇନି କି ଧନ ସଞ୍ଚିବାକୁ ମନ ବି କରିନି । ହଠାତ୍ ଏମିତି ତା'ର ସ୍ନେହ ଶ୍ରଦ୍ଧା ସେ ଫେରାଇନେବ ଭାବି ନ ଥିଲି । ତେଣୁ ବୁଝାଇପାରୁନି ନିଜକୁ ।" ବିଚିତ୍ର କୋହଫଟା ସ୍ୱରରେ କହିଲା ।

ବନୀତା ତା'ର ଦୁଃଖରେ ପୁଣି ଦୁଃଖୀ ହେଲା । ପୁଣି କହିଲା- "ଛିଃ ! ସେମିତି ପାଗଳଙ୍କ ପରି କାହିଁକି ହେଉଛୁ ? ଏଠି ମଣିଷକୁ ପରା ବେଳେବେଳେ ଅଗ୍ନିପରୀକ୍ଷା ଦେବାକୁ ପଡ଼େ । କେତେ କେତେ ଘଟଣା ଦୁର୍ଘଟଣା ନ ଘଟେ ଏଠି ! ସବୁ ଧୀରେ ଧୀରେ ପଛରେ ପଡ଼ିରହନ୍ତି । ଚିହ୍ନା ମୁହଁ, ବନ୍ଧୁ ପରିଜନଙ୍କ ସଂଖ୍ୟା କମି କମି ଯାଏ । ନିଃଶ୍ୱାସର



ସୁ ସୁ ଶବ୍ଦଗୁଡ଼ାଏ ଅସହାୟତାର ରାଗକୁ ସାଥି କରି ବଞ୍ଚିବାର ରାହା ଖୋଜୁଥାଏ ମଣିଷ । ତଥାପି ହାରିଯାଏ ନାହିଁ ସେ । ସ୍ୱପ୍ନ ସଜାଏ । ଭାବନାକୁ ଉଦ୍ଦୀପିତ କରେ । ଆଲୋକର ସନ୍ଧାନରେ ବାହାରେ । ମାଆ ଆଜି ଅଶ୍ଳୀଳ ସ୍ମୃତି । ଏହି ହିଁ ସତ୍ୟ । ସତ୍ୟକୁ କିଏ କ'ଣ ଲୁଚାଇପାରେ ! ଆମ ପାଇଁ ସେ ଥିଲା ଅୟୁତ ସକାଳର ସ୍ୱପ୍ନ । ଆଜି ବି ସେ ସେପରି ହୋଇ ରହିଛି, ଆଗକୁ ରହିବ ମଧ୍ୟ । ସବୁବେଳେ ଆମ ଆଡ଼କୁ ସ୍ନେହ ଶ୍ରଦ୍ଧାର ହାତ ବଢ଼ାଇଥିବ । ତାକୁ ମନେପକାଇ ଆମେ ହସିବା, ଗୀତ ଗାଇବା, ଦୁଷ୍ଟାମି କରିବା । କାହାକୁ ନ ଡରି ପୁଣି ଆଗ ଭଳି ଖୁସିରେ ବଞ୍ଚିବା । ଯା', ଆଉ କାନ୍ଦନି । କାମରେ ଲାଗିଯା' । ଆଗ ଟିକେ ତା' ପାଖରେ ବସିଯିବୁ ଯା ।"

ବନୀତା ଏତେ କଥା କହୁଛି । ସେ କ'ଣ ଏସବୁ ଜାଣେନି ! ଜାଣେ, ହେଲେ ନିଜ ମନକୁ ବୁଝାଇପାରୁ ନ ଥିଲା । ହଁ, ତ । ଜୀବନ ସବୁବେଳେ ଏମିତି । ଏ ସଂସାରରେ ମାଆ ବିନା ବଞ୍ଚିବା ଆଦୌ ସହଜ ନୁହେଁ । ନିଜ ପାଇଁ ଜାଗାଟେ ତିଆରିବା ସତରେ କେତେ କଷ୍ଟ, ଯିଏ ତିଆରିଛି ସିଏ ଜାଣିଛି । ଆଜି ମାଆ ନାହିଁ । ଜୀବନର ଅନେକ ରୂପରୁ ଇଏ ଗୋଟିଏ । ଧୀରେ ଧୀରେ ଇଏ ବି ଦେହସୁହା ହୋଇଯିବ । ଜୀବନ ଅଛି ମାନେ ବଞ୍ଚିରହିବାକୁ ହେବ । ଅଙ୍କାବଙ୍କା ରାସ୍ତା ପାର ହେବାକୁ ପଡ଼ିବ । ଏମିତି ଭାବି ନିଜ ମନକୁ ବୁଝାଇଲା ବିଚିତ୍ର । ବାରିପଟରୁ ଉଠି ଦୀପଟି ପାଖକୁ ଆସିଲା ।

ଈଶାନ କୋଣରେ ଦୀପଟି ଜଳୁଥିଲା ।

ସରି ଆସୁଥିଲା ସମୟ । ଆଉ ଅଳ୍ପ ସମୟ ପରେ ଦୀପଟି ଉଠିଯିବାକୁ ଥିଲା । ବିଚିତ୍ର ସେଆଡ଼କୁ ଚାହିଁଲା । ନିଃଶବ୍ଦରେ ମାଆ କିଛି କହୁଥିବା ପରି ତାକୁ ଲାଗିଲା । କ'ଣ କହୁଛି ମାଆ ? ଆଶା, ଆଶ୍ୱାସନା ଦେଉଛି କି ? ଦେଉଛି କି ବିଶ୍ୱାସ ? କହୁଛି କି ଚାଲିବାକୁ ହେବ ଆଗକୁ ବୋଲି ? ଏମିତି ଭାବି ଦୀପଟିର ନିକଟକୁ ଆସିଲା ସେ । ଏକଲୟରେ ନିରୀକ୍ଷଣ କଲା । ଏକା ଏକା ହୋଇ ଜଳୁଥିଲା ଦୀପଟି । ଜୀବନର ମାନେ ଏକା ଏକା ହୋଇ ଜଳିବା ବୁଝିଲା ସେ । ପୁଣି ନିଜକୁ ବୁଝାଇଲା । ଦଶତୁଠକୁ ଯିବା ପାଇଁ ପ୍ରସ୍ତୁତ ହେଲା । ମନ ମରୁଥିଲା । କୋହରେ କୁହୁଳୁଥିଲା ଛାତି । ଦିନ ଦ୍ୱିପହରରେ ଯେମିତି ଅମା ଅନ୍ଧକାର ଘୋଟି ଆସିଥିଲା ଜୀବନରେ । କଥା କହି ବିଚିତ୍ରକୁ ବୁଝାଇଦେଲା ସିନା, ହେଲେ ନିଜେ ଅବୁଝାପଣରେ ସନ୍ତୁଳି ହେଲା ବନୀତା । ଆଦ୍ୟ ଆଷାଢ଼ର ଟୋପା ଟୋପା ବର୍ଷା ପରି ମାଆର କଅଁଳ ହାତର ସ୍ପର୍ଶ ପାଇବାକୁ ବ୍ୟଗ୍ର ହୋଇ ପଡ଼ିଲା ତା'ର ମନ । ଭିଜାମାଟି ପରି ମିଠା ମିଠା ତା' ଦେହର ଗନ୍ଧରେ ହଜିବାକୁ ଚାହିଁଲା ସେ । ତା'ର ହାତ ଧରି ଆଗକୁ ଆଗକୁ ଗୋଟେ ନିଷ୍କଣ୍ଟକ ପଥରେ ଚାଲିବାକୁ ଇଚ୍ଛାଟେ ତା' ଭିତରେ ବଳବତ୍ତର ହେଲା । ପ୍ରତିଟି ସକାଳେ ଲମ୍ବି ଆସୁଥିବା ତା'ର ଆଶୀର୍ବାଦର ହାତକୁ ଅପେକ୍ଷା କଲା ସେ । ମାଆ ପାଖରେ ଥିଲେ ଥାଏ ସାହା ଭରସା । ତା' ପାଖରେ ଶୋଇଗଲେ ସ୍ୱପ୍ନଭରା ନିଦଟିଏ ହୁଏ । ଶାନ୍ତିରେ ଶୋଇହୁଏ । ମନେମନେ ସେ ପାଇବାକୁ ଚାହିଁଲା ଏସବୁ ।

ବାରିପଟେ ଏକା ଏକା ବସି ମାଆର କେତୋଟି ସ୍କେଚ୍ ଆଙ୍କିଲା ସେ । ମାଆ ସହିତ ନିଜ ଗେଲବସରର ଦିନ ସବୁକୁ ଝୁରି ହେଲା । ଯେତେ ସବୁ ଘାତ ପ୍ରତିଘାତ ଭିତରେ ମାଆ

କେମିତି ତା' ସହିତ ରହିଥିଲା ସେସବୁ ତା'ର ଏବେ ଖୁବ୍ ମନେପଡ଼ିଲା। ମନେପଡ଼ିଲା ତା'ର ଫୁଲଫୁଟା ଲୁଗାର ପଣତ, ସନ୍ତାପରେ ହସହସ ମୁହଁ।

ସେଦିନ ଥିଲା ଜ୍ୟେଷ୍ଠ ମାସର ଶେଷ ଦିନ। ରାତି ପାହିଲେ ରଜ ସଂକ୍ରାନ୍ତି। ଆଷାଢ଼ ମାସର ପ୍ରଥମ ଦିନ। ଜାଳଘର ଆଡ଼କୁ ବନୀତାର ନଜର ଚାଲିଗଲା। ଖାଲି ଖାଲି ଲାଗୁଥିଲା ଜାଳଘର। ଇଏ ଦୀପଟେ ହୋଇ ଜଳିବ ବୋଲି ଏ ଆଡ଼କୁ ନଜର ଦେଇ ନ ଥିଲା ନା କ'ଣ! ବର୍ଷା ଆସିବ ବୋଲି କେଡ଼େ ତତ୍ପର ହୋଇ ନ ପଡ଼େ ସେ! ଗୋବର ଚକଟି, ଅଗାଡ଼ି ବିଛେଇ ଘଷି, ଗୁଣ୍ଡା ଗଢ଼େ। ଶୁଖିଲା ଜାଳ ସଂଗ୍ରହ କରେ। ଜାଳଘରଟି ନ ପୂରିଲା ଯାଏ ତା'ର ମନ ଶାନ୍ତ ପଡ଼େନି। ଖୋଇବାର ଆନନ୍ଦ ଜାଣେ ସେ। ସେଥିପାଇଁ ତା'ର ଏତେ କଥା। ଚାଉଳ, ପରିବା ମାପେନାହିଁ, ଅଥଚ ସମସ୍ତଙ୍କ ପାଇଁ ରୋଷେଇ କରି ଥୋଇଦିଏ। ଘରକୁ ଅଚାନକ କୁଣିଆ ଆସିଲେ ବି ତା'ର ଚିନ୍ତା ନ ଥାଏ। ସେମାନେ ବି ସେଇଥିରେ ପେଟପୂରା ଖାଇନିଅନ୍ତି। ଭାତ ସବୁ ଟାଣ କି କଅଁଳ ବାସ୍ନାରୁ ଜାଣିପାରେ ସେ। ତରକାରି କେବେ ଲୁଣିଆ କି ଅଲଣା କରେନି। ତା'ର ହାତରେ ସତେ କି କୁହୁକ ଥାଏ କେଜାଣି!

ଆଜି ଏସବୁ ଭାବି ବନୀତା ଆଶ୍ଚର୍ଯ୍ୟ ହେଉଥିଲା ଯେତିକି, ଦୁଃଖୀ ହେଉଥିଲା ସେତିକି। ଗୋଟେ ନିଃଶବ୍ଦତାର ଭାରିପଣ ଅନୁଭବ କରୁଥିଲା ସେ। ଶୂନ୍ୟ ଆକାଶକୁ ଚାହିଁ କହୁଥିଲା - "ମାଆ! ଏ ବର୍ଷ କାହିଁକି ତୋର ଜାଳଘରକୁ ଖାଲି ପକେଇଛୁ? ଏଇ ତ ବର୍ଷା ଆସିଲାଣି। ଆମେ ଘରେ ଏତେ ପ୍ରାଣୀ କୁଟୁମ୍ବ ହେଲୁଣି। କେତେବେଳେ କୋଉ କୁଣିଆ ଆସି ପହଞ୍ଚିଯିବେ। କ'ଣ କରିବୁ ତୁ?"

ରଜ, ସାବିତ୍ରୀ, ଜନ୍ମାଷ୍ଟମୀ, ପ୍ରଥମାଷ୍ଟମୀ, ଶାମ୍ବଦଶମୀ, ଦୁତିବାହନ ଓଷା ଆଦିରେ ଭାର, ନୂଆ ଲୁଗା, ପିଠା, ମିଠା, ଉଖୁଡ଼ା ନେଇ ପହଞ୍ଚି ଯାଉଥିଲା ବିଚିତ୍ର। ତାକୁ ଦେଖୁ ଦେଖୁ ବନୀତାର ଖୁସି ଫାଟି ପଡୁଥିଲା। ନିଶ୍ଚେ ଏସବୁ ମାଆର କାମ ହୋଇଥିବ ଭାବୁଥିଲା ସେ। ପଚାରୁଥିଲା - "ମାଆ ତୋତେ ପଠେଇଛି ନା?"

- "ଆଠ ଦିନ ଆଗରୁ ମତେ କ'ଣ ସିଏ ରଖେଇ ଦେଉଛି! ଏଇଟା ଆଣ, ସେଇଟା ଆଣ। ବନୀ ଘରକୁ ନେଇକି ଯିବୁ। ଝିଅଟା ଚାହିଁବସିଥିବ। ନ ଗଲେ ତା' ଶାଶୂ ତାକୁ ଖୁଣ୍ଟା ଦେବ। ତୁ ଗଲେ, ତତେ ଦେଖିଲେ ସିଏ ଭାରି ଖୁସି ହେବ। ଏଇ କଥା ସବୁ ଶୁଣୁଛି ମୁଁ। ତେଣୁ ଆସିବାକୁ ବାଧ୍ୟ ହେଲି। ସେ ହିଁ ତ ମୋତେ ପଠେଇଛି।" ଗମ୍ଭୀର ହୋଇ ବିଚିତ୍ର କହୁଥିଲା ତ କଥାଶେଷରେ ବେଜାଏ ହସି ପକାଉଥିଲା।

- "ଆଉ ତୁ ଆସି ନ ଥାନ୍ତୁ ନା କ'ଣ?" ହସିଦେଇ କହୁଥିଲା ବନୀତା। ଏହାପରେ ମାଆ ପ୍ରତି ଭାଇ ଭଉଣୀ ଦୁହିଙ୍କର ମନରେ ଭକ୍ତି ଓ ଭଲପାଇବା ଆକାଶକୁ ଛୁଇଁଯାଉଥିଲା। କିଛି ସମୟ ପାଇଁ ଦୁହେଁ ମୁହଁକୁ ମୁହଁ ଯୋଡ଼ି ବସିଯାଉଥିଲେ। ମାଆକୁ କେନ୍ଦ୍ର କରି ଅନେକ ଅନେକ ଖୁସି ଗପ କରୁଥିଲେ। ହଜିଯାଉଥିଲେ ଗୋଟେ ନିଆରା ସୁଖର ସମୁଦ୍ରରେ।

**ଅପାଠୋଇ ସିନା, ହେଲେ ସେତେବେଳେ ଜଣେ ଅଭିଜ୍ଞ ଡାକ୍ତରଙ୍କଠାରୁ ତା'ର ଭୂମିକା ଆଦୌ କମ୍ ନ ଥିଲା।**

କେଡ଼େ ଯତ୍ନ ତା'ର! ବର୍ଷାଦିନ ଆସିଲେ ସମସ୍ତଙ୍କୁ ସଜାଗ କରିଦେଉଥିଲା ସେ। କାହାର ଦେହପା' ବିଗିଡ଼ି ନ ଯାଉ ସେ ଚାହୁଁଥିଲା। ଦେହପା' ବିଗିଡ଼ିଲେ ତାକୁ ହିଁ କରିବାକୁ ପଡୁଥିଲା। କାହାର ଗରମପାଣି ଦରକାର ପଡୁଥିଲା ତ କାହାର ଦରକାର ପଡୁଥିଲା ଉଷୁମ ଉଷୁମ ରସୁଣଫୁଟା ସୋରିଷ ତେଲ ମାଲିସ୍। ତେଣୁ ସେ ବର୍ଷାରେ ଭିଜିବାକୁ ସମସ୍ତଙ୍କୁ ବାରଣ କରୁଥିଲା। ଏପରିକି ଗୋଡ଼ ବାଲିଖାଇଯିବ ବୋଲି ବାହାରେ ଖାଲିପାଦରେ ବୁଲିବାକୁ ମଧ୍ୟ ବାରଣ କରୁଥିଲା।

ବର୍ଷାଦିନେ ସର୍ଦ୍ଦି, ଜ୍ୱର ତ ସାଧାରଣ କଥା। ସେ ଆରମ୍ଭ କରି ଦେଉଥିଲା ତା'ର ଉପଚାର। ଗଙ୍ଗଶିଉଳି ପତ୍ର ତୋଳି ଆଣି ତାକୁ ଛେଚି ତା'ର ରସ ପିଇବାକୁ ଦେଉଥିଲା। ଇଏ ଥିଲା ଜ୍ୱର ପାଇଁ ତା'ର ଅବ୍ୟର୍ଥ ଔଷଧ। ବେକରେ ରସୁଣ ମାଳ ପକେଇ ସର୍ଦ୍ଦି ଭଲ କରି ଦେଉଥିଲା ସେ। କାହାର ଗୋଡ଼ ବାଲିଖାଇଲେ ହରିଡ଼ା ଘୋରି ଲଗେଇଦେଉଥିଲା।

ଅପାଠୋଇ ସିନା, ହେଲେ ସେତେବେଳେ ଜଣେ ଅଭିଜ୍ଞ ଡାକ୍ତରଙ୍କଠାରୁ ତା'ର ଭୂମିକା ଆଦୌ କମ୍ ନ ଥିଲା। ଆଜି ଏସବୁ ଭାବିଲେ ବନୀତାକୁ ଆଶ୍ଚର୍ଯ୍ୟ ହେବାକୁ ପଡୁଥିଲା।

ତା'ର ବିଶ୍ୱାସ ପାଲଟି ଯାଉଥିଲା ସମସ୍ତଙ୍କର ବିଶ୍ୱାସ। ସବୁ ଏବେ ଇତିହାସ ପାଲଟିଗଲା। ଏସବୁ ଅନୁଭବକୁ ହରାଇବା ଦୁଃଖରେ ଦୁଃଖୀ ହେଉଥିଲା ସେ। ବୁଢ଼ି ରହିଥିଲା ଗୋଟେ ଅନ୍ୟମନସ୍କ ଭାବରେ ସେଦିନ ସକାଳେ। ବାରିପଟ ଅଣଚଉଡ଼ା ବାରଣ୍ଡାରେ ଏକା ଏକା ବସି ରହିଥିଲା।

ବାସ୍ତବରେ ସଂସାର ଚଳେଇବାର ଗୋଟିଏ ଗଣିତ ଥାଏ। ସେ ଗଣିତ ନା ସ୍କୁଲରେ ପଢ଼ାହୁଏ ନା କଲେଜରେ। ବୋଧହୁଏ ମାଆଟିଏ ପଢ଼ିଥାଏ ସେ ଗଣିତ। ଯିଏ ଯେତେ ବଡ଼ ଡିଗ୍ରୀ ହାସଲ କରିଥାଉ, ସଂସାର ଗଣିତ କଷିବା ତା' ପାଇଁ ଗୋଟେ ଆବଶ୍ୟକତା ଯେମିତି। ମାଆଟିଏ ଖାଲି ସେ ଗଣିତ ଶିଖିଥାଏ ତା' ନୁହେଁ, ଶାଶୁଘରକୁ ଯିବା ପୂର୍ବରୁ ସେଇ ଗଣିତ ତା' ଝିଅକୁ ଶିଖାଇଥାଏ ମଧ୍ୟ। ଆଜି ଏକଥାକୁ ଅସ୍ୱୀକାର କରୁ ନ ଥିଲା ବନୀତା। ସେଇଥିପାଇଁ ତ ସେ ସୁରୁଖୁରୁରେ ଚଳାଇ ପାରୁଥିଲା ତା'ର ସଂସାର। କେଡ଼େ ଦୁର୍ଲ୍ଲଭ ସତରେ ମାଆଟିଏ! କେଡ଼େ କଷ୍ଟ ସତେ ମାଆଟିଏ ହେବା! ମାଆକୁ ଏସବୁର ଶ୍ରେୟ ଦେବାବେଳେ ସେ ମନକୁ ମନ କହୁଥିଲା।

ବାପାଙ୍କର ଭାବ ଅଭାବ, ଉଦାସୀନତାକୁ ସ୍ପଷ୍ଟ ପଢ଼ି ପାରୁଥିଲା ମାଆ। ପଢ଼ିପାରୁଥିଲା ସେ ଜେଜେଙ୍କ ସନ୍ଧ୍ୟାବେଳର ଟୁକ୍ ଟୁକ୍ ପଣ। ସମସ୍ତଙ୍କର ପେଟର ଭୋକ ଜାଣି ପାରୁଥିଲା ସେ। ଠିକ୍ ସମୟରେ ବାଢ଼ି ପାରୁଥିଲା ପଖାଳ, ବଡ଼ିଚୂରା। ଗୋଟେ ସୁନ୍ଦର ସମୟର ପ୍ରତିରୂପ ହୋଇପାରୁଥିଲା ସେ। ନିଜକୁ ସମ୍ଭାଳି ଗୋଟେ ଘର ଯତ୍ନରେ ସମ୍ଭାଳିଥିଲା। କେବେ କ୍ଳାନ୍ତ ଦିଶୁ ନ ଥିଲା ତା' ଆଖିପତା। ନିଃଶବ୍ଦରେ ନିଜ ସହ ନିଜେ କଥାବାର୍ତ୍ତା ହେଉଥିଲା ବନୀତା।

ମାଆ ଗୋଟିଏ ଶବ୍ଦ। ଗୋଟେ ଅତି ସୁନ୍ଦର ଭାବର ଉଚ୍ଚାରଣ। ମାଆ . . . ମାଆ . . . ଦୁଇ ଚାରି ଥର ଡାକିବାକୁ ଏବେ ତା'ର ଭାରି ଇଚ୍ଛା ହେଉଥିଲା। ମନର କଥା କିଛି ମାଆ ଆଗରେ କହିବାକୁ ବି ଚାହୁଁଥିଲା ସେ। ଯେମିତିକି – 'ମାଆ! କେଉଁ ବିଚିତ୍ର ବିଦ୍ଧାଣିର ତୁ ସର୍ଜନା! ଅଦ୍ଭୁତ ତୁ। ତୋତେ କାଉଁରି ବିଦ୍ୟା ଜଣା। ତୁ ଜୀବନ୍ତ ଗ୍ରହ, ନକ୍ଷତ୍ର, ତାରା ଆଙ୍କିପାରୁ। ଆଙ୍କିପାରୁ ଇନ୍ଦ୍ରଧନୁର ସାତରଙ୍ଗ। ତଡ଼ାଗ, ତଟିନୀ, ପାରାବାରକୁ ତୁ ନିମିଷକରେ ରୂପ ଦେଇପାରୁ। ଅନ୍ଧାରକୁ ବଦଳେଇପାରୁ ଆଲୋକରେ। ଗୋଟେ ଘରକୁ ସୁନ୍ଦର ଭାବରେ ସଜାଇପାରୁ। ସୁଖ, ଶାନ୍ତି, ସନ୍ତୋଷ ଘରକୁ ଏକା ଆଣିପାରୁ ତୁ। ତୋର ତୁଳନା ନାହିଁ। ତୁ ଏକା ହିଁ ତୋର ତୁଳନା।'

**ମାଆ ଗୋଟିଏ ଶବ୍ଦ। ଗୋଟେ ଅତି ସୁନ୍ଦର ଭାବର ଉଚ୍ଚାରଣ। ମାଆ . . . ମାଆ . . . ଦୁଇ ଚାରି ଥର ଡାକିବାକୁ ଏବେ ତା'ର ଭାରି ଇଚ୍ଛା ହେଉଥିଲା।**

ଏବେ ଘର ଭିତରକୁ ଫେରିଲା ସେ। ଆସିଲା ସେଇ ଈଶାନ କୋଣକୁ, ଯେଉଁଠି ତା'ର ମାଆ ଦୀପଟିଏ ହୋଇ ଜଳୁଥିଲା। – 'ମାଆ! ମାଆ କାହିଁ? ' ସେ ଚିତ୍କାର କଲା।

ଦୀପଟି ଆଉ ସେଠାରେ ନ ଥିଲା। ବିଚିତ୍ର ତାକୁ ସାଙ୍ଗରେ ନେଇ ଦଶତୁଠକୁ ବାହାରି ଯାଇଥିଲା।

– "ଆରେ କିଏ କୁଆଡ଼େ ନେଇଗଲ ମୋ ମାଆକୁ? କାହିଁକି ନେଇଗଲ? କାହିଁକି ଅନ୍ଧାର କରିଦେଲ ଘରକୁ? ତୁମର କ'ଣ ଆଲୋକ ଲୋଡ଼ା ନାହିଁ? କ'ଣ ସେ କ୍ଷତି କରୁଥିଲା ତୁମର? କାହିଁକି ତାକୁ ଏ ଘରୁ ସବୁଦିନ ପାଇଁ ବାହାର କରିଦେଲ? ଏଡ଼େ ନିଷ୍ଠୁର ତୁମେ? ଆଣ, ତାକୁ ଫେରାଇଆଣ। ସେ ଏଇ ଘରେ ହିଁ ରହିବ। ସେ ଆଉ କୁଆଡ଼େ ଯାଇପାରିବନି। କେହି ତାକୁ ଏ ଘରୁ ତଡ଼ି ପାରିବନି। ଆଣ, ତାକୁ ଟିକେ ଘରକୁ ଫେରାଇ ଆଣରେ।"

ଚଟାଣରେ କୋଡ଼ିକଚାଡ଼ି ହୋଇ ଭୋ ଭୋ କାନ୍ଦୁଥିଲା ବନୀତା। ଗୋଟେ ପାଗଳୀଙ୍କ ପରି ପ୍ରଳାପ କରୁଥିଲା ଖୁବ୍ ଉଚ୍ଚସ୍ୱରରେ।

ଫାଙ୍କା ଫାଙ୍କା ଦିଶୁଥିଲା ଈଶାନ କୋଣ। ସାରା ଘରେ ଗୋଟେ ମିଛିମିଛିକା ଅନ୍ଧାର ହିଁ ରାଜୁତି କରୁଥିଲା। ବାସ୍ତବରେ କିଏ ବୁଝେ ଦୀପର ବେଦନା! ସେ ଦେଇଛି କେତେ, ପାଇଛି କେତେ – କିଏ ହିସାବ ରଖେ ତା'ର!

– "ମାଆ! ତୁ ଯେଉଁଠି ଥା', ଭଲରେ ଥା'।" ଏବେ ମାଆ ଉଦ୍ଦେଶ୍ୟରେ ଘରେ ସମସ୍ତଙ୍କ ହୃଦୟରୁ ସ୍ୱତଃ ଏଇ ସ୍ୱର ହିଁ ବାହାରି ଆସୁଥିଲା।

□□

ଲେଖକଙ୍କ ଇ-ମେଲ ଠିକଣା:
sachidanandakar62@gmail.com

ସଂସ୍ମରଣ

# ଜୀବନ ସ୍ମୃତିରୁ ଖିଅଟିଏ



ମାନସ ରଞ୍ଜନ ମହାପାତ୍ର

ଗୋଟିଏ ସମୟରେ ବିଭିନ୍ନ ପତ୍ରିକା ଓ ଖବରକାଗଜର ପୂଜା ବିଶେଷାଙ୍କରେ ପ୍ରକାଶନ ପାଇଁ ମୁଁ ଆତୁର ହୋଇ ମୋ କବିତାସବୁକୁ ପଠାଉଥିଲି। ସେତେବେଳେ ପ୍ରକାଶନର ସଂଖ୍ୟା ବେଶ କମ୍ ଥିଲା। ସେମାନେ ନୂଆ ଲେଖକ, ଲେଖିକାଙ୍କୁ ସହଜରେ ସ୍ଥାନ ଦେଉ ନଥିଲେ। ମୋର ମନେ ପଡୁଛନ୍ତି, ଧରିତ୍ରୀ ସାପ୍ତାହିକର ଭଗବାନ ନାୟକ ବର୍ମା। ଆଜିଠୁଁ ଅର୍ଦ୍ଧ ଶତାବ୍ଦୀ ତଳେ ... ସେ ନୂଆ ଲେଖକ, ଲେଖିକାଙ୍କୁ ସ୍ଥାନ ଦେଉଥିଲେ।

ଏବେ ମୁଁ ଏପରି ଏକ ପାହାଚରେ ପହଞ୍ଚିଛି, ଯେ କୌଣସି ଖବରକାଗଜ ଓ ପତ୍ରିକା ମୋର ଲେଖାକୁ ଆଗ୍ରହର ସହ ପ୍ରକାଶ କରୁଛନ୍ତି। କିନ୍ତୁ ଚାରି ଦଶକ ତଳର ମୋର ସେହି ଝୁଙ୍କ ଏବେ ଆଉ ନାହିଁ ସାହିତ୍ୟ ଦରବାରରେ ମାତିଥିବା ରକମ ଖେଳାଳିଙ୍କ କୂଟନୀତି ସବୁକୁ ଦେଖି। ମୁଁ ଏବେ ଓଡ଼ିଆ ସାହିତ୍ୟ ପତ୍ରିକା ସମ୍ପାଦକଙ୍କ ମଧ୍ୟରେ ଭଗବାନ ନାୟକ ବର୍ମାଙ୍କ ପରି ଜଣେ ବି ପ୍ରକାଶକଙ୍କୁ ଦେଖିବାକୁ ପାଉନାହିଁ ଯିଏ ପଦବୀ ବଦଳରେ ଲେଖକ ଲେଖିକାଙ୍କ ପ୍ରତିଭାର ଆଦର କରୁଥିଲେ। ମତେ ଏହା ଭଲ ଲାଗୁନାହିଁ ଓ ମୁଁ ପତ୍ରିକାଗୁଡିକୁ କବିତା ପଠାଇବା ପ୍ରାୟ ବନ୍ଦ କରିଦେଲିଣି।

**ଚାରି ଦଶକ ତଳର ମୋର ସେହି ଝୁଙ୍କ ଏବେ ଆଉ ନାହିଁ ସାହିତ୍ୟ ଦରବାରରେ ମାତିଥିବା ରକମ ଖେଳାଳିଙ୍କ କୂଟନୀତି ସବୁକୁ ଦେଖି।**

**ବିପ୍ର ସାର୍**

ପତ୍ରିକା ଓ ଖବରକାଗଜରେ ନିୟମିତ ଲେଖୁଥିଲାବେଳେ ମୁଁ ଅନେକ ମନଛୁଆଁ ଖବର ସଂସ୍ପର୍ଶରେ ଆସୁଥିଲି। ଏହି ଧାରାରେ ମୁଁ ଥରେ ଫୁଲବାଣୀର ବିପ୍ରଚରଣ ପଟ୍ଟନାୟକଙ୍କ ବିଷୟରେ ଜାଣିବାକୁ ପାଇଲି। ସମସ୍ତେ ତାଙ୍କୁ ଡାକନ୍ତି, ବିପ୍ରସାର୍।

ବିଭିନ୍ନ କାରଣରୁ ମୁଁ ବିପ୍ରସାରଙ୍କୁ ଭେଟିବାକୁ ଚାହିଁଲି। ସେ ସ୍କୁଲ୍ ଇନ୍ସପେକ୍ଟର ହେବା ବଦଳରେ ସ୍କୁଲ୍ ହେଡମାଷ୍ଟର ହେବାକୁ ଚାହିଁଥିଲେ। ରିଚାର୍ଡ୍ ବ୍ୟାକଙ୍କର ବିଖ୍ୟାତ 'ଜୋନାଥନ୍ ଲିଭିଙ୍ଗଷ୍ଟୋନ୍ ସିଗଲ୍' ବହିଟିର ସେ ଚମତ୍କାର ଓଡ଼ିଆ ଅନୁବାଦ କରିଥିଲେ।

ମୋ ଖୁସି ଦୁଇଗୁଣ ବଢ଼ିଗଲା ଯେତେବେଳେ ମୁଁ ଜାଣିବାକୁ ପାଇଲି ଯେ ମୋର ପ୍ରିୟ ଯୁବ ବନ୍ଧୁ, ସୃଜନିକାର ବିନୟ, ବିପ୍ରସାରଙ୍କ ପୁଅ। ବିନୟ ଏନବିଟି ପାଇଁ ତେତସୁକୋ କୁରୋୟାନାଗିଙ୍କର ଶିକ୍ଷା କ୍ଲାସିକ 'ତୋତ୍ତୋ-ଚାନ'କୁ ଓଡ଼ିଆରେ ଅନୁବାଦ କରିଥିଲେ।

ଆମେ ସେତେବେଳେ ଏନବିଟି ତରଫରୁ ପୃଥିବୀର ସବୁଠାରୁ ଲମ୍ବା ଖବରକାଗଜ ବନାଉଥାଉ। ପର ସମୟରେ ଲିମ୍କା ବୁକ୍ ଅଫ୍ ରେକର୍ଡସ୍ ଏହାକୁ ସମ୍ମାନ ଓ ସ୍ୱୀକୃତି ଦେଲା। ଏଥିପାଇଁ ଆମେ ଭାରତର ବିଭିନ୍ନ ରାଜ୍ୟରେ କର୍ମଶାଳାମାନ ଆୟୋଜନ କରିଥିଲୁ। ବିନୟ ପ୍ରସ୍ତାବ ଦେଲେ, ଓଡ଼ିଶାର ଏହି କର୍ମଶାଳାଟିକୁ ଆଦିବାସୀ ଅଧ୍ୟୁଷିତ ଫୁଲବାଣୀ ମାଳରେ ଆୟୋଜନ କରାଯାଉ। ଏନବିଟିର ଓଡିଆ ଭାଷା ସଂପାଦକ ରୂପେ ମତେ ଏହି ଦାୟିତ୍ୱ ଦିଆଗଲା। ବିନୟଙ୍କ ସାନ ଭାଇ ବିଜୟ 'ମାନବିକ' ନାମକ ମଞ୍ଚଟିଏ ଗଢିଥାଆନ୍ତି। ଆମେ ମାନବିକ ସମୂହ ସହଯୋଗରେ ଏହି କର୍ମଶାଳାଟିର ଆୟୋଜନ କରିଥିଲୁ।

ମୁଁ ଫୁଲବାଣୀରେ ପହଞ୍ଚିଲି।

ଫୁଲବାଣୀ ମାଳ କନ୍ଧମାଳ ଜିଲ୍ଲାର ମୁଖ୍ୟାଳୟ। ରାଜ୍ୟର ସବୁଠାରୁ ପଛୁଆ ଜିଲ୍ଲା ରୂପେ ଏହା ଗଣାଥିଲା। ଜିଲ୍ଲାର ଅଧାରୁ ଅଧିକ ଲୋକ (୨୦୧୧ ଜନଗଣନା ଅନୁସାରେ ପ୍ରାୟ

ଚଉବନ ପ୍ରତିଶତ) ଥିଲେ କନ୍ଧ ଆଦିବାସୀ ସମ୍ପ୍ରଦାୟରୁ। ଓଡ଼ିଶାର ମଝିରେ ଥିବା ଏହି ମାଳଭୂମିଟି ନିଜର ପ୍ରାକୃତିକ ସୌନ୍ଦର୍ଯ୍ୟ, ସମୃଦ୍ଧ ଜୈବବିବିଧତା, ଆଦିବାସୀ ସଂସ୍କୃତି ଓ ରକମ ରକମର ଜଙ୍ଗଲଜାତ ଉତ୍ପାଦନ, ଯଥା, ହଳଦୀ (ଜିଆଇ ସ୍ୱୀକୃତିପ୍ରାପ୍ତ), ଅଦା, ପାଳୁଅ, ମହୁ, ଝୁଣା, ଛତୁ, ଆଦି ପାଇଁ ସବୁଠାରେ ଜଣା। ଏହି ଜିଲ୍ଲାଟିର ଆଉ ଏକ ପରିଚୟ ହେଉଛି, ଏଠାରେ ୨୦୦୭ ମସିହାରେ ଚକାପାଦ ଆଶ୍ରମର ପ୍ରତିଷ୍ଠାତା ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ହତ୍ୟାକାଣ୍ଡ ପରେ ଘଟିଥିବା କନ୍ଧମାଳର ଦଙ୍ଗା ପୃଥିବୀର ସବୁଠାରୁ ଲମ୍ବା ଦଙ୍ଗା ରୂପେ ଗଣା।

୧୯୯୯ ମସିହା ଏପ୍ରିଲ ମାସର ଏକ ଉଜ୍ଜ୍ୱଳ ସକାଳ। ବିଜୟ ମତେ ତାଙ୍କ ଘର ଠିକଣା ପଠାଇ ଥାଆନ୍ତି। ଆଗରୁ ମୁଁ ଦୁଇଥର ଫୁଲବାଣୀ ଯାଇଥିଲି। ୧୯୯୫ ମସିହାରେ ମୋ ଶିକ୍ଷକ, ଅଧ୍ୟାପକ ବିଶ୍ୱରଞ୍ଜନଙ୍କ ଦ୍ୱାରା ଆୟୋଜିତ ଫୁଲବାଣୀ ପୁସ୍ତକ ମେଳାର ଅତିଥି ରୂପେ ଓ ୧୯୯୬ରେ ଏନବିଟିର ଏକ ପୁସ୍ତକ ମେଳାର ଆୟୋଜନ ପାଇଁ।

**ଏକ ନିଆରା ଗସ୍ତ**

ଏଥରର ଗସ୍ତଟି ବେଶ୍ ଅଲଗା ପ୍ରକାରର ଥିଲା। ଗତ ଦୁଇ ଗସ୍ତ ବେଳେ ମୁଁ ବିପ୍ରସାର୍‌ଙ୍କ ବିଷୟରେ ଶୁଣିଥିଲି। ଏଥର ମୁଁ ତାଙ୍କୁ ଭେଟିବାର ଏକ ସୁଯୋଗ ପାଇଲି ଓ ତାଙ୍କ ପରିବାର ସହ ଦିନଟିଏ ବିତାଇଲି।

ମୁଁ ତାଙ୍କ ଦୁଆରରେ ଖଟଖଟ କଲି। ଝିଅଟିଏ କବାଟ ଖୋଲିଲା।

'ମାନସ ଭାଇ, ନମସ୍କାର। ଆପଣଙ୍କୁ ସ୍ୱାଗତ ଜଣାଉଛି। ଆପଣଙ୍କୁ ଘର ଖୋଜିବାରେ କିଛି ଅସୁବିଧା ହେଲାନି ତ?' ସେ ପଚାରିଲା।

ସେ ଥିଲା, ସୁରଭି। ବିନୟର ସାନ ଭଉଣୀ। ସେମାନେ ମୋ ଗସ୍ତ ବିଷୟ ବିନୟଠାରୁ ଜାଣିଥିଲେ। ଘରେ ସମସ୍ତେ ଖୁସିରେ ଏକାଠି ହୋଇଗଲେ। ଗରମ ଚାହା ସହିତ ମୋର ଏକ ଭବ୍ୟ ସ୍ୱାଗତ ହୋଇଗଲା।

ବିନୟ ଓ ନିଖିଳ ମୋହନ ପଟ୍ଟନାୟକଙ୍କର ଥିଲା ଏକ ନୈସର୍ଗିକ ସମ୍ପର୍କ। ବିନୟଙ୍କ ଭାଷାରେ, 'ନିଖିଳ ଭାଇ ୧୯୮୭ ମସିହାରେ ଦୁଇଥର ଫୁଲବାଣୀ ଆସି ବାପା ଓ ତାଙ୍କ ବିଜ୍ଞାନପ୍ରେମୀ ସହଯୋଗୀଙ୍କ ସହ ଭାରତ ଜନ ବିଜ୍ଞାନ ଯାତ୍ରାର ଆୟୋଜନ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଐତିହାସିକ ବିଜ୍ଞାନ ପ୍ରସାର ଯାତ୍ରାଟି କେରଳରୁ ଆରମ୍ଭ ହୋଇଥିଲା। ପୂର୍ବ ପ୍ରାନ୍ତର ଏହି ଯାତ୍ରାଟି ଓଡ଼ିଶାର ଦକ୍ଷିଣ ଭାଗରୁ ଫୁଲବାଣୀ ଦେଇ ଉତ୍ତର ଆଡକୁ ଗତି କରିଥିଲା ଓ ମଧ୍ୟପ୍ରଦେଶର ଭୋପାଳରେ ପହଞ୍ଚିଥିଲା। ବାପାଙ୍କର ବିଜ୍ଞାନରେ ଗଭୀର ରୁଚି ଥିଲା। ମାଳରେ ନିଜର ଅନ୍ତରଙ୍ଗ ସହଯୋଗୀଙ୍କ ସହ ମିଶି ସେ ଫୁଲବାଣୀରେ ଭାରତ ଜନ ବିଜ୍ଞାନ ଯାତ୍ରାକୁ ଆଡମ୍ବରର ସହ ଆୟୋଜନ କରିଥିଲେ। ଆମେମାନେ ଅତ୍ୟନ୍ତ ଆଗ୍ରହ ଓ ଉତ୍ସାହର ସହ ସ୍ୱେଚ୍ଛାସେବୀ ରୂପେ ଏଥିରେ ସହଯୋଗ କରିଥିଲୁ। ପ୍ରତିଷ୍ଠିତ ବୈଜ୍ଞାନିକମାନଙ୍କ ସହ ଆଲୋଚନା କରିବା ଓ ବିଜ୍ଞାନର ଅସଲ ମର୍ମକୁ ବିବିଧ ବିଜ୍ଞାନ ସମ୍ମତ ଅନୁଭବ ମାଧ୍ୟମରେ ଶିଖିବାର ଏହା ଥିଲା ଆମ ପାଇଁ ଏକ ବିରଳ ଅବସର।'

> **ବିଜ୍ଞାନର ଅସଲ ମର୍ମକୁ ବିବିଧ ବିଜ୍ଞାନ ସମ୍ମତ ଅନୁଭବ ମାଧ୍ୟମରେ ଶିଖିବାର ତାହା ଥିଲା ଆମ ପାଇଁ ଏକ ବିରଳ ଅବସର।**

'ଆମ ଘରେ ଆଲୋଚନା ସମୟରେ ନିଖିଳ ଭାଇ (ବୈଜ୍ଞାନିକ ଡକ୍ଟର ନିଖିଳ ମୋହନ ପଟ୍ଟନାୟକ) ବାପାଙ୍କଠାରୁ ମୋର ବିଜ୍ଞାନ ରୁଚି, ଆଞ୍ଚଳିକ ବିଜ୍ଞାନମାଳାରେ ଅଂଶଗ୍ରହଣ ଓ ଗବେଷଣାରେ ଆଗ୍ରହକୁ ପସନ୍ଦ କଲେ। ସେ ବାପାଙ୍କୁ କହିଲେ, ମୁଁ ଚାହିଁଲେ ତାଙ୍କ ସହ ବିଜ୍ଞାନରେ ଗବେଷଣା କରିପାରିବି। ବାପା ନିଖିଳ ଭାଇଙ୍କୁ ବହୁତ ଭଲ ପାଉଥିଲେ। ରାଜି ହେଲେ ଓ ମତେ ପଚାରିଲେ। ମୁଁ ସେତେବେଳେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପ୍ର. ସୁଶୀଳ କୁମାର ପଟ୍ଟନାୟକଙ୍କ ସହ ଗବେଷଣା ଓ ଉଦୟଗିରି କଲେଜରେ ପଢାଇବା ଆରମ୍ଭ କରିଥାଏ। ଏହା ବଦଳରେ ମୁଁ ଭୁବନେଶ୍ୱରରେ ପ୍ରିୟ ନିଖିଳ ଭାଇଙ୍କ ସହ ଖୁସିରେ ବିଜ୍ଞାନ ଗବେଷଣା ଆରମ୍ଭ କଲି। ୧୯୮୭ ମସିହାର ଐତିହାସିକ ଭାରତ ଜନ ବିଜ୍ଞାନ ଯାତ୍ରା ମୋ ଜୀବନରେ ବିଜ୍ଞାନର ଏକ ଉଜ୍ଜ୍ୱଳ ନୂଆ ଆଶା ଉଦୟ କରିଦେଲା।'

ଆମେ ଫୁଲବାଣୀର ସବୁଠୁ ପୁରୁଣା ଓ ପ୍ରତିଷ୍ଠାସମ୍ପନ୍ନ ଏଜେଓ ହାଇସ୍କୁଲରେ ଆମର ଖବରକାଗଜ ତିଆରି କର୍ମଶାଳାଟିର ଆୟୋଜନ କଲୁ। ଏଜେଓର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବିପ୍ର ସାର ଓ ସ୍ଥାନୀୟ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ଉପସ୍ଥିତିରେ ପଚାଶରୁ

ଅଧିକ ପିଲା ଏହି ରଚନାତ୍ମକ କର୍ମଶାଳାରେ ସକ୍ରିୟ ଭାବରେ ଭାଗ ନେଲେ। ସେମାନଙ୍କ ମଧ୍ୟରୁ ଅନେକେ ଥିଲେ ଆଦିବାସୀ ପିଲା। ବିଜ୍ଞାନ, ସାହିତ୍ୟ ଓ ସଂସ୍କୃତିକୁ ଆଧାର କରି ପିଲାଏ ଅତି ସୁନ୍ଦର ଭାବରେ କନା ଖବରକାଗଜଟିର ୩୦-୪୦ ପୃଷ୍ଠାକୁ ସଜାଇଲେ। ଏହା ଥିଲା ଜାତୀୟ ଖବରକାଗଜଟିରେ ଓଡ଼ିଶାର ଆଦିବାସୀ ଇଲାକାରୁ ଏକ ବିଶେଷ ପ୍ରତିବେଦନ। ସମସ୍ତଙ୍କ ସହଯୋଗରେ ଏହି କର୍ମଶାଳାଟିକୁ ପରିଚାଳନା କରିବା ବି ମତେ ବେଶ୍ ଖୁସି ଆଣିଦେଲା। ସନ୍ଧ୍ୟାରେ ଆମେ ଗୀତାଞ୍ଜଳି ବୁକ୍ ଷ୍ଟୋର ନାମକ ଏକ ସ୍ଥାନୀୟ ବହି ଦୋକାନକୁ ଗଲୁ। ଏନବିଟିର ଓଡ଼ିଆ ଭାଷା ସମ୍ପାଦକ ଥିଲାବେଳେ ମୁଁ ଏହି ବହି ଦୋକାନଟିକୁ ଆମର ତାଲିକାଭୁକ୍ତ କରିଥିଲି। ଏହି ବହି ଦୋକାନଟିର ମାଲିକ ଥିଲେ ସ୍ଥାନୀୟ ସରକାରୀ କଲେଜରେ ଜଣେ ଲାବୋରେଟୋରି ସହାୟକ। ସେ ଥିଲେ ବିପ୍ରସାର୍‌ଙ୍କ ଛାତ୍ର।

ରାତିରେ ମୋର ଭୁବନେଶ୍ୱର ଫେରିଯିବାର ଥିଲା। ସନ୍ଧ୍ୟାରେ ଦେଖିଲି, ବିପ୍ରସାର୍ ନିଜ ବାରଣ୍ଡାରେ ବସି ନିଜ ଚିରାଚରିତ ରୀତିରେ ସ୍ଥାନୀୟ ଗରିବ ଲୋକଙ୍କୁ ହୋମିଓପାଥି ଔଷଧ ଦେଉଥାଆନ୍ତି। ମୁଁ ପଚାରିଲି, 'ସାର୍, ଆପଣ ହୋମିଓପାଥି ଚିକିତ୍ସା କରନ୍ତି ?'

ବିପ୍ର ସାର୍ ହସିଦେଇ କହିଲେ, 'ଏହି ବାଟରେ ମୁଁ ମୋ ଋଣ ଶୁଝୁଛି।'

'ଋଣ ଶୁଝୁଛନ୍ତି' ମୁଁ ଆଶ୍ଚର୍ଯ୍ୟ ହୋଇ ଅନେଇଲି।


'ହଁ', ସେ ହସିଦେଇ କହିଲେ। 'ମୁଁ ଆହୁରି ଦୁଇଟି ଋଣ ବି ନିୟମିତ ଶୁଝେ। ଚଉଠକରେ ଘର ଚଳାଏ।'

### ତିନି ରକମର ଋଣ

ପୁଣି ସେ କହିଲେ, 'ହିନ୍ଦୁ ଜୀବନ ରୀତି ଅନୁଯାୟୀ ମୁଁ ଋଣ ଶୁଝେ। ପ୍ରଥମଟି 'ପିତୃ ଋଣ', ମୋ ପୂର୍ବ ପୁରୁଷଙ୍କ ପ୍ରତି ମୋର ଦାୟିତ୍ୱ। ଦ୍ୱିତୀୟଟି 'ଭୂମି ଋଣ', ମତେ ଜନ୍ମ ଦେଇଥିବା ମାଟି ପ୍ରତି ମୋର ଦାୟିତ୍ୱ। ତୃତୀୟଟି 'ଦେବ ଋଣ', ଯାହା ମାଗଣା ହୋମିଓପାଥି ଚିକିତ୍ସା ଆଦି ମାଧ୍ୟମରେ ମୁଁ ଶୁଝେ।'

ସାର୍ ପୁଣି କହିଲେ, 'ପିତୃ ଋଣ ମୁଁ ମୋ ଠାରୁ ବୟସ୍କ ଓ ପୂର୍ବପୁରୁଷଙ୍କ ଉଦ୍ଦେଶ୍ୟରେ ସମର୍ପଣ କରେ। ପିଲାଙ୍କୁ ହୃଦୟରୁ ଶିକ୍ଷା ଦେଇ ମୁଁ ଭୂମି ଋଣ ଶୁଝାଏ।'

ବିପ୍ର ସାର୍ ନିଜର ସାରା ଜୀବନ ନୀରବ ଭାବରେ କନ୍ଧମାଳର ଦୁର୍ଗମ ଓ ଅବହେଳିତ ଅଞ୍ଚଳରେ ପିଲା ଓ ଲୋକଙ୍କ ସେବାରେ ହିଁ ଲଗାଇଥିଲେ। ସେ ଜୀବନରେ କେବେ ବି ଅର୍ଥ ଓ ପଦବୀ ପଛରେ ଗୋଡ଼ାଇ ନ ଥିଲେ। ସବୁବେଳେ ନିଜର ସହକର୍ମୀମାନଙ୍କୁ ବିଭିନ୍ନ ପଦପଦବୀରେ ବସାଇ ସେମାନଙ୍କ ସହିତ ଠିଆ ହେଉଥିଲେ। ସେମାନଙ୍କୁ ଉଚିତ୍ ମାର୍ଗଦର୍ଶନ ଦେଇ ସେ ମାଳର ସର୍ବାଙ୍ଗୀନ ବିକାଶ ଦିଗରେ ସବୁବେଳେ ସମର୍ପିତ ରହୁଥିଲେ। ଜୀବନରେ ସେ କେବେ ବି କୌଣସି ପୁରସ୍କାର ବା ସମ୍ମାନ ପାଇଁ ଆବେଦନ କରି ନ ଥିଲେ।



ବିପ୍ରସାର୍ ପିଲାଟି ଦିନରୁ ପଢିବା ଲେଖିବାରେ ଗଭୀର ରୁଚି ରଖୁଥିଲେ। ବ୍ରହ୍ମପୁରର ସିଟି ସ୍କୁଲରେ ପଢିଲାବେଳେ ସେ ଏକ ସାହିତ୍ୟ ସଭା ଚଳାଉଥିଲେ ଓ ଓଡିଶାର ଅନେକ ପ୍ରବୀଣ ସାହିତ୍ୟିକଙ୍କୁ ସେଠାକୁ ନିମନ୍ତ୍ରଣ କରି ସେମାନଙ୍କ ସହିତ ଚର୍ଚ୍ଚା କରୁଥିଲେ। ସେ ଏକ ହସ୍ତଲିଖିତ ମାସିକ ପତ୍ରିକାର ସମ୍ପାଦନା କରୁଥିଲେ। ନିଜର ଶିକ୍ଷକ ଜୀବନରେ ନାଟକମାନ ଲେଖି ନିର୍ଦ୍ଦେଶନା ଦେଇଥିଲେ ଓ ଏହି ନାଟକସବୁକୁ ମଞ୍ଚସ୍ଥ କରାଇଥିଲେ। ମହମ୍ମଦ୍ ମହସିନ୍ ଆଦି ଓଡିଶାର କିଛି ପ୍ରତିଷ୍ଠିତ ମଞ୍ଚ କଳାକାର ବି ଏଥିରେ ଭାଗ ନେଇଥିଲେ।

୨୦୨୨ ମସିହା, ଜାନୁଆରୀ ମାସ ୧୭ ତାରିଖ ବଡ଼ି ସକାଳେ ବିପ୍ର ସାର୍ ଆଖି ବୁଜିଲେ। କନ୍ଧମାଳର ମାଟିରେ ତାଙ୍କର ଷାଠିଏ ବର୍ଷର ସକ୍ରିୟ ରଚନାତ୍ମକ ଯାତ୍ରା ପୂର୍ଣ୍ଣ ହେଲା।

ବିପ୍ର ସାର୍‌ଙ୍କର ନିଜର ଗାଡ଼ିଖଣ୍ଡେ ନ ଥିଲା। ରାତିରେ ଏକାଠି ଭୋଜନ କରିବା ପରେ ତାଙ୍କ ପୁଅ ବିଜୟ ନିଜ ସ୍କୁଟରରେ ମତେ ଆଣି ବସ୍‌ଷ୍ଟାଣ୍ଡରେ ଛାଡ଼ି ଦେଇଗଲେ।

□□

ଲେଖକଙ୍କ ଇ-ମେଲ ଠିକଣା:
mrmahapatra@yahoo.co.in



# ବିଷମ ସମସ୍ୟା

ଅନୁବାଦ



ମୂଳ ହିନ୍ଦୀ - ମୁନ୍‌ସୀ ପ୍ରେମଚାନ୍ଦ    ଭାଷାନ୍ତର - ଆଶିଷ କୁମାର ରାୟ

ମୁଁ ଯେଉଁ ଅଫିସରେ କାମ କରୁଥିଲି, ସେଠି ଚାରିଜଣ ଚପରାସୀ ଥିଲେ। ସେମାନଙ୍କ ମଧ୍ୟରୁ ଜଣଙ୍କର ନାଁ ଗରିବ। ଅତ୍ୟନ୍ତ ସାଦାସିଧା, ଆଜ୍ଞାକାରୀ, ନିଜ କାମରେ ମଜ୍ଜି ରହିଥିବା ତଥା ଗାଳି ଖାଇ ଚୁପ୍ ରହିବା ମଣିଷ ସେ। ଯେମିତି ନାମ ସେମିତି ଅବସ୍ଥା। ଗରିବ ମନୁଷ୍ୟଟିଏ। ମୋତେ ଏହି ଅଫିସକୁ ବଦଳି ହେଇ ଆସିବାର ପ୍ରାୟ ଏକ ବର୍ଷ ହେଇଯାଇଥିଲା, କିନ୍ତୁ ମୁଁ ତାକୁ ଗୋଟିଏ ଦିନ ବି ଅନୁପସ୍ଥିତ ରହିବାର ଦେଖି ନ ଥିଲି। ମୁଁ ତାକୁ ଅଫିସରେ ପଡିଥିବା ଦରି ଉପରେ ବସିଥିବା ଏବଂ କଥାବାର୍ତ୍ତା କରୁଥିବା ଦେଖି ଦେଖି ଏଭଳି ଅଭ୍ୟସ୍ତ ହେଇଯାଇଥିଲି, ଲାଗୁଥିଲା ସତେ ଯେମିତି ସେ ଅଫିସ୍ ଗୃହର ଏକ ଅଭିନ୍ନ ଅଙ୍ଗ। ସେ ଏତେ ସରଳ ଯେ କାହାରି କଥାକୁ ଅମାନ୍ୟ କରିବା ଜାଣି ନ ଥିଲା।



ଆଉ ଜଣେ ଚପରାସୀ ଥିଲା ମୁସଲମାନ ସମ୍ପ୍ରଦାୟର। କାହିଁକି କେଜାଣି ତାକୁ ଅଫିସ୍‌ର ଲୋକମାନେ ଡରୁଥିଲେ। ମୋତେ ତ ଲାଗୁଥିଲା, ସେ ସବୁବେଳେ ଯେମିତି ବଡ଼ ବଡ଼ କଥା କହୁଛି, ସେହି କାରଣରୁ ଅନ୍ୟମାନେ ତାକୁ ଡରୁଛନ୍ତି। ତା' କହିବା ମୁତାବକ ତା'ର ଜଣେ ଦାଦା ପୁଅ ଭାଇ ରାମପୁର ଗଡଜାତର କଟୁଆଳ ଅଛି ଆଉ ତାକୁ ସମସ୍ତେ କାଜି ସାହେବ ବୋଲି ଡାକନ୍ତି। ଅନ୍ୟ ଦୁଇ ଚପରାସୀ ବ୍ରାହ୍ମଣ ଥିଲେ। ସେ ଦୁହିଁଙ୍କ ଆଶୀର୍ବାଦର ମୂଲ୍ୟ ସେମାନଙ୍କ କାମ ଠାରୁ ଥିଲା ବହୁତ ଅଧିକ। ଏହି ତିନିଜଣଯାକ ଥିଲେ ପ୍ରବଳ କର୍ମକୁଣ୍ଠ, ବଦମାସ ଏବଂ ଅଳସୁଆ। ଛୋଟ କାମଟିଏ କରିବାକୁ କହିଲେ, ଯାବତୀୟ ନଖରା ଦେଖାଇବା ପରେ ଯାଇ କରୁଥିଲେ। କିରାଣିମାନଙ୍କୁ ତ ଆଦୌ ଖାତିର କରୁ ନ ଥିଲେ। କେବଳ ବଡ଼ବାବୁଙ୍କୁ ଟିକେ ଡରୁଥିଲେ, ତଥାପି ବେଳେବେଳେ ତାଙ୍କୁ ମଧ୍ୟ ଯାଚ୍ଛାତା ଶୁଣାଇ ଦେଉଥିଲେ। ତେବେ ଏତେ ସବୁ ଦୁର୍ଗୁଣ ଥିବା ସତ୍ତ୍ୱେ ତାଙ୍କର କିଛି କ୍ଷତି ହେଉ ନ ଥିଲା, ଯଦି କ୍ଷତି ହେଉଥିଲା ତାହା ଗରିବ ଦାସର। ବେତନ ବୃଦ୍ଧିର ଅବସର ଆସିବା ମାତ୍ରେ ଏହି ତିନିଜଣ ବାଜି ମାରିନେଉଥିଲେ। ଗରିବକୁ କିନ୍ତୁ କେହି ପଚାରୁ ନ ଥିଲେ। ଏହି ତିନିଜଣ ଦଶ ଦଶ ଟଙ୍କା ଲେଖାଏଁ ଦରମା ପାଉଥିବା ବେଳେ ଗରିବ ବିଚରା ସାତ ଟଙ୍କାରେ ପଡି ରହିଥିଲା। ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ସେ ଖଟି ଚାଲିଥିଲା, ତା' ପାଦ କ୍ଷଣକ ପାଇଁ ବି ବିଶ୍ରାମ ପାଉ ନ ଥିଲା। ତଥାପି ଅନ୍ୟ ତିନିଜଣ ଚପରାସୀ ତାକୁ ଗାଳିମନ୍ଦ କରିବା ସହିତ ଉପରି ଆୟରୁ ପଇସାଟିଏ ବି ଭାଗ ଦେଉ ନ ଥିଲେ। କେବଳ ଏହି ତିନିଜଣ ନୁହନ୍ତି, ଅଫିସର ଅନ୍ୟ କର୍ମଚାରୀ ଏପରିକି ବଡ଼ବାବୁ ମଧ୍ୟ ଗରିବ ଉପରେ ସବୁବେଳେ ଚିଡ଼୍‌ଚିଡ଼୍ ହେଉଥିଲେ। ଗାଳିଗୁଲଜ ତ ନିତିଦିନିଆ ବ୍ୟବହାର ଥିଲା, ଏଥି ସହିତ ତା' ଉପରେ କେତେଥର ଜରିମାନା ମଧ୍ୟ ଲଗାଯାଇଥିଲା। ତା' ପ୍ରତି ସମସ୍ତଙ୍କ ଏଭଳି ବ୍ୟବହାରର ରହସ୍ୟ କ'ଣ ତାହା ମୁଁ ବୁଝିପାରୁ ନ ଥିଲି। ମୋର ତା' ଉପରେ ଦୟା ଆସୁଥିଲା। ନିଜ ବ୍ୟବହାର ଦ୍ୱାରା ତାକୁ ଜଣାଇବାକୁ ଚାହୁଁଥିଲି ଯେ ମୁଁ ଅନ୍ୟମାନଙ୍କଠାରୁ ଭିନ୍ନ ଏବଂ ତା' ପ୍ରତି ମୋ'ର ଯଥେଷ୍ଟ ସମ୍ମାନ ରହିଛି। ଏପରିକି ତା' ପାଇଁ କେତେଥର ଅନ୍ୟ କର୍ମଚାରୀ ସହିତ ମୋ'ର ଝଗଡ଼ା ମଧ୍ୟ ହୋଇଯାଉଥିଲା।

ଦିନେ ବଡ଼ବାବୁ ଗରିବକୁ ତାଙ୍କ ଟେବୁଲ ସଫା କରିବାକୁ କହିଲେ। ସେ ତୁରନ୍ତ କାମରେ ଲାଗିଗଲା। ଦୈବଯୋଗକୁ ସେ ଯେଉଁ କପଡ଼ାରେ ଟେବୁଲ ଝାଡୁଥିଲା, ସେହି କପଡା ଲାଗି କାଳି ଦୁଆତଟା ଓଲଟିଗଲା ଏବଂ ସଫାସୁତୁରା ଟେବୁଲ ଉପରେ କାଳି ଢାଳିହୋଇଗଲା। ଏହା ଦେଖି ବଡ଼ବାବୁ ରାଗିମାଗି ନିଆଁବାଣ ହୋଇଗଲେ। ତା'ର ଦୁଇ କାନକୁ ଧରି

ପାଟି କରିବା ସହିତ ଭାରତବର୍ଷରେ ପ୍ରଚଳିତ ସମସ୍ତ ଭାଷାର ଦୁର୍ବଚନଗୁଡ଼ିକ ବାଛି ବାଛି ଶୁଣାଇବାକୁ ଲାଗିଲେ। ବିଚରା ଗରିବ ନିଜ ଆଖିରୁ ଲୁହ ଗଡ଼ାଇ ଚୁପ୍‌ଚାପ୍ ଗୋଟେ ମୂର୍ତ୍ତି ଭଳି ଛିଡା ହୋଇ ସେସବୁକୁ ହଜମ କରିବାକୁ ଲାଗିଲା, ସତେ ଯେମିତି ମଣିଷ ମାରି ପକାଇଛି।

ବଡ଼ବାବୁଙ୍କର ଏଭଳି ଟିକେ କଥାରେ ଭୟଙ୍କର ରୌଦ୍ର ରୂପ ଧାରଣ କରିନେବା ମୋତେ ବହୁତ ଖରାପ ଲାଗିଲା। ଯଦି ଅନ୍ୟ କୌଣସି ଚପରାସୀ ଏହାଠାରୁ ବି ବଡ଼ ଅପରାଧ କରିଦେଇଥାନ୍ତା, ତେବେ ବି ତା' ଉପରେ ଏଭଳି ବଜ୍ରପ୍ରହାର ହୋଇ ନ ଥାନ୍ତା। ମୁଁ ତାଙ୍କୁ କହିଲି - ଦେଖନ୍ତୁ ବଡ଼ବାବୁ, ଆପଣ ଅନ୍ୟାୟ କରୁଛନ୍ତି। ସେ ତ ଜାଣିଶୁଣି କାଳି ଢାଳି ଦେଇନି। ସେଥିପାଇଁ ତାକୁ ଏତେ କଡ଼ା ଦଣ୍ଡ ଦେବାଟା ଉଚିତ ହେଉଛି କି ?

ବଡ଼ବାବୁ ନମ୍ରତାର ସହିତ କହିଲେ- ଆପଣ ଯାକୁ ଜାଣିନାହାନ୍ତି, ବହୁତ ବଦମାସ।

- ମୁଁ ତ ଏହାର ବଦମାସି କେବେ ଦେଖିନି।

- ଆପଣ ତ ଅଳ୍ପଦିନ ହେଲା ଆସିଛନ୍ତି, ଯାକୁ ଜାଣିଲେଣି କେଉଁଠି। ବଡ଼ ପାଜି ଯେ। ଦୁଇ ଦୁଇଟା ଜାଗାରେ ଯାଙ୍କ ଜମିରେ ଚାଷ ହୁଏ। ଶହ ଶହ ଟଙ୍କାର କାରବାର, କେତୋଟି ମଇଁଷି ମଧ୍ୟ ଘରେ ବନ୍ଧା। ସେଥିପାଇଁ ଯା ମନରେ ଭାରି ଗର୍ବ।

- ଘରର ଅବସ୍ଥା ଯଦି ଏତେ ଭଲ, ତେବେ ଏଠାରେ ଚପରାସୀ ଭାବେ କାମ କରିବା କ'ଣ ଦରକାର ?

ବଡ଼ବାବୁ ଗମ୍ଭୀର ହୋଇ କହିଲେ- ବିଶ୍ୱାସ କରନ୍ତୁ, ବଡ଼ କଠୋର ମଣିଷ ଯେ, ଏକଦମ କୃପଣ।

- ଯଦି ଏହା ହୋଇଥାଏ ତେବେ ଅପରାଧ କ'ଣ ?

- ଏବେ ଆପଣ ଏଠାରେ ଆଉ କିଛିଦିନ ରୁହନ୍ତୁ, ତା'ପରେ ଜାଣିବେ ଯେ କେତେ ନୀଚ, କେତେ ଅଧମ।

ସେହି ସମୟରେ ଅନ୍ୟ ଜଣେ ମହାଶୟ କହି ଉଠିଲେ - ଭାଇ ସାହେବ, ଯାଙ୍କ ଘରେ ଗାଈ ମଇଁଷି ମହଣ ମହଣ କ୍ଷୀର ଦିଅନ୍ତି, ଜମିରେ ମହଣ ମହଣ ବୁଟ, ମଟର, ଜୁଆର, ବାଜରା ଚାଷ ହୁଏ, କିନ୍ତୁ ଯେ କେବେ ବି କିଛି ବି ଆଣି ଅଫିସ ଲୋକଙ୍କୁ ଦେଇନାହିଁ। ଆମେ ସବୁ କେବେ ଠୁ ଚାହିଁ ରହିଛୁ ତା' ଠାରୁ କିଛି ପାଇବୁ ବୋଲି, କିନ୍ତୁ ନିରାଶ ହେଉଛୁ। ଏଠାରେ ଚାକିରି କରିବା ପରେ ତା'ର ଯାବତୀୟ ଉନ୍ନତି ହୋଇଛି, ନ ହେଲେ ଆଗରୁ ତ ତା' ଘରେ କିଛି ବି ନ ଥିଲା।

ବଡ଼ ବାବୁ କିଛିଟା ସଙ୍କୋଚର ସହିତ କହିଲେ- ସେକଥା ନୁହେଁ। ତା' ଜିନିଷ, ସେ କାହାକୁ ଦେବ ବା ନ ଦେବ ତାହା ଅଲଗା କଥା, କିନ୍ତୁ ....

ମୁଁ ତାଙ୍କ କହିବା ଅର୍ଥ କିଛି କିଛି ବୁଝିପାରୁଥିଲି। କହିଲି- ଯଦି ଏଭଳି ତୁଚ୍ଛ ହୃଦୟର ମଣିଷ ତେବେ ତ ପ୍ରକୃତରେ ସେ ଜଣେ ପଶୁ। ମୁଁ କିନ୍ତୁ ଏତେ କଥା ଜାଣି ନ ଥିଲି।

ଏବେ ବଡ଼ବାବୁଙ୍କ ମନରୁ ସଙ୍କୋଚ ଦୂର ହୋଇଗଲା ଏବଂ ସେ କହିଲେ- କିଏ କ'ଣ ଦେଇଦେଲେ ଯେ ଅନ୍ୟର ପେଟ ପୂରିଯିବ ତାହା ନୁହେଁ, କିନ୍ତୁ ଏଥିରେ ଦେବାବାଲାର ସହୃଦୟତା ପ୍ରକଟ ହୁଏ। ତା' ଛଡ଼ା ଆଶା ମଧ୍ୟ ତା'ରି ଠାରୁ କରାଯାଏ, ଯିଏ ଏହାର ଯୋଗ୍ୟ। ଯାହା ପାଖରେ ସାମର୍ଥ୍ୟ ନାହିଁ, ତା'ଠାରୁ କିଏ କାହିଁକି ଆଶା କରିବ ?

**ଆମେ ସବୁ କେବେ ଠୁ ଚାହିଁ ରହିଛୁ ତା' ଠାରୁ କିଛି ପାଇବୁ ବୋଲି, କିନ୍ତୁ ନିରାଶ ହେଉଛୁ।**

ରହସ୍ୟ ଉଜାଗର ହେଲା। ବଡ଼ବାବୁ ଅତ୍ୟନ୍ତ ସରଳ ଭାବେ ସବୁ କଥା କହିଦେଲେ। ସମୃଦ୍ଧିର ଶତ୍ରୁ ତ ସମସ୍ତେ, କେବଳ ଛୋଟ ନୁହନ୍ତି, ବଡ଼ମାନେ ମଧ୍ୟ। ଆମ ଶଶୁରଘର ବା ମାମୁଘର ଯଦି ଦରିଦ୍ର ହୋଇଥାନ୍ତି ତେବେ ଆମେ ତାଙ୍କ ଠାରୁ କିଛି ଆଶା ରଖୁନା। ବେଳେବେଳେ ତ ଆମେ ଭୁଲିଯାଉ, କିନ୍ତୁ ଯଦି ସେମାନେ ସମର୍ଥ ହୋଇ ସୁଦ୍ଧା ଆମକୁ ନ ପଚାରନ୍ତି, ପର୍ବପର୍ବାଣିରେ ଆମକୁ ଯଦି କିଛି ନ ଦିଅନ୍ତି ତେବେ ଆମେ ତାଙ୍କୁ ଈର୍ଷା କରିବା ଆରମ୍ଭ କରିଦେଉ।

ଆମେ ନିଜର କୌଣସି ନିର୍ଦ୍ଧନ ବନ୍ଧୁ ଘରକୁ ଗଲେ ସେ ଦେଇଥିବା ଖଣ୍ଡେ ପାନରେ ସନ୍ତୁଷ୍ଟ ହୋଇଯାଉ, କିନ୍ତୁ ଏଭଳି କେହି ମନୁଷ୍ୟ ନ ଥିବେ ଯିଏକି କୌଣସି ଧନୀ ବନ୍ଧୁଙ୍କ ଘରକୁ ଯାଇ ଜଳଖିଆ ଆଶା କରି ନ ଥିବେ, ଆଉ ଯଦି ତାହା ନ ମିଳେ ତେବେ ତିରସ୍କାର କରି ନ ଥିବେ। ସୁଦାମା ଯଦି କୃଷ୍ଣଙ୍କ ଘରୁ ନିରାଶ ହୋଇ ଫେରିଥାନ୍ତେ, ତେବେ ସେ ନିଶ୍ଚୟ

ଶିଶୁପାଳ ଓ ଜରାସନ୍ଧଙ୍କଠାରୁ ବି ତାଙ୍କର ବଡ଼ ଶତ୍ରୁ ହୋଇଥାନ୍ତେ।

କିଛିଦିନ ପରେ ମୁଁ ଗରିବକୁ ପଚାରିଲି- କ'ଣ ଭାଇ! ତୁମର ଚାଷବାସ କେମିତି ଚାଲିଛି ?


ଗରିବ ସେହିଭଳି ଦୀନ ଭାବେ ପ୍ରକଟ କରି କହିଲା- ହଁ ଆଜ୍ଞା! ଠିକ୍ ଠାକ୍ ଚାଲିଛି। ଦୁଇ ଜଣ ହଳିଆ ଅଛନ୍ତି। ସେମାନେ ସବୁକାମ କରୁଛନ୍ତି।

ମୁଁ ପଚାରିଲି - ଗାଈ ମଇଁଷି ରଖିଛ ?

- ହଁ ଆଜ୍ଞା, ଦୁଇଟି ମଇଁଷି ଅଛି। ଗୋଟିଏ ଗାଈ ଏବେ ଗର୍ଭିଣୀ ଅଛି। ଆପଣମାନଙ୍କ ଦୟାରୁ କ୍ଷୀର, ଦହି, ଛେନା କିଛି ମିଳିଯାଉଛି।

-ଅଫିସର ବାବୁମାନଙ୍କୁ କେବେ କିଛି ଆଣି ଦେଇଛ ?

ଗରିବ ସେହିଭଳି ଦୀନତାପୂର୍ଣ୍ଣ ଆଶ୍ଚର୍ଯ୍ୟ ଭାବ ପ୍ରକଟ କରି କହିଲା- ହଜୁର, ମୁଁ ଅବା ବାବୁ ଲୋକଙ୍କୁ କ'ଣ ଦେଇପାରିବି ? କ୍ଷେତରେ ଚଣା, ମକା, ବାଜରା, ଜୁଆର ଛଡା ଆଉ କ'ଣ ହେଉଛି ? ଆପଣମାନେ ରାଜା, ଏହି ଗୋଟା ଶସ୍ୟ କ'ଣ ଆପଣମାନେ ଖାଇବେ? ତା' ଛଡା କେଉଁ ମୁହଁରେ ଏସବୁ ଆଣି ମୁଁ ଦେବି ? ଭୟ ଲାଗୁଛି, କେହି ଯଦି ବିଗିଡ଼ି ଯଦି କହିଦିଏ- ତୋ'ର ଏତେ ସାହସ, ଏହି ତୁଚ୍ଛ ଜିନିଷଗୁଡାକ ଆଣି ଆମକୁ ଦେଉଛୁ ? ସେଥିପାଇଁ ମୁଁ କେବେ କିଛି ଆଣିନି। କ୍ଷୀର, ଦହି ଆଣିକି ବି ଦେଇପାରନ୍ତି, କିନ୍ତୁ....



- ତୁମେ ଗୋଟେ କାମ କର। ଦିନେ କିଛି ଆଣି ଦିଅ ତ। ଦେଖିବା କିଏ କ'ଣ କହୁଛି। ସହରରେ ଏଭଳି ଜିନିଷ ମିଳିବା କଷ୍ଟ। ଏମାନଙ୍କ ମନ ବି ହେଉଥିବ ଏହି ଛୋଟ ମୋଟ ଜିନିଷ ପାଇଁ।

- ଆଜ୍ଞା ହଜୁର! କେହି ଯଦି କିଛି କହିବେ ? ଯଦି ବଡ଼ ସାହେବଙ୍କ ପାଖରେ ଅଭିଯୋଗ କରିଦେବେ ତ ମୋ କଥା ସରିଲା।

- ମୁଁ ଏହାର ଦାୟିତ୍ୱ ନେଉଛି, ତୁମକୁ କେହି କିଛି କହିବେନି, ଯଦି କିଏ କୁହନ୍ତି, ତେବେ ମୁଁ ତାଙ୍କୁ ବୁଝାଇଦେବି।

- ଆଜ୍ଞା ଏବେ ତ ମଟର ଅମଳ ହେଉଛି। ଆଉ ଆଖୁ ପେଡ଼ିବାର ବ୍ୟବସ୍ଥା ବି କରାଯାଇଛି। ଏହା ଛଡ଼ା ଆଉ କିଛି ନାହିଁ।

- ଠିକ୍ ଅଛି ସେଇଆକୁ ନେଇଆସ।

- କିନ୍ତୁ ଓଲଟା ପାଲଟା ହେଲେ ଆପଣ ସମ୍ଭାଳିବେ।

ତା'ପରଦିନ ଗରିବ ଅଫିସ ଆସିବା ସମୟରେ ତା' ସହିତ ଥିଲେ ତିନିଜଣ ହୃଷ୍ଟପୁଷ୍ଟ ଯୁବକ। ଦୁଇଜଣଙ୍କ ମୁଣ୍ଡରେ ଥିଲା ଦୁଇଟି ଟୋକେଇ, ଯେଉଁଥିରେ ମଟର ଛୁଇଁ ଭର୍ତ୍ତି ହୋଇ ରହିଥିଲା। ଅନ୍ୟ ଜଣଙ୍କ ମୁଣ୍ଡରେ ଥିବା ମାଠିଆରେ ଭର୍ତ୍ତି ହୋଇଥିଲା ଆଖୁରସ। ଏତଦ୍‌ବ୍ୟତୀତ ଚାରିଜଣ ଯାକ କାଖରେ ବିଡାଏ ଲେଖାଁ ଆଖୁ ଜାକି ଧରିଥିଲେ। ଗରିବ ଆସି ଚୁପ୍‌ଚାପ୍ ଅଫିସ ବାରଣ୍ଡା ସାମ୍ନାରେ ଥିବା ଗଛ ମୂଳେ ଛିଡା ହୋଇଗଲା। ଅଫିସ ଭିତରକୁ ଆସିବାର ସାହସ ଜୁଟାଇପାରୁ ନ ଥିଲା, ସତେ ଯେପରି କିଛି ଅପରାଧ କରିପକାଇଛି। ତେବେ ଗଛ ତଳେ ଛିଡ଼ା ହୋଇଥିବା ସମୟରେ ଅଫିସର ଚପରାସୀ ଓ କର୍ମଚାରୀମାନେ ତାକୁ ଘେରିଗଲେ। କେତେ ଜଣ ଆଖୁନେଇ ଚୁଷିବାକୁ ଲାଗିଲେ। ଆଉ କେତେ ଜଣ ଟୋକେଇ ଉପରେ ଝପଟି ପଡ଼ିଲେ। ସେଥିରୁ ମଟର ଛୁଇଁ ନେଇ ଛଡେଇ ପାଟିରେ ପକାଇବା ଆରମ୍ଭ କରିଦେଲେ। ସେତିକିବେଳେ ବଡ଼ବାବୁ ମଧ୍ୟ ଆସି ପହଞ୍ଚିଗଲେ। ଏସବୁ ଦେଖି ଉଚ୍ଚ ସ୍ୱରରେ ପାଟି କଲେ କ'ଣ ସବୁ ଚାଲିଛି ଏଠି ? ଭିଡ଼ କାହିଁକି ଜମେଇଛ ? ଯାଅ ସବୁ ନିଜ ନିଜ କାମ କର।

ମୁଁ ଯାଇ ତାଙ୍କ କାନରେ କହିଲି - ଗରିବ ଆଜି ନିଜ ଘରୁ ସମସ୍ତଙ୍କ ପାଇଁ କିଛି ଭେଟି ନେଇ ଆସିଛି। ଆପଣ ବି କିଛି ନିଅନ୍ତୁ। ଆଉ ଆମେ ବି କିଛି ବାଣ୍ଟି ନେବୁ।

ବଡ଼ବାବୁ ମୁହଁରେ କୃତ୍ରିମ କ୍ରୋଧର ମୁଦ୍ରା ଧାରଣ କରି କହିଲେ - କ'ଣ ହେଲା ଗରିବ, ତମେ ଏସବୁ ଜିନିଷ ଏଠାକୁ କାହିଁକି ଆଣିଛ ? ଏବେ ନେଇଯାଅ ନ ହେଲେ ମୁଁ ବଡ଼ ସାହେବଙ୍କୁ କହିଦେବି। ଆମକୁ କ'ଣ ଲାଞ୍ଚୁଆ ବୋଲି ଭାବିଛ ନା କ'ଣ ?

ଗରିବ ଭୟ ପାଇଗଲା। ତା' ହାତଗୋଡ଼ ଥରିବାକୁ

ଲାଗିଲା। ମୁହଁରୁ ଗୋଟିଏ ବି ଶବ୍ଦ ବାହାରୁ ନ ଥିଲା। ମୋ ଆଡକୁ କେବଳ ଅପରାଧୀ ଭଳି ଚାହିଁଲା।

ମୁଁ ନିଜ ତରଫରୁ ବଡ଼ବାବୁଙ୍କୁ କ୍ଷମା ମାଗିଲି। ବହୁତ ବୁଝାଇବା ପରେ ସେ ରାଜି ହେଲେ। ଯାହା ଥିଲା ସେଥିରୁ ଅଧେ ନିଜ ଘରକୁ ପଠାଇଦେଲେ। ବାକି ଅଧା ଜିନିଷ ଅନ୍ୟମାନଙ୍କ ମଧ୍ୟରେ ବଣ୍ଟା ହେଲା। ଆଖୁ ରସ ସମସ୍ତେ ପିଇଲେ। ଏହିଭଳି ଭାବେ ବଡ଼ବାବୁଙ୍କ ଅଭିନୟ ସମାପ୍ତ ହେଲା।

ଏବେ ଅଫିସରେ ଗରିବର ସମ୍ମାନ ହେବାକୁ ଲାଗିଲା। ସବୁଦିନ ତାକୁ ଆଉ ଗାଳି ଖାଇବାକୁ ପଡ଼ିଲା ନାହିଁ। ସାରା ଦିନ ବି ଧାଁ ଦୌଡ଼ କରିବାକୁ ପଡ଼ିଲାନି। କର୍ମଚାରୀମାନଙ୍କର ବ୍ୟଙ୍ଗ ଓ ସାଥୀ ଚପରାସୀମାନଙ୍କର କଟୁ ବାକ୍ୟ ମଧ୍ୟ ବନ୍ଦ ହୋଇଗଲା। ଅନ୍ୟ ଚପରାସୀମାନେ ତା'ର କିଛି କାମ ମଧ୍ୟ କରି ଦେଉଥିଲେ। ତା'ର ନାମ ମଧ୍ୟ କିଛିଟା ବଦଳିଗଲା, ସେ ଏବେ ଗରିବରୁ ହୋଇଗଲା ଗରିବ ଦାସ।

**ତାହା ଏକ ଅଶୁଭ ମୁହୂର୍ତ୍ତ ଥିଲା, ଯେବେ ମୁଁ ତାକୁ ସମ୍ମାନ ପ୍ରାପ୍ତିର ମାର୍ଗ ଦେଖାଇଥିଲି, କାରଣ ପ୍ରକୃତରେ ତାହା ଥିଲା ତା'ର ପତନର ମାର୍ଗ।**

ତା' ସ୍ୱଭାବରେ ମଧ୍ୟ କିଛି ପରିବର୍ତ୍ତନ ଆସିଲା। ହୀନମନ୍ୟତା ସ୍ଥାନରେ ଆତ୍ମଗୌରବର ଉଦ୍‌ଭବ ହେଲା। ତତ୍ପରତା ବଦଳରେ ଆଳସ୍ୟ ସୃଷ୍ଟି ହେଲା। ସେ ଏବେ ବେଳେବେଳେ ବିଳମ୍ବରେ ଅଫିସ ଆସିବାକୁ ଲାଗିଲା। ବେଳେବେଳେ ବେମାରିର ବାହାନା କରି ଘରେ ବସି ରହୁଥିଲା। ତା'ର ସମସ୍ତ ଅପରାଧକୁ ଏବେ କ୍ଷମା କରି ଦିଆଯାଉଥିଲା। କାରଣ ମଝିରେ ମଝିରେ ସେ କିଛି ନା କିଛି ଆଣି ସମସ୍ତଙ୍କୁ ଦେଉଥିଲା। ପାଞ୍ଚ-ଦଶ ଦିନରେ ଥରେ କ୍ଷୀର, ଦହି ଆଦି ଆଣି ବଡ଼ବାବୁଙ୍କୁ ଭେଟିଦେଉଥିଲା। ଦେବତାଙ୍କୁ ସନ୍ତୁଷ୍ଟ କରିବା ଶିଖିଯାଇଥିଲା ସେ। ସରଳତା ସ୍ଥାନରେ ଏବେ ତା' ମନରେ କୁଟିଳତା ବସା ବାନ୍ଧିନେଲା। ଦିନେ ବଡ଼ବାବୁ ତାକୁ ସରକାରୀ ଫାର୍ମର ପାର୍ସଲଗୁଡିକ ଆଣିବା ପାଇଁ ଷ୍ଟେସନ ପଠାଇଲେ। କେତୋଟି ବଡ଼ ବଡ଼ ପ୍ୟାକେଟ ଥିଲା, ଠେଲାଗାଡିରେ ଲଦା ହୋଇଥିଲା। ଗରିବ ଠେଲାବାଲା ବାରଅଣା ଭଡ଼ା ନେବ ବୋଲି କହିଥିଲା। ଜିନିଷପତ୍ର ଅଫିସ ପହଞ୍ଚି ଯିବା ପରେ ଗରିବ ଯାଇ ବଡ଼ ବାବୁଙ୍କଠାରୁ ବାରଅଣା ନେଇ ଆସିଲା, କିନ୍ତୁ ଅଫିସ ଠାରୁ କିଛିଦୂରକୁ ଆସି ତା'ର ମତି ଭ୍ରଷ୍ଟ ହେଲା। ଠେଲାବାଲା ଠାରୁ ନିଜର ଭାଗ ମାଗିବାକୁ ଲାଗିଲା, ସେ କିନ୍ତୁ ରାଜି ହେଲା ନାହିଁ। ସେଇଠୁ ଗରିବ ବିଗିଡ଼ିଯାଇ ସବୁ ପଇସା ନିଜ ପକେଟରେ ରଖି ନେଲା, ପୁଣି ଧମକ ଦେଇ କହିଲା- ଗୋଟେ କାଣି କଉଡି ବି ଦେବି ନାହିଁ, ଯା କାହାକୁ କହିବୁ ଯାଆ। କିଏ ମୋର କ'ଣ ବିଗାଡ଼ିବ ଦେଖିବି !

ଠେଲାବାଲା ଯେତେବେଳେ ଦେଖିଲା କିଛି ଭୋଗ ନ ଲଗେଇଲେ ପରିଶ୍ରମର ପଇସା ମିଳିବ ନାହିଁ, ସେତେବେଳେ ସେ ଚାରି ଅଣା ଦେବାକୁ ରାଜି ହୋଇଗଲା। ଗରିବ ତାକୁ ଆଠଅଣା ଦେଇ ବାରଅଣା ମଜୁରିର ଗୋଟିଏ ରସିଦ୍ ଲେଖାଇଲା ଏବଂ ସେଥିରେ ତା'ର ଟିପ ଚିହ୍ନ ମଧ୍ୟ ଲଗାଇଲା। ରସିଦ୍‌ଟି ଅଫିସରେ ଦାଖଲ ହୋଇଗଲା।

କୌତୂହଳ ସହିତ ଦୂରରୁ ମୁଁ ଏସବୁ ଲକ୍ଷ୍ୟ କରି ଚକିତ ହୋଇଗଲି। ଯେ କ'ଣ ଗରିବ ନାମକ ସେହି ଭୋଳା ମଣିଷ, ଯିଏକି କିଛିମାସ ପୂର୍ବରୁ ସତ୍ୟନିଷ୍ଠାର ମୂର୍ତ୍ତି ଥିଲା ? ଯାହାକୁ କେବେ ଅନ୍ୟ ଚପରାସୀମାନଙ୍କଠାରୁ ବି ଉପୁରି ଆୟର ଭାଗ ମାଗିବାକୁ ସାହସ ହେଉ ନ ଥିଲା। ଅନ୍ୟକୁ ଖୁଆଇବା ଜାଣି ନ ଥିଲା, ନିଜେ ଖାଇବା ତ ଦୂରର କଥା। ତା' ସ୍ୱଭାବରେ ଏଭଳି ପରିବର୍ତ୍ତନ ଦେଖି ମୋତେ ବହୁତ ଦୁଃଖ ଲାଗିଲା। ଏହାର ଉତ୍ତରଦାୟିତ୍ୱ କାହା ମୁଣ୍ଡ ଉପରେ ଥିଲା- ମୋ'ରି ମୁଣ୍ଡ ଉପରେ। ମୁଁ ହିଁ ତାକୁ ଧୂର୍ତ୍ତତାର ପ୍ରଥମ ପାଠ ପଢ଼ାଇଥିଲି। ମୋ ମନରେ ପ୍ରଶ୍ନ ଉଠିଲା- ଏଭଳି ଜଟିଳତା, ଏଭଳି ପ୍ରବଞ୍ଚନା, ଯାହାକି ଅନ୍ୟର ଗଳା ଚିପି ଅର୍ଥ ଆଦାୟ କରିଥାଏ, ତା'ଠାରୁ ସେହି ସରଳତା, ସେହି ଭୋଳାପଣ, ଯାହା ଅନ୍ୟର ଅନ୍ୟାୟ ସହି ନିଏ, ତାହା ତ ଶତ ଗୁଣେ ଭଲ। ତାହା ଏକ ଅଶୁଭ ମୁହୂର୍ତ୍ତ ଥିଲା, ଯେବେ ମୁଁ ତାକୁ ସମ୍ମାନ ପ୍ରାପ୍ତିର ମାର୍ଗ ଦେଖାଇଥିଲି, କାରଣ ପ୍ରକୃତରେ ତାହା ଥିଲା ତା'ର ପତନର ମାର୍ଗ। ମୁଁ ବାହ୍ୟ ପ୍ରତିଷ୍ଠା ପାଇଁ ତା'ର ଆତ୍ମ ପ୍ରତିଷ୍ଠାକୁ ବଳିଦାନ ଦେବାର ରାସ୍ତା ବତାଇଥିଲି।

□□

ଅନୁବାଦକଙ୍କ ଇ-ମେଲ ଠିକଣା:
ashisports@gmail.com

ପ୍ରବନ୍ଧ

# ଓଡ଼ିଆ ସାହିତ୍ୟକୁ ଦକ୍ଷିଣ ବିଚ୍ଛିନ୍ନାଞ୍ଚଳ ରାଜବଂଶର ଅବଦାନ



ଦେବାଶିଷ ମହାପାତ୍ର

ଆଦ୍ୟରୁ ଅଦ୍ୟ ପର୍ଯ୍ୟନ୍ତ ଓଡ଼ିଆ ସାହିତ୍ୟର ବିକାଶଧାରାକୁ ଲକ୍ଷ୍ୟକଲେ ଜଣାପଡ଼େ; ଓଡ଼ିଆ ସାହିତ୍ୟର ବିକାଶ ଓ ସମୃଦ୍ଧି ଦିଗରେ ଉତ୍କଳୀୟ ନରପତିଗଣଙ୍କର ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ। ତେଣୁ ଓଡ଼ିଆ ସାହିତ୍ୟର ଇତିହାସକୁ ଆଲୋଚନା କରିବା ଅବକାଶରେ ଉତ୍କଳୀୟ ଗଡ଼ଜାତ ରାଜା ଓ ଥାଟରାଜାମାନଙ୍କ ଅବଦାନକୁ ସହଜେ ପାସୋରି ହୁଏ ନାହିଁ। ସାରଳାଙ୍କଠାରୁ ଆରମ୍ଭ କରି ଊନବିଂଶ ଶତକର ଆଧୁନିକ ସାହିତ୍ୟ ବିକଶିତ ହେବା ପ୍ରଚ୍ଛଦପଟ୍ଟରେ ଯେ, ଅନେକ ଉତ୍କଳୀୟ ରାଜନ୍ୟବର୍ଗଙ୍କ ଅବଦାନ ରହିଥିଲା; ଏହା ଅନସ୍ୱୀକାର୍ଯ୍ୟ।

୧୯୩୬ ମସିହା ଏପ୍ରିଲ୍ ୧ ତାରିଖରେ ଯେତେବେଳେ ଭାଷାଭିତ୍ତିରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ହେଲା, ସେତେବେଳେ ଦକ୍ଷିଣାଞ୍ଚଳର ଅନେକ ଓଡ଼ିଆ ଭାଷା-ଭାଷୀ ଗ୍ରାମ ଓ ଗଡ଼ ଆନ୍ଧ୍ରପ୍ରଦେଶରେ ଅନ୍ତର୍ଭୁକ୍ତ ହୋଇଯାଇଥିଲା। ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମ୍ ଓ ବିଜୟନଗର ଜିଲ୍ଲାର ଅନେକ ଅଞ୍ଚଳ ପୂର୍ବେ ଓଡ଼ିଶାର ଅଂଶୀଦାର ହୋଇ ରହିଥିବା ସହ ଓଡ଼ିଆ ଲୋକମାନଙ୍କ ବାସସ୍ଥଳୀ ରୂପେ ପରିଗଣିତ ହେଉଥିଲା। ଶ୍ରୀକାକୁଲମ୍ ତଥା ଚିକାକୋଲ ଜିଲ୍ଲାର ବାରୁଆ, ମେଳିଆପୁଟି, ପର୍ଶୁରାମପୁର, ଗୁରାଣ୍ଡି, ଚାଙ୍ଗୁଡ଼ି, ପୁରୁଣାପାଟଣା ଇତ୍ୟାଦି ଏବଂ ବିଜୟନଗର ଜିଲ୍ଲାର ପାର୍ବତୀପୁର, ସାଲୁର, କୁକୁଗାମ, ଆଦି ଅଞ୍ଚଳ ଆଜି ମଧ୍ୟ ଓଡ଼ିଆତ୍ୱର ଜୟଗାନ କରେ। ଉପରୋକ୍ତ ସ୍ଥାନରେ ବସବାସ କରୁଥିବା ଅନେକ ଲୋକ ବର୍ତ୍ତମାନ ପର୍ଯ୍ୟନ୍ତ ନିଜକୁ ଓଡ଼ିଆ ବୋଲି ପରିଚୟ ପ୍ରଦାନପୂର୍ବକ ଗର୍ବ ଅନୁଭବ କରନ୍ତି।




ସେହିପରି ଦକ୍ଷିଣ ବିଚ୍ଛିନ୍ନାଞ୍ଚଳ ଭାବରେ ପରିଚୟ ଲାଭ କରିଥିବା ଅନେକ ଗଡ଼କୁ ଓଡ଼ିଆ ରାଜା-ମହାରାଜାମାନେ ଶାସନ କରୁଥିଲେ। ପ୍ରାଚୀନ ଉତ୍କଳର ନରପତି କପିଳେନ୍ଦ୍ରଦେବ ଦାକ୍ଷିଣାତ୍ୟ ବିଜୟ କରିଥିଲେ ଏବଂ ଗଙ୍ଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ ନିଜର ରାଜ୍ୟର ସୀମାବୃଦ୍ଧି କରିଥିଲେ। କିନ୍ତୁ ତାଙ୍କ ଉତ୍ତରଦାୟାଦ 'ପୁରୁଷୋତ୍ତମ ଦେବ' ବିଶ୍ୱାସଘାତକର ଶିକାର ହୋଇ ବିଜୟନଗର ରାଜାଙ୍କ ନିକଟରେ ଅପଦସ୍ଥ ହେବା ପ୍ରସଙ୍ଗ ଇତିହାସରେ ବର୍ଣ୍ଣିତ। ତେଣୁ ଅନେକ ଓଡ଼ିଆ ଶାସନାଧୀନ ଗଡ଼ ବର୍ତ୍ତମାନ ଆନ୍ଧ୍ରପ୍ରଦେଶରେ ଅନ୍ତର୍ଭୁକ୍ତ ହୋଇଯାଇଛି। ସ୍ୱତନ୍ତ୍ର ଉତ୍କଳ-ପ୍ରଦେଶ ଗଠନ ପରବର୍ତ୍ତୀ ସମୟରେ ଆନ୍ଧ୍ରପ୍ରଦେଶ ଅନ୍ତର୍ଗତ ହୋଇଥିବା ଗଡ଼ଜାତ ଅଞ୍ଚଳଗୁଡ଼ିକ ହେଉଛି; ମଞ୍ଜୁଷା, ତରଳା, ଜଳନ୍ତର, ବୁଡ଼ାରସିଙ୍ଗି ଓ ଟିକିଲୀ। ଏକଦା ଏହି ଗଡ଼ର ରାଜନ୍ୟବର୍ଗ ଓଡ଼ିଆ କଳା, ସଂସ୍କୃତି, ଭାଷା ଓ ସାହିତ୍ୟର ଶ୍ରେଷ୍ଠତ୍ୱ ପ୍ରତିପାଦନ କରିବା ନିମନ୍ତେ ପ୍ରାଣମୂର୍ଚ୍ଛା ଉଦ୍ୟମ କରିଥିଲେ। ତେଣୁ ବର୍ତ୍ତମାନ ସମୟରେ ସେହି ଗଡ଼ଜାତ ଅଞ୍ଚଳର ଦରବାର ସାହିତ୍ୟ ଓ ସାହିତ୍ୟିକ ସମ୍ପର୍କରେ ଆଲୋଚନା କରାଯିବା ସମୀଚୀନ ମନେହୁଏ।

**ମଞ୍ଜୁଷା**

ସମ୍ପ୍ରତି 'ମାନ୍ଦାସା' ଭାବେ ପରିଚିତ ହେଉଥିବା ଆନ୍ଧ୍ରପ୍ରଦେଶ ଅନ୍ତର୍ଭୁକ୍ତ ଏହି ଅଞ୍ଚଳ ପୂର୍ବରୁ 'ମଞ୍ଜୁଷା' ନାମରେ ଚିହ୍ନିତ ହେଉଥିଲା। ଏହି ସାରସ୍ୱତ ଭୂମିରେ ଅନେକ ଓଡ଼ିଆ ବାଣୀ ସାଧକ ଜନ୍ମହୋଇ ଆଜୀବନ ସାହିତ୍ୟ ସାଧନାରେ ନିଜକୁ

ଲିପ୍ତ ରଖିଛନ୍ତି । ପଣ୍ଡିତ ଶ୍ରୀ ଯୋଗେନ୍ଦ୍ର କାବ୍ୟବିଶାରଦ 'ମଞ୍ଜୁଷା ରାଜବଂଶାନୁଚରିତମ୍' ଶୀର୍ଷକରେ ଏକ ପୁସ୍ତକ ରଚନା କରିଛନ୍ତି । ଏହି ପୁସ୍ତକ ୧୯୧୫ ମସିହାରେ ମୁଦ୍ରିତ ହୋଇଅଛି । ଏହି ବଂଶାବଳୀ ପୁସ୍ତକ ମଧ୍ୟରେ ମଞ୍ଜୁଷାରେ ଶାସନ କରୁଥିବା ଶାସକ ଓ ଶାସନ ପଦ୍ଧତି ସମ୍ପର୍କରେ ଅନେକ ତଥ୍ୟ ଉପସ୍ଥାପନା କରିଛନ୍ତି । ସେହି ପୁସ୍ତକର ତଥ୍ୟ ଅନୁଯାୟୀ ପାଞ୍ଚାଳଦେଶାଗତ ରାଜପୁତ୍ର ବାମନସିଂହ ବର୍ମାଙ୍କ ଦ୍ୱାରା ମଞ୍ଜୁଷା ମଣ୍ଡଳ ପ୍ରତିଷ୍ଠା ହୋଇଥିଲା । ପ୍ରଚଳିତ କିଂବଦନ୍ତୀ ଅନୁସାରେ ଗୋକର୍ଣ୍ଣେଶ୍ୱର ମହାଦେବଙ୍କ ଦ୍ୱାରା ବରପ୍ରାପ୍ତ କରି ରାଜା ବାମନସିଂହ ମଞ୍ଜୁଷା ରାଜ୍ୟ ଲାଭ କରିଥିଲେ । କିନ୍ତୁ ବାମନସିଂହଠାରୁ ଆରମ୍ଭକରି ଲକ୍ଷ୍ମଣ ରାଜମଣିଙ୍କ ପର୍ଯ୍ୟନ୍ତ କୌଣସି ରାଜା ସାହିତ୍ୟ ଆରାଧନା କରିଥିବା ପ୍ରମାଣ ମିଳେ ନାହିଁ ।

ତଥାପି ପାଞ୍ଚଶହ ବର୍ଷଠାରୁ ଅଧିକ ସମୟବ୍ୟାପୀ ଶାସନ କରିଥିବା ଅନେକ ରାଜା ପଣ୍ଡିତମାନଙ୍କୁ ନିଜ ଦରବାର ମଧ୍ୟରେ ଅଧିଷ୍ଠିତ କରାଇ ସେମାନଙ୍କ ଦ୍ୱାରା ବାଣୀସାଧନା କରାଉଥିଲେ । ମଞ୍ଜୁଷା ଅଞ୍ଚଳରୁ ଉପଲବ୍ଧ ହୋଇଥିବା ପ୍ରଥମ ସାରସ୍ୱତ ଗ୍ରନ୍ଥ ଭାବରେ ଶ୍ରୀନିବାସ ରାଜମଣି (୧୮୨୩-୧୮୬୦)ଙ୍କ 'ବିଷ୍ଣୁସହସ୍ରନାମାର୍ଥ କୁସୁମାଞ୍ଜଳି' ଓ ଦ୍ୱିତୀୟ ଗ୍ରନ୍ଥ ହେଉଛି 'ଲକ୍ଷ୍ମୀ-ଅଷ୍ଟୋତ୍ତରଶତ' । ରାଜାଙ୍କ ଦ୍ୱାରା ରଚିତ ଉଭୟ ଗ୍ରନ୍ଥ ନବାକ୍ଷରୀ ବୃତ୍ତରେ ରଚିତ । ଏହି ରାଜାଙ୍କ ସମୟରେ ବହୁ ପଣ୍ଡିତ ମଞ୍ଜୁଷାର ରାଜ-ଦରବାର ମଣ୍ଡନ କରୁଥିଲେ । ସେହି ପଣ୍ଡିତମାନଙ୍କ ସାନ୍ନିଧ୍ୟ ପାଇ ରାଜା ସାରସ୍ୱତ ସର୍ଜ୍ଜନାରେ ମନବଳାଇଥିବା ସୁନିଶ୍ଚିତ । ନିଜର ସାରସ୍ୱତ କୃତି ମଧ୍ୟରେ ଆତ୍ମ-ପରିଚୟ ପ୍ରଦାନପୂର୍ବକ କବି ଉଲ୍ଲେଖ କରିଛନ୍ତି-

"ମଞ୍ଜୁଷା ଦେଶ ନରନାଥ । ଲକ୍ଷ୍ମଣ ରାଜମଣି ସୁତ ।
ମୋହର ନାମ ଶ୍ରୀନିବାସ । ମୁହିଁ ମଞ୍ଜୁଷା ମହାଧୀଶ ।
ଶ୍ରୀ ରାଜମଣି ରାଜଦେବ । ଆମ୍ଭର ପଦବୀ ସୁଲଭ ।।"

ରାଜା ଶ୍ରୀନିବାସ-ରାଜମଣିଙ୍କ 'ଲକ୍ଷ୍ମୀ-ଅଷ୍ଟୋତରଶତ' ଗ୍ରନ୍ଥର କଥାବସ୍ତୁ ସ୍କନ୍ଦପୁରାଣରୁ ପ୍ରାପ୍ତ କରିଛନ୍ତି । କବିଙ୍କ ଉଭୟ ଗ୍ରନ୍ଥ ନବାକ୍ଷରୀ ବୃତ୍ତରେ ରଚିତ ହୋଇଥିବା ସହ କାବ୍ୟିକ ଅପେକ୍ଷା ପୌରାଣିକ ସରଳ-ସାବଲୀଳ ଭାଷା ପ୍ରୟୋଗ ଉକ୍ତ ଗ୍ରନ୍ଥଗୁଡ଼ିକୁ ସୁଖପାଠ୍ୟ କରି ଗଢ଼ି ତୋଳିବାରେ ସହାୟକ ହୋଇଛି । ରାଜା ଶ୍ରୀନିବାସଙ୍କ ରାଜ-ସଭା ମଣ୍ଡନକାରୀ ପଣ୍ଡିତ ଖଞ୍ଜି ଗୋବିନ୍ଦ ଦାସ 'ସର୍ବସ୍ମୃତି ସାରସଂଗ୍ରହ', 'ଯୁବ-ଜୀବନ' ଓ 'ଅଭିନୟ ଚନ୍ଦ୍ରିକା' ଗ୍ରନ୍ଥର ପ୍ରଣେତା । 'ସର୍ବସ୍ମୃତି ସାରସଂଗ୍ରହ' ଏକ ଧର୍ମତତ୍ତ୍ୱମୂଳକ ଗ୍ରନ୍ଥ ଏବଂ ରତିଶାସ୍ତ୍ର ଭାବେ 'ଯୁବ-ଜୀବନ' ଓ ନାଟ୍ୟ ଅଳଙ୍କାର ଶାସ୍ତ୍ର ଭାବେ 'ଅଭିନୟ ଚନ୍ଦ୍ରିକା' ଗ୍ରନ୍ଥ ଉପଲବ୍ଧ ହୋଇଥାଏ ।

ଶ୍ରୀନିବାସ ରାଜମଣିଙ୍କ ସୁଯୋଗ୍ୟ ସନ୍ତାନ ଜଗନ୍ନାଥ ରାଜମଣି 'ଗଜ-ମୋକ୍ଷଣ' ନାମରେ ଏକ ଗ୍ରନ୍ଥ ରଚନା କରିଥିବା ଲକ୍ଷ୍ୟ କରାଯାଏ । ଓଡ଼ିଆ ଭାଗବତର ଭାଷା ଓ ଶୈଳୀକୁ ଅନୁସରଣ କରି ରାଜକବି ଏହି ଗ୍ରନ୍ଥର ପରିକଳ୍ପନା କରିଥିବା ଅନୁମେୟ । ତାହାର ଯଥାର୍ଥ ପ୍ରମାଣ ନିମନ୍ତେ ଉକ୍ତ ଗ୍ରନ୍ଥର ଏକ ପଙ୍କ୍ତି ନିମ୍ନରେ ପ୍ରଦାନ କରାଗଲା ।

ଲକ୍ଷ୍ମଣ ରାଜମଣି ରାଜ ।
ଦେବ ଐଶ୍ୱର୍ଯ୍ୟ ଦେବରାଜ ।।
ଦାକ୍ଷିଣ୍ୟ କ୍ଷମା ଦୟା ଦାନ ।
ଶୌର୍ଯ୍ୟାଦି ଗୁଣରେ ସମ୍ପନ୍ନ ।।
ନୀତିରେ ବୃହସ୍ପତି ସମ ।
ସକଳ ଶାସ୍ତ୍ର ପାରଙ୍ଗମ ।।
ପଞ୍ଚ ସଂସ୍କାରରେ ସଂସ୍କୃତ । ବିଷ୍ଣୁ ଅର୍ଚ୍ଚନେ ସଦା ରତ ।।
ଗୁରୁ ବୈଷ୍ଣବ ଭକ୍ତିତାର । ଲକ୍ଷ୍ମୀଶ ପାଦେ ନମ୍ରଭର ।।
ତାହାଙ୍କ ପୁତ୍ର ଶ୍ରୀନିବାସ । ଶ୍ରୀ ରାଜମଣି ନରଈଶ ।।
ତାଙ୍କର ଅଟଇ ମୁଁ ସୁତ । ମୋହର ନାମ ଜଗନ୍ନାଥ ।।


ଜଗନ୍ନାଥ ରାଜମଣିଙ୍କ ପୁତ୍ର ବାସୁଦେବ ରାଜମଣି । ଏହି ରାଜାଙ୍କର କୌଣସି ରଚନା ବର୍ତ୍ତମାନ ସୁଦ୍ଧା ହସ୍ତଗତ ହୋଇନାହିଁ । କିନ୍ତୁ ଏହାଙ୍କ କନିଷ୍ଠ ଭ୍ରାତା ରଙ୍ଗନାଥ ଥାଟ ରାଜା ସର୍ବଶାସ୍ତ୍ରଦର୍ଶୀ ଓ ପଣ୍ଡିତ କବି । 'ସୁରେଖା ପରିଣୟ' ନାମକ ଏକ କାବ୍ୟ ତାଙ୍କ ଦ୍ୱାରା ରଚିତ ହୋଇଥିବା ଜଣାଯାଏ । ସେହି କାବ୍ୟରୁ ଏକ ଅଂଶକୁ ଏଠାରେ ସଂଗୃହୀତ କରାଯାଇପାରେ-

"ହର କୁମାର ପୂଜ ବୋଲି ଭୋଗତ ।
ହରଷ ହେଲେ ଶୁଣି ସୀତାଙ୍କ କାନ୍ତ ।
କ୍ଷିତିପୁତ୍ରୀ ପତିଙ୍କ ଚିନ୍ତା ଏକଥା ।
କ୍ଷମେ ମଞ୍ଜୁଷା ଥାଟରାଜା ବକତା ।

**ଅନେକ ରାଜା ପଣ୍ଡିତମାନଙ୍କୁ ନିଜ ଦରବାର ମଧ୍ୟରେ ଅଧିଷ୍ଠିତ କରାଇ ସେମାନଙ୍କ ଦ୍ୱାରା ବାଣୀସାଧନା କରାଉଥିଲେ ।**

ପ୍ରତି ଦେଶରେ ହେଉ ଖ୍ୟାତ ।
ଏ ଆଜ୍ଞା ଦିଅ ଗଣନାଥ ।
ସୁଜନେ କରନ୍ତୁ ଆଦର ।
ନ ପଡୁ କୁଜନ କାନର ।"

ବାସୁଦେବ ରାଜମଣି ଓ ତାଙ୍କ ପୁତ୍ର ଶ୍ରୀନିବାସ ରାଜମଣିଙ୍କ ଶାସନକାଳରେ ମଞ୍ଜୁଷାରେ ଅନେକ ଲେଖକ ଓ କବିମାନଙ୍କ ସମାବେଶ ଘଟିଥିଲା । ଉଭୟ ସଂସ୍କୃତ ଓ ଓଡ଼ିଆ ଭାଷାରେ ଅନେକ ଗ୍ରନ୍ଥ ରଚନା କରି ସେହି ପଣ୍ଡିତ ବର୍ଗ ଭାରତୀୟ ସାରସ୍ୱତ ଭଣ୍ଡାରକୁ ସମୃଦ୍ଧ କରିଯାଇଛନ୍ତି । ସେଥିମଧ୍ୟରୁ ଦ୍ରାବିଡ଼ କବି ଶ୍ରୀରାମାନୁଜଚାରୀ 'ଶ୍ରୀନିବାସ ବିଳାସ' ନାମକ ଖଣ୍ଡିଏ ଚମ୍ପୂକାବ୍ୟ ସଂସ୍କୃତରେ ରଚନା କରିଛନ୍ତି । ଏଥିରେ ଶ୍ରୀନିବାସ ରାଜମଣିଙ୍କ ବୀରତ୍ୱ ଓ ରାଜତ୍ୱ ସମ୍ପର୍କରେ ବର୍ଣ୍ଣନା କରାଯାଇଛି । ଏହି ସମୟରେ ସୁଦର୍ଶନ ପୁରୋହିତ 'କରୁଣା ପାରିଜାତ' ଓ 'ସିଂହଳ ବିଜୟ' ଦୁଇ ଖଣ୍ଡ ସଂସ୍କୃତ ନାଟକ ପ୍ରଣୟନ କରିଥିବାର ପ୍ରମାଣ ମିଳେ । ଏତଦ୍‌ଭିନ୍ନ ବାସୁଦେବ ସଦସ୍ୟ 'ବୃକ୍ଷାୟୁର୍ବେଦ', ଗଞ୍ଜାମର ବିଖ୍ୟାତ ପଣ୍ଡିତ ଗଦାଧର ବିଦ୍ୟାଭୂଷଣ 'ରସିକଶେଖର ଭାଣ' ଗ୍ରନ୍ଥ ରଚନା କରିଛନ୍ତି । ଏହି ରାଜାମାନଙ୍କଠାରୁ ପୃଷ୍ଟପୋଷକତା ପ୍ରାପ୍ତ କରି ପଣ୍ଡିତ ଯତିରାଜା ଆଚାର୍ଯ୍ୟ, 'ମାଧବ ବିଳାସ' ମହାକାବ୍ୟ, 'ସ୍ୟମନ୍ତକାଭ୍ୟୁଦୟ' ନାଟକ, 'କଂସ ନିସୂଦନ' ବ୍ୟାୟୋଗ, 'କଳାକାର ବିଳାସ' ଭାଣ, 'ଭଗବତ୍ ସ୍ତୁତି ଶତକମ୍', 'ସମ୍ପ୍ରଦାୟ ପ୍ରଦୀପ', 'ପରମାର୍ଥ ପ୍ରଦୀପ', 'ମନ୍ତ୍ରାର୍ଥ ପ୍ରଦୀପ' ତଥା ଓଡ଼ିଆ କାବ୍ୟ 'ରାଟୀ' ପ୍ରଭୃତି ରଚନା କରିଯାଇଛନ୍ତି । ଏହି କ୍ଷେତ୍ରରେ ନରସିଂହ ପାଣିଗ୍ରାହୀଙ୍କ 'ସାନ୍ତ୍ୱନା', 'ମନୋଦୂତ', 'ଶୋକସିନ୍ଧୁ' ଓଡ଼ିଆ କାବ୍ୟ, ବାସୁଦେବ ମାଝି ସାମନ୍ତଙ୍କ 'ସଙ୍ଗୀତ କଳାକାର', ଶ୍ୟାମସୁନ୍ଦର କାବ୍ୟତୀର୍ଥଙ୍କ 'ଦମୟନ୍ତୀ ସ୍ୱୟମ୍ବର' ଆଦି କାବ୍ୟ ଗ୍ରନ୍ଥ ଉଲ୍ଲେଖନୀୟ ।


ଶ୍ରୀ ରୁଦ୍ରାଭିଷେଚନ ନୀଳମ୍ବୁଲୁ ।

ପଦବ୍ୟାଖ୍ୟା ସମ୍ବଳିତ ।

ଶ୍ରୀ ନରସିଂହ ସନ୍ତୋଷଙ୍କ ଦ୍ୱାରା

ପ୍ରକାଶିତ ।

—:o:—

PRINTED BY S. B. RUTH
at
THE 'ASHA' PRESS
BERHAMPORE
1914.

ମୂଲ୍ୟ ଦୁଇଅଣା ମାତ୍ର ।

**ତରଳା**

ତରଳା ହେଉଛି ଦକ୍ଷିଣ ବିଚ୍ଛିନ୍ନାଞ୍ଚଳର ଅନ୍ୟ ଏକ ପ୍ରମୁଖ ଗଡ଼ । ଦୀର୍ଘ ଶତାବ୍ଦୀ ବ୍ୟାପୀ ଓଡ଼ିଆ ନରାଧିପତିଙ୍କ ଦ୍ୱାରା ଶାସିତ ହୋଇ ରହିଥିଲା ଏହି ଅଞ୍ଚଳ । ୧୯୩୬ ମସିହାରେ ରାଜନୈତିକ ସୀମା ନିର୍ଦ୍ଧାରଣ ହେଲା । ସେହି ସୀମା ନିର୍ଦ୍ଧାରଣ ହିଁ ଗୋଟିଏ ପୁଲକରେ ଓଡ଼ିଆମାନଙ୍କ ମନ, ପ୍ରାଣ ଓ ଆବେଗକୁ ବିଦୀର୍ଣ୍ଣ କରି; ସେମାନଙ୍କର ଉତ୍କଳୀୟ ପରିଚୟକୁ, ଛିନ୍ନ କରିଦେଇ 'ଆନ୍ଧ୍ରପ୍ରଦେଶ' ନାମରେ ଏକ ଅନିଚ୍ଛାକୃତ ଶବ୍ଦ ସେମାନଙ୍କ ନୂତନ ପରିଚୟର ଅଧିକାରୀ କରାଇଦେଲା । ତଥାପି ସେମାନଙ୍କ ଶରୀର ପଛେ ଆନ୍ଧ୍ରରେ ରହିଗଲା; ଭାବ ଭାଷା ଓ ଭାବାନ୍ତର ରହିଲା ଓଡ଼ିଆ । ତେଣୁ ଏହି ତରଳା ଗଡ଼ର ରାଜବଂଶ ଓ ଅଧିବାସୀଗଣଙ୍କ ଓଡ଼ିଆ ସାହିତ୍ୟ ଓ ସଂସ୍କୃତି ପ୍ରତି ଅବଦାନ ସ୍ୱତନ୍ତ୍ର । ତରଳା ରାଜବଂଶୀମାନେ ପ୍ରଥମେ 'ଶୂର' ପରବର୍ତ୍ତୀ କାଳରେ ଶୂର ହରିଚନ୍ଦନ ଜଗଦ୍ଦେବ ଓ ଶେଷରେ 'ଶୂର ଦେଓ' ସାଙ୍ଗିଆ ଦ୍ୱାରା ନିଜକୁ ପରିଚିତ କରାଇଥିଲେ । କୃଷ୍ଣଶୂର ହରିଚନ୍ଦନ ଜଗଦ୍ଦେବଙ୍କୁ ଏହି ତରଳା ରାଜବଂଶର ପ୍ରଥମ ସାରସ୍ୱତ ସାଧକ ଭାବେ ଆମ୍ଭେ ଦେଖିବାକୁ ପାଉ । ତାଙ୍କର 'ପରାସର ବଂଶ ଯାତ୍ରା' ଓ 'ସ୍ୱର ସରଣୀ' ନାମରେ ଦୁଇଟି ଗ୍ରନ୍ଥ ରହିଥିବାର ସୂଚନା ମିଳେ । ଏତଦ୍‌ଭିନ୍ନ ବରଦରାଜ ଶୂରଦେଓ, ନାରାୟଣ ଶୂରଦେଓ ଓ ଗୋବିନ୍ଦ ଚନ୍ଦ୍ରଶୂରଦେଓ ମଧ୍ୟ କିଛି ସାହିତ୍ୟ ସାଧନା କରିଥିବା ଦେଖାଯାଏ । ବରଦରାଜ ଶୂରଦେଓ ନିଜର ପିତା ଓ ପିତାମହଙ୍କ ଜୀବଦ୍ଦଶାରେ ମୃତ୍ୟୁବରଣ କରିଥିଲେ । 'ଦେଶ ଭ୍ରମଣ' ନାମରେ ଏକ ଭ୍ରମଣମୂଳକ ରଚନାର ସେ ସ୍ରଷ୍ଟା । ଏହି ଗ୍ରନ୍ଥରେ ଦକ୍ଷିଣ ଭାରତର ବିଭିନ୍ନ ସ୍ଥାନର ଭ୍ରମଣ ଅନୁଭୂତି ଓ ତାହାର ରୀତିନୀତି ସମ୍ପର୍କରେ ବର୍ଣ୍ଣନା କରାଯାଇଛି । ସାହିତ୍ୟପ୍ରେମୀ ରାମଚନ୍ଦ୍ର ଶୂର ହରିଚନ୍ଦନ ଜଗଦ୍ଦେବ ନିଜ ପୌତ୍ରର ଅକାଳ ବିୟୋଗ ଯୋଗୁ ଦୁଃଖରେ

ମ୍ରିୟମାଣ ହୋଇପଡିଥିଲେ। ପରବର୍ତ୍ତୀ କାଳରେ ନାରାୟଣ ଶୂରଦେଓ 'ବରଦରାଜ ରଙ୍ଗମଞ୍ଚ' ନାମରେ ଏକ ରଙ୍ଗମଞ୍ଚ ପ୍ରତିଷ୍ଠା କରି ସେହିଠାରେ ସ୍ୱରଚିତ ଓ ଅନ୍ୟଦ୍ୱାରା ରଚିତ ନାଟକଗୁଡ଼ିକ ପରିବେଷଣ କରୁଥିଲେ। ନାରାୟଣ ଶୂରଦେଓ 'ଉର୍ବଶୀ ମୋଚନ' ଓ 'ନବାନୁରାଗ' ନାମରେ ଦୁଇଟି ସଙ୍ଗୀତ ନାଟକ ରଚନା କରି ସେହି 'ବରଦରାଜ ରଙ୍ଗମଞ୍ଚ'ରେ ପରିବେଷଣ କରିଥିଲେ। ସେହିପରି ତରଳା ରାଜକୁମାର ଗୋବିନ୍ଦଚନ୍ଦ୍ର ଶୂରଦେଓ 'ରାସଲୀଳା', 'ମାନଭଞ୍ଜନ', 'ଯୁଗମିଳନ', 'ସାକ୍ଷୀଗୋପାଳ', 'ଧ୍ରୁବ', 'ସୁଦାମା', 'ଗୋପେଶ୍ୱର ପୂଜା', 'ଇନ୍ଦ୍ରପ୍ରଭା', 'ନରମେଧ ଯଜ୍ଞ', 'ନରକାସୁର ବଧ', 'ମାୟା ଶବରୀ', 'ଶ୍ରୀକୃଷ୍ଣ ମହିମା', 'ଉତ୍କଳ ରମଣୀ', 'ହିନ୍ଦୋଳ ବିଜୟ', 'ମିବାର ପୁତ୍ର', 'ମୁକୁନ୍ଦଦେବ' ପ୍ରଭୃତି ନାଟକ ରଚନା କରିବା ସହ ଫକୀରମୋହନଙ୍କ 'ପାଠୋଇ ବୋହୂ', 'ଲଛମା', 'ପେଟେଣ୍ଟ ମେଡିସିନ୍' ଆଦି କଥା ସାହିତ୍ୟର ନାଟ୍ୟ ରୂପାନ୍ତର କରିଛନ୍ତି।

ସାମଗ୍ରିକ ଭାବେ ପର୍ଯ୍ୟାଲୋଚନା କଲେ ଜଣାପଡ଼େ, ତରଳା ରାଜବଂଶୀ ଦକ୍ଷିଣ ବିଚ୍ଛିନ୍ନାଞ୍ଚଳରେ ନାଟ୍ୟ ସାହିତ୍ୟ ସର୍ଜନା କରି ଓଡ଼ିଆ ସାହିତ୍ୟର ଶ୍ରୀବୃଦ୍ଧି କରିବା ଦିଗରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଛନ୍ତି। ସେହିପରି ବରଦରାଜଙ୍କ 'ଦେଶଭ୍ରମଣ' ରଚନାକୁ ସେହି କାଳର ଗୋଟିଏ ଭ୍ରମଣ କାହାଣୀ ଭାବେ ପରିଗଣିତ କରାଯାଇପାରେ।

**ଏକଦା କବିସୂର୍ଯ୍ୟଙ୍କ ସାହିତ୍ୟ ସାଧନାର ସ୍ଥଳ ଭାବେ ପରିଗଣିତ ହେଉଥିବା ଜଳନ୍ତର ଆଜି ଆନ୍ଧ୍ରପ୍ରଦେଶ ରାଜ୍ୟ ଅନ୍ତର୍ଭୁକ୍ତ।**

**ଜଳନ୍ତର**

ଦକ୍ଷିଣ ବିଚ୍ଛିନ୍ନାଞ୍ଚଳର ଅନ୍ୟ ଏକ ଐତିହ୍ୟ ପୀଠ ହେଉଛି ଜଳନ୍ତର। ଏହି ରାଜ୍ୟର ସୂର୍ଯ୍ୟବଂଶୀ ଓ ଚନ୍ଦ୍ରବଂଶୀ ରାଜାମାନେ ରାଜତ୍ୱ କରୁଥିବାର ପ୍ରମାଣ ମିଳେ। ଦ୍ୱାଦଶ ଶତାବ୍ଦୀରେ ରାଜାମାନେ ରାଜତ୍ୱ କରୁଥିବାର ପ୍ରମାଣ ରହିଛି। ଦ୍ୱାଦଶ ଶତାବ୍ଦୀରେ କୀର୍ତ୍ତନ ରାଗା ନାମକ ଚନ୍ଦ୍ରବଂଶୀ ରାଜା ଶାସନ କରୁଥିବା ପ୍ରମାଣ; ଅନେକ ସୂତ୍ରରୁ ମିଳିଥାଏ। ଏହାର ପରବର୍ତ୍ତୀକାଳୀନ ଚନ୍ଦ୍ରବଂଶର କୌଣସି ରାଜାଙ୍କ ନାମ ଓ ଶାସନ ସମ୍ପର୍କରେ କୌଣସି ତଥ୍ୟ ମିଳେ ନାହିଁ। ତେଣୁ ତିନିଶତ ବର୍ଷରୁ ଅଧିକ ଶାସନ କରିଥିବା ଏହି ଚନ୍ଦ୍ରବଂଶୀଙ୍କ ଇତିହାସ ନିରୂପିତ ନ ହେବା, ଏହି ଜାତି ପାଇଁ ଦୁର୍ଭାଗ୍ୟଜନକ ବିଷୟ। ସମ୍ପ୍ରତି ଜ୍ଞାନ-ବିଜ୍ଞାନର ଧାରା ଓ ଆଧୁନିକ କୌଶଳ ଦ୍ୱାରା ଗବେଷଣାର ପରିସର ଓ କ୍ଷେତ୍ର ଖୁବ୍ ପ୍ରଶସ୍ତି ହୋଇଛି। ଏହି କାରଣରୁ ବର୍ତ୍ତମାନ ଜଳନ୍ତର ଗଡ଼ର ରାଜବଂଶର ଇତିହାସ ସମ୍ପର୍କରେ ଗବେଷଣା କରିବା ଏକାନ୍ତ ଜରୁରି। ଇତିମଧ୍ୟରେ ଯେତେବେଳେ ଓଡ଼ିଆ ସାହିତ୍ୟକୁ ଦକ୍ଷିଣ ବିଚ୍ଛିନ୍ନାଞ୍ଚଳର ରାଜବଂଶ ସମ୍ପର୍କରେ ଆଲୋଚନା କରାଯାଏ; ତେବେ ଏହି ଗଡ଼ର ତିନିଜଣ ନରପତିଙ୍କ ନାମ ଆମର ସ୍ମୃତି ପରିସରଭୁକ୍ତ ହୁଏ। ସେମାନେ ହେଲେ ରାମଚନ୍ଦ୍ର ଛୋଟରାୟ (୧୭୯୦), ପୁରୁଷୋତ୍ତମ ଛୋଟରାୟ (୧୮୨୦) ଓ ରାମକୃଷ୍ଣ ଛୋଟରାୟ (୧୮୮୦)। ଜଣେ ସାହିତ୍ୟାନୁରାଗୀ ରାଜା ଭାବରେ ଓଡ଼ିଆ ରୀତି ସାହିତ୍ୟର ଜଣେ ଅପ୍ରତିଦ୍ୱନ୍ଦ୍ୱୀ କବି ଭାବେ ପରିଚିତ ଥିବା କବିସୂର୍ଯ୍ୟ ବଳଦେବ ରଥ ଜଳନ୍ତର ଗଡ଼ର ପଣ୍ଡିତ ରୂପେ ରାଜସଭା ମଣ୍ଡନ କରୁଥିଲେ। ଏକଦା କବିସୂର୍ଯ୍ୟଙ୍କ ସାହିତ୍ୟ ସାଧନାର ସ୍ଥଳ ଭାବେ ପରିଗଣିତ ହେଉଥିବା ଜଳନ୍ତର ଆଜି ଆନ୍ଧ୍ରପ୍ରଦେଶ ରାଜ୍ୟ ଅନ୍ତର୍ଭୁକ୍ତ। ରାଜା ରାମଚନ୍ଦ୍ର ଛୋଟରାୟଙ୍କ ନିକଟରେ ଅନେକ କବି ରାଜ ପୃଷ୍ଠପୋଷକତା ଲାଭ କରି ସାହିତ୍ୟ ସର୍ଜ୍ଜନା କରୁଥିଲେ। ତେଣୁ କବିସୂର୍ଯ୍ୟଙ୍କ କାବ୍ୟ ପ୍ରତିଭାର ପ୍ରଦର୍ଶନ ଦିଗରେ ଜଳନ୍ତର ନରପତି ରାମଚନ୍ଦ୍ର ଛୋଟରାୟଙ୍କ ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ। କବିସୂର୍ଯ୍ୟ ଜଳନ୍ତରଗଡ଼ରେ ରହଣି ମଧ୍ୟରେ 'ଚନ୍ଦ୍ରକଳା' ନାମରେ ଏକ କାବ୍ୟ ରଚନା କରିଥିଲେ। ଏହି କାବ୍ୟଟି ଅସମ୍ପୂର୍ଣ୍ଣ ହେଲେ ହେଁ ଏହାର ସାହିତ୍ୟିକ ମର୍ଯ୍ୟାଦା ଅନନ୍ୟ। ଏହି କାବ୍ୟଟିକୁ କବି ଜଳନ୍ତର ରାଜା ରାମଚନ୍ଦ୍ର ଛୋଟରାୟ ନାମରେ ଭଣିତି ଦେଇ ରଚନା କରିଥିବା ଲକ୍ଷ୍ୟ କରାଯାଏ। 'ଜଳନ୍ତର ଧରମରାବତୀପତି', 'ଜଳନ୍ତର ଭୂପ' ଆଦି ଶବ୍ଦ ପ୍ରୟୋଗ କରି ଉକ୍ତ କାବ୍ୟକୁ ଜଳନ୍ତର ରାଜାଙ୍କ ନାମରେ ଉତ୍ସର୍ଗୀକୃତ କରିଛନ୍ତି। ସେହି କାବ୍ୟର ଏକ ଅଂଶ ନିମ୍ନରେ ଉଲ୍ଲେଖ କରାଯାଇପାରେ- "ଜଳନ୍ତର ଭୂପ ମାନସ ମଧୁପ, ମକରନ୍ଦ ପାନ ଲୋଭେ ମିଳେ।"

ରାମଚନ୍ଦ୍ର ଛୋଟରାୟଙ୍କ ପରେ ପୁରୁଷୋତ୍ତମ ଛୋଟରାୟ ଜଳନ୍ତର ଗଡ଼ର ସିଂହାସନ ଆରୋହଣ କରିଥିଲେ। ସେ

ରାମଚନ୍ଦ୍ରଙ୍କ ଭଳି କୌଣସି ଗ୍ରନ୍ଥ ରଚନା କରି ନ ଥିଲେ ମଧ୍ୟ ରାଜ-ସଭାରେ ଅନେକ ପଣ୍ଡିତ ଓ ସାହିତ୍ୟିକଙ୍କୁ ରାଜପ୍ରୋତ୍ସାହନ ପ୍ରଦାନ କରି; ଓଡ଼ିଆ ସାହିତ୍ୟର ସମୃଦ୍ଧି କରିବା ନିମନ୍ତେ ଯଥେଷ୍ଟ ଉଦ୍ୟମ କରିଥିବା ସମ୍ବନ୍ଧରେ ପ୍ରମାଣ ମିଳେ। ଜଳନ୍ତର ଗଡ଼ର ଅନ୍ୟ ଏକ ପ୍ରମୁଖ ରାଜା ରାମକୃଷ୍ଣ ଛୋଟରାୟ 'ପ୍ରହ୍ଲାଦ ନାଟକ' ନାମରେ ଖଣ୍ଡିଏ ସଙ୍ଗୀତ ନାଟକ ରଚନା କରିଥିଲେ। ବାସ୍ତବରେ ଜଳନ୍ତର ଥିଲା ଓଡ଼ିଆ ସଂସ୍କୃତି ଓ ସାହିତ୍ୟର ଏକ ଚିରନ୍ତନ ଲୀଳାଭୂମି।

**ବୁଢ଼ାରସିଙ୍ଗି**

ମହେନ୍ଦ୍ରଗିରି ପାଦ ଦେଶରେ ଘନ ସବୁଜ ଅରଣ୍ୟ ମଧ୍ୟରେ ଶୋଭାପାଉଥିବା ଗଡ଼ ହେଉଛି ବୁଢ଼ାରସିଙ୍ଗି। ବୁଢ଼ାରସିଙ୍ଗି ଅଞ୍ଚଳରେ ଲୋକକଥା ଅନୁସାରେ ଅନେକ ବର୍ଷ ପୂର୍ବେ ମହେନ୍ଦ୍ର ଅଞ୍ଚଳରେ ଗଙ୍ଗବଂଶର ରାଜାମାନେ ରାଜତ୍ୱ କରୁଥିଲେ। ସେହି କାଳରେ ଉକ୍ତ ରାଜ୍ୟରେ ମୁଷ୍ଟିଯୁଦ୍ଧର ଯଥେଷ୍ଟ ଆଦର ରହିଥିଲା। ଜଣେ ଗଙ୍ଗବଂଶୀୟ ରାଜ୍ୟ ନିଜ ମଲ୍ଲବୀରଙ୍କୁ ନିଶଙ୍କ ଉପାଧିରେ ଭୂଷିତ କରି, ସେଠାକାର ଶବର ଅଧୁଷିତ ଅଞ୍ଚଳର ଶାସକ ରୂପେ ଅଧିଷ୍ଠିତ କରାଇଥିଲେ। ଏହି ନିଶଙ୍କ ରାଜା ଅଲୌକିକ ବଳର ଅଧିକାରୀ ଥିଲେ। ରାଜା ନିଜର ଇଷ୍ଟଦେବୀ ଗୋକର୍ଣ୍ଣେଶ୍ୱର ଦର୍ଶନ ବିନା ଜଳ ମଧ୍ୟ ସ୍ପର୍ଶ କରୁ ନ ଥିଲେ। ସେ ସର୍ବଦା ନିଜ ଗଡ଼ରୁ ପଦଚାଳନା କରି ମହେନ୍ଦ୍ରଗିରି ଯାଇ ଦେବ ଦର୍ଶନ କରୁଥିଲେ। ଏକଦା ମହେନ୍ଦ୍ର ପର୍ବତ ଶିଖରକୁ ଯିବା ସମୟରେ ତାଙ୍କର ଅନେକ ଅଜଣାଶତ୍ରୁଙ୍କ ଷଡ଼ଯନ୍ତ୍ରରୁ ପାହାଡ଼ ଶିଖରରୁ ଖସିପଡ଼ି ମୃତ୍ୟୁବରଣ କରିଥିଲେ। ଏହାଦ୍ୱାରା ସମଗ୍ର ଗଙ୍ଗରାଜ୍ୟବାସୀ ଦୁଃଖରେ ମ୍ରିୟମାଣ ହୋଇଥିଲେ ଏବଂ ରାଜା ନିଶଙ୍କଙ୍କୁ ମିଳିଥିବା 'ବିଧାର ସିଂହ' ଉପାଧିରେ ସେହି ଗଡ଼ର ନାମକରଣ କରିଥିଲେ। ପରବର୍ତ୍ତୀ କାଳରେ ବିଧାର ସିଂହ ନାମଟି ଅପଭ୍ରଂଶ ହୋଇ 'ବୁଢ଼ାରସିଙ୍ଗ'ରେ ରୂପାନ୍ତରିତ ହୋଇଥିଲା।

ସୀମା ବିବାଦକୁ ନେଇ ବୁଢ଼ାରସିଙ୍ଗି ଗଡ଼ ସହ ମଞ୍ଜୁଷା ଓ ବର୍ତ୍ତମାନ ଓଡ଼ିଶାରେ ଥିବା ଜରଡ଼ା ଗଡ଼ ସହ ସମ୍ପର୍କ ତିକ୍ତ ରହିଥିଲେ ମଧ୍ୟ ବୈବାହିକ ସମ୍ବନ୍ଧରେ ଉଭୟ ଗଡ଼ର ରାଜପରିବାର ବାନ୍ଧି ହୋଇଥିଲେ। ଜରଡ଼ାଗଡ଼ର ରାଜକୁମାରୀ ତଥା ବୁଢ଼ାରସିଙ୍ଗି ଗଡ଼ର ରାଣୀ ନିଶଙ୍କ ରାୟ 'ପଦ୍ମାବତୀ ଅଭିଳାଷ' ଶୀର୍ଷକ ଏକ କାବ୍ୟ ରଚନା କରିଛନ୍ତି। ଏହି କାବ୍ୟରେ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ଲାବଣ୍ୟବତୀର ପ୍ରଭାବ ଅନୁଭୂତ ହୁଏ।

ବୁଢ଼ାରସିଙ୍ଗି ରାଜ୍ୟର ଅନ୍ୟ ଏକ ଶାସକ ରାଜା ଲକ୍ଷ୍ମୀନାରାୟଣ ନିଶଙ୍କ ଦେଓ 'ରୁକ୍ମିଣୀ ବିଳାସ' ନାମକ ଏକ କାବ୍ୟ ରଚନା କରିଥିବା ସୂଚନା ମିଳେ।

ଉପରୋକ୍ତ ଆଲୋଚନାରୁ ସ୍ପଷ୍ଟ ବାରି ହୋଇପଡ଼େ, ଦିନେ ବୁଢ଼ାରସିଙ୍ଗି ରାଜ୍ୟ ଓଡ଼ିଆ ରାଜାଙ୍କ ଦ୍ୱାରା ଶାସିତ ହେଉଥିଲା। କିନ୍ତୁ ସମୟ ସ୍ରୋତରେ ଆଜି ଏହି ଦକ୍ଷିଣ ବିଚ୍ଛିନ୍ନାଞ୍ଚଳ ବୁଢ଼ାରସିଙ୍ଗି ଗଡ଼ ନିଜର ମର୍ଯ୍ୟାଦା ହରାଇ ବସିଛି।

**ଟିକିଲି**

ଦକ୍ଷିଣ ଓଡ଼ିଶାର ଗୌରବମୟ ଇତିହାସରେ ଟିକିଲି ଗଡ଼ ଏକ ଆଭିଜାତ୍ୟ ପରମ୍ପରାର ବାର୍ତ୍ତା ବହନ କରେ। ଟିକିଲିର ପୂର୍ବରେ ବଙ୍ଗୋପସାଗର, ପଶ୍ଚିମରେ ପାରଳାଗଡ଼, ଉତ୍ତରରେ ତରଳା ଓ ଦକ୍ଷିଣରେ 'ନାଗାବଳୀ' ନଦୀ ଅବସ୍ଥିତ। ପ୍ରାଚୀନ କାଳରେ ଟିକିଲି ରାଜବଂଶ ସହ ପାରଳା ରାଜବଂଶର ଘନିଷ୍ଠ ସମ୍ପର୍କ ରହିଥିଲା। ସାହିତ୍ୟ ଓ ଶାସ୍ତ୍ର ଚର୍ଚ୍ଚା ନିମନ୍ତେ ପାରଳା ଓ ଟିକିଲି ଗଡ଼ର ରାଜନ୍ୟବର୍ଗ ଓ ରାଜସଭା ମଣ୍ଡନ କରୁଥିବା ପଣ୍ଡିତମାନଙ୍କ ମଧ୍ୟରେ ଏକ ପ୍ରତିଯୋଗିତାମୂଳକ ମନୋଭାବ ଜାଗ୍ରତ ହେଉଥିଲା। ଏହି ଗଡ଼ର ପ୍ରାଚୀନ ଇତିହାସ ଆଜି ମଧ୍ୟ ରହସ୍ୟ ଘେରରେ ରହିଥିବା ସମୟରେ ପଦ୍ମନାଭ (୧୭୮୦-୧୮୩୨) ହିଁ ଏହି ରାଜବଂଶର ପ୍ରଥମ ଶାସକ ଭାବେ ଆମ୍ଭ ନିକଟରେ ତଥ୍ୟ ହସ୍ତଗତ। ଏହାଙ୍କ ପୂର୍ବଜ ଶାସକମାନଙ୍କ ସମ୍ବନ୍ଧରେ କୌଣସି ତଥ୍ୟ ବର୍ତ୍ତମାନ ପର୍ଯ୍ୟନ୍ତ ଅନୁପଲବ୍ଧ। ପଦ୍ମନାଭ ଦେବ ଜଣେ ଶାସ୍ତ୍ରାନୁରାଗୀ ରାଜା ଭାବେ ଏକ ସ୍ୱତନ୍ତ୍ର ସ୍ଥାନର ଅଧିକାରୀ। ସେ ବୈଷ୍ଣବ ଧର୍ମାବଲମ୍ବୀ ହୋଇଥିବାରୁ, ଶ୍ରୀକୃଷ୍ଣ ଚରିତାମୃତକୁ କେନ୍ଦ୍ରକରି ଅନେକ ବୈଷ୍ଣବ କାବ୍ୟ ଓ ଜଣାଣ ରଚନା କରିଥିବା ଲକ୍ଷ୍ୟ କରାଯାଏ। 'ଭାବବତୀ', 'ମହାରାସଲୀଳା' ନାମରେ ଦୁଇ ଖଣ୍ଡ କାବ୍ୟ ସମେତ 'ବ୍ରଜରାଜ ଜଣାଣ' ଓ ବହୁ ଚଉପଦୀର ସ୍ରଷ୍ଟା ଭାବରେ ସେ ଓଡ଼ିଆ ସାହିତ୍ୟରେ ସ୍ମରଣୀୟ। ପଦ୍ମନାଭ ଦେବଙ୍କ ପରେ ତାଙ୍କ

**ସମୟ ସ୍ରୋତରେ ଆଜି ଏହି ଦକ୍ଷିଣ ବିଚ୍ଛିନ୍ନାଞ୍ଚଳ ବୁଢ଼ାରସିଙ୍ଗି ଗଡ଼ ନିଜର ମର୍ଯ୍ୟାଦା ହରାଇ ବସିଛି।**

ଦୁଇପୁତ୍ର ଯଥା - ଗୋପୀନାଥ (ଜ୍ୟେଷ୍ଠପୁତ୍ର) ଓ କୃଷ୍ଣଚନ୍ଦ୍ର (କନିଷ୍ଠପୁତ୍ର)ଙ୍କ ମଧ୍ୟରେ ଟିକିଲିଗଡ଼କୁ ଟିକିଲି ଓ ନନ୍ଦିଗ୍ରାମ ଭାବେ ଦୁଇ ଭେଦରେ ବିଭକ୍ତ କରିଥିଲେ। ଜ୍ୟେଷ୍ଠପୁତ୍ର ଭାବେ ଟିକିଲି ରାଜା ହୋଇଥିଲେ ଗୋପୀନାଥ ଦେବ। ଉଭୟ ରାଜା କୌଣସି ସାହିତ୍ୟ କୃତିର ରଚୟିତା ନ ଥିଲେ ହେଁ ସାହିତ୍ୟ ସର୍ଜନା ନିମନ୍ତେ ସମକାଳୀନ ପଣ୍ଡିତ ଓ କବିମାନଙ୍କୁ ପ୍ରେରଣା ପ୍ରଦାନ କରୁଥିଲେ। ଗୋପୀନାଥ ଦେବ ରାଜା ଅପୁତ୍ରକ ଭାବେ ମୃତ୍ୟୁବରଣ କରିଥିବା ହେତୁ ବୈଧବ୍ୟ ଯନ୍ତ୍ରଣାରେ ମର୍ମାହତ ହୋଇ ରହିଥିବା ଆଠଗଡ଼ ରାଣୀ ତଥା ଗୋପୀନାଥ ଦେବଙ୍କ ମଧ୍ୟମା କନ୍ୟା ମୁକ୍ତାମାଳା ଗର୍ଭବତୀ ଥିଲେ। ଅପରପକ୍ଷେ ଅନ୍ୟ ଦୁଇ କନ୍ୟା ସୁବର୍ଣ୍ଣମାଳା ଓ ମାଣିକ୍ୟମାଳା ମଧ୍ୟ ଅପୁତ୍ରକ ଥିଲେ। ଇତିମଧ୍ୟରେ ମୁକ୍ତାମାଳାଙ୍କ ଗର୍ଭରୁ ଏକ ପୁତ୍ର ସନ୍ତାନ ଜନ୍ମଲାଭ କରିଥିବା ଯୋଗୁ ଟିକିଲି ରାଜବଂଶର ରାଣୀ ରାଧିକାମାଳା ଦେବୀ ଏକ ପ୍ରକାରେ ଆଶ୍ୱସ୍ତି ହୋଇଥିଲେ। ପରବର୍ତ୍ତୀ କାଳରେ ଶିଶୁ ପୌତ୍ର ବୃନ୍ଦାବନ ଦେବଙ୍କୁ ଟିକିଲିର ରାଜାଭାବେ ଅଧିଷ୍ଠିତ କରାଇଥିଲେ।

ଟିକିଲି ରାଜବଂଶର ଦାୟାଦ ଭାବେ ଗୋପୀନାଥ ହରିଚନ୍ଦନ ଜଗଦେବଙ୍କ (୧୮୮୬-୧୯୪୯) ନାମ ବେଶ୍ ସ୍ମରଣୀୟ। ସେ ଋତୁଗୁଚ୍ଛ (୧୯୧୭), ବାତଦୂତ (୧୯୨୮), କାଳିଦାସଙ୍କ ମେଘଦୂତମ୍ କାବ୍ୟର ଅନୁବାଦ ଓ ପୁରୁଷୋତ୍ତମ ସାଗର (୧୯୨୯) ଭଳି ସଫଳ ସାହିତ୍ୟ ଗ୍ରନ୍ଥର ପ୍ରଣେତା। ସେହିପରି ଲକ୍ଷ୍ମୀନାରାୟଣ ହରିଚନ୍ଦନ ଜଗଦେବ (୧୮୯୪-୧୯୫୩) ଟିକିଲି ରାଜବଂଶର ଅନ୍ୟ ଏକ ଉତ୍ତରାଧିକାରୀ। ସେ 'ମୁକ୍ତାହାର' ଓ 'ହରି ଓ ହର ଜଣାଣ' କାବ୍ୟ ରଚନା କରିବା ସଙ୍ଗେ ସଙ୍ଗେ କାଳିଦାସଙ୍କ 'ମାଳବିକାଗ୍ନି ମିତ୍ରମ୍' ନାଟକକୁ ଅନୁବାଦ କରିଥିବା ଲକ୍ଷ୍ୟ କରାଯାଏ। ଗୋପୀନାଥ ହରିଚନ୍ଦନଙ୍କ ସମୟରେ ଟିକିଲି ଅଞ୍ଚଳରେ ବାସ କରୁଥିବା ଗୋପବନ୍ଧୁ ବିଦ୍ୟାଭୂଷଣ ମଧ୍ୟ ଅନେକ ସାହିତ୍ୟକୃତି ସର୍ଜନା କରିଥିଲେ। ଟିକିଲି ରାଜା 'ପଦ୍ମନାଭଙ୍କ ଜୀବନୀ', ନୈଷଧ ଚରିତ, ଧନଞ୍ଜୟ ବିଜୟ (ନାଟକ) ଅନୁବାଦ କରିଥିବା ସହ 'ଅନ୍ଧକ ବଧ କାବ୍ୟ', 'ତ୍ରିଶତୀ' ପଦ୍ୟ ଗ୍ରନ୍ଥର ସ୍ରଷ୍ଟା ଭାବେ ସେ ଖ୍ୟାତି ଅର୍ଜନ କରିଥିଲେ। ଟିକିଲି ରାଜବଂଶର ଶ୍ରେଷ୍ଠ ସାରସ୍ୱତ ସନ୍ତାନ ଭାବେ ସେ ପରିଚିତ। ଟିକିଲି ରାଜବଂଶର ଅନ୍ୟ ଏକ ଶ୍ରେଷ୍ଠ ସାରସ୍ୱତ ସନ୍ତାନ ଭାବେ ଆମ୍ଭେ 'ଜଗନ୍ନାଥ ଦେବ ବର୍ମା'ଙ୍କୁ ଗ୍ରହଣ କରୁ। ସେ ନିଜର ଜୀବଦ୍ଦଶା ମଧ୍ୟରେ 'ସପନତରୀ', 'ସ୍ମୃତି', 'ନାଦଶ୍ରୀ', 'ଭଗ୍ନ ବେହୁଲା', 'ଉଷାର ନିଷାଦ', 'ଶିଳା ପ୍ରସ୍ତର', 'ଆଦିକାବ୍ୟ', 'କୁବଳୟା', 'ସତୀ ପାର୍ବତୀ', 'ଲୋହିତ ଲୁଣ୍ଠନ', 'ମଣିକାଞ୍ଚନ', 'ଶ୍ରୀଜଗନ୍ନାଥ ଜଣାଣ' ପ୍ରଭୃତି ପଦ୍ୟଗ୍ରନ୍ଥ ରଚନା କରିଥିବା ସମୟରେ ଗଳ୍ପଗ୍ରନ୍ଥ ସଙ୍କଳନ 'ଉତ୍କଳିକା' ଓ 'ଛନ୍ଦ ହଜିଯାଇଛି' ଏବଂ ଦୁଇଟି ଉପନ୍ୟାସ 'ନୀଳୋତ୍ପଳ' ଓ 'ସ୍ମୃତି' ରଚନା କରିଛନ୍ତି। ଏତଦ୍‌ଭିନ୍ନ କାଳିଦାସଙ୍କ 'ଋତୁସଂହାର' ଗ୍ରନ୍ଥର ଓଡ଼ିଆ ଅନୁବାଦ କରି ଉଚ୍ଚ ପ୍ରଶଂସାର ଅଧିକାରୀ ହୋଇଛନ୍ତି। ରାଜା ଜଗନ୍ନାଥଙ୍କ ପ୍ରକାଶିତ 'ଶିଳାପ୍ରସ୍ତର' ପୁସ୍ତକର ମୁଖବନ୍ଧରେ ଓଡ଼ିଆ ପ୍ରାବନ୍ଧିକ କପିଳେଶ୍ୱର ଦାସ ଉଲ୍ଲେଖ କରିଛନ୍ତି - "ଓଡ଼ିଶାରୁ ବିଚ୍ଛିନ୍ନ ରହି ତରୁଣ ଜୀବରୁ ମାତୃଭାଷା ତଥା ସଂସ୍କୃତି ସଂରକ୍ଷଣ ଓ ବିକାଶରେ ଅସଂଖ୍ୟ ବାଧାବିଘ୍ନ ସତ୍ତ୍ୱେ ଜଗନ୍ନାଥ ଯେପରି ମନପ୍ରାଣ ଢାଳି ଅପୂର୍ବ କୃତିତ୍ୱ ଅର୍ଜନ କରିଛନ୍ତି, ତାହା ଅତ୍ୟନ୍ତ ପ୍ରଶଂସନୀୟ।" ଜଗନ୍ନାଥ ଦେବଙ୍କ କନିଷ୍ଠ ଭ୍ରାତା ମଧୁସୂଦନ ଦେବ ନିର୍ଦ୍ଦିଷ୍ଟ କୌଣସି ଓଡ଼ିଆ ସାହିତ୍ୟ ଗ୍ରନ୍ଥ ସୃଷ୍ଟି କରି ନ ଥିଲେ ହେଁ ଦକ୍ଷିଣ ବିଚ୍ଛିନ୍ନାଞ୍ଚଳରେ ଏକମାତ୍ର ଓଡ଼ିଆ ମୁଖପତ୍ର 'ବୀଣା'ର ସମ୍ପାଦକ ଥିଲେ। ସେ ବିଚ୍ଛିନ୍ନାଞ୍ଚଳ ତଥା ଓଡ଼ିଶାର ସାହିତ୍ୟିକମାନଙ୍କ ସୃଜନାତ୍ମକ ବିକାଶ ପ୍ରତି ଯଥେଷ୍ଟ ଯତ୍ନବାନ ଥିବା ମନେହୁଏ।

**ପ୍ରାଚୀନ ରୁ ଅର୍ବାଚୀନ ପର୍ଯ୍ୟନ୍ତ ଓଡ଼ିଆ ସାରସ୍ୱତ ପରିମଣ୍ଡଳକୁ ଦକ୍ଷିଣ ବିଚ୍ଛିନ୍ନାଞ୍ଚଳର ରାଜନ୍ୟବର୍ଗ ଚନ୍ଦ୍ର-ସୂର୍ଯ୍ୟ ସଦୃଶ ଆଲୋକିତ କରି ରଖିଥିଲେ।**

ନିଷ୍କର୍ଷରେ ଏତିକି କୁହାଯାଇପାରେ, ପ୍ରାଚୀନ ରୁ ଅର୍ବାଚୀନ ପର୍ଯ୍ୟନ୍ତ ଓଡ଼ିଆ ସାରସ୍ୱତ ପରିମଣ୍ଡଳକୁ ଦକ୍ଷିଣ ବିଚ୍ଛିନ୍ନାଞ୍ଚଳର ରାଜନ୍ୟବର୍ଗ ଚନ୍ଦ୍ର-ସୂର୍ଯ୍ୟ ସଦୃଶ ଆଲୋକିତ କରି ରଖିଥିଲେ। ତେଣୁ ଓଡ଼ିଆ ସାହିତ୍ୟର ଇତିହାସ ଆଲୋଚନା କରିବା ସମୟରେ ସେମାନଙ୍କ କୃତି ଓ କୃତିତ୍ୱକୁ ଅଗ୍ରାହ୍ୟ କରାଯାଇ ନ ପାରେ; ଏହା ଅନସ୍ୱୀକାର୍ଯ୍ୟ।

□□

ଲେଖକଙ୍କ ଇ-ମେଲ ଠିକଣା:
mohapatradebasis22@gmail.com



କବିତା

# ଅପରାହ୍ନ ବର୍ଷା

ଡ. କୁଳମଣି ଓଝା

ଚିରାୟିତ ଚକ୍ରବାକ୍ ଚିତ୍ରିତ ଚଂଚୁରେ
ମରୁମୟ ତୃଷ୍ଣା, ତଂନ୍ଦ୍ରିତ ତରଂଗ....
ଈଷତ୍ ଧଳା ରଂଗର ଅଂତହୀନ ଶୋଷ
ବର୍ଷ ବର୍ଷ ପ୍ରତୀକ୍ଷାର ଅସରଂତି ଆଶା ;
ଏବେ ଖାଲି ସାଦା ସଫେଦ୍ ରେଖାଚିତ୍ରଟିଏ
ସ୍ୱପ୍ନ ଜରଜର ଉତ୍ତପ୍ତ ଏ ଉତ୍ତୀର୍ଣ୍ଣ ପ୍ରହରେ
ବର୍ଷିବ ବର୍ଷିବ ବୋଲି କେଉଁ କାଳୁ ବର୍ଷିନାଇଁ
ଅବର୍ଣ୍ଣିଳ ଅପେକ୍ଷାରେ ବ୍ୟଥାତୁର ରୁଦ୍ଧ ଦ୍ୱି-ପ୍ରହର।

ତଥାପି ତ କେଉଁ ଦୂର ବନାନୀର ସବୁଜ ଶାଖାରୁ
ଶୁଭିଯାଏ ସୁପର୍ଣ୍ଣା ସୁରରେ ରାଗ ଆଶାବରୀ
ଅନ୍ୟ ଏକ ମୌନ ସ୍ୱପ୍ନ ଅଂତଃସତ୍ତ୍ୱା ଏବେ
ଉଦାସ ଚିତ୍ରର ମୁକ୍ତକେଶୀ ଦେହ ଢାଙ୍କିବାକୁ
କେବଳଇ ସରୁ ଝିନ ଉତ୍ତରୀୟଟିଏ ;
ଲାଜ ଲାଜ ସଲ୍ଲଜ ସେ ଚିତ୍ର ଅଧରରେ
ସଂଭୋଗ ଶୃଙ୍ଗାରର ରେଣୁ ରେଣୁ ଈପ୍ସିତ କେଶର
ଏ ତ ଉନ୍ମୁକ୍ତ ଆଭାସ ଖରା-ଛାଇ ମିଳନ ପ୍ରହର;
ଏଥରକ ଅବଶ୍ୟ ବର୍ଷିବ ବହୁବର୍ଣ୍ଣ ମୂଷଳ ବରଷା
ମୁକୁଳିବେ ତୃଷ୍ଣାତୁର ଦୀର୍ଘାୟିତ ବର୍ଣ୍ଣହୀନତାରୁ।

ଆଜି ସତେ ଆସନ୍ନ ଏ ଆଦ୍ୟ ଆଷାଢ଼ର
କୃଷ୍ଣ-ନୀଳ-ଲୋହିତ ବର୍ଣ୍ଣର ଗୋଧୂଳି ଆସର !
ଗୁମ୍ ସୁମ୍ ମ୍ଳାନ ଅପରାହ୍ନ ଉଚ୍ଚାଟ ଆକାଶ
ହେଇ ତ ଅପଲକେ ବର୍ଷିଯିବ ବର୍ଣ୍ଣର ବଉଦ
ଦେଖ ସଖି ! ଝର୍କା ଉହାଡ଼ରେ ଥାଇ ଦେଖିନିଅ !!
ଚିତ୍ରମୟ ଆକାଶରେ କାୟା ମେଲେ ମୂର୍ଚ୍ଛିତ ମହ୍ଲାର ।



କ୍ରମଦୀର୍ଘ ବିରହର ଶେଷ ଯବନିକା
ଅପରାହ୍ନ ଆକାଶରୁ ବର୍ଷିଲାଣି ଅବିଶ୍ରାଂତ
ଝର୍ ଝର୍ ବର୍ଷା, ଆଲୋକିତ ଆହ୍ଲାଦିତ ବର୍ଷା
ଆଜିର ଏ ଆର୍ଦ୍ର ଅପରାହ୍ନ ବୁଣିଦିଏ ସ୍ୱପ୍ନବୀଜ
ଚିତ୍ରିତ ସେ ଚକ୍ରବାକ୍ ଚଂଚୁରେ ଚଂଚୁରେ
ବଳୟିତ ବିରହର ଶେଷ ସୀମାରେଖା ;
ଆଜିର ଏ ମଂତ୍ରାର୍ଚ୍ଚିତ ନୀଳ ଅପରାହ୍ନ
ଟୋପା ଟୋପା ଥୋପା ଥୋପା ବର୍ଣ୍ଣିଳ ବରଷା
ଚକ୍ରବାକ୍ ଶ୍ରୁତିରେ ସ୍ମୃତିରେ ଶୃଂଗାର ଶତକ
ଆଶାନ୍ୱିତ ବର୍ଣ୍ଣବିଭା, ମିଳନର ମଂନ୍ଦ୍ର ପ୍ରୀତିଗୀତ।

□□

କବିଙ୍କ ଇ-ମେଲ ଠିକଣା:
Ojhakulamani1966@gmail.com

ରମ୍ୟରଚନା

# ଓଡ଼ିଆ ସାହିତ୍ୟରେ ପରମାଣୁ ପରୀକ୍ଷା



ଡା. ଅଭୟ ଦାଶ

ଆମ ଓଡ଼ିଆ ସାହିତ୍ୟକୁ ତ ଆପଣ ଚିହ୍ନନ୍ତି। କେତେଥର ବାବୁ ମାଆମାନଙ୍କ ତୁଣ୍ଡରୁ ଶୁଣିଥିବେ ଓଡ଼ିଆରେ ଲେଖା ଥିଲା ତ! କ'ଣ ହେଲା? ସେଇଥିପାଇଁ ଆଣ୍ଟେଇ ପଡିଲେ? ନ ହେଲେ ଓଲଟେଇ ପକେଇ ଥାଆନ୍ତେ? ଭଞ୍ଜ, କବିସୂର୍ଯ୍ୟ, ପଠାଣି ସାଆନ୍ତ, ମଧୁ ବାରିଷ୍ଟର, ଗୋପବନ୍ଧୁ, ଡକ୍ଟର ପରିଜା, ଗୋପାଳ ପ୍ରହରାଜ, ମହତାବ ବାବୁ ସମସ୍ତେ ଚାଟଶାଳୀ ପାଠରୁ ଆରମ୍ଭ। ଆଉ ଆମେ ସବୁ ସେମିତିଆ। ଆମ ପରେ ମାନେ ଆମ ପିଲାଙ୍କ ବୟସର ମାନେ ହେଲେ ମିଶାମିଶିଆ, ସଙ୍କର ଗ୍ରୁପ୍। ସେମାନଙ୍କୁ ସଙ୍କର କରିଛି କିଏ? ଆମେମାନେ। ସେମାନେ ନା ଓଡ଼ିଆ ନା ଇଂଲିସ୍, ତ୍ରିଶଙ୍କୁ ବ୍ରାଣ୍ଡ। ଆମେ ତାଙ୍କୁ ଆମ ସ୍କୁଲରୁ ଉଠାଇ ନେଇ ଷ୍ଟୁଆର୍ଟ ସାହାବ, କନଭେଣ୍ଟ କମ୍ପାନୀ, ପବ୍ଲିକ ବୋଲାଉଥିବା ପ୍ରାଇଭେଟ ସ୍କୁଲରେ ନେଇ ଛାଡିଦେଇ ଆସିଛୁ। ଗୋଟାଏ ପତିଆରା! ସେମାନେ ଶହେରୁ ଅଠାନବେ ପର୍ସେଣ୍ଟ ନମ୍ବର ରଖି ଦିଲ୍ଲୀ ବିଶ୍ୱବିଦ୍ୟାଳୟର ଥାର୍ଡ଼ କଟ୍ ଅଫ୍ ଲିଷ୍ଟକୁ ଚାହିଁ ରହିଛନ୍ତି।




### ଶିକ୍ଷାର କଳାବଜାରୀ

ଏହାର ଫାଇଦା ଉଠାଉଛନ୍ତି ଲଘୁ ଉଦ୍ୟୋଗ, କୁଟୀର ଉଦ୍ୟୋଗ ରୂପେ ଗଢ଼ି ଉଠିଥିବା ୟୁନିଭର୍ସିଟିମାନେ। ବର୍ଷକୁ ଚାଳିଶ ଲକ୍ଷ। ଆମ ବୋପାକାଳେ ଶୁଣି ନ ଥିଲୁ। ଦେବାକୁ ହେବ। ଦେବାକୁ ହେଉଛି। ଏହାକୁ ଶିକ୍ଷାର କଳାବଜାରୀ କହି ପାରନ୍ତି! ସେଇ କଳାବଜାରର ପ୍ରଡକ୍ଟମାନଙ୍କୁ ଓଡ଼ିଆ ଅଡୁଆ। ବହି ଖଣ୍ଡେ ପଢ଼ିବେ ନାହିଁ। କଟ୍ କପି ପେଷ୍ଟ ପାଠ। ଟାଇମ୍ ନାହିଁ। ନା ନା ବାହାନା। ଅନ୍‌ଲାଇନ୍ ପାଠକୁ ଅଫ୍ ଲାଇନ୍ କରିଦେଲେ ଡିରେଲମେଣ୍ଟ୍ ବା ଲାଇନଚ୍ୟୁତ ହେବା ସ୍ୱାଭାବିକ।

ଆମ ସାହିତ୍ୟରେ ବଡ଼ ବଡ଼ କାବ୍ୟ, ଗଳ୍ପ, ଉପନ୍ୟାସର ବଜାର ରାଜା ମହାରାଜାଙ୍କ ପ୍ରୋତ୍ସାହନରେ ବିକଶିତ ହୋଇଥିଲା। ଅଗଣିତ ପାଠକ, ରସିକ, ସାହିତ୍ୟପ୍ରେମୀଙ୍କ ଶ୍ରଦ୍ଧା ଭାଜନ ହୋଇ ଆଗକୁ ବଢୁଥିଲା। ସମୟ କଡ଼ ଲେଉଟାଇଲା, ରାଜା ମହାରାଜା ଗଲେ, ଗଣତନ୍ତ୍ର କାୟା ବିସ୍ତାର କଲା। ଧୁଆ-ମୂଳା ଅଧୁଆ-ମୂଳା ଏକା ରେଟରେ ବିକିଲେ। ପାଠକେ ମୁହଁ ମୋଡିଲେ। ଓଡ଼ିଆ ସାହିତ୍ୟ ବଜାର ମାନ୍ଦା ପଡିଲା। ଇଂରେଜ ମାନେ ପୋତି ଦେଇଥିବା ମଞ୍ଜି ଗଛହୋଇ ବଢିଚାଲିଥାଏ, ଏହି ସମୟରେ ଇଲେକ୍ଟ୍ରୋନିକ୍ ମେଡିଆ ଦସ୍ତକ ଦିଏ। ବହିମାନେ ବନ୍ଦ କୋଠରିରେ ରହି କୀଟଦଂଷ୍ଟ୍ର ହେଲେ ସିନା, କେହି ଉଦ୍ଧାର କରିବାକୁ ମନ ଦେଲେନି।

ନୂଆ ନୂଆ ଲେଖକ ଉତୁରିଲେ ଯେ ବଜାର କାହିଁ?

ପୁସ୍ତକ ଲୋକାର୍ପଣ ପାଇଁ ସବୁ ରବିବାର ବୁକ୍ ହୋଇ ରହିଲା। ଭୁବନେଶ୍ୱରର ସବୁ ସଭାଗାରରେ ଜାଗା ଟିକିଏ ମିଳିଲାନି। କିଏ ଉନ୍ମୋଚନ କରିବ? ଭାଳେଣି ପଡିଲା। ଲେଖକ କୁଳ ନିଜକୁ ଅନାଥ ମନେକଲେ। ତାଳି ମାରିବାକୁ ଲୋକଟାଏ ନାହିଁ, ଗମ୍ଭୀର ସମସ୍ୟା ଦେଖାଦେଲା। ଏଥିରେ ଲେଖକର ମନୋବଳ ଭାଙ୍ଗିବ କି ନାହିଁ? "ପେସାଦାର ତାଳି ମାରିବା ଗ୍ରୁପଙ୍କ ସାହାଯ୍ୟ ନେବେ କି?" କହିଲେ ଇଭେଣ୍ଟ ମ୍ୟାନେଜର ମାନେ। "ଉଁ ହୁଁ, ସେମାନେ ତାଳି ସାଙ୍ଗକୁ, 'ଝୁମକା ଗିରାରେ' ଗାଇ ନାଚିବା ଆରମ୍ଭ କରି ଦେବେ ଯେ, କଥା ସରିଲା।"

କିଏ ପଢିବ ସେ ବହି? ଡିପ୍ରେସନ୍ ଆସିଗଲା। ଲେଖକମାନେ ବାଡେଇ ପିଟି ହେଲେ। ପାଠକ ନାହାନ୍ତି, ପାଠକ କାହାନ୍ତି? ଖୋଜା ପଡିଲା। ପାଠକେ କହିଲେ 'ଟାଇମ୍ କାହିଁ?' ଲେଖକ ଆଉ ଗୋଟାଏ ପରୀକ୍ଷା ଆରମ୍ଭ କରିଦେଲେ, କ୍ଷୁଦ୍ର ଗଳ୍ପକୁ ଭାଙ୍ଗି ଛୋଟ ଛୋଟ ଖଣ୍ଡ କରିଦେଇ ନାଁ ଦେଇଦେଲେ ଅଣୁ ଗଳ୍ପ, ଅଣୁ କବିତା। ଗୋଟାଏ ନୂଆ ମାର୍କେଟିଂ ଷ୍ଟ୍ରାଟେଜି ଭାବନ୍ତୁ। ଲେଖିଦେଇ ଆତ୍ମସନ୍ତୋଷ ଲାଭ କଲେ ଯେ, ପାଠକ କାହାନ୍ତି?

**ଯିଏ ନ ପଢ଼ିବ, ତାକୁ କ'ଣ କୋରଡ଼ା ମାରି, ଟିକସ ବସାଇ, ହାଜତରେ ପୂରାଇ ପଢାଇବ?**

## ଆମ ରିସର୍ଚ୍ଚ

ଏହି ବିଷୟକୁ ନେଇ ଅଭୟାନନ୍ଦ ରିସର୍ଚ୍ଚ ଫାଉଣ୍ଡେଶନ ରିସର୍ଚ୍ଚ ଆରମ୍ଭ କରି ଦେଇଛି। ଯିଏ ନ ପଢ଼ିବ, ତାକୁ କ'ଣ କୋରଡ଼ା ମାରି, ଟିକସ ବସାଇ, ହାଜତରେ ପୂରାଇ ପଢାଇବ? ବିଜ୍ଞାପନ, ପ୍ରଚାର, ଜାଗରୁକତା ଆବଶ୍ୟକ। ଯେମିତି ଗୁଟ୍‌ଖା, କୋକେନ୍, ହେରୋଇନ୍, ମଦ ଆଦି ଦ୍ରବ୍ୟର ଅଭ୍ୟାସ ସୃଷ୍ଟି କରାଯାଏ ସେହିପରି 'ଆଡିକ୍ସନ'ର ନିଅଁ ପକାଇବାକୁ ହେବ। ଏ ବିଷୟକୁ ଆଖି ଆଗରେ ରଖି ଆମେ ଦେଖିଛୁ, ପୁସ୍ତକ କ୍ଷେତ୍ରରେ ଏହା କେତେଦୂର ସମ୍ଭବ ଜାଣିବା ପାଇଁ ଆମ ଦୃଷ୍ଟିରେ କେତେଗୁଡିଏ ଧାର୍ମିକ ସଂସ୍ଥା ମାଗଣାରେ ଯେତେ ସୁଦୃଶ୍ୟ ସୁନ୍ଦର ବନ୍ଧେଇ, ଛପେଇ ଇମ୍ପୋର୍ଟେଡ୍ ପୁସ୍ତକ ବାଣ୍ଟିବା ଆମେ ଦେଖିଛୁ। ମାତ୍ର ତା'ର ଫଳାଫଳ ସେତେ କିଛି ସକାରାତ୍ମକ ନୁହେଁ। ସେ ବହି ଦିନେ କେହି ପଢ଼ିବା ଆମେ ଦେଖିନାହୁଁ। ସେ ଧର୍ମମାନେ ପ୍ରେମରେ ପଡ଼ି, ପ୍ରେମରେ ପକାଇ, ପ୍ରେମରେ ବାନ୍ଧି ବଢିବା ଦେଖାଯାଏ। ମାନେ କାମିନୀ କାଞ୍ଚନର ମୋହରେ ପକାଇ ବାନ୍ଧିଦେବା। ମାତ୍ର ପୁସ୍ତକ ପ୍ରେମରେ ପଡ଼ିବା କ'ଣ ସହଜ କଥା?

ଅଭୟ ଦାଶ ଗୋଟାଏ ନୂଆ ଫର୍ମୁଲା ଧରିଛି, ସେ ଯିଏ ହେଉ, ମତ ଦେଇଦେବା, 'କ'ଣ ଲେଖିଛି ମ! ପଥର ତରଳି ଯିବ, ପ୍ରେମ ରୋଗ ମାଡ଼ି ବସିବ। ଏମିତି ଲେଖା!' ଲେଖକ (ସେଥିରେ ଲେଖିକା ବି ସାମିଲ) ଖାଲି ଗଦ ଗଦ, ଅଭୟ ଦାଶ ଠାରୁ ବଳି ସମୀକ୍ଷକ ନାହାନ୍ତି। ହେଲା ଯେ, ପଢୁଛି କିଏ? କେତେ ଖଣ୍ଡ ବହି ବିକ୍ରି ହୋଇଛି? ଶେଷରେ ଶୁଣିବାକୁ ମିଳିଲା ଏ ଅଭୟ ଦାଶ ଟା ଫ୍ରଡ୍। ଯା କଥାରେ ପଡ଼ି ଆମେ ଏ ବହି କିଣିଲୁ ଶହେଟଙ୍କା ପାଣିରେ ପଡ଼ିଲା! ଲେଖକ କହିଲେ ଏଇଟା ଠକଟାଏ। ଅଭୟ ଦାଶ କହେ, ହେ ଲେଖକେ, ତୁମର ଆତ୍ମ ସମୀକ୍ଷାର ବେଳ ଆସିଛି। ଭଲ ଲେଖା ଲେଖ, ତାହେଲେ ଜାଣିବା। ପାଠକ ଯିବେ କୁଆଡ଼େ? ଏ ସବୁ ବେପାର ଦେଖି ମାର୍କେଟ୍ ଷ୍ଟଡି କଲାପରେ ସେ ଅଣୁ ଗଳ୍ପକୁ ଛୋଟିଆ କରି ପରମାଣୁ ଗଳ୍ପର ସୃଷ୍ଟି କରିବାକୁ ମନସ୍ଥ କରି, ପ୍ରଥମ ପରମାଣୁ ଗଳ୍ପ ଲେଖିଲା ଯେମିତି, 'ହଁ' ତା ପରେ, 'ବାଥ୍ ରୁମ୍ ଖାଲି ଅଛି?' 'କିଏ ଯାଇଛି, କାହା ଫୋନ୍?' ଇଏ ହେଲା ପରମାଣୁ ଗପ, ଏହିପରି ଶହେ ଏକ ପରମାଣୁ ଗଳ୍ପର ପରୀକ୍ଷା ଆରମ୍ଭ କରି ଦେଇଛନ୍ତି ସ୍ୱାମୀ ଅଭୟାନନ୍ଦ, ଯାହାର ଭବିଷ୍ୟତ ଅନ୍ଧକାରମୟ ଜାଣି ମଧ୍ୟ ପାଠକଙ୍କ ହାତରେ ଉତ୍ସର୍ଗ କରିଦେଇଛନ୍ତି। କେହି ଜଣେ ପାଠକ ନିଦ ବାଉଳାରେ ବିଳି ବିଳେଇ ଉଠି, ଯଦି ତାଳିଟାଏ ମାରିଦିଅନ୍ତି ନିଜକୁ ସେ ଧନ୍ୟ ମନେ କରିବେ, ବୋଲି ଆଶା ପୋଷଣ କରନ୍ତି। ଏ ପ୍ରକାର ପରମାଣୁ ପରୀକ୍ଷା ଆଗରୁ ବୋଲି କେବେ ହୋଇ ନ ଥିବାରୁ, ନିଜ ପିଠିକୁ ନିଜେ ଆପୁଡ଼େଇ ସମୀକ୍ଷକ ଓ ପାଠକଙ୍କ ବଂଶୋଦ୍ଧାର କରନ୍ତି ସ୍ୱାମୀ ଅଭୟାନନ୍ଦ।

□□

ଲେଖକଙ୍କ ଇ-ମେଲ ଠିକଣା:
abhaydash1@gmail.com

ଗଳ୍ପ

# ଦୁଇଟି ମିନିଗପ



ସୁଜାତା ପତି

## ଗହଣା

ବୈଶାଳୀ ଦେବୀ ଗହଣା କିଣିବାକୁ ସୁନା ଦୋକାନକୁ ଯାଇଥିଲେ। କଥା କ'ଣ କି, କିଛି ଦିନ ଗଲେ ତାଙ୍କ ଭଉଣୀର ଝିଅ ବାହାଘର। ସିଏ କ'ଣ ଖାଲି ବେକରେ ରହିବେ ? ଦୋକାନରେ ସେ ନିଜ ପାଇଁ ଗହଣା ବାଛୁଥିଲେ।

ମୁହଁ ବୁଲାଇ ଦେଖିଲେ, ପାଖରେ କାଉଣ୍ଟର ଆଡ଼କୁ ମୁହଁ କରି ଛିଡ଼ା ହୋଇଛି ଜଣେ ସ୍ତ୍ରୀଲୋକ। ଦେହରେ ଲୋଟାକୋଟା ଲୁଗାଟିଏ, କାନ୍ଧରେ ତା'ର କୁନି ପିଲା। ପିଲାଟି ଦିଶୁଛି କାଠି ପରି, ରୋଗଣା ହେବ ବୋଧହୁଏ। ସେ କାନେଇଲେ। ମାଆଟି ଦୋକାନୀକୁ କହୁଥାଏ ଯେ ତା ପିଲାର ପେଟରେ ଗୋଟିଏ ମାଂସ ପିଣ୍ଡୁଳା ବଢୁଛି। ଅପରେସନ ପାଇଁ ଅତି କମ୍‌ରେ ପନ୍ଦର ହଜାର ଟଙ୍କା ଦରକାର। ପୁଅର ଜନମ ଦିନରେ ନିଜର ଟୁକୁରାଟାକର ଗହଣା ବିକି ସେ ପଦକଟିଏ ଗଢ଼ିଥିଲା। ସେଇଟିକୁ ଆଜି ବିକିବାକୁ ଆସିଛି। କିନ୍ତୁ ଦୋକାନୀ କହୁଛି ଯେ, ସେ ପଦକର ଦାମ ଆଠହଜାରରୁ ବେଶି ହେବନାହିଁ। ଛୁଆଟାକୁ ଆଉଁଶୁ ଆଉଁଶୁ ସ୍ତ୍ରୀ ଲୋକଟି କୋହରେ କାନ୍ଦିପକାଇଲା। ତାକୁ ବୁଦ୍ଧିବାଟ ଦିଶିଲା ନାହିଁ।

ବୈଶାଳୀଙ୍କ ମାଆ ମନ ବି କାନ୍ଦି ଉଠିଲା। ସେ ନିଜ ପାଇଁ ଆଉ ହାର କ'ଣ କିଣିବେ ! ତୁରନ୍ତ ଭ୍ୟାନିଟି ବ୍ୟାଗ୍‌ରେ ପଡ଼ିଥିବା ପନ୍ଦର ହଜାର ଟଙ୍କା କାଢ଼ି ସେଇ ଅଭାଗିନୀର ହାତକୁ ବଢ଼ାଇଦେଲେ, ଏବଂ କହିଲେ 'ବ୍ୟସ୍ତ ହୁଅନି ଭଉଣୀ, ମୁଁ କିଣିନେଉଛି ତୁମର ପଦକଟି, ପନ୍ଦର ହଜାର ଟଙ୍କାରେ। ଈଶ୍ୱର ତୁମ ପୁଅକୁ ଶୀଘ୍ର ଭଲ କରିଦିଅନ୍ତୁ।' ଆଉ ସୁନା ନ କିଣି ସେ ବାହୁଡ଼ି ଆସିଲେ ଘରକୁ।

□□



## ସାଙ୍ଗ

ବିଶ୍ୱବନ୍ଦନ ବାବୁଙ୍କର ସ୍ତ୍ରୀ ଗଲାସନ ପରପାରିକୁ ଚାଲିଗଲେ। ଏବେ ତାଙ୍କ ସଂସାରରେ ନିଜର ବୋଲି କେହିନାହାନ୍ତି। ଅବଶ୍ୟ ପିଲାଦିନର ଚାରିଜଣ ସାଙ୍ଗଙ୍କ ସହିତ ଭାରି ଅନ୍ତରଙ୍ଗତା ଅଛି।

ଥରେ ଚାରି ସାଙ୍ଗଙ୍କ ସହ ବାଟରେ ଯାଉଥିବା ବେଳେ ସେ ଦେଖିଲେ ସାନ କୁକୁର ଛୁଆଟିଏ। ଅସହାୟ ଭାବରେ ତାଙ୍କ ପଛେପଛେ ଚାଲିଥାଏ। ସେ ଦୟା ପରବଶ ହୋଇ ତାକୁ ଘରକୁ ନେଇ ଆସିଲେ। ନାଆଁ ଦେଲେ 'ସାଙ୍ଗ'। ସେ ହେଲା ତାଙ୍କର ପଞ୍ଚମ ସାଙ୍ଗ।

କିନ୍ତୁ ଏ ସାଙ୍ଗ-ସୁଖ ବେଶି ଦିନ ଭଗବାନଙ୍କ ଦୃଷ୍ଟିରେ ଗଲାନି। ଦିନକରେ ବିଶ୍ୱବନ୍ଦନ ଆଖି ବୁଜିଲେ। ଏକୁଟିଆ ମଣିଷର ଶବକୁ ଆଉ କିଏ ଅବା କାନ୍ଧ ଦିଅନ୍ତା ! ଶୋକାକୁଳ ଚାରି ସାଙ୍ଗ ତା'ଙ୍କୁ କୋକେଇରେ ବାନ୍ଧି ଶ୍ମଶାନକୁ ନେଲେ। ପଞ୍ଚମ 'ସାଙ୍ଗ'ଟି ବି ଚୁପଚାପ୍ ସେମାନଙ୍କ ପଛେ ପଛେ ଗୋଡ଼ାଇଥାଏ।

ଶବ ଦାହ ସରିବା ପରେ ଚାରି ସାଙ୍ଗ ବିମର୍ଷ ବଦନରେ ସେଠାରୁ ଫେରିଲେ। କିନ୍ତୁ ଫେରିଲାନି ଜଣେ, ବିଶ୍ୱବନ୍ଦନଙ୍କର ପଞ୍ଚମ ସାଙ୍ଗ। ଦିନେ ନୁହେଁ, ଦୁଇଦିନ ନୁହେଁ, କେବେ ନୁହେଁ। ଆଜି ବି ସେ ସେଇ ମଶାଣିରେ ବସିରହିଛି। ଅପେକ୍ଷା କରିଛି, କେତେବେଳେ ତା'ର ଖାଉନ୍ଦ ପାଉଁଶରୁ ପୁଣି ମଣିଷଟିଏ ହୋଇଯିବେ !

□□

ଲେଖିକାଙ୍କ ଇ-ମେଲ ଠିକଣା:
sujatapati44@gmail.com

ପ୍ରବନ୍ଧ



# ବୌଦ୍ଧ ଜିଲ୍ଲାର କନ୍ଧ ଆଦିବାସୀଙ୍କର ଲୋକଗୀତ - ଏକ ଦୃଷ୍ଟିପାତ

ଡ. ରଶ୍ମିତା ତ୍ରିପାଠୀ

ଓଡ଼ିଶା ହେଉଛି ଏକ ଆଦିବାସୀବହୁଳ ରାଜ୍ୟ। ସରକାରୀ ଗବେଷଣା ଅନୁଯାୟୀ ଏଠାରେ ୬୨ ପ୍ରକାର ଆଦିବାସୀ ବସବାସ କରୁଛନ୍ତି। ଏମାନଙ୍କର ସଂସ୍କୃତି ଓ ପରମ୍ପରାକୁ ଅବଲୋକନ କଲେ ଦେଖାଯାଏ, ଏହା ସେମାନଙ୍କର ସାମାଜିକ ଓ ବୌଦ୍ଧିକ ବିକାଶରେ ସହାୟକ କରି ନିଜର ଅନ୍ତର୍ନିହିତ ଗୁଣକୁ ପରିପ୍ରକାଶ କରିଥାନ୍ତି। କନ୍ଧ ଆଦିବାସୀମାନେ ଅବିଭକ୍ତ କନ୍ଧମାଳ, କୋରାପୁଟ, କଳାହାଣ୍ଡି, ବଲାଙ୍ଗୀର, ରାୟଗଡ଼ା, ଗଞ୍ଜାମ ଓ ଗଜପତି ଜିଲ୍ଲାମାନଙ୍କରେ ଅଧିକାଂଶ ଭାବରେ ବସବାସ କରନ୍ତି। କନ୍ଧ ଆଦିବାସୀମାନଙ୍କର ଭାଷା କହିଲେ ମୁଖ୍ୟତଃ ଦୁଇଟି ଭାବରେ ଦେଖାଯାଇଥାଏ, ଯଥା- 'କୁଇ' ଓ 'କୁଭି'। କୋରାପୁଟ ଜିଲ୍ଲାରେ 'କୁଭି' କନ୍ଧ ବସବାସ କରୁଥିବାବେଳେ ରାୟଗଡ଼ା ଓ କନ୍ଧମାଳ ଜିଲ୍ଲାରେ 'କୁଇ'




ଭାଷାର ଲୋକମାନେ ବସବାସ କରିଥାନ୍ତି। ଏପରି ସ୍ଥଳେ ବୌଦ୍ଧ ଜିଲ୍ଲାର କନ୍ଧ ଆଦିବାସୀମାନେ ଓଡ଼ିଆ ତଥା ସମ୍ବଲପୁରୀ ଭାଷା ବ୍ୟବହାର କରିଥାନ୍ତି। କିନ୍ତୁ ଆଖିଦୃଶିଆ କାଁ ଭାଁ କେତେକ ବଣ ପାହାଡ଼ଘେରା ଗାଁମାନଙ୍କରେ କୁଇ ଭାଷା ବ୍ୟବହାର ହୋଇଥାଏ। ତାହା ନିଜର ପରିବାର ଭିତରେ ହିଁ ସୀମିତ ରହୁଥିବା ଦେଖାଯାଏ। ନିକଟରେ କୁଇ ଭାଷାର ଲିପି ଉଦ୍ଭାବନ ହୋଇଥିଲେ ମଧ୍ୟ ଏଯାଏ ତାହାର ପ୍ରଚଳନ ହୋଇପାରିନାହିଁ। ଏଣୁ ଏହା ଏକ କଥିତ ଭାଷା ରୂପେ ରହିଯାଇଛି। ତେଣୁ ପ୍ରତ୍ୟେକ ପରିବେଶ ଅନୁଯାୟୀ ତାହାର ସ୍ଥାନ, କାଳ ଓ ପାତ୍ର ଭେଦରେ କନ୍ଧ ଆଦିବାସୀମାନଙ୍କର ସଂସ୍କୃତି ଓ ପରମ୍ପରା ଭିନ୍ନ ଭିନ୍ନ ହୋଇଥାଏ।

ସେହିପରି ବୌଦ୍ଧ ଜିଲ୍ଲାର କନ୍ଧ ଆଦିବାସୀମାନଙ୍କର ନୃତ୍ୟ ଗୀତ ହେଉଛି ସବୁକିଛି। ଜନ୍ମ, ବିବାହ ମୃତ୍ୟୁ ତଥା ବିଭିନ୍ନ ପର୍ବପର୍ବାଣି ଓ ସାମାଜିକ ଅନୁଷ୍ଠାନମାନଙ୍କ ପାଇଁ ବହୁ ଗୀତ ରହିଛି। ଠିକ୍ ସେହିପରି ନିଜର ମନୋରଞ୍ଜନ ପାଇଁ ମଧ୍ୟ ଅସଂଖ୍ୟ ଗୀତ ଗାଇଥାନ୍ତି। ଏହା କୌଣସି ବହି, ଖାତା କିମ୍ବା ପାଣ୍ଡୁଲିପିରେ ଲେଖା ହୋଇନାହିଁ। ଏହା ପିଢ଼ିରୁ ପିଢ଼ିକୁ ବିଭିନ୍ନ ତୁଣ୍ଡରୁ ତୁଣ୍ଡକୁ ହୋଇ ମୌଖିକ ଭାବରେ ବଞ୍ଚି ରହିଆସିଥିବା ଦେଖାଯାଏ। ଏଣୁ ଏହା ବିଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ ଭାବରେ କିଛି ନା କିଛି ପରିବର୍ତ୍ତନ ହୋଇଥିବା ଦେଖାଯାଇଥାଏ। ଓଡ଼ିଶାର ପଲ୍ଲୀମାନଙ୍କରେ ବିଭିନ୍ନ ମାସରେ ଭିନ୍ନ ଭିନ୍ନ ପୂଜା, ଓଷାବ୍ରତ, ଜିଉନ୍ତିଆ ଇତ୍ୟାଦି ପର୍ବପର୍ବାଣି ପାଳନ କରିଥାନ୍ତି। ତେଣୁ ଓଡ଼ିଶାର ପୁରପଲ୍ଲୀକୁ ଦୃଢ଼ ଭାବରେ ଦୃଷ୍ଟିନିକ୍ଷେପ କଲେ ଏକ ମଜଭୁତ ଓଡ଼ିଆ ସଂସ୍କୃତିସମ୍ପନ୍ନର ଆଭାସ ମିଳିଥାଏ। ଏହାର ଶକ୍ତି ଏତେ ପ୍ରଖର ଯେ ତାହା ଯେକୌଣସି ବ୍ୟକ୍ତିକୁ ତା'ର ପଦ ଲାଳିତ୍ୟରେ ବାନ୍ଧିରଖିପାରେ। ସେଥିମଧ୍ୟରୁ କେତେକ ସାମାଜିକ ଧର୍ମୀ ଲୋକଗୀତଗୁଡ଼ିକ ହେଲା-

**ହଳିଆ ଗୀତ**

ପୃଥିବୀର ପ୍ରତ୍ୟେକ ମଣିଷ ବଞ୍ଚିବା ପାଇଁ ଖାଦ୍ୟର ଆବଶ୍ୟକତା କରିଥାଏ। ଠିକ୍ ସେହିପରି କନ୍ଧ ଆଦିବାସୀ

ସମାଜରେ ମଧ୍ୟ ପଲ୍ଲୀର କୃଷକଟି ନିଜର ସଂଘର୍ଷମୟ ଜୀବନ ଅତିବାହିତ କରିଥାଏ। ନିଜର ହଳ କରିବା ସମୟରେ ପ୍ରଚଣ୍ଡ ଖରାର ତାତିରେ ସିଝିଯାଉଥିଲେ ମଧ୍ୟ ସେଇ ଦୁଃଖ କଷ୍ଟକୁ ଭ୍ରୂକ୍ଷେପ ନ କରି ଏବଂ ସେଇଠାରୁ ନିଜକୁ ଭୁଲେଇବା ପାଇଁ ସେ ଗାଇଉଠେ–

ଏ...ବଇଲାରେ... ଏ ହେ...
ରାମ ଯେ ସିତୟା ସଙ୍ଗେ ଗଲେ ବନବାସ
ସାଙ୍ଗେଥିଲେ ଲଇଖନ ଭାଇ
ବାଟ ଘାଟ ଯାକ ଯେତେ ଯୁର ନାଲ
ନେଉଥିଲେ ଖାନ୍ଦେ ବୋହି ହୋ...
ଅର୍.. ବୁଲି
ବୁଲ୍... ବୁଲ୍ ... ବୁଲ୍ ...

(ଉକ୍ତ ଗୀତଟି ମାନଭଞ୍ଜନ କହଁର, ଦମଡ଼ା – ମୁଖରୁ ତା:୦୫:୦୧:୨୦୨୧ରେ ସଂଗୃହୀତ) ଏଠାରେ ଯେଉଁ ପୌରାଣିକ ଚରିତ୍ରମାନଙ୍କୁ ଉପସ୍ଥାପନ କରାଯାଇଥାଏ, ସେମାନେ ସମସ୍ତେ ମନଗଢ଼ା ହୋଇଥାନ୍ତି। ଏଠାରେ ଗୀତ ମାଧ୍ୟମରେ ଉପସ୍ଥାପନ କରୁଥିବା ବିଷୟଟି ସମ୍ପୂର୍ଣ୍ଣ କଳ୍ପନା ସମ୍ଭୂତ ହୋଇଥାଏ।

**ପୃଥିବୀ ଯେତେବେଳେ ରଜସ୍ୱଳା ହୋଇଥାଏ, ତରୁଣୀମାନେ ମଧ୍ୟ ନିଜର ରଙ୍ଗିନ ଦିନଟାକୁ ଅତି ଆନନ୍ଦର ସହିତ ପାଳନ କରିଥାନ୍ତି।**

**ସଜନୀ ଗୀତ**

ଓଡ଼ିଶା ହେଉଛି ଏକ ଆଦିବାସୀବହୁଳ ରାଜ୍ୟ। ତଥାପି ଏଠାରେ ବାର ମାସରେ ତେର ପର୍ବ ପାଳନ କରାଯାଇଥାଏ। ସେଥି ମଧ୍ୟରୁ ରଜ ପର୍ବ ହେଉଛି ଅନ୍ୟତମ। ଏହି ରଜ ପର୍ବଟି ତିନିଦିନ ଧରି ତରୁଣୀମାନେ ଅତି ଆନନ୍ଦରେ ପାଳନ କରିଥାନ୍ତି। ଏଥିରେ ତରୁଣୀମାନେ ରଜ ଦିନ ଦୁଇଟି ବଡ଼ ବଡ଼ ଖୁଣ୍ଟ ପୋତି କାଠପଟାରେ କିମ୍ବା ଆମ୍ବ ଗଛ ଓ ବର ଗଛ ଡାଳରେ ଦୋଳି ବାନ୍ଧି ଅତି ସୁନ୍ଦର ଭାବରେ ସଜାଇଥାନ୍ତି। ସେଥିରେ ଗାଁର ତରୁଣୀମାନେ ନିଜ ସାଙ୍ଗସାଥୀମାନଙ୍କ ସହିତ କିମ୍ବା ନିଜ ଭାଉଜମାନଙ୍କ ସହିତ ଦୋଳିରେ ବସି ଖୁସି ଆନନ୍ଦରେ ଗାଇ ଉଠନ୍ତି–

ଦୁଲି(ଦୋଳି) ପଟା ଘାଉଁ ଘାଉଁ
ଷାଠିଏ ଟଙ୍କାର ମିଠାଇ ଖାଉଁରେ
ହେଲେ ଦୁଲି ମାରୁଥାଉଁ, ଘାଉଁ ଘାଉଁ ସଜନୀରେ...
ଦୁଲି ପଟା କଟ କଟ
ମୋତେ ଦେଖୁଥିଲା ସେ ମଟ ମଟ ରେ
ହେଲେ ଭାଙ୍ଗିଦେଲି ତା'ର ଆଣ୍ଠ ସଜନୀରେ...

(ଉକ୍ତ ଗୀତଟି ମାନଭଞ୍ଜନ କହଁର, ଦମଡ଼ା – ମୁଖରୁ ତା:୦୫:୦୧:୨୦୨୧ରେ ସଂଗୃହୀତ)

ଏଠାରେ ପୃଥିବୀ ଯେତେବେଳେ ରଜସ୍ୱଳା ହୋଇଥାଏ, ତରୁଣୀମାନେ ମଧ୍ୟ ନିଜର ରଙ୍ଗିନ ଦିନଟାକୁ ଅତି ଆନନ୍ଦର ସହିତ ପାଳନ କରିଥାନ୍ତି। ଉକ୍ତ ପଦରେ ତରୁଣୀମାନେ ପୂର୍ବରୁ ନୂଆ ପ୍ରେମିକପ୍ରବର କଣେଇ ଦେଖିଥିବାରୁ ତାହାକୁ ଏଇ ଗୀତ ମାଧ୍ୟମରେ ଦୋଳିରେ ବସି ଗାଇଥାନ୍ତି। ଏହିପରି ଅନ୍ୟ ଏକ ଗୀତ ହେଲା–

ଗଲାର ହାର...ଗଲା କାଟି ତତେ ଦେବି ରୁଧିର
ସଜନୀରେ...
ଧନ ମୋତେ ନ କରିବ ପର
ସଜନୀରେ...

(ଏହି ଗୀତଟି ଶଇଳ କହଁର, ଦମଡ଼ା – ମୁଖରୁ ତା:୧୫:୦୧:୨୦୨୧ରେ ସଂଗୃହୀତ)

ଏହିପରି ଭାବରେ ଦୋଳିବା ସମୟରେ ତରୁଣୀମାନେ ନିଜ ଭାଇ କଥାକୁ ମନେ ପକାଇ ଗୀତଟି ଗାଇଥାନ୍ତି–

ଦୁଲି(ଦୋଳି) ଦୁଲି ଦୁଲି ଦୁଲି... ପଟା ଦୁଲି ଦୁଲୁ ଥିଲି
ଭାଇ ଡାକ ଦେଲେ ଭଉଣୀ ବୋଲି ସଜନୀରେ...
ମଲ୍ଲିଫୁଲ ଗୁନ୍ଥିଥିଲି ଭାଇ ଡାକ ଦେଲେ
ଭଉଣୀ ବୋଲି ସଜନୀରେ...

(ଏହି ଗୀତଟି କଇଁତା କଣ୍ଟା, ବିରିଗଡ଼-ମୁଖରୁ ତା:୨୦:୦୧:୨୦୨୧ରେ ସଂଗୃହୀତ)

ଏହିପରି ଅତି ସୁନ୍ଦର ଭାବରେ ଦୋଳି ଗୀତ ବା ସଜନୀ ଗୀତକୁ ଗାଁ'ମାନଙ୍କରେ ରଜ ପର୍ବ ସମୟରେ କନ୍ଧ ଆଦିବାସୀ ରମଣୀ ତଥା ଅନ୍ୟ ଜାତିର ତରୁଣୀମାନେ ମଧ୍ୟ ଗୀତ ଗାନ କରି ଖୁସି ଆନନ୍ଦରେ ଦିନ କଟାଇଥାନ୍ତି। ସେଇ ସମୟର ଯେଉଁ ପରିବେଶ ମନକୁ ଏକ ନିଆରା ଅନୁଭୂତି ଦେବା ସହିତ


ମନରେ ନୂତନ ପ୍ରେରଣା ଯୋଗାଇଥାଏ।

ରାମ ଲକ୍ଷ୍ମଣ ଦୁଇ ଭାଇ
ଗଉଡ଼ ଗୋଠରେ ଖାଇଲେ ଦହି
ହେଲେ ମଛ ମୁଦି ବନ୍ଧା ଦେଇ ଖାଇଲେ ଦହି ସଜନୀରେ...

(ଉକ୍ତ ଦୋଳିଗୀତଟି କଇଁତା କଣ୍ଟା, ବିରିଗଡ଼ -ମୁଖରୁ ତା:୨୦:୦୧:୨୦୨୧ରେ ସଂଗୃହୀତ) ପଲ୍ଲୀର ଆଦିବାସୀ ରମଣୀମାନେ ଏହିପରି ଭାବରେ ବିଭିନ୍ନ ପୌରାଣିକ ଚରିତ୍ର ତାଙ୍କର ପ୍ରତ୍ୟେକ ଦୋଳି ଗୀତରେ ଶୁଣିବାକୁ ମିଳିଥାଏ।

**ବିବାହ ଗୀତ**

ଯେତେବେଳେ କନ୍ଧ ଆଦିବାସୀ ସମାଜରେ ବିବାହ ହୋଇଥାଏ। ଏହା ବର ଓ କନ୍ୟା ଘରର ସମ୍ମତି କ୍ରମେ ସମ୍ପନ୍ନ ହୋଇଥାଏ। ଏଠାରେ କନ୍ୟା ଦେଖା ସରିବା ପରେ ବର ପକ୍ଷର ଲୋକେ କନ୍ୟା ଘରକୁ ନିର୍ବନ୍ଧ (ପିନ୍ଧାନୀ) ପାଇଁ ଯାଇଥାନ୍ତି। ସେଠାରେ ପ୍ରଥମେ ନିଜର ଦେଶ ବା ମାଟିର ପରିଚୟ କଥାବାର୍ତ୍ତା କିମ୍ବା ଗୀତ ମାଧ୍ୟମରେ ଦେଇ ଝିଅକୁ ଫୁଲ ସହିତ ତୁଳନା କରି ମାଗିଥାନ୍ତି। ସେଇ ପରିପ୍ରେକ୍ଷୀରେ ଏଠାରେ ଗାଇଥାନ୍ତି-



ବଉଦ ନାମ ଯେ ଜିଲ୍ଲା ଆମର
ଆସିଅଛୁ ବନ୍ଧୁ ତୁମ ଛାମୁର।
ଟିକରପଡ଼ା ଆମ ପଞ୍ଚାୟତ ଘର
ଧଦଲା ପଡ଼ା ଯେ ଡାକ ଆମର।
ଦମଣ୍ଡା ଗ୍ରାମ ଯେ ବାସ ଭୁବନ
ଶାଗ ଡାଲ ଖାଇ କାଟୁଛୁ ଦିନ।
ଗାନ୍ଧୀ ବୁଢ଼ା ଦେଶ ସ୍ୱାଧୀନ କଲା
ବିଜୁ ବୁଢ଼ା ଜିଲ୍ଲା ବଢ଼ାଇ ଦେଲା।
ଫୁଲବାଣୀ ଜିଲ୍ଲା ତେର ନମ୍ବରେ ଥିଲା
ବଉଦ ଜିଲ୍ଲାକୁ ତିରିଶ କଲା।
ପଶ୍ଚିମ ଓଡ଼ିଶା ରାଜ୍ୟ ଆମର
ପରିଚୟ ଦେନୁ ବନ୍ଧୁ ଆମର।
ଭାରତ ଆମର ଜନମ ଭୂଇଁ
ଭୁଲ ଥିଲେ କ୍ଷମା କରିବ ଭାଇ।...

(ଉକ୍ତ ଗୀତଟି ରାମଚନ୍ଦ୍ର କହଁର, ଦମଡ଼ା, ମୁଖରୁ ତା.୦୧:୦୧:୨୦୨୧ରେ ସଂଗୃହୀତ)

ବିବାହ ହେଉଛି ଏକ ପବିତ୍ର ବନ୍ଧନ। ଯେମିତି ଓଡ଼ିଆମାନେ ବିବାହ କରିବା ପାଇଁ ବିଭିନ୍ନ ଗୋତ୍ରକୁ ଦେଖି ନିଜର ବନ୍ଧୁ ହେଉଥିବା ଗୋତ୍ରରେ ବିବାହ ଦେଇଥାନ୍ତି। ଠିକ୍ ସେହିପରି କନ୍ଧ ଆଦିବାସୀ ସମାଜରେ ମଧ୍ୟ ସେମାନେ ବିଭିନ୍ନ ସଙ୍କେତ ମାଧ୍ୟମରେ ନିଜର ଗୋତ୍ର ଖୋଜିଥାନ୍ତି। ଉଦାହରଣ ସ୍ୱରୂପ- ବିବାହ ସମୟରେ ବର ପକ୍ଷର ଲୋକେ କନ୍ୟା ପକ୍ଷକୁ କିମ୍ବା କନ୍ୟା ପକ୍ଷର ଲୋକେ ବର ପକ୍ଷକୁ କୌତୁହଳ ମାଧ୍ୟମରେ କହିଥାନ୍ତି-

ବାରସି ଦେ ବିନ୍ଧିନି ଦେ
ଯିବି ମଚାକେ
ଶଳା ଚିଙ୍ଗିରା କେନେ ଥିଲା
ଧଇଲା ଖଚାକେ।

(ଉକ୍ତ ପଦଟି ଗୋବିନ୍ଦ କହଁର, ଦମଡ଼ା- ମୁଖରୁ ତା:୦୫:୦୧:୨୦୨୧ରେ ସଂଗୃହୀତ)

ଏହିପରି ଭାବରେ କନ୍ଧ ଆଦିବାସୀ ବିବାହରେ କୌତୂହଳ ମାଧ୍ୟମରେ କଥା କଟାକଟି ହୋଇଥାନ୍ତି।

**କାନ୍ଦଣା ଗୀତ**

ଲୋକ ସାହିତ୍ୟର ଅନ୍ୟ ଏକ ବିଭବ ହେଉଛି କାନ୍ଦଣା ଗୀତ। ଏହା କରୁଣ ରସ ଭାବରେ ଲୋକସାହିତ୍ୟରେ ପରିଚିତ। ପ୍ରତ୍ୟେକ ଓଡ଼ିଆ ସମାଜର ପୁରପଲ୍ଲୀରେ ନିଜ ନିଜ ସଂସ୍କୃତି ଓ ପରମ୍ପରାକୁ ନେଇ ସମସ୍ତେ ପରିଚିତ। ଯେତେବେଳେ ଗୋଟିଏ ଝିଅ ଯୌବନ ଅବସ୍ଥାରେ ପଦାର୍ପଣ କରେ, ସେତେବେଳେ ଝିଅର ବାପା ଓ ମାଆମାନେ ତା'ର ବିବାହ ଦେବା ପାଇଁ ବ୍ୟସ୍ତ ହୋଇଥାନ୍ତି। କନ୍ୟାଟି ସେ ଯେଉଁ ପରିବେଶରେ ବଢ଼ିଛି ତା' ପାଇଁ ତାହା ଠିକ୍ ଓ ଆନନ୍ଦଦାୟକ ହୋଇଥାଏ। କିନ୍ତୁ ଯେତେବେଳେ ସମୟ ଆସେ, ସେ ନିଜର ଗାଁ, ଘର, ବାପା, ମାଆ, ଭାଇ, ଭଉଣୀ, ସାଙ୍ଗସାଥୀ ସମସ୍ତଙ୍କୁ ଛାଡ଼ି କେଉଁ ଅଜଣା ରାଇଜକୁ ସବୁଦିନ ପାଇଁ ଚାଲିଯିବ କିଏ ଜାଣିଛି। ସେ ସ୍ଥାନଟି ତାହା ପାଇଁ ଉଚିତ କି ନୁହେଁ ସେ ନିଜେ ମଧ୍ୟ ଜାଣି ନ ଥାଏ। ସେଠାରେ ସେ ସମସ୍ତଙ୍କର ଅପରିଚିତା, ତା'

ପାଇଁ ମଧ୍ୟ ଅନ୍ୟ ସମସ୍ତେ ଅପରିଚିତ। ଏତେବଡ଼ ଅପରିଚିତ ରାଇଜରେ କିପରି ସେ ଚଳିବ। ଏହା ଭାବି ଭାବି ଚିନ୍ତା ଓ ଦୁଃଖରେ କାନ୍ଦେ। ବାପା ମାଆଙ୍କର ସ୍ନେହ ଓ ଶ୍ରଦ୍ଧା, ଭାଇଭାଉଜମାନଙ୍କର ମମତା, ସାଙ୍ଗସାଥୀମାନଙ୍କର ଆଦର ଏସବୁକୁ ମନେପକାଇ କନ୍ୟାଟି କାନ୍ଦିଉଠେ।

**ମାଆଙ୍କ ପାଖରେ କାନ୍ଦ**

ପାଚିଲା କଦଳୀ ଖସି ପଡ଼ିଚେ ମା ଗୋ
ମା କୋଳୁ ଝିଅ ଛାଡ଼ି ପଡୁଚେ ମା ଗୋ
ତୁମ ପରି ଛାଡ଼ି ଭାଲା ସହିଚେ ମା ଗୋ
ଗର୍ଭେ ଧରିଥିଲ ଦଶଟି ମାସ ମା ଗୋ
କ୍ଷୀର ପାନ ଦେଲ ଅଢ଼େ ବରଷ ମା ଗୋ
ଏଖାଇ ପଦକୁ ଜବାବ ଦେଲ ମା ଗୋ
ମୋର ଘରୁ ଯାଉ ବଇଲ ମା ଗୋ

(ଏହି ଗୀତଟି ଶଇଳ କହଁର, ଦମଡ଼ା - ମୁଖରୁ ତା:୦୫:୦୧:୨୦୨୧ରେ ସଂଗୃହୀତ) ଯେତେବେଳେ ଝିଅଟି ବାପ ମାଆ ଘରେ ଥାଇ ଅତି ଗେଲବସରରେ ବଢ଼ିଥାଏ, ସିଏ ବିବାହ କରି ଅନ୍ୟ ଜାଗାକୁ ଯିବାର ଦୁଃଖ। କନ୍ୟାର ହସ୍ତଗଣ୍ଠି ପଡ଼ିବା ପୂର୍ବରୁ ବାପାର ସବୁ ସ୍ନେହ ମମତାକୁ ମନେ ପକାଇ ନିଜର ଦୁଃଖକୁ ବାପା ନିକଟରେ ପ୍ରକାଶ କରି କାନ୍ଦିଥାଏ।

**ଯେତେବେଳେ କନ୍ୟାଟି ବେଦୀରେ ବସିବା ସମୟ ଆସ୍ତେ ଆସ୍ତେ ଚାଲିଆସେ ସେତିକି ବେଳେ ନିଜର ଆଶଙ୍କା ଭିତରେ ବୁଡ଼ି ରହେ।**

**ବାପାଙ୍କ ପାଖରେ କାନ୍ଦ**

ଘରେ ଝିଅ ଅଛି ବୋଲି ଡାକି ଆଣିଲ ବାପା ଗୋ
ଧୋବ ଟଙ୍କା ଚଟି ମାଇଲ ବାପା ଗୋ
ଘରେ ଝିଅ ଅଛି ବୋଲି କହିଲ ବାପା ଗୋ
ମରଣ ମୁହଁକୁ ଠେଲିଣ ଦେଲ ବାପା ଗୋ

(ଏହି ଗୀତ ଟି ଶଇଳ କହଁର, ଦମଡ଼ା - ମୁଖରୁ ତା:୦୫:୦୧:୨୦୨୧ରେ ସଂଗୃହୀତ) ଛୋଟଠାରୁ ଶାଶୂ ଘର ଯିବା ପର୍ଯ୍ୟନ୍ତ ସେ ବାପାଠାରେ କେତେ ସ୍ନେହ ପାଇଛି। ତେଣୁ ଶାଶୂ ଘର ଯିବା ସମୟରେ ପଛ କଥା ସବୁ ମନେ ପକାଇ କନ୍ୟାଟି ବାହୁନି ବାହୁନି ବାପା ପାଖରେ କାନ୍ଦିଥାଏ।

ଠିକ୍ ସେହିପରି ଅନ୍ୟ ଏକ ଗୀତଟି ହେଉଛି -

ଆମ ବାରି ଆଢ଼େ ବୁଢ଼ା ଗଞ୍ଜାଇ ବା'ଗୋ
ବୁଢ଼ା ବରଟାକୁ ଦେଲ ଖଞ୍ଜାଇ ବା'ଗୋ
ମୁହିଁକି ଶତ୍ରୁରୁ ଜନମ ହେଲି ବା'ଗୋ
ଦୂର ରାଇଜକୁ ଦେଉଛ ଠେଲି ବା'ଗୋ।

(ଉକ୍ତ ଗୀତଟି ସୁଫଳା କହଁର, ଦମଡ଼ା - ମୁଖରୁ ତା:୦୫:୦୧:୨୦୨୧ରେ ସଂଗୃହୀତ) ଏହା ବିବାହ ସମୟରେ କନ୍ୟାଟି ନିଜର ବାପା ପାଖରେ କାନ୍ଦିଥାଏ। ଶୈଶବରୁ ଯୁବାବସ୍ଥା ପର୍ଯ୍ୟନ୍ତ ବାପାର ମାଡ଼, ଗାଳି, ସ୍ନେହ, ଆଦରରେ ବଢ଼ି ଆଜି ତାଙ୍କୁ ସବୁଦିନ ପାଇଁ ଛାଡ଼ି ଚାଲିଯାଉଛି। ତାହାର କୋହଭରା ବେଦନାରେ ସାରା ପରିବେଶଟି ଦୁଃଖମୟ ହୋଇଥାଏ।

ଯେତେବେଳେ କନ୍ୟାଟି ବେଦୀରେ ବସିବା ସମୟ ଆସ୍ତେ ଆସ୍ତେ ଚାଲିଆସେ ସେତିକି ବେଳେ ନିଜର ଆଶଙ୍କା ଭିତରେ ବୁଡ଼ି ରହେ। ସେ ଜାଣି ନ ଥାଏ ଯେ ତା'ର ମନର ମଣିଷଟି କେମିତିଆ ହୋଇଥିବ। ତେଣୁ ଶେଷକୁ ଘରର ସବୁ ସ୍ନେହ ଶ୍ରଦ୍ଧାକୁ ପାସୋରି ନିଜର ମନ କଥା ଭାଇ ନିକଟରେ ପ୍ରକାଶ କରିଥାଏ।

**ଭାଇ ପାଖରେ କାନ୍ଦ**

ଦୁଆର ଦୁଆର ସାତ ଦୁଆର ଭାଇ ଗୋ
ଦୁଆର ତେଜିଲେ ହୋଇବି ପର ଭାଇ ଗୋ
ଆଉକି ହୋଇବି ଭଉଣୀ ତୋର ଭାଇ ଗୋ
ବାଟ ଡାଳ ଗଛ ହାଣିବ ନାହିଁ ଭାଇ ଗୋ
ଅଚିହ୍ନା ରାଇଜ ଯାଉଛି ମୁହିଁ ଭାଇ ଗୋ
ଅଚିହ୍ନା ରାଇଜ ହାଟ ବଜାର ଭାଇ ଗୋ
ମାସକୁ ତିନିଥର ହେବ ହାଜର ଭାଇ ଗୋ...

(ଏହି ଗୀତଟି ଶଇଳ କହଁର, ଦମଡ଼ା - ମୁଖରୁ ତା:୦୫:୦୧:୨୦୨୧ରେ ସଂଗୃହୀତ) ଭାଉଜଟି ଆସିବା ଦିନଠୁ ନିଜର ପ୍ରତ୍ୟେକ ମାନ ଅଭିମାନକୁ ଭାଉଜ ନିକଟରେ ଅଳିକରି ଆସିଥିଲା। କିନ୍ତୁ ଯେତେବେଳେ ସେ ଲକ୍ଷ୍ମୀ ପରି ଭାଉଜ ଠାରୁ ଦୂରେଇ ଯାଉଛି, ସେତେବେଳେ ନିଜର ଦୁଃଖ, ଶୋକ ଓ ଆବେଗକୁ କାନ୍ଦି ପ୍ରକାଶ କରିଥାଏ।

**ଭାଉଜଙ୍କ ପାଖରେ କାନ୍ଦ**

ଆମ ବାରି(ଘର ବାଡ଼ି) ଆଡ଼େ ଖଇର ଡବା ବୋହୂ ଗୋ
ନିତି ବସୁଥିଲ ଶତୁରୁ ସେବା ବୋହୂ ଗୋ
ଶତୁରୁ ବଟାଇ ହାଏ କରିବ ବୋହୂ ଗୋ
ମଲା ନାହିଁ ଶତ୍ରୁ ଗଲା ବୋଲିବ ବୋହୂ ଗୋ

(ଏହି ଗୀତ ଟି ଶଇଳ କହଁର, ଦମଡ଼ା - ମୁଖରୁ ତା:୦୫:୦୧:୨୦୨୧ରେ ସଂଗୃହୀତ)

ରୀତିନୀତି ଅନୁସାରେ କନ୍ଧ ଆଦିବାସୀ ସମାଜରେ ନିଜର ଗାଁ, ଘର, ବାପା, ମାଆ ଓ ସାଙ୍ଗସାଥୀଙ୍କୁ ଛାଡ଼ି ସବୁଦିନ ପାଇଁ ଝିଅଟି ଚାଲିଯିବାର ଯନ୍ତ୍ରଣାକୁ କାନ୍ଦଣା ମାଧ୍ୟମରେ ପ୍ରକାଶ କରୁଥିବା ଦେଖାଯାଇଥାଏ।

ଓଡ଼ିଆ ଲୋକ ସଂସ୍କୃତିରେ ଓଡ଼ିଶାର ପଲ୍ଲୀ ଜୀବନର ଚିତ୍ର ପ୍ରସ୍ଫୁଟିତ ହୋଇଥିବା ଦେଖାଯାଇଥାଏ। ପଲ୍ଲୀର ଆଦିବାସୀମାନେ ସ୍କୁଲଘର ଦେଖି ନ ଥିଲେ ମଧ୍ୟ ତାଙ୍କ ମୁଖରୁ ବାହାରି ପଡ଼େ ଅତି ସୁନ୍ଦର ଓ ମନମୁଗ୍ଧକର ମୌଖିକ ସାହିତ୍ୟ। ଯାହା ଜଣେ ଶିକ୍ଷିତ ଲୋକ ପକ୍ଷରେ ବି ଅସମ୍ଭବ ଅଟେ। ଏହି ଲୋକ ସାହିତ୍ୟରୁ ହିଁ ଜଣାପଡ଼େ ଓଡ଼ିଆ ଘରର ସଂସ୍କୃତି ଓ ପରମ୍ପରା। ଯେତେବେଳେ ଗାଁର ଝିଅଟି ନିଜର ବାପା, ମାଆ, ଭାଇ, ଭଉଣୀ, ଓ ସାଙ୍ଗସାଥୀଙ୍କୁ ଛାଡ଼ି ସବୁଦିନ ପାଇଁ ଦୂରକୁ ଚାଲିଯାଉଛି। ସେତେବେଳେ ସେ ନିଜ ସାଙ୍ଗସାଥୀମାନଙ୍କ ସହିତ ଖୁସିରେ କଟାଇଥିବା ଦିନକୁ ମନେ ପକାଇ ଅତି ଦୁଃଖରେ ଯିବା ସମୟରେ କାନ୍ଦି କାନ୍ଦି ପ୍ରକାଶ କରିଥାଏ-

**ସାଙ୍ଗସାଥୀଙ୍କ ପାଖରେ କାନ୍ଦ**

ବାରି(ବାଡ଼ି) ରଙ୍ଗଲତା ବାରେ ମାଡ଼ନ୍ତି ସାଙ୍ଗ ସରିଷେ
ବାରି ଆଡ଼େ ମୋତେ କିଏ ଡାକନ୍ତି ସାଙ୍ଗ ସରିଷେ
ତୁମ ଡାକ ହାକ ପଡ଼ିଆ ହେଲା ସାଙ୍ଗ ସରିଷେ
ଯମ ଡାକ ହାକ ବଢ଼ିଆ ହେଲା ସାଙ୍ଗ ସରିଷେ
କଦଳୀ ପତର ଆଡ଼ ଲଉଁସା ସାଙ୍ଗ ସରିଷେ
ଯମ ଯେଉଁ ଦିନୁ କଲା ଭରସା ସାଙ୍ଗ ସରିଷେ
ସେଦିନୁ ଛାଡ଼ିଲି ସାଙ୍ଗ ସରିସା ସାଙ୍ଗ ସରିଷେ
ଦୁଆର ଦୁଆର ସାତ ଦୁଆର ସାଙ୍ଗ ସରିଷେ
ଦୁଆର ଡେଇଁଲେ ହୋଇଲି ପର ସାଙ୍ଗ ସରିଷେ
ମା ମାଉସୀ ସବୁ ଦେଖୁଛ ସାଙ୍ଗ ସରିଷେ...

(ଏହି ଗୀତ ଟି ଶଇଳ କହଁର, ଦମଡ଼ା - ମୁଖରୁ ତା:୦୫:୦୧:୨୦୨୧ରେ ସଂଗୃହୀତ)

ଏହିପରି ଭାବରେ ଗାଁର ଝିଅଟି ଯେତେବେଳେ ତା' ଶାଶୁ ଘରକୁ ଯାଏ, ବିଭିନ୍ନ କଥାକୁ ମନେ ପକାଇ ବାହୁନି ବାହୁନି କାନ୍ଦିଥାଏ।

ପଶ୍ଚିମ ଓଡ଼ିଶା ତଥା ବୌଦ୍ଧ ଜିଲ୍ଲାରେ ବସବାସ କରୁଥିବା କନ୍ଧ ଆଦିବାସୀମାନେ ସଂସ୍କୃତି, ପରମ୍ପରା ଓ ଐତିହ୍ୟକୁ ନିଜର ପୂର୍ବପୁରୁଷଙ୍କ କାଳରୁ ପାଳନ କରିଆସୁଛନ୍ତି। ତେଣୁ କନ୍ଧ ଆଦିବାସୀର ସଂସ୍କୃତି, ପରମ୍ପରା ଓ ଐତିହ୍ୟକୁ ଅବଲୋକନ କଲେ ଜଣାପଡ଼େ ଅତି ପ୍ରାଚୀନ ବୋଲି। ବର୍ତ୍ତମାନ ସମସ୍ତେ ଶିକ୍ଷା ଗ୍ରହଣ କରି ଅତ୍ୟାଧୁନିକ ସଭ୍ୟତାର ବଶବର୍ତ୍ତୀ ହୋଇ ଧୀରେ ଧୀରେ ନିଜର ସଂସ୍କୃତିକୁ ଭୁଲି ଓଡ଼ିଆ ସଂସ୍କୃତିକୁ ଆପଣେଇନେବା ଦେଖାଗଲାଣି। ଯାହାଦ୍ୱାରା କି ନିଜର ମୂଳ ସଂସ୍କୃତି ଲୋପ ପାଇବାରେ ଲାଗିଛି। ଏହି ଲୋକଗୀତ ଗୁଡ଼ିକରେ ବିଭିନ୍ନ ପ୍ରକାର ପଦମାନ ରହିଛି, ଯାହା କି ସମାଜର ଶୃଙ୍ଖଳିତ ଜୀବନ ଶୈଳୀକୁ ଆଧାର କରି ଗଢି ଉଠିଛି। ଏହା ମୌଖିକ ଭାବରେ ବହୁ ଅତୀତ କାଳରୁ କନ୍ଧ ଆଦିବାସୀଙ୍କ ମୁଖରେ ରହି ଆସିଛି। ଲୋକଗୀତ ମଣିଷର ବୁଦ୍ଧିର ବିକାଶ କରିବା ସହିତ, ଶୃଙ୍ଖଳିତ ସମାଜ ଗଠନ କରିବା ଏବଂ ମଣିଷର ନୈତିକ ଜୀବନର ବିକାଶ ଘଟାଇବାରେ ସହାୟକ ହୋଇଥାଏ। ତେଣୁ ଏହାକୁ କେହି କେହି ଆଦିବାସୀର ମୌଖିକ ସମ୍ବିଧାନ ବୋଲି ମଧ୍ୟ କହିଥାନ୍ତି।

**ବର୍ତ୍ତମାନ ସମସ୍ତେ ଶିକ୍ଷା ଗ୍ରହଣ କରି ଅତ୍ୟାଧୁନିକ ସଭ୍ୟତାର ବଶବର୍ତ୍ତୀ ହୋଇ ଧୀରେ ଧୀରେ ନିଜର ସଂସ୍କୃତିକୁ ଭୁଲିବା ଦେଖାଗଲାଣି।**

(ସହଯୋଗ ପାଇଁ ଶ୍ରୀ ହୃଷିକେଶ କହଁରଙ୍କୁ ଅଶେଷ ଧନ୍ୟବାଦ।)

□□

ଲେଖିକାଙ୍କ ଇ-ମେଲ ଠିକଣା:
rasmita.tripathy@kiss.ac.in

ଗଳ୍ପ

# ଠାକୁର ଘର



ଆନଂଦ ଚଂଦ୍ର ପହି

ସଦାଶିବ ଆଉ ତାଙ୍କ ପତ୍ନୀ କୁନ୍ତଳା ଦୁହେଁ ଗାଆଁରେ ଥିଲେ। ସଦାଶିବଙ୍କ ବୟସ ଏବେ ଷାଠିଏ ଉପରେ, କୁନ୍ତଳା ତାଙ୍କଠୁ ତିନି ବର୍ଷ ସାନ। ପୈତୃକ ସମ୍ପତ୍ତି ଦଶ ଏକର ଚାଷ ଜମିରୁ ଦୁଇ ପୁଅଙ୍କ ପାଠପଢ଼ାରେ ସାତ ଏକର ବିକ୍ରି ହୋଇ ଯାଇଛି। ବଳକା ତିନି ଏକର ଚାଷ ଜମିରୁ ତାଙ୍କର ବର୍ଷକର ଗୁଜୁରାଣ କୌଣସି ମତେ ଚଳିଯାଏ।



ବଡ଼ପୁଅ ସଂଗ୍ରାମ ଦିଲ୍ଲୀରେ ଇଞ୍ଜିନିୟର ଆଉ ସାନପୁଅ ସନ୍ତୋଷ ଭୁବନେଶ୍ୱରରେ ତୃତୀୟ ଶ୍ରେଣୀ କର୍ମଚାରୀ।

ପୁଅମାନେ ପ୍ରତି ମାସରେ ବାପା ମାଆଙ୍କ ପାଖକୁ ନିୟମିତ କିଛି ଟଙ୍କା ନ ପଠାଇଲେ ବି ମଝିରେ ମଝିରେ ଘରକୁ ଆସନ୍ତି ଓ ମାଆଙ୍କ ହାତରେ କିଛି କିଛି ଟଙ୍କା ନିଜ ଇଚ୍ଛାରେ ଦେଇ ଯାଆନ୍ତି। ପ୍ରତି ମାସରେ ଥରେ ଦୁଇ ଥର ବାପା ମାଆଙ୍କ ସହିତ ଫୋନ୍‌ରେ କଥା ହୁଅନ୍ତି।

ବଡ଼ପୁଅ ସଂଗ୍ରାମ ଥରେ ସେମାନଙ୍କୁ ଦିଲ୍ଲୀ ନେଇ କିଛି ଦିନ ରଖି ମଥୁରା, ବୃନ୍ଦାବନ ଆଉ ହରିଦ୍ୱାର ଦେଖାଇ ଗାଆଁରେ ଆଣି ଛାଡ଼ିଦେଇ ଯାଇଥିଲା। ସେମିତି ସାନପୁଅ ସନ୍ତୋଷ ଥରେ ସେମାନଙ୍କୁ ଭୁବନେଶ୍ୱର ନେଇ ଲିଙ୍ଗରାଜ ମନ୍ଦିର, କେଦାର ଗୌରୀ, ରାଜାରାଣୀ ମନ୍ଦିର, ପୁରୀର ବଡ଼ଦେଉଳ ଆଉ ବାରଙ୍ଗର ନନ୍ଦନକାନନ ଦେଖାଇ ଆଣି ଗାଆଁରେ ଛାଡ଼ିଥିଲା।

ଦଶ, ପନ୍ଦର ଦିନ ପୁଅମାନଙ୍କ ପାଖରେ ରହିଗଲେ ସେମାନଙ୍କର ଗାଆଁ ଆଉ ଗାଆଁ ଜୀବନ ମନେପଡ଼େ। ପୁଅ, ବୋହୂ, ନାତି, ନାତୁଣୀ ତାଙ୍କୁ ସ୍ନେହ ବନ୍ଧନରେ ଅଧିକ ଦିନ ବାନ୍ଧି ରଖିବାକୁ ଚେଷ୍ଟା କଲେ ବି ସଦାଶିବ ଆଉ କୁନ୍ତଳା ଛଟିପିଟି ହୁଅନ୍ତି ଗାଆଁକୁ ଫେରି ଆସିବାକୁ।

କେବେ କେମିତି ପୁଅ, ବୋହୂଙ୍କ ପାଖକୁ ଯାଇ ଦଶ, ପନ୍ଦର ଦିନ ବୁଲି ଆସନ୍ତି। ନଚେତ ଅନ୍ୟ ସବୁଦିନ ନିଜ ଗାଆଁରେ ସାହି, ପଡ଼ୋଶୀ, ସାଙ୍ଗସାଥୀଙ୍କ ସହିତ ଖୁସିରେ ଦିନ କାଟନ୍ତି। ସବୁ ଠିକ୍ ଥିଲା। ହଠାତ୍ ଦିନେ କୁନ୍ତଳାଙ୍କୁ ଜ୍ୱର ହେଲା, ଆଉ ଛାଡ଼ିଲା ନାହିଁ। ଖବର ପାଇ ସାନପୁଅ ଭୁବନେଶ୍ୱରରୁ ତା' ପିଲାଛୁଆଙ୍କୁ ଧରି ଆସି ପହଞ୍ଚିଲା। ପାଖରେ ଥିବା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର କହିଲେ ଥଣ୍ଡା ଜ୍ୱର ହୋଇଛି। ଔଷଧ ଖାଇଲେ ଭଲ ହୋଇଯିବ। ପାଞ୍ଚ ଦିନ ଧରି ଔଷଧ ଇଞ୍ଜେକସନ୍ ଦେବା ସତ୍ତ୍ୱେ ଜ୍ୱର କମିଲା ନାହିଁ। ବଡ଼ ଭାଇକୁ ବି ଫୋନ୍ କରି ମାଆଙ୍କ ଜ୍ୱରକଥା ଜଣାଇଲା ସନ୍ତୋଷ। ସିଏ ବ୍ୟସ୍ତ ହୋଇ ତା' ସ୍ତ୍ରୀ ପିଲାଙ୍କୁ ଧରି ତା' ପରଦିନ ଗାଆଁରେ ପହଞ୍ଚିଲା। ପ୍ରାଥମିକ ଡାକ୍ତରଖାନାର ଡାକ୍ତର ପରାମର୍ଶ ଦେଲେ ଆଉ ଡେରି ନ କରି ଶୀଘ୍ର କଟକ ବଡ଼ ଡାକ୍ତରଖାନାକୁ ନେଇ ଯାଆନ୍ତୁ। ଦୁଇ ଭାଇ ଆମ୍ବୁଲାନ୍ସ ଡକାଇ କଟକ ନେଇଗଲେ। ସେଠି ପହଞ୍ଚିଲା ବେଳକୁ କୁନ୍ତଳା ଆଉ କଥାବାର୍ତ୍ତା କରିପାରୁ ନ ଥାନ୍ତି। ଟାଇଫଏଡ୍, ଡେଙ୍ଗୁ, ଆଉ ମେଲେରିଆ ଟେଷ୍ଟ କରାଗଲା। ଏସବୁ କୌଣସି ରୋଗର କିଛି ବି ଲକ୍ଷଣ ନାହିଁ। କିନ୍ତୁ ନିଃଶ୍ୱାସ, ପ୍ରଶ୍ୱାସ ନେବାରେ ଭୀଷଣ କଷ୍ଟହେଲା। ସଙ୍ଗେ ସଙ୍ଗେ ବୁଢ଼ୀକୁ ଆଇସିୟୁକୁ ସିଫ୍ଟ କରାଗଲା ଓ ଅକ୍ସିଜେନ୍ ଲଗାଗଲା। ଶେଷରେ ନିମୋନିଆ ପରୀକ୍ଷା କରାଗଲା। ନିମୋନିଆ ପଜିଟିଭ ଥିବାର ଜଣାପଡ଼ିଲା। ଡାକ୍ତରମାନେ ଆଶ୍ୱାସନା ଦେଲେ ରୋଗଟା ଜଣା ପଡ଼ିଗଲାଣି,

ଏଥର ସବୁ ଠିକ୍ ହୋଇଯିବ। କିନ୍ତୁ ଦିନକୁଦିନ ବୁଢ଼ୀର ରୋଗ ବଢ଼ି ଚାଲିଲା। ଛାତିର କଫ ପରିମାଣ ନ କମି ବଢ଼ି ଚାଲିଲା। ଡାକ୍ତରମାନେ ହାତ ଟେକିଦେଲେ। ସେମାନଙ୍କ ଆୟତ୍ତରେ ଆଉ କିଛି ନାହିଁ। ଏଣିକି ଭଗବାନ ଭରସା।

ଶେଷରେ ସବୁ ନିଷ୍ଫଳ ହେଲା। କୁନ୍ତଳା ଶେଷ ନିଃଶ୍ୱାସ ତ୍ୟାଗ କଲେ। ଯଥାରୀତି କୁନ୍ତଳାଙ୍କର ଶୁଦ୍ଧିକ୍ରିୟା ଶେଷ ହେଲା। କୁନ୍ତଳାଙ୍କ ମୃତ୍ୟୁ ପରେ ସଦାଶିବ ଏକଦମ୍ ଭାଙ୍ଗି ପଡ଼ିଲେ। ତାଙ୍କର ଦୁଇ ଦୁଇଟା ପୁଅ,ବୋହୂ, ନାତିନାତୁଣୀ ଥାଉ ଥାଉ ସିଏ ଏକଦମ୍ ଏକୁଟିଆ ଅନୁଭବ କଲେ।

ଦୁଇ ପୁଅଙ୍କର ଛୁଟି ସରିବାକୁ ଦିନଟେ ଅଛି ସେମାନେ ଏକତ୍ର ବସି ଆଲୋଚନା କଲେ। ବୋଉ ଚାଲିଗଲା ପରେ ବାପା ଗାଆଁରେ ଆଦୌ ଏକୁଟିଆ ରହିପାରିବେ ନାହିଁ। ତାଙ୍କୁ ରୋଷେଇ କରିଦେବ କିଏ ? ତାଙ୍କ ଦେହପାଆ କଥା କିଏ ବୁଝିବ ? ଗାଆଁରେ ଚାକର, କି ଚାକରାଣୀ ମିଳିବେ ନାହିଁ। ତେଣୁ ତାଙ୍କୁ ଗାଆଁରେ ଏକୁଟିଆ ଛାଡ଼ି ସେମାନେ ତାଙ୍କ କର୍ମକ୍ଷେତ୍ରକୁ ଯାଇପାରିବେ ନାହିଁ।

**ଗାଆଁଲୋକେ ଶୁଣିଲେ କହିବେ, ଦୁଇ ଦୁଇଟା ରୋଜଗାରିଆ ପୁଅ ଥାଉଁ ଥାଉଁ ବାପାକୁ ନେଇ ଜରା ନିବାସରେ ଛାଡ଼ିଲେ।**

ବଡ଼ ବୋହୂ ପ୍ରଥମେ ତାଙ୍କ ଅସୁବିଧା କଥା କହିଲେ। ସିଏ ସ୍ୱାମୀ, ସ୍ତ୍ରୀ ଦୁଇ ଜଣଯାକ ଚାକିରି କରୁଛନ୍ତି। ତାଙ୍କ ପୁଅଝିଅ ପାଠ ପଢ଼ିବାକୁ କଲେଜ ଯାଉଛନ୍ତି। କେବଳ ରବିବାର ଦିନ ବ୍ୟତୀତ ଅନ୍ୟ ଦିନ ଘରେ କେହି ରହୁନାହାନ୍ତି। ତେଣୁ ବାପାଙ୍କୁ ସାଙ୍ଗରେ ନେବାକୁ ତାଙ୍କର ଇଚ୍ଛା ଥିଲେ ମଧ୍ୟ ସେମାନେ ନିରୁପାୟ।

ସାନବୋହୂ ସୁମତି କହିଲେ ଯେ ତାଙ୍କର ଛୋଟ କ୍ୱାର୍ଟର। ଗୋଟିଏ ଘରେ ସେ ଦୁଇ ଜଣ। ଆଉ ଗୋଟିଏ ରୁମ୍‌ର ଅଧକରେ ତାଙ୍କ କଲେଜରେ ପଢୁଥିବା ଝିଅ ରହୁଛି, ଆର ଅଧକ ଡ୍ରଇଁରୁମ୍ । ଆଉ ଖୁବ୍ ଛୋଟ ବଖରାଟିଏ ଆମର ଠାକୁର ଘର। ବାପାଙ୍କ ରହିବା ପାଇଁ ଅଲଗା ବଖରେ ଘର ଦରକାର। ସେତକ ଆମ ପାଖରେ ନାହିଁ।

ବଡ଼ବୋହୂ ସୁନନ୍ଦା ଛେପ ଢୋକି କହିଲେ- ଭୁବନେଶ୍ୱରରେ ଆଜିକାଲି ବରିଷ୍ଠ ନାଗରିକମାନଙ୍କ ପାଇଁ ଜରାନିବାସ ମିଳୁଚି। ସେଥିପାଇଁ ଦୁଇ ପ୍ରକାର ଜରା ନିବାସ ଅଛି। ଗୋଟିଏ ଦାତବ୍ୟ କିନ୍ତୁ ଆଉ ଗୋଟିଏ ଅଛି ଯେଉଁଥିରେ ରହିବା, ଖାଇବା, ତାଙ୍କ ଚିକିତ୍ସା ଇତ୍ୟାଦି ପାଇଁ ମାସିକ କିଛି ପଇସା ଦେବାକୁ ପଡ଼ିବ। ଆମେ ଚାହିଁଲେ ପଇସା ଦେଇ ବାପାଙ୍କ ପାଇଁ ସେଥିରୁ ...

ସଂଗ୍ରାମ ଆପତ୍ତି ଉଠାଇଲେ-ତୁମେ ଏସବୁ କଥା ବନ୍ଦକର ସୁନନ୍ଦା ! ବାପା ଅତ୍ୟନ୍ତ ସ୍ୱାଭିମାନୀ। ସିଏ ଯଦି ଏକଥା ଶୁଣନ୍ତି ତାହେଲେ କଥାଟା ଭାରି ଅସୁନ୍ଦର ହେବ। ତା'ଛଡ଼ା ଗାଆଁଲୋକେ ଶୁଣିଲେ କହିବେ, ଦୁଇ ଦୁଇଟା ରୋଜଗାରିଆ ପୁଅ ଥାଉଁ ଥାଉଁ ବାପାକୁ ନେଇ ଜରା ନିବାସରେ ଛାଡ଼ିଲେ। ନା, ସେ ପ୍ରଶ୍ନ ଉଠୁନାହିଁ। ଆମକୁ ଆଉ କିଛି ବ୍ୟବସ୍ଥା କରିବାକୁ ପଡ଼ିବ। ମୋ ଜାଣିବାରେ ସବୁ ସମସ୍ୟାର କିଛି ନା କିଛି ସମାଧାନ ଅଛି। ଆମକୁ ସେ ସମାଧାନର ବାଟ ଖୋଜି ବାହାର କରିବାକୁ ପଡ଼ିବ।

ଆଲୋଚନାର ପରିଧି ଭିତରକୁ ଆସିଲା ବଡ଼ ବୋହୂଙ୍କ ଚାକିରି ଛାଡ଼ିବା କଥା। ବଡ଼ବୋହୂ ସୁନନ୍ଦା ଯଦି ଚାକିରି ଛାଡ଼ି ଘରେ ରୁହନ୍ତି ତା'ହେଲେ ବାପାଙ୍କୁ ନେଇ ପାଖରେ ରଖିବାରେ କିଛି ଅସୁବିଧା ହୁଅନ୍ତା ନାହିଁ। କିନ୍ତୁ ସୁନନ୍ଦା ଏ ପ୍ରସ୍ତାବକୁ ତୀବ୍ର ବିରୋଧ କଲେ। ଦିଲ୍ଲୀରେ କିଣା ଯାଇଥିବା ଫ୍ଲାଟର କିସ୍ତି, କାର୍‌ର କିସ୍ତି ଆଉ ତାଙ୍କ ପୁଅ ଝିଅଙ୍କ ପାଠପଢ଼ା ଖର୍ଚ୍ଚ ଭରଣା କରିବା ପାଇଁ ଜଣକ ଦରମା ଅକୁଳାଣ ହେବ। ତେଣୁ ସିଏ ଚାକିରି କରିବା ନିହାତି ଦରକାର।

ସଂଗ୍ରାମ କିଛି ନ କହି ଚୁପ୍ ରହିଲେ।

ଅନ୍ୟ ଗୋଟିଏ ପ୍ରସ୍ତାବ ଆସିଲା। ସନ୍ତୋଷ ତାର ଛୋଟ ସରକାରୀ କ୍ୱାର୍ଟର ଛାଡ଼ି ଗୋଟେ ଘରୋଇ ବଡ଼ ଘର ଭଡ଼ା ନେଲେ ତା' ପରିବାର ସହିତ ବାପା ରହିପାରିବେ ଓ ସମସ୍ୟାର ସରଳ ସମାଧାନ ହୋଇ ପାରିବ। କିନ୍ତୁ ସନ୍ତୋଷ ଏଥିପାଇଁ ତାଙ୍କର ଅସାମର୍ଥ୍ୟ ପ୍ରକାଶ କରି କହିଲେ ଯେ ସିଏ ଥରେ ସରକାରୀ କ୍ୱାର୍ଟର ଛାଡ଼ିଦେଲେ ତାଙ୍କୁ ଆଉ ଆଦୌ ସରକାରୀ ବାସଭବନ ମିଳିବ ନାହିଁ। ତା' ଛଡ଼ା ଘରୋଇ ଘରର ଭଡ଼ା ବହୁତ । ସିଏ ତାଙ୍କର ସ୍ୱଳ୍ପ ବେତନ ଭିତରୁ ତାହା ଭରଣା କରିବାକୁ ସମର୍ଥ ହେବେ ନାହିଁ।

ସେ ରାତିରେ ଆଉ କିଛି ସମାଧାନ ହୋଇ ପାରିଲା ନାହିଁ। ସେମାନେ ରାତିରେ ଶୋଇବାକୁ ଗଲେ। କିନ୍ତୁ କାହାରି ଆଖିରେ

ନିଦ ନାହିଁ । ଦୁଇ ଭାଇ ବାପାଙ୍କୁ ଖୁବ୍ ଭଲ ପାଆନ୍ତି । ସେମାନଙ୍କ ପାଠପଢ଼ା ପାଇଁ ବାପା ବହୁତ କଷ୍ଟ କରିଛନ୍ତି । ସେମାନଙ୍କ ପଢ଼ାଖର୍ଚ୍ଚ ତୁଲାଇ ନ ପାରିବା ବେଳେ ଜମି ବିକ୍ରିକରି ଦେଇଛନ୍ତି; କିନ୍ତୁ ସେମାନଙ୍କ ପାଠପଢ଼ାରେ ହେଳା କରି ନାହାନ୍ତି । ବାପାଙ୍କ ପ୍ରତି ସେମାନଙ୍କର ଥିବା କର୍ତ୍ତବ୍ୟ କଥା ଚିନ୍ତା କରି ଉଭୟ ବ୍ୟଥିତ ।

ରାତିରେ ସାନ ପୁଅ ସନ୍ତୋଷଙ୍କୁ ଆଦୌ ନିଦ ହେଲାନାହିଁ । ରାତି ଦୁଇଟା ବେଳେ ସିଏ ବିଛଣାରୁ ଉଠି ବସିଲେ । ଲାଇଟ ସୁଇଚ ଅନ୍ କରି ଦେଖିଲେ ତାଙ୍କ ସ୍ତ୍ରୀ ସୁମତି ନିଦରେ ଶୋଇଚି । ତାକୁ ଆସ୍ତେ ଆସ୍ତେ ହଲାଇ ଦେଇ ନିଦରୁ ଉଠାଇଲେ । ଏତେ ରାତିରେ କାହିଁକି ଏମିତି ଉଠାଇଲେ ବୋଲି ସିଏ ଧଡ଼ପଡ଼ ହୋଇ ଉଠି ବସିଲା । ସନ୍ତୋଷ କହିଲେ-ମୁଁ ଗୋଟେ କଥା କହିବି, ତୁ ଯଦି ମୋ କଥା ରଖିବୁ ତାହେଲେ ଆମେ ବାପାଙ୍କୁ ସାଙ୍ଗରେ ନେଇ ଆମ ପାଖରେ ରଖି ପାରିବା ।



-ତୁମେ ଆଗ କଥାଟା କୁହ । ମୁଁ ନିଶ୍ଚୟ ତୁମ କଥା ରଖିବି । ତା'ଛଡ଼ା ମୋ ମନ ଜମା କହୁନାହିଁ ବାପାଙ୍କୁ ଗାଆଁରେ ଏକୁଟିଆ ଛାଡ଼ିକି ଭୁବନେଶ୍ୱର ଯିବା ପାଇଁ । ମଣିଷ ପୁଅଝିଅ ଜନ୍ମ କରିଥାଏ କ'ଣ ପାଇଁ ? ବାର୍ଦ୍ଧକ୍ୟରେ ସେବା ଯତ୍ନ ପାଇବା ପାଇଁ ତ ? ସିଏ କ'ଣ ମୋ ବାପା ନୁହନ୍ତି ? ବାପାଙ୍କୁ ନେଇ ପାଖରେ ରଖି ତାଙ୍କ ସେବାକଲେ ଆମକୁ ଆଶୀର୍ବାଦ ମିଳିବ । ଯାଠୁ ବଡ଼ କଥା ଆଉ କ'ଣ ଅଛି ? ତୁମେ କ'ଣ କହିବ ବୋଲି କହୁଥିଲ, କୁହ ।

-ଦେଖ୍ ସୁମି ! ତୁମେ ପ୍ରତିଦିନ ବଡ଼ି ଭୋରରୁ ଉଠି ଫୁଲ ତୋଳି ଧୂପ ଦୀପ ଦେଇ ଭକ୍ତିରେ ଠାକୁରଙ୍କୁ ମୁଣ୍ଡିଆ ମାରୁଛ । ତୁମ ଭକ୍ତିରେ ଠାକୁର ସନ୍ତୁଷ୍ଟ କି ନାହିଁ କହିପାରିବି ନାହିଁ କିନ୍ତୁ ମୁଁ ଜାଣେ ତୁମ ଭକ୍ତିରେ କେତେ ପରାକାଷ୍ଠା ଅଛି । ତୁମେ କେତେ ଆତ୍ମସନ୍ତୋଷ ପାଅ ସେଥିରୁ ।

ସୁମତି ପ୍ରଶ୍ନକଲେ-ତୁମେ ସିଧା କଥା ନ କହି ଏଣୁ ତେଣୁ କ'ଣ କହୁଚ ?

-ହଉ କହୁଚି ଶୁଣ, ଆମେ ଯୋଉଠି ଠାକୁର ରଖିଚେ ସେ ବଖରାଟି ଛୋଟ ହେଲେ ବି ସେଥିରେ ଗୋଟିଏ ଝରକା ଅଛି । ସେଠି ଗୋଟିଏ ସିଙ୍ଗଲ ଖଟ ପଡ଼ିପାରିବ । ବାପା ସେ ବଖରାରେ ରହିବାରେ କିଛି ଅସୁବିଧା ହେବ ନାହିଁ । କିନ୍ତୁ..

ସୁମତି ପ୍ରଶ୍ନ କଲା- ବାପାଙ୍କର ଯଦି ସେ ଘରେ ରହିଲେ ଅସୁବିଧା ହେବ ନାହିଁ, ପୁଣି କିନ୍ତୁ କ'ଣ ?

- ଭୁବନେଶ୍ୱର ଆସିବା ଦିନଠୁ ତୁମେ ସେଇ ବଖରାରେ ଠାକୁରଙ୍କୁ ରଖି ପୂଜା କରୁଛ । କେତେ ରକମର ପୂଜା ସାଜ ସରଞ୍ଜାମ ରଖିଚ । ପିତଳ ଥାଳି, ଥାଳିଆ, ବାଲଟି, ଡାଳ, ପିଲିସଜ, ଦୀପ, ଧୂପଦାନୀ, ଶଙ୍ଖ, ଘଣ୍ଟାରେ କେତେ ସୁନ୍ଦର ଭାବେ ସେ ଘରକୁ ସଜେଇଚ । ବାପା ଯଦି ସେ ଘରେ ରୁହନ୍ତି ତେବେ ପୁଣି ଆମେ ଠାକୁରଙ୍କୁ ନେଇ କୋଉଠି ରଖିବା ?

ସୁମତି ଆଶ୍ୱାସନା ଦେଇ କହିଲେ-ତୁମେ ସେଥିପାଇଁ କିଛି ଚିନ୍ତା କରନା । ଆମ ପାଇଁ ଜୀବନ୍ତ ଠାକୁର ହେଉଛନ୍ତି ଆମ ବାପା । ଆମ ଜୀବନ୍ତ ଠାକୁର ଯଦି ସେ ଘରେ ରହିଲେ ସେଟା ତ ଏମିତିରେ ଠାକୁର ଘର ହୋଇଗଲା । ତେବେ ଆମେ ସେ ଘରେ ଥିବା ଠାକୁର ଫଟୋକୁ ଆମ ରୁମ୍‌ର ଥାକରେ ରଖି ପୂଜା କରିବା । ମୋ ଜାଣିବାରେ ଆମେ ଠାକୁରଙ୍କୁ ପୂଜାକଲେ ଯେତିକି ପୁଣ୍ୟ ମିଳିବ ବାପାଙ୍କ ସେବା କଲେ ତା'ଠୁ ଢେର ଅଧିକ ଆଶୀର୍ବାଦ ମିଳିବ । ମୋର ଏଥିରେ ଆପତ୍ତି କାହିଁକି ରହିବ ? ବରଂ ମୁଁ ଅତ୍ୟନ୍ତ ଖୁସି ।

ସନ୍ତୋଷ ଅତି ଖୁସିରେ ଦୁଇ ହାତରେ ସୁମତିଙ୍କୁ ନିଜ ଛାତିକୁ ଆଉଜାଇଆଣି ନିବିଡ଼ ଭାବରେ ଚାପି ଧରି କହିଲେ —ତୁମ ପରି ସ୍ତ୍ରୀ ପାଇଥିବାରୁ ସତରେ ମୁଁ ଭାରି ଭାଗ୍ୟବାନ ।

ସୁମତି ସ୍ୱାମୀଙ୍କ ଆଲିଙ୍ଗନରୁ ନିଜକୁ ମୁକ୍ତ କରୁ କରୁ ଲାଜ ଲାଜ ହୋଇ କହିଲେ-ଛାଡ଼ିଲ, ଛାଡ଼ ମୋତେ । ବଡ଼ିଲା ଝିଅଟା ଏତେ ପାଖରେ ଶୋଇଚି, ସିଏ ଯଦି ଉଠିବ କ'ଣ ଭାବିବ କହିଲ ? ଚୁପଚାପ୍ ଶୋଇପଡ଼ ରାତି ପାହିବାକୁ ଆହୁରି ଅନେକ ସମୟ ବାକି ଅଛି ।

ସନ୍ତୋଷ କିଛି ଉତ୍ତର ନ ଦେଇ ଶୋଇବାକୁ ଚେଷ୍ଟାକଲେ । ତାଙ୍କ ମନ ଖୁସିରେ ନାଚି ଉଠୁଥିଲା ।

□□

ଲେଖକଙ୍କ ଇ-ମେଲ ଠିକଣା:
anandapahi@gmail.com




ଶିଶୁ ଗଳ୍ପ

# ନାମ ନୁହେଁ, କାମ ବଡ଼

ସଂଗ୍ରାମ କେଶରୀ ପୃଷ୍ଟି

ଆମ୍ବଗଛରେ ବସି କୁହୁ... କୁହୁ.... ରାବ ଧରି ଗୀତ ଗାଉଥିଲା କୋଇଲି। ତା' ଗୀତ ଯାହା କାନରେ ବାଜୁଥିଲା ସେ ଖୁସି ହୋଇଯାଉଥିଲା। କୋଇଲିକୁ ପ୍ରଶଂସାରେ ପୋତି ଦେଉଥିଲା। ଏଥିରେ ସବୁଠୁ ବେଶି ଖୁସି ହେଉଥିଲା ବୁଢ଼ା ଆମ୍ବଗଛ। ଏ ଗୀତ ସତେ ଯେମିତି ତା' ଦେହରେ ଭରି ଦେଉଥିଲା ଜୀବନ। ଖୁସିରେ ଝୁମି ଉଠୁଥିଲେ ତା' ଡାଳ-ପତର। ଆମ୍ବମାନେ ବି ଗୀତର ସୁରେ ସୁରେ ନାଚି ଉଠୁଥିଲେ।

କୋଇଲିର ଏତେ ପ୍ରଶଂସା କିନ୍ତୁ ଜଣଙ୍କ ଦେହରେ ଯାଉ ନ ଥିଲା। ସେ ହେଲା ଟାକୁଆ ଭିତରର କୋଇଲି। ନିଜର ଚାପ-ରଙ୍ଗକୁ ନେଇ ଭାରି ଗର୍ବ ତା'ର। ସେ ମନେ ମନେ ଭାବୁଥିଲା, ଭଗବାନ ତ ଆମ ଦୁହିଁଙ୍କୁ ଗଢ଼ିଛନ୍ତି। ଏକା ନାଁ ବି ଦେଇଛନ୍ତି। ହେଲେ ଯା'କୁ ଦେଖ। କେତେ ଫୁଲେଇ ହେଉଛି। କଳା ଚେହେରା ପଛେ ପାଇଛି, ସେଥିରେ ପୁଣି ଗଳା ଫଟାଇ ରଡ଼ି ଛାଡୁଛି। ସଭିଏଁ ତା' ଗୀତକୁ ସିନା ଭଲ ପାଆନ୍ତି, ହେଲେ ରୂପକୁ ନୁହେଁ। ଏଇ କଳା କିଟିକିଟି ଚେହେରାକୁ କିଏ ଭଲା ଭଲ ପାଇବ ଯେ! ହେଲେ ମୁଁ ତ ତୋଫା ଗୋରା। ଚହଟ ଚିକ୍କଣ ଦେହ ଆଉ ସୁନ୍ଦର ବି। ହେଲେ ଦୁଃଖର କଥା ମୁଁ ଏ ଟାକୁଆ ଭିତରେ ବନ୍ଦି। ତେଣୁ କେହି ମୋତେ ଜାଣିପାରୁ ନାହାନ୍ତି କି ଆଦର ବି କରୁନାହାନ୍ତି। ଏଇଥିପାଇଁ ମୋତେ ବାହାରକୁ ଯିବାକୁ ହେବ। ଘରେ ଲୁଚିରହିଲେ ହେବ ନାହିଁ।



ଏଇଆଭାବି ଧଳାକୋଇଲି ଶୁଖିଲା ଆମ୍ବଟାକୁଆ ଭିତରୁ ମୁହଁ କାଢ଼ିଲା। ବାହାରକୁ ଯିବା ପାଇଁ ଚାହିଁଲା। ଏହା ଦେଖି ରଡ଼ିଛାଡ଼ିଲା ଆମ୍ବ ଟାକୁଆ- "ଆଲୋ ହେ, ଏ କ'ଣ କରୁଛୁ ତୁ? ମରିବୁ ନା କ'ଣ!"


ଏହା ଶୁଣି ଧଳା କୋଇଲି ମୁହଁଛାଡ଼ି କହିଲା- "ଆହେ ଟାକୁଆ ଭାଇ, ନିଜକୁ ତୁମେ କ'ଣ ଭାବୁଛ କି? ସବୁଦିନ ମୋତେ ପେଟରେ ତୁମର ବନ୍ଦି କରି ରଖିବ କି? ନା, ସେକଥା ଆଉ ହେବନି। ଏବେ ମୁଁ ଚାଲିଲି।"

ଟାକୁଆ ବୁଝାଇଲା- "ଆଲୋ ଏ ଝିଅ, ମୋ ପେଟରେ ତୁ ଭଲରେ ଅଛୁ। ଏଠି ଡରଭୟ କିଛି ବି ନାହିଁ। ଏଠି ରହିଲେ ସିନା ପାଣିବାଜି ଦେହରୁ ତୋର ଗଜା ବାହାରିବ। ଗଜାରୁ ଚାରା ହେବ। ଚାରାରୁ ପୁଣି ଗଛ ହେବ। ତା' ନ ହେଲେ ତୋ ଜୀବନ ଅକାରଣରେ ଯିବ ଜାଣିଥା।"

ଧଳା କୋଇଲିକୁ ତ ପ୍ରଶଂସା ପାଇବାର ନିଶା ଘାରିଛି। ଏଣୁ ସେ କି ଟାକୁଆ କଥା ଶୁଣେ! ମୁହଁ ମୋଡ଼ି ଦେଲା। ଆଗପଛ ନ ବିଚାରି 'ହୁଁ' କିନା ରଡ଼ିଟାଏ ଛାଡ଼ି ଟାକୁଆ ଭିତରୁ ବାହାରକୁ କୁଦା ମାରିଲା। ଦେଖିଲା, ଏଠି ଖାଲି ଆଲୁଅ ଆଉ ଆଲୁଅ। ଅନ୍ଧାର ଭିତରେ ବଞ୍ଚି ଶିଖିଥିବା କୋଇଲି ଜକଳା ହୋଇଗଲା।

ଆମ୍ବଗଛ ମୂଳରେ ଖେଳରେ ମାତିଥିଲେ ପଲେ ଛୁଆ। ଏତିକିବେଳେ ଗୋଟିଏ ପିଲାର ନଜର ଏଇ ଆମ୍ବ କୋଇଲି ଉପରେ ପଡ଼ିଲା। ଡଉଲଡାଉଲ ଧୋବ ଫରଫର କୋଇଲିକୁ ଦେଖି ସେ ଖୁସି ହୋଇଗଲା। ତାକୁ ଆଣି ହାତରେ ଧଇଲା।

ଅନ୍ୟ ପିଲାମାନେ ବି ଧଳା କୋଇଲିଟିକୁ ନେବା ପାଇଁ ମାଡ଼ି ଆସିଲେ। ଛଡ଼ାଛଡ଼ି ଆରମ୍ଭ କରିଦେଲେ। ବିଚାରୀ ଧଳା କୋଇଲି ଏଥର କରେ କ'ଣ! ଏ ହାତରୁ ସେ ହାତ, ସେ ହାତରୁ ଏ ହାତ ହୋଇ ଶେଷରେ ଯାଇ ରାସ୍ତାରେ ପଡ଼ିଗଲା। ମାଟି-ବାଲି ଲାଗି ପୂରା ବିଗିଡ଼ିଗଲା ତା' ସୁନ୍ଦର ଚେହେରା।



ଠିକ୍ ଏତିକିବେଳେ ମଟର ଗାଡ଼ିଟିଏ ରାସ୍ତାରେ ଆସୁଥିଲା। ତା ଚକତଳେ ପଡ଼ିଗଲା କୋଇଲି। ସିଧା ଚଟଣି ପାଲଟିଗଲା। ଯନ୍ତ୍ରଣାରେ ଛଟପଟ ହୋଇ ଧଳାକୋଇଲି 'ମରିଗଲି ଲୋ ମା...' କହି ରଡ଼ି ଛାଡୁଥାଏ। ହେଲେ ତା' ଡାକ ଶୁଣିବାକୁ କେହି ନ ଥିଲେ। ବଡ଼ ଗଛଟିଏ ହେବାର ସପନ ତା' ମଉଳି ଯାଇଥିଲା।

ଆଃ.. ହା ବିଚାରୀ ଧଳା କୋଇଲି। ତୁଚ୍ଛାକୁ ଗର୍ବକରି ଅକାରଣରେ ଜୀବନ ହାରିଲା।

ଅନ୍ୟ ଟାକୁଆ ଭିତରେ ଲୁଚିରହିଥିବା ଧଳା କୋଇଲିଙ୍କ କାନରେ ଏ ଖବର ପଡ଼ିଲା। ସେମାନଙ୍କ ମନରେ ଛନକା ପଶିଗଲା। ସେମାନେ ବିଚାରକଲେ , ତୁଚ୍ଛାଟାରେ ବାହାଦୁରୀ ଦେଖାଇ କି ଲାଭ ଯେ! ଟାକୁଆ ହିଁ ତାଙ୍କ ପାଇଁ ନିରାପଦ ଜାଗା। ଏଠି ସେମାନେ ବଢ଼ିବେ, ଗଜା ହେବେ, ତା ପରେ ଗଛ ହେବେ। ଦୁନିଆକୁ ଫୁଲ, ଫଳ ଓ ଛାଇ ଯୋଗାଇବେ। ତାଙ୍କ କାମଦେଖି ଏ ଦୁନିଆ ସେମାନଙ୍କୁ କହିବ- ବାଃ.. ବାଃ.. ବାଃ..।

□□

ଲେଖକଙ୍କ ଇ-ମେଲ ଠିକଣା:
sangramprusty2012@gmail.com

---

## 'ସାହିତ୍ୟ ଚର୍ଚ୍ଚା'କୁ ଲେଖା ପଠାଇବାର ନିୟମାବଳୀ

୧. 'ସାହିତ୍ୟ ଚର୍ଚ୍ଚା' ଏକ ପାରିବାରିକ, ସାଂସ୍କୃତିକ, ଆଧ୍ୟାତ୍ମିକ, ଗବେଷଣାତ୍ମକ ଅବା ଫିଚର-ଧର୍ମୀ ପତ୍ରିକା ନୁହେଁ, ବରଂ ଏକ ନିରୁତା ସାହିତ୍ୟ ପତ୍ରିକା। ଲେଖକମାନେ ନିଜର ଲେଖା ପଠାଇବା ବେଳେ ଏହା ଦୃଷ୍ଟିରେ ରଖିବା ପାଇଁ ଅନୁରୋଧ।

୨. ପ୍ରବନ୍ଧ, ସମାଲୋଚନା, ଗଳ୍ପ, ରମ୍ୟରଚନା, ବ୍ୟଙ୍ଗ, କବିତା, ଅନୁବାଦ ଓ ଶିଶୁଗଳ୍ପ ଆଦି ଯେକୌଣସି ବିଭାଗର ଲେଖା ପଠାଇ ପାରନ୍ତି। ଆମେ ଗଦ୍ୟ ରଚନାଗୁଡ଼ିକୁ ଅଧିକ ପ୍ରାଧାନ୍ୟ ଦେଉ।

୩. ପତ୍ରିକା ପାଇଁ କୌଣସି ପ୍ରବନ୍ଧ ଲେଖିବା ଆରମ୍ଭ କରିବା ପୂର୍ବରୁ ଦୟାକରି ଆମକୁ ତାହାର ବିଷୟ ସମ୍ପର୍କରେ ପୂର୍ବରୁ ଇ-ମେଲ୍ କିମ୍ବା ହ୍ୱାଟ୍ସଆପ୍ ଯୋଗେ ଜଣାନ୍ତୁ। ଆବଶ୍ୟକ ହେଲେ ଏ ବିଷୟରେ ଫୋନ୍‌ରେ ମଧ୍ୟ ଆଲୋଚନା କରିପାରନ୍ତି।

୪. ଲେଖାଗୁଡ଼ିକୁ ଟାଇପ୍ କରି ଇ-ମେଲ୍ ଯୋଗେ info@sahityacharcha.com ଠିକଣାରେ କିମ୍ବା ଆମର ହ୍ୱାଟସଆପ୍ ନମ୍ବର 9368772506 କୁ ପଠାଇବାକୁ ଅନୁରୋଧ। ଆବଶ୍ୟକ ସ୍ଥଳେ ସ୍ୱହସ୍ତଲିଖିତ ରଚନାର ସ୍ପଷ୍ଟ ଛବି ଉଠାଇ ମଧ୍ୟ ପଠାଇପାରନ୍ତି।

୫. ପୂର୍ବ ପ୍ରକାଶିତ କୌଣସି ଲେଖା ନ ପଠାଇବାକୁ ଅନୁରୋଧ।

୬. ଲେଖା ସହିତ ଲେଖକ ବା ଲେଖିକାଙ୍କର ଏକ ଫଟୋ, ମୋବାଇଲ୍ ନମ୍ବର ଏବଂ ଇ-ମେଲ୍ ଠିକଣା ରହିଥିବା ଆବଶ୍ୟକ।


୭. ଅତି ଦୀର୍ଘ ଲେଖା ନ ପଠାଇବାକୁ ଅନୁରୋଧ।

୮. ଲେଖକମାନଙ୍କ ପାଇଁ ଆମର ଶ୍ରଦ୍ଧା ଓ ସମ୍ମାନର ନିଦର୍ଶନ ସ୍ୱରୂପ କିଞ୍ଚିତ୍ ପାରିତୋଷିକର ବ୍ୟବସ୍ଥା ଅଛି। କିନ୍ତୁ ଲେଖାଟି ପୂର୍ବରୁ ଅନ୍ୟତ୍ର ପ୍ରକାଶିତ ହୋଇଥିବାର ଜଣାଗଲେ ଏହି ପାରିତୋଷିକ ରାଶି ପ୍ରେରଣ ହୁଏ ନାହିଁ।

୯. ଚୟନ କରାଯାଇଥିବା ଲେଖାର ପ୍ରକାଶନ ପାଇଁ ଅନ୍ତତଃ ଦୁଇମାସ ଅପେକ୍ଷା କରିବା ପାଇଁ ନିବେଦନ।

୧୦. ଅପ୍ରକାଶିତ ଲେଖାର କାରଣ ଦର୍ଶାଇବା ପାଇଁ ସମ୍ପାଦନାମଣ୍ଡଳୀ ବାଧ୍ୟ ନୁହନ୍ତି।

୧୧. ପ୍ରକାଶନ ପୂର୍ବରୁ ଲେଖାଗୁଡ଼ିକୁ ଆବଶ୍ୟକ ମୁତାବକ ସଂପାଦନା, ସଂଶୋଧନ ବା ପୁନର୍ଲିଖନ କରିବାର ଅଧିକାର ସଂପାଦନା ମଣ୍ଡଳୀର ରହିଛି।




**ପୁସ୍ତକ ସମୀକ୍ଷା**

# ନିଖୋଜ ବାପାଙ୍କ ଶେଷ ଶୀତ

**ଲେଖକ : କମଳାକାନ୍ତ ମହାପାତ୍ର**

**ପ୍ରକାଶକ: ଫୋର କର୍ଣ୍ଣର୍ସ**

**ପୃଷ୍ଠା : ୩୪୪, ମୂଲ୍ୟ: ଟ. ୪୯୯/-**

ବହିଟିର ପ୍ରଥମ ପୃଷ୍ଠାରେ ଲେଖକ ୱାଲ୍ଟ ହ୍ୱିଟମ୍ୟାନଙ୍କର ଗୋଟିଏ ଉକ୍ତି ଉଦ୍ଧୃତ କରିଛନ୍ତି, 'ମୋ ଏ ବହିର ଶବ୍ଦ କିଛି ନୁହେଁ, ଶବ୍ଦ ଭିତର ଜୀବନ ହିଁ ସବୁକିଛି।' ଏହି ବାକ୍ୟ ଯଥାର୍ଥ ଭାବରେ ପରିଭାଷିତ କରିଦିଏ ଆଲୋଚ୍ୟ ପୁସ୍ତକଟିର ଅନ୍ତଃସ୍ୱର।

କିଛି ମାସ ତଳେ ଏହି ସ୍ତମ୍ଭରେ ଆମେ ଲେଖକଙ୍କର ଆରେକ ଜୀବନ ଚିତ୍ରଣ 'ବୋଉ ହଜିଲା ମିଳିଲା'ର ଏକ ସଂକ୍ଷିପ୍ତ ସମୀକ୍ଷା ପ୍ରକାଶ କରିଥିଲୁ। ସେତେବେଳେ ଆମର ଟିପ୍ପଣୀ ଥିଲା, 'ପାଠକକୁ ମନ୍ତ୍ରମୁଗ୍ଧ କରିରଖିବା ପାଇଁ ଏଥିରେ ଅଛି କିଛି ନିଆରା ଉପାଦାନ, ଯାହା ଫଳରେ ଏଇଟିକୁ ଥରେ ପଢ଼ିବା ଆରମ୍ଭ କରିବାପରେ ଶେଷ କରିପାରିଲେ ମନଟି ତାହାରି ପାଖରେ ଅଟକି ରହିଥାଏ।' ତାହା ଥିଲା ଲେଖକଙ୍କ ଦ୍ୱାରା ନିଜ ବୋଉଙ୍କର ଏକ ମର୍ମସ୍ପର୍ଶୀ ଓ ଅଭୁଲା ସ୍ମୃତିଚାରଣ। 'ନିଖୋଜ ବାପାଙ୍କ ଶେଷ ଶୀତ'କୁ ଏହାର ଏକ ସିକ୍ୱେଲ୍ ଭାବରେ ବିବେଚନା କରାଯାଇପାରେ, ଯାହାର ଉପଜୀବ୍ୟ ହୋଇଛି ବାପାଙ୍କର ସ୍ମୃତି।

ଏଥିରେ ସନ୍ନିବେଶିତ ଅଧ୍ୟାୟଗୁଡିକ ଦୁଇଟି ଶ୍ରେଣୀରେ ବିଭକ୍ତ, 'ମୋ ଦିନଲିପି' ଏବଂ 'ନନାଙ୍କ ଜୀବନସ୍ମୃତି'। ଏଗୁଡ଼ିକ ଏକାନ୍ତର କ୍ରମରେ ପରକୁ ପର ସଜ୍ଜିତ ହୋଇଛନ୍ତି ସୂଚୀପତ୍ରରେ, ଏବଂ ବହିଟିରେ ବି। 'ଦିନଲିପି' କହିଲେ ସ୍ୱାଭାବିକତଃ ଆମର ଆଶା ଜାଗେ ଯେ ଏଥିରେ ଥିବ ବାପାଙ୍କ ସଂପର୍କରେ ବ୍ୟକ୍ତିନିଷ୍ଠ ଅନୁଭୂତି, ଏବଂ 'ଜୀବନ ସ୍ମୃତି'ରେ ଥିବ ବାପାଙ୍କ ସ୍ମୃତିର ଏକ ବସ୍ତୁନିଷ୍ଠ ବର୍ଣ୍ଣନା। ଏ ଦୁଇ ଶ୍ରେଣୀର ଅଧ୍ୟାୟଗୁଡିକ ମଧ୍ୟରେ କିଛି ମାତ୍ରାରେ ହୁଏତ ଥାଇପାରେ ଏକ ସୂକ୍ଷ୍ମ ବିଭାଜନ ରେଖା; କିନ୍ତୁ ପାଠକ ସହଜରେ ଏହା ବାରିପାରେ ନାହିଁ। ଉଭୟରେ ପ୍ରଥମ ପୁରୁଷ ଏକବଚନ ରୂପରେ ଜଣେ ସକ୍ରିୟ ସୂତ୍ରଧରର ଭୂମିକାରେ ଓହ୍ଲାଇ ଥାଆନ୍ତି ଲେଖକ ନିଜେ; ଏବଂ ଉଭୟ ଶ୍ରେଣୀର ଅଧ୍ୟାୟ ଏକ ପରେ ଆରେକ କ୍ରମରେ ଏକାକାର ହୋଇ ଆଙ୍କିଚାଲିଥା'ନ୍ତି ବାପାଙ୍କର ଚଳମାନ ଜୀବନଚିତ୍ର।

ବହିଟିରେ ଅନୁସୃତ ଭାଷା ଓ ବର୍ଣ୍ଣନା-ଶୈଳୀ ନିତାନ୍ତ ଭୂମିନିଷ୍ଠ, ଯାହା ଆଭିଧାନିକ ହଟଚମଟ ଓ କୃତ୍ରିମ ପାଣ୍ଡିତ୍ୟ ପ୍ରଦର୍ଶନର ପ୍ରବଣତାଠାରୁ କୋଶ କୋଶ ଦୂରରେ। ନିଜ ମନର ଭାବପ୍ରବାହକୁ ଶୁଦ୍ଧ ଓ ସରଳ ଭାବରେ କାଗଜ ଉପରେ ଢାଳିଦେଇ ଲେଖକ ଯେମିତି ଲଭିଛନ୍ତି ଚରମ ତୃପ୍ତି, ଏବଂ ସେହି ତୃପ୍ତିର ଆସ୍ୱାଦନରୁ ମଧ୍ୟ ବଂଚିତ କରିନାହାନ୍ତି ପାଠକକୁ। ଏହି ପ୍ରସଙ୍ଗରେ ଦେଖିବା ଏହାର ସଂକ୍ଷିପ୍ତ ନମୁନା:

''ପ୍ରକୃତରେ ନନା ଓ ବୋଉ ଉଭୟ ବାସନ୍ତି, ଗନ୍ଧାନ୍ତି ନାହିଁ। ନନାଙ୍କ ସପ୍ତାହ ସାରା ପିନ୍ଧା ଶାର୍ଟକୁ ତ ଆମେ ନାକରେ ମାଡୁଥିଲୁ। ଭଲ ଲାଗେ। ଶାର୍ଟରେ ନନାଙ୍କ ଜର୍ଦ୍ଦା ପାନ, ଝାଳ ଗନ୍ଧ - ଝାଳ ଗନ୍ଧେ ଚନ୍ଦନ ଓ ସ୍ୱର୍ଣ୍ଣ ଚମ୍ପା ଫୁଲ ବାସ୍ନାର ଦରହଜିଲା ସ୍ୱାକ୍ଷର।''

ଏକ ଅପୂର୍ବ ପାଠକୀୟ ଅନୁଭୂତିର ପ୍ରତିଶ୍ରୁତି ରଖେ ପୁସ୍ତକଟି। ପାଠକ ବାପା ଓ ପୁଅଙ୍କ ଦୁନିଆରେ ତନ୍ମୟତା'ର ସହିତ ହଜିଯାଇ ତାହାରି ମଧ୍ୟରେ ପ୍ରତ୍ୟକ୍ଷ କରୁଥାଏ ସ୍ୱୟଂକୁ ଏବଂ ସ୍ୱୟଂର ବାପାଙ୍କୁ। ଅନ୍ୟ ଭାଷାରେ କହିଲେ, ଏହା ଓଡ଼ିଆ ଜୀବନୀ-ସାହିତ୍ୟରେ ନିଜର ସ୍ୱାକ୍ଷର ଛାଡ଼ିଯିବା ଭଳି ବହିଟିଏ।

*- ନିହାର ଶତପଥୀ*

# ସାହିତ୍ୟ ସମାଚାର

## ଘୋଷିତ ହେଲା ସାହିତ୍ୟ ଏକାଡେମୀର ଯୁବ ପୁରସ୍କାର: ଓଡ଼ିଆ ଭାଷା ବଂଚିତ

କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ ଜୁନ୍ ୨୩ ତାରିଖ ଦିନ, ୨୦୨୩ ବର୍ଷ ପାଇଁ ଯୁବଲେଖକ ପୁରସ୍କାର ଘୋଷଣା କରାଯାଇଛି। ୨୦ଟି ଭାରତୀୟ ଭାଷାର ଯୁବଲେଖକଙ୍କ ପାଇଁ ଏହି ପୁରସ୍କାର ଘୋଷଣା କରାଯାଇଥିବା ବେଳେ ଓଡ଼ିଆ ଭାଷାର କୌଣସି ଲେଖକ ଏଥିରେ ଅନ୍ତର୍ଭୁକ୍ତ ହୋଇନାହାନ୍ତି। ଓଡ଼ିଆ ଭାଷା ପାଇଁ ପୁରସ୍କାରର ଚୟନ ପ୍ରକ୍ରିୟାରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେବାରୁ ଏହା ଘଟିଥିବା ବିଭିନ୍ନ ମହଲରେ ଚର୍ଚ୍ଚିତ ହେଉଛି। ଏକାଡେମୀର ସମ୍ପାଦକ କେ. ଶ୍ରୀନିବାସନଙ୍କ ଦ୍ୱାରା ଜୁନ ୨୩ ତାରିଖରେ ଜାରି ହୋଇଥିବା ଏକ ପ୍ରେସ୍ ବିଜ୍ଞପ୍ତିରେ ସୂଚିତ କରାଯାଇଛି ଯେ ବର୍ତ୍ତମାନ ଘୋଷିତ ହୋଇଥିବା ୨୦ଟି ଭାଷା ବ୍ୟତୀତ ବାକି ରହିଯାଇଥିବା ଆଉ ତିନୋଟି ଭାଷା, ଅର୍ଥାତ୍ ମୈଥିଳୀ, ମଣିପୁରୀ ଓ ସଂସ୍କୃତ ଭାଷାର ପୁରସ୍କାର ବିଜେତାଙ୍କ ନାମ ମଧ୍ୟ ଖୁବ୍ ଶୀଘ୍ର ଘୋଷିତ ହେବ। କିନ୍ତୁ ଓଡ଼ିଆ ଭାଷା ସଂପର୍କରେ ଏଥିରେ ସ୍ପଷ୍ଟ ଉଲ୍ଲେଖ ରହିଛି ଯେ ଏହି ଭାଷାର କୌଣସି ଯୁବଲେଖକଙ୍କୁ ଏ ବର୍ଷ ଏହି ପୁରସ୍କାର ଦିଆଯିବ ନାହିଁ।

ବିଶ୍ୱସ୍ତ ସୂତ୍ରରୁ ଜଣାଯାଇଛି ଯେ ଓଡ଼ିଆ ଭାଷାର ପୁରସ୍କାର ବିବେଚନା ପାଇଁ ଗଠିତ ତିନି-ଜଣିଆ ବିଚାରକ ମଣ୍ଡଳୀର ସଦସ୍ୟମାନଙ୍କ ନାମ ପୂର୍ବରୁ ସାମାଜିକ ଗଣମାଧ୍ୟମରେ ପ୍ରଘଟ ହୋଇଯିବାରୁ ଏକାଡେମୀ କର୍ତ୍ତୃପକ୍ଷଙ୍କ ତରଫରୁ ଏଭଳି ନିଷ୍ପତ୍ତି ନିଆଗଲା।

## ବିଶିଷ୍ଟ ଲେଖକ ଓ ଐତିହ୍ୟ-ଗବେଷକ ବଳରାମ ମିଶ୍ରଙ୍କ ମହାପ୍ରୟାଣ



ବିଶିଷ୍ଟ ଓଡ଼ିଆ ଲେଖକ ତଥା ଐତିହ୍ୟ ଗବେଷକ ବଳରାମ ମିଶ୍ର ଜୁନ ୧୬ ତାରିଖ ଅପରାହ୍ନରେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ମୃତ୍ୟୁ ବେଳକୁ ତାଙ୍କୁ ୮୫ ବର୍ଷ ବୟସ ହୋଇଥିଲା। ସେ କିଛି ଦିନ ହେଲା ଅସୁସ୍ଥ ଥାଇ ଭୁବନେଶ୍ୱରର ଏକ ଘରୋଇ ହାସପାତାଳରେ ଚିକିତ୍ସିତ ହେଉଥିଲେ।

ସ୍ୱର୍ଗତ ମିଶ୍ର ୧୨ ଖଣ୍ଡ ଉପନ୍ୟାସ ତଥା ତିନୋଟି ଗଳ୍ପ ସଂକଳନର ରଚୟିତା ଥିଲେ। କୋଣାର୍କ ମନ୍ଦିର ତଥା ଓଡ଼ିଶାର ଅନ୍ୟାନ୍ୟ ଐତିହ୍ୟ ସ୍ଥଳଗୁଡ଼ିକ ସଂପର୍କରେ ତାଙ୍କ ଦ୍ୱାରା ରଚିତ ଉପାଦେୟ ପୁସ୍ତିକାମାନ ପାଠକ ତଥା ବହିରାଗତ ପର୍ଯ୍ୟଟକମାନଙ୍କ ମଧ୍ୟରେ ବେଶ୍ ଲୋକପ୍ରିୟ ହୋଇପାରିଥିଲା। ଏଗୁଡ଼ିକ ମଧ୍ୟରୁ ଅଧିକାଂଶ ପୁସ୍ତିକା ହିନ୍ଦୀ, ବଙ୍ଗଳା ଓ ଇଂରାଜୀ ଭାଷାରେ ଅନୁବାଦିତ ହୋଇ ବିଶେଷ ଆଦୃତ ହୋଇଛି। ସେ କୋଣାର୍କ ସାହିତ୍ୟ ସଂସଦର ପ୍ରତିଷ୍ଠାତା ଉପଦେଷ୍ଟା ଥିଲେ। କୋଣାର୍କଠାରେ ଥିବା ଭଗ୍ନ ମନ୍ଦିରର ପୁନଃନିର୍ମାଣ ହୋଇ ସେଠାରେ ସୂର୍ଯ୍ୟ ଦେବତାଙ୍କର ଏକ ନୂତନ ବିଗ୍ରହ ପ୍ରତିଷ୍ଠା ହେବା ତାଙ୍କର ସ୍ୱପ୍ନ ଥିଲା।

ଜୁନ୍ ୧୭ ତାରିଖ ସକାଳେ ପୁରୀର ସ୍ୱର୍ଗଦ୍ୱାରଠାରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଏହି ସମୟରେ ତାଙ୍କର ପରିଜନ ବର୍ଗ ତଥା ବହୁ ଗୁଣମୁଗ୍ଧ ସଜ୍ଜନ ଉପସ୍ଥିତ ଥିଲେ। ତାଙ୍କର ବିୟୋଗରେ ଓଡ଼ିଶା ସାହିତ୍ୟ ଜଗତରେ ଶୋକର ଛାୟା ଖେଳିଯାଇଛି।

## ଶେଷ ପୃଷ୍ଠା



# ଭ୍ରାନ୍ତ୍ୟାପହ୍ନୁତି *

ଭାଗବତ ପୃଷ୍ଠାରେ ଅତିବଡ଼ୀ ଲେଖିଛନ୍ତି;
'ଯାହା ମିଳିବ ଅକସ୍ମାତେ। ଆନନ୍ଦେ ସମର୍ପିବ ମୋତେ"

ଏଇ ଦୁଇପଦର ଓଲଟଜପ ଚାଲିଛି ଏବେ ଓଡ଼ିଆ ସାହିତ୍ୟ ଜଗତରେ। ଏଠି ଅପାଣ୍ଡୁକଙ୍କ ନାହିଁ ନ ଥିବା ଗହଳ। ପଦିଏ ଶିଖିଥିବେ କି ନାହିଁ ଖଣ୍ଡିଉଡ଼ାରେ ହିଁ ଆକାଶ ଲଂଘିବାକୁ ତିଆର। ଏଣୁ ତ ଯାହା ପଦେଅଧେ ମନକୁ ଆସିଲା ସେଥିରେ ଦେଖାଦେଖି, ଶିଖାଶିଖି, ଶୁଣାଶୁଣି, ପ୍ରଭୃତିର ବୋଧକୁ ନେଇ ପାଠକଙ୍କୁ ସମର୍ପଣ କରିବାରେ ଲାଗିଛନ୍ତି ପ୍ରାୟାଧିକ ଲେଖକଗଣ। ଏମାନଙ୍କର ଏଇ ଅଯାଚିତ ସମର୍ପଣରେ ଏବେ ଖବରକାଗଜ, ଦୂରଦର୍ଶନ, ପୁସ୍ତକମେଳା, ସାହିତ୍ୟମଞ୍ଚ ସବୁ ଭର୍ତ୍ତି।

ଏବେ ଅଭିଲାଭିଲାଙ୍କ ଆଲୋଚନାରେ ସାହିତ୍ୟ ଆସର ଓ ଖଟି ମଧ୍ୟ ଈଷଦୁଷ୍ଟ। ଅଧିକାଂଶ ଲେଖକ, ପାଠକ, ସମୀକ୍ଷକ ଓ ପ୍ରକାଶକ କେବଳ ପରୋକ୍ଷରେ ହିଁ ସାହିତ୍ୟର ଦୁଷ୍ଟବ୍ରଣଙ୍କ ଉପରେ ବିଷୋଦ୍‌ଗାର କରିବାରେ ହିଁ ବ୍ୟସ୍ତ। ସଂଶୟରେ ଏହି ପରିଭାଷାରେ ପ୍ରକୃତ ଦୋଷୀର ନାମୋଚ୍ଚାରଣ ହିଁ ହୁଏ ନାହିଁ। ଅମୁକ ଲୋକ ବାଜେ ଲେଖୁଛି, ସମୁକ ଲୋକ ଅର୍ଥବଳରେ ବାଜେ ବହିଟିଏ ଛପେଇ ଦେଲା, ତମୁକ ଲୋକ ହାତଗୁଞ୍ଜା ଦେଇ ସମ୍ମାନଟିଏ ହାତେଇ ନେଲା, ଆଉ ସମୁକ ଲୋକ ଆପଣା ଉପାଧି ପାଇଁ ବାଟ ତିଆରୁଛି, ପ୍ରଭୃତି। ଏଇ ସବୁ ଅଜ୍ଞାତବ୍ ସରଳ ପାଠକ ପାଇଁ। ଏଣୁ ସେଇ ବିଚରା ଏବେ ଆଣ୍ଡ୍ରଏଡ୍‌ଟିଏ ନେଇ ବୁଲୁଛି ସାହିତ୍ୟ ମେଳା ଓ ପ୍ରଦର୍ଶନୀରେ। କେତେବେଳେ ନାମକରା ଲେଖକ ସହ ତ କେତେବେଳେ ବହିଟିଏ ସହ, କେତେବେଳେ ମେଳାର ଚାକଚକ୍ୟ ତୋରଣ ସହ ତ କେତେବେଳେ ନିଜର ହତାଶାବୋଧ ସହ ଗଣ୍ଡେ ଦିଗଣ୍ଡା ଚିତ୍ରୋତ୍ତୋଳନ କରି ସଞ୍ଚାର ମାଧ୍ୟମରେ ରଖି ଆପଣାକୁ ସର୍ବପ୍ରିୟ କରିବାର ପ୍ରୟାସ କରୁଛି। ଝାଳବୁହା ଅର୍ଥଶ୍ରାଦ୍ଧ କରି କିଣି ଆଣୁଛି ସୁନ୍ଦର ପ୍ରଚ୍ଛଦର ବହିସବୁ ହେଲେ ପ୍ରାୟାଧିକ ବହିର ଭିତର ସବୁ ଅଗାଡ଼ି। ଶହ ଶହ ଟଙ୍କାଦେଇ କିଣିଥିବା ଅନ୍ତଃସାରଶୂନ୍ୟ ଏଇ ବହି ସବୁକୁ କବାଡ଼ୀ ମଧ୍ୟ ମୁହଁ ଆଡ଼େଇ ଦେଇ ଚାଲିଯାଉଛି। କେଉଁଠି ଲେଖକଙ୍କ ଦ୍ୱାରା ଦରାଣ୍ଡି ହୋଇ ଆସିଥିବା ଅକ୍ଷରସବୁ ସେଇମତେ ସେଇ ପୁସ୍ତକ ଭିତରେ ଅଣନିଃଶ୍ୱାସୀ ହୋଇ ରହୁଛନ୍ତି। ଅନାଲୋଡ଼ିତ ହୋଇରହୁଛି ପ୍ରକୃତ ସାହିତ୍ୟ ଓ ଅନାଲୋଚିତ ହୋଇଯାଉଛନ୍ତି ସୁଧୀ ସାହିତ୍ୟିକ ଏବେ।

ସାହିତ୍ୟିକ; ଭାବ ଓ ଶବ୍ଦବୋଧର ମହାସମୁଦ୍ରରେ ପହଁରୁଥିବା ମଣିଷଟିଏ। ଆପଣାର ଜ୍ଞାନର ପରିଧିକୁ ନେଇ ସଂସାରର ଚିତ୍ରକୁ ଚରିତ୍ର ସହ ଆଙ୍କେ ଓ ସମାଜକୁ ଦେଖାଏ ତା'ର ସ୍ୱଷ୍ଟ ପ୍ରତିଫଳନ। ସେଇ ଚିତ୍ର ଦେଖି ସମାଜ ଚେଇଁ ଉଠେ। ପ୍ରେରଣା ପାଆନ୍ତି ଜନ କେତେ ଓ ସୁଧାରିବାକୁ ଅଣ୍ଟାଭିଡ଼ି ଠିଆ ହୁଅନ୍ତି। ସାହିତ୍ୟ ହିଁ ଗେଙ୍ଗେଣା କାଠି ଭଳି ପାଠକକୁ ଚିଆଁଏ। ସାହିତ୍ୟ ହିଁ ତ ଭ୍ରାନ୍ତ୍ୟାପହ୍ନୁତି ଏଇ ଅଜ୍ଞାନ ତିମିରରେ ଶଢୁଥିବା ପ୍ରକୃତ ମଣିଷଙ୍କ ପାଇଁ। ସାହିତ୍ୟ କେବଳ ଭାଷା ଓ ଭାବବର୍ଣ୍ଣିତ କେତୋଟି ପ୍ରକରଣ ନୁହଁ; ଏହା ହିଁ ଅଘମର୍ଷଣ ସୂକ୍ତ ସମାଜର ଦୁଃସ୍ଥିତିରେ ହଜିଯାଉଥିବା ମଣିଷ ପାଇଁ। ଏଣୁ ହେ ମୋର ସାହିତ୍ୟିକବୃନ୍ଦ; ସମ୍ମାନ, ଉପାଧି ଓ ପଦପଦବୀର ଭକ୍ତ ନ ହୋଇ ପାଠକ ହାତରେ ଯୁଗୋପଯୋଗୀ ସାହିତ୍ୟର ପୃଷ୍ଠାଏ ହେଉ ପଛେ; ସେତକ ତ ଦିଆଯାଉ।

ପୁନଶ୍ଚ, ଭାଗବତରୁ ପଦିଏ ଲେଖି ନିଜକୁ ସେଇ ବ୍ରହ୍ମରୂପୀ ସାହିତ୍ୟର ପଦବୋଧରେ ଅର୍ପଣ କରୁଛି ଆପଣାକୁ;

"ସମ୍ପୂର୍ଣ୍ଣ ଅଘମରଷଣ। ସେ ପାଦେ ପଶିଲୁ ଶରଣ।"

-ପ୍ରଭୃ

* **ଭ୍ରାନ୍ତ୍ୟାପହ୍ନୁତି** – କୌଣସି ଭ୍ରାନ୍ତିର ଦୂରୀକରଣାର୍ଥ ସତ୍ୟବସ୍ତୁର ବର୍ଣ୍ଣନରୂପ କାବ୍ୟାଳଙ୍କାର ବିଶେଷ।

□□

ଲେଖକଙ୍କ ଇ-ମେଲ୍ ଠିକଣା:
prasantabhunya@gmail.com

Eastern India's No.1* Paediatric Hospital

# JAGANNATH HOSPITAL

AN EXCLUSIVE PERINATAL CENTRE

## Because we treat every child like our own

- 24 X 7 PAEDIATRIC NEONATAL EMERGENCY
- LEVEL - 3 NICU
- PAEDIATRICS & NEONATAL SURGERY
- 24 X 7 OBSRETRIC & GYNAECOLOGY
- 24 X 7 PATHO LAB



Call : 8093091301

185-P, Saheed Nagar, Bhubaneswar-15

*Source: Times of India Critical Healthcare Survey

Jugaad Corner





Jugaad Corner deals with supplies of raw bases for art and craft purposes for artists and Crafters PAN India.

www.jugaadcorner.com
www.facebook.com/jugaadcorner
www.instagram.com/jugaadcorner







We design, customize and manufacture all kinds of MDF and pinewood products that are further used by artists and crafters all over India for their creative projects.

Our designs are exclusively curated for home décor, utility and gifting purposes.

J.C. CREATIONS
Shop No. 2, Plot No. 137,
Mahavir Vihar,
Near Patia Railway Station,
Kalarahanga, Patia,
Bhubaneswar - 751024, Odisha
Contact - 9439034505,

Blessed Fingers
deals with art and craft finished products and orders even accepted on çustomizations.

www.blessedfingers.com
www.facebook.com/theblessedfingers
www.instagram.com/theblessedfingers

Blessed Fingers







SAHITYA CHARCHA ● July 2023 ● Rs.40 RNI Regd. No. : ODIODI/2022/81590

Growth, the way it is meant to be.

We have consciously extended our scale beyond our businesses, to help the country overcome economic challenges; to ensure people live a good quality of life, uninterrupted. We believe scale can lead to goodness, and this is what drives us to growth. Because, the more we grow, the more lives we can touch.



adani | Growth with Goodness

/AdaniOnline

Printed, Published and owned by Nihar Ranjan Satpathy, and Printed at Gayatri Industries, TS 3/193, Mancheswar Industrial Estate, Bhubaneswar - 751010 and published from SB-19, Arya Village, Dumuduma, Phase-4, Bhubaneswar - 751019.
Editor : Nihar Ranjan Satpathy